▶ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-110 ◆THURSDAY ◆16 OCTOBER 2025 ◆PAGE-16 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୧୦ ◆ଗୁରୁବାର ◆୧୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦

॥ ମାନସ ମଙ୍ଗରାଜ ॥

# ସେ ବ୍ୟତିକ୍ରମ

**କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ।**

ସେ ରାସ୍ତାକୁ ଓହ୍ଲାଇଲେ ଲୋକଙ୍କ ଥାଟପଟାଳି ଭାଙ୍ଗେ, ହାତ ହଲାଇଦେଲେ ଅଯୁତ ହୃଦୟରେ ଆନନ୍ଦର ପ୍ଲାବନ ଖେଳିଯାଏ। ଆଉ ହସିଦେଲେ ଚିର ସୁଗନ୍ଧିତ ଫୁଲର ବାସ୍ନାରେ ମହକି ଯାଏ କୋଟିକୋଟି ଲୋକଙ୍କ ମନ। ଓଡ଼ିଶା ହେଉଛି ତାଙ୍କର ଜୀବନ, ଓଡ଼ିଶାବାସୀ ହେଉଛନ୍ତି ତାଙ୍କର ପରିବାର, ପ୍ରତ୍ୟେକ ଜୀବନ ତାଙ୍କ ପାଇଁ ମୂଲ୍ୟବାନ। କୋଟିକୋଟି ଓଡ଼ିଆ ପରିବାରର ସେ ଅଘୋଷିତ ମୁରବୀ। କ୍ଷମତାରେ ଥାଆନ୍ତୁ ବା ନ ଥାଆନ୍ତୁ, ଓଡ଼ିଶା ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଓ ପ୍ରତି ଓଡ଼ିଆର ବ୍ୟଥା ତାଙ୍କ ପାଇଁ ମର୍ମାନ୍ତିକ। ଦୀର୍ଘ ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ କେବଳ ଶାସନରେ ରେକର୍ଡ କରି ନାହାନ୍ତି; ଓଡ଼ିଶାକୁ ବିକାଶର ନଭଶ୍ଚୁମ୍ବୀ ଶିଖରରେ ପହଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ତାଙ୍କର ନୀତି ଦେଶରେ 'ନବୀନ ନୀତି' ରୂପେ ପରିଚିତି ପାଇଛି, ତାଙ୍କର ଆଦର୍ଶ ସାରା ଦେଶରେ ପ୍ରଶଂସିତ ହୋଇଛି, ତାଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମ ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଛି। ତାଙ୍କର ଯୋଜନା 'ନିତି' ବୈଠକରୁ ଆରମ୍ଭ କରି ଜାତିସଂଘ ପର୍ଯ୍ୟନ୍ତ ଗ୍ରହଣୀୟ ହୋଇଛି। କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ। କ୍ଷମତା ହାସଲ ରାଜନୀତିର ଉଦ୍ଦେଶ୍ୟ ନୁହେଁ; ଉଚ୍ଚ ରାଜନୈତିକ ମୂଲ୍ୟବୋଧ ଦ୍ୱାରା ଲୋକଙ୍କ କଲ୍ୟାଣ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ମହାତ୍ମା ଗାନ୍ଧୀଙ୍କ ଅହିଂସା, ଗୌତମବୁଦ୍ଧଙ୍କ ଅଷ୍ଟାଙ୍ଗ ମାର୍ଗ, ମହାବୀର ଜୈନଙ୍କ ନିଷ୍କାମ ସାଧନା ଓ ଭୀମଭୋଇଙ୍କ ଜୀବନ ଦର୍ଶନର ଏକ ମିଳିତ ସମ୍ମିଶ୍ରଣ ହେଉଛି ନବୀନଙ୍କ ଜୀବନ। ସେହି ଦୃଷ୍ଟିରୁ ନବୀନ ହେଉଛନ୍ତି ଜଣେ ବ୍ୟତିକ୍ରମ ମୁଖ୍ୟମନ୍ତ୍ରୀ, ଭିନ୍ନ ରାଜନେତା।

ନିରାସକ୍ତି ହେଉଛି ମଣିଷର ସର୍ବୋଚ୍ଚ ଗୁଣ ଓ ଏହା ମଣିଷକୁ ଏକ ମଣିରେ ପରିଣତ କରିପାରେ। ରାଜପଦ ତ୍ୟାଗ କରି ଲୁମ୍ବିନୀ ଓ ବର୍ଦ୍ଧମାନର ଯୁବରାଜ ଯେଉଁ ପଥକୁ ବାଛିଥିଲେ,



ତାହା ଥିଲା ସାଧାରଣ ମାନବିକ ପ୍ରକୃତିର ସମ୍ପୂର୍ଣ୍ଣ ବିପରୀତ। ଯୁବରାଜ ଗୌତମ ଉଭୟ ଆସକ୍ତି ତ୍ୟାଗ କରି ନିରାସକ୍ତ ହୋଇଥିଲେ। ଅନୁରୂପ ଭାବରେ ବୁଦ୍ଧ ଓ ମହାବୀରଙ୍କ ପଦାଙ୍କ ଅନୁସରଣ କରି ଏକ ସୁସ୍ଥ, ସ୍ୱଚ୍ଛନ୍ଦ, ସାବଲୀଳ ଜୀବନ ଛାଡ଼ି ଏକ ଆର୍ଥିକ ରୁଗ୍ଣ, ବାତ୍ୟା ବିଧ୍ୱସ୍ତ ରାଜ୍ୟର ଶାସନ ଭାର ନେବାକୁ ଆଗେଇ ଆସିଥିଲେ ନବୀନ ପଟ୍ଟନାୟକ। ସମ୍ଭ୍ରାନ୍ତ ବନ୍ଧୁଙ୍କ ସାନ୍ନିଧ ଛାଡ଼ି ଓଡ଼ିଶାର ଚାଷୀ, ମହିଳା, ଆଦିବାସୀଙ୍କ ସେବା କରିବା ଲାଗି ପଣ କରିଥିଲେ। ଏହାର ଫଳଶ୍ରୁତି ଥିଲା ଅତ୍ୟନ୍ତ ଚମକପ୍ରଦ। ବଦଳି ଯାଇଥିଲା ଦେଶର ସବୁଠୁ ଦୁର୍ବଳ, ଆର୍ଥିକ ରୁଗ୍ଣ, ମହାବାତ୍ୟା ଓ ମହାମାରୀ ପ୍ରବଣ ଓଡ଼ିଶାର କାୟାକଳ୍ପ। ତାଙ୍କ ହାତର କାଉଁରୀ ଛୁଆଁ ଓଡ଼ିଶାର ସଫଳତା ଓ ସୁନାମକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲା।

ଓଡ଼ିଆଙ୍କ ବିକାଶ, ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସ୍ୱପ୍ନ ଦେଖୁଥିବା ପ୍ରବାଦପୁରୁଷ ବିଜୁବାବୁଙ୍କ ପଦାଙ୍କ ଅନୁସରଣ କରି ନବୀନ ଆଙ୍କିଥିଲେ ବିକାଶ ନକ୍ସା। ତାଙ୍କର ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ମହିଳା ଓ କୃଷକଙ୍କ ସଶକ୍ତିକରଣ, ଶିଳ୍ପ ସ୍ଥାପନ, ସ୍ଥାନୀୟ ନିଯୁକ୍ତି କାର୍ଯ୍ୟକ୍ରମ ବଦଳାଇ ଦେଇଥିଲା ଓଡ଼ିଶାର ରୂପରେଖ। ସାଧାରଣ ଗରିବ ରୋଗୀର ଘରୋଇ ଡାକ୍ତରଖାନାରେ ଚିକିତ୍ସା ସ୍ୱପ୍ନକୁ ପୂରଣ କରିଥିଲା 'ବିଏସ୍‌କେୱାଇ'। ରାଜ୍ୟର ୮୦ଲକ୍ଷ ମହିଳାଙ୍କୁ ଆର୍ଥିକ ଓ ସାମାଜିକସ୍ତରରେ ସ୍ୱାବଲମ୍ବୀ କରିଥିବା 'ମିଶନ ଶକ୍ତି' ଦେଶର ଶ୍ରେଷ୍ଠ ମଡେଲ ଭାବରେ ବିବେଚିତ ହୋଇଥିଲା। ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିଥିଲା 'କାଳିଆ' ଓ 'ବଳରାମ' ପରି ଯୋଜନା।


ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ପ୍ରାଧାନ୍ୟ ଓଡ଼ିଶାକୁ ସାରା ଦେଶରେ ଦେଇଥିଲା ନୂଆ ପରିଚୟ। ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ୧୫% ସଂରକ୍ଷଣ, 'ନୂଆ-ଓ' ଯୋଜନାରେ କଲେଜ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ବୃତ୍ତି ଥିଲା ସମ୍ପୂର୍ଣ୍ଣ ନୂତନ ପଦକ୍ଷେପ। ରୂପାନ୍ତରଣ ଯୋଜନାରେ ରାଜ୍ୟର ଶିକ୍ଷାନୁଷ୍ଠାନ ନୂତନ ରୂପ। ପରିକ୍ରମା ପ୍ରକଳ୍ପ ଶ୍ରୀକ୍ଷେତ୍ର ପୁରୀର ଛବିକୁ ବଦଳାଇ ଦେଇଥିଲା। ରୂପାନ୍ତରଣ ଢାଞ୍ଚାରେ ବଦଳିଥିଲା ମହାପ୍ରଭୁ ଲିଙ୍ଗରାଜ, ତାରାତାରିଣୀ, ସମଲେଶ୍ୱରୀ ସହ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର କାୟାକଳ୍ପ। ସରକାରରେ ସ୍ୱଚ୍ଛତା ସହ ପ୍ରଶାସନକୁ ଦକ୍ଷ କରାଯିବା ନିମନ୍ତେ ଆରମ୍ଭ ହୋଇଥିଲା 'ମୋ ସରକାର'। ସରକାରୀ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ନିମନ୍ତେ କାର୍ଯ୍ୟକାରୀ ହୋଇଥିଲା '୫-ଟି' ବ୍ୟବସ୍ଥା। ନବୀନଙ୍କ ପଦକ୍ଷେପର ଫଳଶ୍ରୁତି ସ୍ୱରୂପ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାକୁ ମିଳିଥିଲା ଅନ୍ତର୍ଜାତୀୟ ସମ୍ମାନ। ବିପର୍ଯ୍ୟୟ ପରିଚାଳନାରେ ବିପୁଳ ସଫଳତା ପାଇଁ ମିଳିତ ଜାତିସଂଘ ଦେଇଥିଲା ସ୍ୱୀକୃତି। କ୍ରୀଡ଼ା କ୍ଷେତ୍ରର ରୂପାନ୍ତରଣ ଓ କ୍ରୀଡ଼ା ଆୟୋଜନରେ ସଫଳତା ପାଇଁ ଦେଶର କ୍ରୀଡ଼ା ହବ୍‌ରେ ପରିଣତ ହୋଇଥିଲା ଓଡ଼ିଶା। ଭୋକର ଭୂଗୋଳ ଓଡ଼ିଶା ଦେଶର ୪ର୍ଥ ଶ୍ରେଷ୍ଠ ଚାଉଳ ଯୋଗାଣକାରୀ ଓ ନିଅଣ୍ଟିଆରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇ ପାରିଥିଲା। ଜଳସେଚନ, ଜଳ ଯୋଗାଣ, ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ସାମାଜିକ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ବିକାଶର ଅଗ୍ରଦୂତ ସାଜିଥିଲା, ସରକାରୀ ସେବା ହୋଇଥିଲା ଲୋକାଭିମୁଖୀ।

ସମାନତା ହେଉଛି ଏକ ରାଜନୈତିକ ମୂଲ୍ୟବୋଧ, ଯାହା ସୁନିଶ୍ଚିତ କରିବା ଶାସନ ମୁଖ୍ୟଙ୍କ ଦାୟିତ୍ୱ। ଜ୍ୟାମିତିକ ସମାନତା ରାଜନୈତିକ ନ୍ୟାୟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥାଏ ଓ ସାଧାରଣ ଲୋକଙ୍କ କଲ୍ୟାଣକୁ ସୁନିଶ୍ଚିତ କରିଥାଏ। ଶାସ୍ତ୍ରରେ କୁହାଯାଇଛି, ଯେଉଁଠି ଆଇନ ନ୍ୟାୟସଙ୍ଗତ ନୁହେଁ, ତେବେ ତାହା ଅଦରକାରୀ ଓ ସାଧାରଣ ଲୋକଙ୍କ ପାଇଁ ଅହିତକର। ନବୀନ ଏହାକୁ ବୁଝିଥିଲେ ଓ କାର୍ଯ୍ୟରେ ବି ପରିଣତ କରିଥିଲେ। ସେଇଥିପାଇଁ ନବୀନ ଭିନ୍ନ, ଅନନ୍ୟ ଓ ସ୍ୱତନ୍ତ୍ର। ରାଜନୀତିର ସମୟ ଚକ୍ର ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ପଦଚ୍ୟୁତ କରିଛି ସିନା; ଏବେ ବି ସେ ରାଜ୍ୟର କୋଟିକୋଟି ଲୋକଙ୍କ ହୃଦୟର ମୁଖ୍ୟମନ୍ତ୍ରୀ।

ଆଜି ତାଙ୍କ ଜନ୍ମ ଦିନ। ଏହି ଅବସରରେ ତାଙ୍କୁ ଅଯୁତ ଅଯୁତ ଶୁଭ କାମନା ଜଣାଉଛୁ ଓ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ। ●

ସାଂସଦ, ରାଜ୍ୟସଭା



## ଫାଶୀ ବଦଳରେ ବିଷ ଇଞ୍ଜେକ୍ସନକୁ କେନ୍ଦ୍ରର ବିରୋଧ

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ମୃତ୍ୟୁଦଣ୍ଡର ଦେବାର ପନ୍ଥା ବଦଳାଇବାକୁ ନେଇ କେନ୍ଦ୍ର ଦେଇଥିବା ଉତ୍ତର ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମୟ ସହିତ ବହୁତ କିଛି ବଦଳି ଯାଇଛି, କିନ୍ତୁ ସରକାର ଚିନ୍ତାଧାରା ବଦଳାଇବାକୁ ପ୍ରସ୍ତୁତ ନ ଥିବାରୁ ସମସ୍ୟା ହେଉଛି ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ପୂର୍ବରୁ ମୃତ୍ୟୁଦଣ୍ଡ ପାଇଥିବା ଦୋଷୀଙ୍କୁ ଫାଶୀ ବଦଳରେ ଘାତକ ବିଷ ଇଞ୍ଜେକ୍ସନ ଦେବାକୁ କେନ୍ଦ୍ର ମନା କରିଦେଇଥିଲା। ଏଭଳି ବିକଳ୍ପ ଦେବା ବ୍ୟବହାରିକ ଦୃଷ୍ଟିରୁ ସମ୍ଭବ ନୁହେଁ ବୋଲି ସତ୍ୟପାଠରେ କୁହାଯାଇଥିଲା। ଏକ ଜନସ୍ୱାର୍ଥ ଆବେଦନରେ ଓକିଲ ଋଷି ମଲ୍‌ହୋତ୍ରା ଏହି ବିକଳ୍ପ ଦାବି କରିଥିଲେ। ଦୋଷୀଙ୍କୁ ଫାଶୀ କିମ୍ବା ବିଷ ଇଞ୍ଜେକ୍ସନର ଚୟନ କରିବାର ସୁଯୋଗ ଦେବାକୁ କହିଥିଲେ। ଇଞ୍ଜେକ୍ସନକୁ ସେ ଦ୍ରୁତ, ମାନବୀୟ ଏବଂ ସମ୍ମାନଜନକ କହିଥିଲେ। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ ଫାଶୀ ବହୁତ ପୁରୁଣା ପ୍ରକ୍ରିୟା। ସମୟ ସହିତ ବହୁତ କିଛି ବଦଳି ଯାଇଛି। କିନ୍ତୁ ସରକାର ଏହା ଚାହୁଁନାହାନ୍ତି।

## ମଙ୍ଗୋଲିଆ-ଭାରତ ମଧ୍ୟରେ ୧୦ ଚୁକ୍ତି

ନୂଆଦିଲ୍ଲୀ, ୧୫।୧୦(ଏଜେନ୍ସି): ମଙ୍ଗୋଲିଆର ରାଷ୍ଟ୍ରପତି ଖୁରେଲସୁଖ ଉଖନା ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଦୁଇ ଦେଶ ମଧ୍ୟରେ ୟୁରାନିୟମ ଯୋଗାଣ ସମେତ ୧୫ ହଜାର କୋଟି ଟଙ୍କାର ଅଏଲ ରିଫାଇନାରୀ ଓ ପ୍ରତିରକ୍ଷା ସହଯୋଗ ବୃଦ୍ଧି ନେଇ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଥିସହ ତମ୍ବା, ୟୁରାନିୟମ, କୁକିଂ କୋଇଲା ଭଳି ଧାତୁର ଯୋଗାଣ ଶୃଙ୍ଖଳକୁ ଆହୁରି ଦୃଢ଼ କରିବାକୁ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଦୁଇ ଦେଶ ମଧ୍ୟରେ ୧୦ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତ ୨୦୨୬ରେ ଗୌତମ ବୁଦ୍ଧଙ୍କ ଦୁଇଜଣ ଶିଷ୍ୟ ଅରାହତ ସାରିପୁତ ଓ ଅରାହତ ମହା ମୋଗାଲାନାଙ୍କ ପବିତ୍ର ଅବଶେଷ ମଙ୍ଗୋଲିଆ ପଠାଇବ। ମଙ୍ଗୋଲିଆର ଗାନଦାନ ମଠକୁ ଭାରତ ଜଣେ ସଂସ୍କୃତ ଶିକ୍ଷକଙ୍କୁ ମଧ୍ୟ ପଠାଇବ। ମଙ୍ଗୋଲିଆର ବିକାଶରେ ଭାରତ ଜଣେ ଦୃଢ଼ ଓ ବିଶ୍ୱସନୀୟ ବନ୍ଧୁର ଦାୟିତ୍ୱ ବହନ କରିବ ବୋଲି ମୋଦୀ କହିଛନ୍ତି। ଆମର ପଡୋଶୀ ହୋଇ ନଥିଲେ ମଧ୍ୟ ମଙ୍ଗୋଲିଆକୁ ଆମେ ନିକଟତମ ବନ୍ଧୁ ବିବେଚନା କରୁ। ଦୁଇ ଦେଶ ସାଥି ହୋଇ ଗ୍ଲୋବାଲ୍ ସାଉଥ୍‌ର ସ୍ୱରକୁ ଆହୁରି ମଜବୁତ କରିବୁ ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ସବୁଜ ବାଣକୁ ଅନୁମତି

ନୂଆଦିଲ୍ଲୀ, ୧୫।୧୦(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ଦିଲ୍ଲୀ-ଏନସିଆରରେ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଏହା ଲାଗୁ ହେବ। ଲୋକେ ସକାଳ ୬ରୁ ୭ଟା ଏବଂ ସନ୍ଧ୍ୟା ୮ରୁ ୧୦ଟା ଭିତରେ ୩ ଘଣ୍ଟା ପାଇଁ ସବୁଜ ବାଣ ଫୁଟାଇପାରିବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଓ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କେତୋଟି ସର୍ତ୍ତ ସହ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ସୁପ୍ରିମକୋର୍ଟ ୫ଟି ସର୍ତ୍ତ ରଖିଛନ୍ତି। ଆମକୁ ସନ୍ତୁଳନ ରକ୍ଷା କରିବାକୁ ହେବ, କିନ୍ତୁ ପର୍ଯ୍ୟାବରଣକୁ ନେଇ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ପତ୍ନୀହନ୍ତା ଡାକ୍ତର ଗିରଫ

ବେଙ୍ଗାଲୁରୁ, ୧୫।୧୦(ଏଜେନ୍ସି): ଡାକ୍ତରାଣୀ ପତ୍ନୀଙ୍କୁ ହତ୍ୟା କରିବାର ୬ ମାସ ପରେ ଗିରଫ ହୋଇଛନ୍ତି ବେଙ୍ଗାଲୁରୁର ଜଣେ ଡାକ୍ତର। ଜେନେରାଲ ସର୍ଜନ ଭାବେ ଏକ ହସ୍ପିଟାଲରେ କାର୍ଯ୍ୟ କରୁଥିବା ମହେନ୍ଦ୍ର ରେଡ୍ଡୀ ପୂର୍ବ ବେଙ୍ଗାଲୁରୁସ୍ଥିତ ନିଜ ଘରେ ପତ୍ନୀ କୃତିକା ରେଡ୍ଡୀଙ୍କୁ ଆନେସ୍ଥେସିଆର ଓଭରଡୋଜ ଦେଇ ଏପ୍ରିଲ ୨୧ରେ ଏହି କାଣ୍ଡ ଘଟାଇ ଥିଲେ। କୃତିକା ଡର୍ମିଟୋଲିଜଷ୍ଟ ଭାବେ କାର୍ଯ୍ୟ କରିଛନ୍ତି। ଦୁହେଁ ଭିକ୍ଟୋରିଆ ହସ୍ପିଟାଲରେ ନିୟୋଜିତ ରହିଥିଲେ। ଓଭରଡୋଜ ନେବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। ମହେନ୍ଦ୍ର ତାଙ୍କୁ ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ମରାଠହାଲି ପୁଲିସ ଯାଞ୍ଚ ଆରମ୍ଭ କରିଥିଲା। ଗତବର୍ଷ ମେ' ୨୬ରେ ଦୁହେଁ ବିବାହ କରିଥିଲେ।

## ହିନ୍ଦୀ ନିଷିଦ୍ଧ କରିବାକୁ ବିଲ୍ ଆଣିବ ତାମିଲନାଡୁ

ଚେନ୍ନଇ, ୧୫।୧୦(ଏଜେନ୍ସି):ଦୀର୍ଘ ଦିନ ହେଲା ଭାଷାକୁ ନେଇ ତାମିଲନାଡୁ ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିବାଦ ଚାଲିଛି। ଏହା ମଧ୍ୟରେ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ରାଜ୍ୟରେ ହିନ୍ଦୀଙ୍କୁ ନିଷିଦ୍ଧ କରିବା ପାଇଁ ବିଲ୍ ଆଣିବାକୁ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ସରକାର ସ୍ୱତନ୍ତ୍ର ଅଧିବେଶନ ଡକାଇଛନ୍ତି। ମଙ୍ଗଳବାରଠାରୁ ଏହା ଆରମ୍ଭ ହୋଇଛି। ଏହା ପୂର୍ବରୁ ଗତ କାଲି ରାତିରେ ଏହି ବିଲ୍‌କୁ ନେଇ ଆଇନ ବିଶେଷଜ୍ଞଙ୍କ ସହ ଚର୍ଚ୍ଚା କରିଥିଲେ। ଏଥିରେ ହିନ୍ଦୀରେ ହୋର୍ଡିଂ, ବୋର୍ଡ, ଫିଲ୍ମ ଏବଂ ଗୀତ ଆଦି ଉପରେ ସରକାର କଟକଣା ଲଗାଇବାକୁ ଚାହୁଁଛନ୍ତି।

## ଶିଶୁଙ୍କ ସିରପରେ ପୋକ; ଏଜିଥ୍ରୋମାଇସିନ ବଣ୍ଟନ ବନ୍ଦ

ଗ୍ୱାଲିୟର, ୧୦।୧୫ (ଏଜେନ୍ସି): ମଧ୍ୟପ୍ରଦେଶରୁ ଆଉ ଏକ ଗମ୍ଭୀର ମାମଲା ସାମ୍ନାକୁ ଆସିଛି। ବିଷାକ୍ତ କଫ ସିରପ ପରେ ଶିଶୁଙ୍କୁ ଦିଆଯାଉଥିବା ଆଣ୍ଟିବାୟୋଟିକ ଔଷଧ ଆଜିଥ୍ରୋମାଇସିନ ଓରାଲ ସସ୍‌ପେନସନ୍ ସିରପରେ ପୋକଥିବା ମାମଲା ସାମ୍ନାକୁ ଆସିଛି। ପ୍ରଥମେ ମୁରାର ଜିଲ୍ଲା ଡାକ୍ତରଖାନାର ଜଣେ ମହିଳା ଏ ନେଇ ଅଭିଯୋଗ କରିଥିଲେ। ଔଷଧରେ କଳା ରଙ୍ଗର ପୋକ ଥିବା କହିଥିଲେ।ଏହା ପରେ ଡ୍ରଗ ବିଭାଗ ତୁରନ୍ତ ସିରପ ବଣ୍ଟନ ଉପରେ କଟକଣା ଲଗାଇ ଦେଇଥିଲା। ଏବେ ଯାଞ୍ଚ ପାଇଁ ନମୁନାକୁ ଭୋପାଳ ପରୀକ୍ଷାଗାରକୁ ପଠାଇ ଦିଆଯାଇଛି। ଏବେ ସରକାର ମାମଲାର ଯାଞ୍ଚ ଆରମ୍ଭ କରିଛନ୍ତି। ଏହି ଔଷଧକୁ ସାରା ରାଜ୍ୟକୁ ଯୋଗାଇ ଦିଆଯାଉଥିଲା। ଏହା ପୂର୍ବରୁ କୋଲ୍‌ଡ୍ରିଫ କଫ ସିରପ ପିଇ ରାଜ୍ୟରେ ୨୫ ଶିଶୁ ପ୍ରାଣ ହରାଇ ଥିଲେ।

## ଗୁଇନ୍ଦାଗିରି ଅଭିଯୋଗରେ ୮ ଜଣଙ୍କୁ ହତ୍ୟାକଲା ହମାସ୍

ତେଲ ଅଭିଭ୍/ ଗାଜା, ୧୫।୧୦(ଏଜେନ୍ସି): ଗାଜାରେ ହମାସ ୮ ଲୋକଙ୍କୁ ସ୍ପଷ୍ଟ ଦିବାଲୋକରେ ରାସ୍ତା ଉପରେ ଗୁଳିମାରି ହତ୍ୟା କରିଛି। ହମାସ ଏମାନଙ୍କୁ ଇସ୍ରାଏଲର ଗୁପ୍ତଚର ବୋଲି ଅଭିହିତ କରିଥିଲା। ଏବେ ଏହାର ଭିଡିଓ ଭାଇରାଲ ହୋଇଛି। ଏଥିରେ ୮ ଜଣଙ୍କ ଆଖିରେ ପଟି ବାନ୍ଧି ସଡ଼କ ଉପରେ ବସାଇ ହମାସ ଆତଙ୍କବାଦୀ ଗୁଳି ମାରିଥିଲେ। ଏତିକି ବେଳେ କିଛି ଲୋକ 'ଆଲ୍ଲା ହୁ ଆକବର' ଉଚ୍ଚାରଣ କରୁଥିବାର ଦେଖାଯାଇଛି। ଅସ୍ତ୍ରବିରତି ପରେ ଇସ୍ରାଏଲ ସେନା ଗାଜାରୁ ପଛକୁ ହଟିଥିବାରୁ ହମାସ ତାର ଶକ୍ତିବୃଦ୍ଧି କରିବାକୁ ପ୍ରୟାସ ଜାରି ରଖିଛି। ଇସ୍ରାଏଲ ଅଧିକୃତ ଅଞ୍ଚଳରେ ଯେଉଁ ଲୋକ ଓ ଗୋଷ୍ଠୀ ଶକ୍ତିଶଳୀ ହୋଇ ଉଠିଥିଲେ, ସେମାନଙ୍କୁ ହମାସ ଟାର୍ଗେଟ କରି ଆକ୍ରମଣ କରୁଛି। ଏହି ଗୋଷ୍ଠୀର ଲୋକମାନେ ରିଲିଫ ସାମଗ୍ରୀ ଲୁଟ୍ କରିବା ସହ ବିକ୍ରି କରୁଥିଲେ ଓ ଏହା ଦ୍ୱାରା ଗାଜାରେ ଦୁର୍ଭିକ୍ଷ ତଥା ଖାଦ୍ୟାଭାବ କାରଣରୁ ବହୁ ଲୋକ ମୃତ୍ୟୁବରଣ କରିଥିଲେ। ତେବେ ଏହି ହତ୍ୟା ଘଟଣାକୁ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସ ଭୁଲ୍ ବୋଲି କହିଛନ୍ତି। ପୂର୍ବରୁ ମଙ୍ଗଳବାର ହମାସ ୪ ଜଣ ଇସ୍ରାଏଲ ପଣବନ୍ଦୀଙ୍କ ମୃତଦେହ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍)କୁ ହସ୍ତାନ୍ତର କରିଥିଲା। ପ୍ରଥମେ ଏହି ମୃତଦେହଗୁଡିକୁ ହମାସ ରେଡକ୍ରସ୍‌କୁ ଦେଇଥିଲା। ଏହାପରେ ରେଡକ୍ରସ ଏଗୁଡିକୁ ଆଇଡିଏଫ୍‌କୁ ହସ୍ତାନ୍ତର କରିଥିଲା।

## ତାଜମହଲ ବୁଲିଲେ ୩୨ ଦେଶର ସେନାମୁଖ୍ୟ

ଆଗ୍ରା, ୧୫।୧୦(ଏଜେନ୍ସି): ୩୨ଟି ଦେଶର ସେନାମୁଖ୍ୟ ବୁଧବାର ତାଜମହଲ ପରିଦର୍ଶନ କରିଛନ୍ତି। ସେନାମୁଖ୍ୟ ମାନେ ଏକ ବିମାନରେ ଆଗ୍ରାରେ ପହଞ୍ଚିବା ପରେ ତାଜମହଲ ଦେଖିବାକୁ ଯାଇଥିଲେ। ପାଖାପାଖି ଏକ ଘଣ୍ଟା ସେମାନେ ତାଜମହଲକୁ ମନଭରି ଦେଖିବାର ସୁଯୋଗ ପାଇଥିଲେ। ତାଜମହଲକୁ ସେମାନେ ପ୍ରଶଂସା କରିବା ସହ ସେଠାରେ ନିଜ ପରିବାର ସଦସ୍ୟଙ୍କ ସହ ଫଟୋ ଉଠାଇଥିଲେ। ସେନାମୁଖ୍ୟଙ୍କ ସହ ୨୫୦ ଜଣ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧିମଣ୍ଡଳୀ ମଧ୍ୟ ଆସିଥିଲା। ନୂଆଦିଲ୍ଲୀରେ ଏକ ୩ ଦିନିଆ ଏସ୍‌ସିଓ ସମ୍ମିଳନୀ ଚାଲୁଛି। ଏଥିରେ ସମସ୍ତେ ସାମିଲ ହେବାକୁ ଭାରତ ଆସଛନ୍ତି। ଅକ୍ଟୋବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ୟୁନାଇଟେଡ ନେସନ୍ସ ଟ୍ରୁପ୍ କଣ୍ଟ୍ରିବ୍ୟୁଟିଂ କଣ୍ଟ୍ରିଜ (ୟୁଏନଟିସିସି) ସମ୍ମିଳନୀ ଚାଲିଛି। ଏଥିରେ ୩୦ରୁ ଅଧିକ ଦେଶର ସେନାମୁଖ୍ୟ ଭାବେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀ ସ୍ୱଦେଶୀ ବୈଷୟିକ ଜ୍ଞାନକୌଶଳର ଉପଯୋଗ ନେଇ ଆୟୋଜିତ ହୋଇଛି।

# ରକ୍ତାକ୍ତ ସଂଘର୍ଷ ପରେ ଅସ୍ତ୍ରବିରତି

ପାକିସ୍ତାନ-ଆଫଗାନ ମଧ୍ୟରେ ଘମାଘୋଟ ସଂଘର୍ଷ

କାବୁଲରେ ବୋମାମାଡ଼; ପେଶାୱରରେ ଡ୍ରୋନ ଆକ୍ରମଣ

୫୦ରୁ ଅଧିକ ମୃତ୍ୟୁ ହୋଇଥିବା ଦାବି

ତାଲିବାନର ଚତୁର୍ଥ ବାଟାଲିୟନ, ଷଷ୍ଠ ବ୍ରିଗେଡ ଧ୍ୱଂସ: ପାକ୍

୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ଦୁଇଦେଶ ରାଜି



କାବୁଲ/ଇସଲାମାବାଦ, ୧୫।୧୦ (ଏଜେନ୍ସି): ପୁରୁଣା ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି। ଆଫଗାନିସ୍ତାନର ତାଲିବାନ ସରକାର ଏବଂ ପାକିସ୍ତାନ ମଧ୍ୟରେ ଚରମ ଉତ୍ତେଜନା ସୃଷ୍ଟି ହୋଇଛି। ଦୁଇ ଦେଶ ଘମାଘୋଟ ସଂଘର୍ଷରେ ଲିପ୍ତ ରହିଛନ୍ତି। ସପ୍ତାହ ଭିତରେ ଏହି ଉଭୟ ପଡୋଶୀ ରାଷ୍ଟ୍ର ତିନି ଥର ମୁହାଁମୁହିଁ ହେଲେଣି। ବୁଧବାର ସନ୍ଧ୍ୟାରେ ଆଫଗାନିସ୍ତାନର ରାଜଧାନୀ କାବୁଲରେ ପାକିସ୍ତାନ ଆକାଶ ମାର୍ଗରୁ ଆକ୍ରମଣ କରିଛି। କାବୁଲ ଏବଂ ସ୍ପିନ ବୋଲ୍ଡକ ଅଞ୍ଚଳରେ ବୋମାମାଡ଼ କରାଯାଇଛି। ଏଥିରେ ତାଲିବାନ ସଦସ୍ୟଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ସୂଚନା ମିଳିଛି। ଅନେକ କୋଠା ଜଳୁଥିବା ଦେଖାଯାଉଛି। ପାକିସ୍ତାନ ଗଣମାଧ୍ୟମ ଅନୁଯାୟୀ, ତାଲିବାନ ଆକ୍ରମଣକୁ ଜବାବ ଦିଆଯାଇଛି। ଏହି ଆକ୍ରମଣରେ କାନ୍ଦାହାର ପ୍ରଦେଶରେ ଥିବା ତାଲିବାନର ମୁଖ୍ୟ ଠିକଣାକୁ ଧ୍ୱଂସ କରିଦିଆଯାଇଛି। ଏଥିରେ ଚତୁର୍ଥ ବାଟାଲିୟନ ଏବଂ ଷଷ୍ଠ ବ୍ରିଗେଡ଼ ମାଟିରେ ମିଶିଯାଇଛି। ଅନେକ ତାଲିବାନ ସଦସ୍ୟ ଏବଂ ବିଦେଶୀ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ତେବେ ଆଫଗାନିସ୍ତାନ ଏହି ଦାବିକୁ ଖାରଜ କରିଦେଇଛି। ତାଲିବାନ ମଧ୍ୟ ଚୁପ୍ ହୋଇ ବସି ନାହିଁ। ଏହାର ଜବାବରେ ପେଶାୱରରେ ଡ୍ରୋନ ଆକ୍ରମଣ କରିଛି। ଏଥିରେ ଏକ ପ୍ଲାଜାର ପ୍ରକୋଷ୍ଠକୁ ନିଶାଣ କରାଯାଇଛି। ଗୁଇନ୍ଦା କାର୍ଯ୍ୟକଳାପ ପାଇଁ ଏହାକୁ ଗୁପ୍ତ ଅଫିସ ଭାବେ ବ୍ୟବହାର କରାଯାଉଥିବା ଦାବି କରାଯାଇଛି। ଏହା ସହିତ ପାକିସ୍ତାନ ସୀମାକୁ ତାଲିବାନ ଟ୍ୟାଙ୍କ ପଠାଇଛି।

ଏହି ଆକ୍ରମଣ ପରେ ଦୁଇ ଦେଶ ଶାନ୍ତି ପ୍ରୟାସ କରିଛନ୍ତି। ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହା ସନ୍ଧ୍ୟା ୬ଟା୩୦ରୁ ଆରମ୍ଭ ହୋଇଛି। ଆଲୋଚନା ମାଧ୍ୟମରେ ଉଭୟ ଦେଶ ବିବାଦର ସମାଧାନ ପାଇଁ ପ୍ରୟାସ କରିବେ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ମଙ୍ଗଳବାର ରାତିରେ ପାକିସ୍ତାନ ସୁରକ୍ଷାବାହିନୀ ଏବଂ ଆଫଗାନ ତାଲିବାନ ମଧ୍ୟରେ ସଂଘର୍ଷ ହୋଇଥିଲା। ଆଫଗାନିସ୍ତାନ ପ୍ରବକ୍ତା ଜବିହୁଲ୍ଲାହ ମୁଜାହିଦ କହିଛନ୍ତି ଯେ ବୁଧବାର ସକାଳେ ପାକିସ୍ତାନ ସେନା କାନ୍ଦାହାରର ସ୍ପିନ ବୋଲ୍ଡକ ଅଞ୍ଚଳରେ ଆକ୍ରମଣ କରିଥିଲା। ଏଥିରେ ୧୨ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୧୦୦ରୁ ଅଧିକ ଆହତ ହୋଇଥିଲେ। ଜବାବରେ ପାକିସ୍ତାନର ୭ ସୈନିକ ମଧ୍ୟ ନିହତ ହୋଇଥିଲେ। ଏହା ପରେ ପାକିସ୍ତାନ ସୀମାକୁ ଟ୍ୟାଙ୍କ ପଠା ଯାଇଥିଲା। ପାକିସ୍ତାନ ସେନାର ଗଣମାଧ୍ୟମ ଶାଖା (ଆଇଏସପିଆର) ପକ୍ଷରୁ କୁହାଯାଇଥିଲା ଯେ ବଲୁଚିସ୍ତାନ ସୀମାରେ ଆଫଗାନ ତାଲିବାନର ଆକ୍ରମଣକୁ ସୁରକ୍ଷାବାହିନୀ ବିଫଳ କରିଦେଇଛି। ଏଥିରେ ତାଲିବାନର ୧୫ରୁ ୨୦ ସଦସ୍ୟ ପ୍ରାଣ ହରାଇଛନ୍ତି।

ଆଫଗାନିସ୍ତନ ଏବଂ ପାକିସ୍ତାନ ଉଭୟେ ପରସ୍ପରର ସେନା ପୋଷ୍ଟକୁ କବ୍‌ଜା କରିଥିବା ଦାବି କରିଛନ୍ତି। ଏହା ସହିତ ଟ୍ୟାଙ୍କକୁ ଧ୍ୱଂସ କରିଦିଆଯାଇଛି। ସୀମାରେ ତାଲିବାନ ପ୍ରଥମେ ଗୁଳିମାଡ଼ କରିଥିବା ପାକିସ୍ତାନ ଅଭିଯୋଗ କରିଛି। ସେହିପରି ଆଫଗାନ ପକ୍ଷରୁ କୁହାଯାଇଛି ଯେ ଦେଶ ପ୍ରତି ବିପଦ ସୃଷ୍ଟି ହେଉଥିବା ସ୍ଥାନକୁ ନିଶାଣ କରି ସେନା ଆକ୍ରମଣ କରିଥିଲା।

## ଟପ୍-୧୦ରୁ ବାଦ୍ ପଡ଼ିଲା ଆମେରିକା ପାସପୋର୍ଟ

୭୭ତମ ସ୍ଥାନକୁ ଉଠିଲା ଭାରତ

ୱାଶିଂଟନ, ୧୫।୧୦(ଏଜେନ୍ସି): ହେନଲୀ ପାସପୋର୍ଟ ଇଣ୍ଡେକ୍ସ-୨୦୨୫ ପ୍ରକାଶିତ ହୋଇଛି। ବିଶ୍ୱର ବିଭିନ୍ନ ଦେଶର ଶକ୍ତିଶାଳୀ ପାସପୋର୍ଟକୁ ନେଇ ଏହି ସଂସ୍ଥା ତାଲିକା ପ୍ରକାଶିତ କରିଥାଏ। ଆମେରିକା ପାସ୍‌ପୋର୍ଟ ପ୍ରଥମଥର ପାଇଁ ଶ୍ରେଷ୍ଠ-୧୦ରୁ ବାଦ୍ ପଡ଼ିଛି। ଗତ ୨୦ ବର୍ଷ ଅର୍ଥାତ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ ଆମେରିକାର ପାସ୍‌ପୋର୍ଟ ଶ୍ରେଷ୍ଠ-୧୦ ତାଲିକାରୁ ବାଦ୍ ପଡ଼ିଛି। ଆମେରିକା ଏଥିରେ ମାଲେସିଆ ସହିତ ଯୁଗ୍ମଭାବେ ଦ୍ୱାଦଶ ସ୍ଥାନରେ ରହିଛି। ୨୨୭ଟି ଦେଶ ମଧ୍ୟରୁ ମାଲେସିଆ ପାସପୋର୍ଟ ସହିତ ଜଣେ ବ୍ୟକ୍ତି ବିନା ଭିସାରେ ୧୮୦ଟି ଦେଶକୁ ଭ୍ରମଣ କରିପାରିବେ। ଅନ୍ୟପଟେ ସିଙ୍ଗାପୁର ପାସ୍‌ପୋର୍ଟ ସବୁଠାରୁ ଶକ୍ତିଶାଳୀ ସାବ୍ୟସ୍ତ ହୋଇଛି ଓ ଏହା ତାଲିକାର ଶୀର୍ଷରେ ରହିଛି। ସିଙ୍ଗାପୁର ପାସ୍‌ପୋର୍ଟ ସହ ଜଣେ ବ୍ୟକ୍ତି ୧୯୩ଟି ଦେଶକୁ ବିନା ଭିସାରେ ଯାଇପାରିବେ। ତାଲିକାର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ କୋରିଆ ଓ ତୃତୀୟ ସ୍ଥାନରେ ଜାପାନ ରହିଛି। ଏହି ଦୁଇଟି ଦେଶର ପାସପୋର୍ଟଧାରୀ ବିନା ଭିସାରେ ଯଥାକ୍ରମେ ୧୯୦ ଓ ୧୮୯ଟି ଦେଶକୁ ଯାତ୍ରା କରିପାରିବେ। ସେହିପରି ତାଲିକାରେ ଚତୁର୍ଥ ସ୍ଥାନରେ ଜର୍ମାନୀ, ଇଟାଲୀ, ଲକ୍ସମବର୍ଗ, ସ୍ପେନ୍, ସ୍ୱିଜରଲାଣ୍ଡ ମିଳିତ ଭାବେ ସ୍ଥାନୀତ ହୋଇଛନ୍ତି ଓ ଏହି ଦେଶର ପାସ୍‌ପୋର୍ଟଧାରୀ ୧୮୮ଟି ଦେଶକୁ ଯାତ୍ରା କରିପାରିବେ। ସେହିପରି ଅଷ୍ଟ୍ରିଆ, ବେଲଜିୟମ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଆୟର୍ଲାଣ୍ଡ ଓ ନେଦରଲାଣ୍ଡସ ମିଳିତ ଭାବେ ୫ମ ସ୍ଥାନରେ ରହିଥିବାବେଳେ ଏହି ଦେଶଗୁଡିକର ପାସପୋର୍ଟଧାରୀ ୧୮୭ଟି ଦେଶକୁ ବିନା ଭିସାରେ ଯାଇପାରିବ। ଏହି କ୍ରମରେ ଦେଖିବାକୁ ଗଲେ ଭାରତ ୭୭ତମ ସ୍ଥାନରେ ରହିଛି। ୨୦୨୫ରେ ପ୍ରଥମ କ୍ୱାର୍ଟର ତୁଳନାରେ ଭାରତ ତାଲିକାରେ ୮ଟି ସ୍ଥାନ ଉପରକୁ ଉଠିଛି। ଭାରତୀୟ ପାସପୋର୍ଟ ସହ ଜଣେ ବ୍ୟକ୍ତି ବିଶ୍ୱର ୫୯ଟି ଦେଶକୁ ବିନା ଭିସାରେ ବା 'ଭିସା ଅନ୍ ଆରାଇଭାଲ'ରେ ଯାତ୍ରା କରିପାରିବେ। ଅନ୍ୟପଟେ ବ୍ରିଟେନ ପାସ୍‌ପୋର୍ଟ ଦୁଇଟି ସ୍ଥାନ ତଳକୁ ଖସି ୮ମ ସ୍ଥାନରେ ରହିଛି। ୨୦୧୫ରେ ବ୍ରିଟେନ ପାସ୍‌ପୋର୍ଟ ଶୀର୍ଷ ସ୍ଥାନରେ ରହିଥିଲା। ସେହିପରି କ୍ରମାଗତ ୫ ବର୍ଷ ପାଇଁ ପାକିସ୍ତାନ ପାସପୋର୍ଟ ୧୦୩ତମ ସ୍ଥାନରେ ରହିଛି।

## ଆମେରିକାରେ ଭାରତୀୟ ବଂଶୋଦ୍ଭବ ଅଧିକାରୀ ଗିରଫ

ୱାଶିଂଟନ, ୧୫।୧୦(ଏଜେନ୍ସି): ଆମେରିକାର ଜଣେ ଭାରତୀୟ ବଂଶୋଦ୍ଭବ ଅଧିକାରୀ ଆସ୍‌ଲେ ଟେଲିସ ଗିରଫ ହୋଇଛନ୍ତି। ଆମେରିକାର ବୈଦେଶିକ ବିଭାଗରେ ଜଣେ ବରିଷ୍ଠ ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରୁଥିଲେ। ତାଙ୍କୁ ଗତ ୧୨ ତାରିଖରେ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଆମେରିକାର ନିରାପତ୍ତା ସହିତ ଜଡ଼ିତ କେତେକ ଗୋପନୀୟ କାଗଜପତ୍ର ନିଜ ପାଖରେ ରଖିବା ଓ ଚୀନ୍‌ର ଅଧିକାରୀଙ୍କ ଗୁପ୍ତରେ ଭେଟିଥିବାର ଅଭିଯୋଗ ହୋଇଛି। ୬୪ ବର୍ଷୀୟ ଟେଲିସ ଭିର୍ଜିନିଆସ୍ଥିତ ତାଙ୍କ ବାସଭବନରେ ଆମେରିକୀୟ ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇର ୧, ୦୦୦ରୁ ଅଧିକ ପୃଷ୍ଠାର ଗୋପନୀୟ କାଗଜପତ୍ର ଜବତ କରାଯାଇଛି। ଯଦି ତାଙ୍କ ବିରୋଧରେ ଏହି ଅଭିଯୋଗ ପ୍ରମାଣିତ ହୁଏ, ତେବେ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ୨.୫ ଲକ୍ଷ ଡଲାର ଅର୍ଥାତ ୨ କୋଟି ଟଙ୍କାର ଜରିମାନ ଧାର୍ଯ୍ୟ କରାଯାଇପାରେ। ଭର୍ଜିନିଆ କୋର୍ଟରେ ଟେଲିସଙ୍କ ଶୁଣାଣି ହେବ। ମାମଲା ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡିତ ଥିବାରୁ ଏଥିରେ ତାଙ୍କୁ ଜାମିନ ମିଳିବାର ଆଶା କ୍ଷୀଣ ରହିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଟେଲିସଙ୍କୁ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଭାବେ ଚୟନ କରାଯାଇଥିଲା। କିନ୍ତୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇ ନ ଥିଲା। ଟେଲିସ୍ ଗତ ସେପ୍ଟେମ୍ବର-ଅକ୍ଟୋବରରେ ବୈଦେଶିକ ବିଭାଗ ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଗୋପନୀୟ କାଗଜପତ୍ର ବାହାର କରିଥିବା ଅଭିଯୋଗ ଏଫ୍‌ବିଆଇ ଆଣିଛି।

## ହରିୟାଣା ପୁଲିସରେ ବିବାଦ ବଢୁଛି

ଚଣ୍ଡିଗଡ଼, ୧୫।୧୦ (ଏଜେନ୍ସି): ବରିଷ୍ଠ ଆଇପିଏସ ତଥା ଆଇଜି ୱାଇ. ପୁରନ ଏବଂ ଏଏସଆଇ ସନ୍ଦୀପ ଲାଥରଙ୍କ ଆତ୍ମହତ୍ୟା ହରିୟାଣା ସରକାରଙ୍କ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଡିଜିପିଙ୍କ ସମେତ ୮ ଅଧିକାରୀଙ୍କୁ ଦାୟୀ କରି ପୁରନ ନିଜକୁ ଗୁଳି ମାରିଥିବାବେଳେ ଆଇଜିଙ୍କୁ ଦୁର୍ନୀତିଗ୍ରସ୍ତ କହି ଏବଂ ଦୋଷ ଦେଇ ଲାଥର ଆତ୍ମହତ୍ୟା କରିଥିଲେ। ଏହି ଦୁଇ ମାମଲା ଯୋଗୁଁ ହରିୟାଣା ପୁଲିସରେ ଚାଲିଥିବା ଜାତିଗତ ବିଭେଦ, ଦୁର୍ନୀତି ଏବଂ ଟଙ୍କା ଆଦାୟ ମାମଲା ସାମ୍ନାକୁ ଆସିଛି। ପୁଲିସ-ଗ୍ୟାଙ୍ଗଷ୍ଟର ଲିଙ୍କ ବିଷୟରେ ମଧ୍ୟ ଜଣାପଡ଼ିଛି। ଏହକୁ ନେଇ ହରିୟାଣା ପୁଲିସର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଛି। ଏବେ ସନ୍ଦୀପଙ୍କ ଆତ୍ମହତ୍ୟା ମାମଲାରେ ଅମନୀତ, ତାଙ୍କ ବିଧାୟକ (ଆପ୍) ଭାଇ ଅମିତ ମାନ୍ ଏବଂ ପୁରନଙ୍କ ଗନ୍‌ମ୍ୟାନ ସୁଶୀଲଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଏହା ପରେ ଯାଇ ଲାଥରଙ୍କ ପରିବାର ବ୍ୟବଚ୍ଛେଦ ପାଇଁ ରାଜି ହୋଇଥିଲେ।ଏହା ପୂର୍ବରୁ ସରକାରଙ୍କ ସହ ଆଲୋଚନା ପରେ ପୁରନଙ୍କ ମୃତଦେହର ବ୍ୟବଚ୍ଛେଦ ହୋଇ ସେକ୍ଟର-୨୫ ସ୍ଥିତ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ଏଠାରେ ପତ୍ନୀ ଅମନୀତଙ୍କ ଉପସ୍ଥିତିରେ ତାଙ୍କୁ ପୁଲିସ ବାହିନୀ ସଲାମୀ ଦେଇଥିଲା। ପରେ ଆଇପିଏସଙ୍କ ଦୁଇ ଝିଅ ତାଙ୍କୁ ମୁଖାଗ୍ନି ଦେଇଥିଲେ। ସୂଚନା ଅନୁଯାୟୀ ଗତ ୨୯ ତାରିଖରେ ରୋହତକ ରେଞ୍ଜର ଆଇଜି ପୁରନଙ୍କୁ ସୂଚନା ନ ଦେଇ ସୁନାରିଆ ପୁଲିସ ଟ୍ରେନିଂ କଲେଜକୁ ବଦଳି କରିଦିଆଯାଇଥିଲା। ଏହାକୁ ନେଇ ସେ କ୍ଷୁବ୍ଧ ହୋଇ ସପ୍ତାହେ ପାଇଁ ଛୁଟିରେ ଚାଲି ଯାଇଥିଲେ। ଗତ ୧ ତାରିଖରେ ପୁରନଙ୍କ କାର୍‌କୁ ଅଟକାଇ ତାଙ୍କ ପିଏସଓ ସୁଶୀଲ କୁମାରଙ୍କୁ ଉଠାଇ ନିଆଯାଇଥିଲା। ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଟିମ୍‌ରେ ଲାଥର ସାମିଲ ଥିଲେ। ବିନା ଏତଲା ଏବଂ ୱାରଣ୍ଟରେ ଅଟକ ରଖିବାକୁ ବିରୋଧ କରିବାରୁ ପୁରନଙ୍କୁ ଧକମ ଦିଆଯାଇଥିଲା। ପରେ ତୁମ ପାଳି ପଡିବ ବୋଲି କୁହାଯାଇଥିଲା। ତେବେ ପୁରନଙ୍କ ଗାଡ଼ିରେ ସୁଶୀଲ ନିଜ ବନ୍ଧୁକ ଛାଡ଼ି ଚାଲି ଯାଇଥିଲେ। ଏହି ବନ୍ଧୁକରୁ ଗୁଳି ମାରି ଗତ ୭ ତାରିଖରେ ପୁରନ ଆତ୍ମହତ୍ୟା କରିଥିଲେ।

## ପ୍ରାର୍ଥୀ ତାଲିକା ଜାରିକଲେ ଜେଡିୟୁ, ବିଜେପି

ବିହାର ନିର୍ବାଚନ

ପାଟନା, ୧୫।୧୦ (ଏଜେନ୍ସି): ବିହାର ବିଧାନସଭା ପାଇଁ ରାଜନୀତି ସରଗରମ ହୋଇ ଉଠିଛି। ବିରୋଧୀ ଇଣ୍ଡିଆ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରି ନ ଥିବାବେଳେ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ବୁଝାମଣାକୁ ନେଇ କେଁ ସୃଷ୍ଟି ହୋଇଛି। ଏହା ସତ୍ତ୍ୱେ ବୁଧବାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ନିଜର ପ୍ରଥମ ଏବଂ ବିଜେପି ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ପାଇଁ ନୀତୀଶ ନିଜ ତାରାପୁର ଆସନ ଛାଡ଼ି ଦେଇଛନ୍ତି। ୫୭ ଜଣିଆ ପ୍ରଥମ ତାଲିକାରେ ୪ ମହିଳା, ୧୦ ଅନୁସୂଚିତ ଜାତି, ୩ ବାହୁବଳୀ, ୬ ମନ୍ତ୍ରୀ ଏବଂ ୧୮ ବିଧାୟକଙ୍କୁ ପୁନର୍ବାର ଟିକେଟ ଦେଇଛନ୍ତି। ତେବେ ଚିରାଗ ପାଶ୍ୱାନ ଚାହୁଁଥିବା ୫ ସିଟ୍ ସୋନବରସା, ଅଲୌଲି, ରାଜଗୀର, ଏକମା, ମୋରବାରେ ପ୍ରାର୍ଥୀ ଦେଇ ବିବାଦ ସେ ସୃଷ୍ଟି କରିଛନ୍ତି। ସେହିପରି ୧୨ ଜଣିଆ ଦ୍ୱିତୀୟ ତାଲିକାରେ ଦିନକ ତଳେ ସାମିଲ ହୋଇଥିବା ଗାୟିକା ମୈଥିଳି ଠାକୁରଙ୍କୁ ବିଜେପି ଅଲିନଗରରୁ ପ୍ରାର୍ଥୀ କରିଛି।

ଅନ୍ୟପଟେ ଏଲଜେପିକୁ ମହୁଆ ଆସନ ଦେବାକୁ ନେଇ କ୍ଷୁବ୍ଧ ଥିବା ଆରଏଲଏମ ମୁଖ୍ୟ ଉପେନ୍ଦ୍ର କୁଶ୍ୱାହ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ଶାନ୍ତ ହୋଇଛନ୍ତି। ପୂର୍ବରୁ କୁଶ୍ୱାହ ମେଣ୍ଟରେ କିଛି ଭଲ ନ ଥିବା କହିଥିଲେ। ମାତ୍ର ୪୫ ମିନିଟର ବୈଠକ ପରେ ତାଙ୍କ ସ୍ୱର ବଦଳି ଯାଇଥିଲା। କୁଶ୍ୱାହଙ୍କୁ ରାଜ୍ୟସଭା ପଠାଇବାକୁ ଏବଂ ଗୋଟିଏ ଏମଏଲସି ଆସନ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି। ଏହା ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ, ପ୍ରଭାରୀ କୃଷ୍ଣ ଅଲ୍ଲାବରୁ ଏବଂ ନେତା ସକିଲ ଅହମ୍ମଦଙ୍କ ଉପସ୍ଥିତିରେ କଂଗ୍ରେସ କର୍ମୀ ପପୁ ଯାଦବଙ୍କ ସମର୍ଥକଙ୍କୁ ମାଡ଼ ମାରିଛନ୍ତି। ଟିକଟ ବଣ୍ଟନକୁ କେନ୍ଦ୍ର କରି ଏହି ହଙ୍ଗାମା ହୋଇଛି। ଅନ୍ୟପଟେ ଆସନ ବଣ୍ଟନ ହୋଇ ନ ଥିଲେ ବି କଂଗ୍ରେସ ୧୨ ଜଣଙ୍କୁ ଟିକଟ ଦେଇଛି।

## ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ତିନି ପ୍ରାଧ୍ୟାପକଙ୍କ ଗବେଷଣା

## କୁଣ୍ଡଳୀ ମେଳକ ନ ହେବାରୁ ୩୭% ବିବାହ ବିଚ୍ଛେଦ

ବନାରସ, ୧୫।୧୦ (ଏଜେନ୍ସି): ଆଧୁନିକ ଯୁଗରେ ଅଧିକାଂଶ ଲୋକ କୁଣ୍ଡଳୀ ମେଳକ ନ କରି ବିବାହ କରୁଛନ୍ତି। କିଏ ପ୍ରେମ ବିବାହ କରୁଛି ତ ଆଉ କିଏ ପରିବାରର ଇଚ୍ଛାରେ ଜୀବନ ସଙ୍ଗିନୀ ବାଛୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ବିବାଦ ହେଉ ଅବା ଅନ୍ୟ କୌଣସି କାରଣ ସେହି ପ୍ରେମ ନ ରହି ବିବାହ ବିଚ୍ଛେଦ ଘଟୁଛି। ପ୍ରେମ ବ୍ୟାପାର, ଲିଭ୍-ଇନ ଏବଂ ଘରୋଇ ହିଂସା ଆଦି ଯୋଗୁଁ ହେଉଥିବା ବିବାହ ବିଚ୍ଛେଦ ଉପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ର ତିନି ପ୍ରାଧ୍ୟାପକ ଏକ ଗବେଷଣା କରିଛନ୍ତି। ଏଥିରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିବାହ ପୂର୍ବରୁ ବର-କନ୍ୟାଙ୍କ କୁଣ୍ଡଳୀ ମେଳକ କରାଯାଇ ନ ଥିବାରୁ ୩୭ ପ୍ରତିଶତ ଛାଡ଼ପତ୍ର ହୋଇଥିଲା ବୋଲି ଜଣାପଡ଼ିଛି। ଗ୍ରହଦୋଷ ଥିବା ସତ୍ତ୍ୱେ ବିବାହ କରାଯାଉଛି। ଏଭଳି ବରକନ୍ୟା ବିବାହ ପରେ ପ୍ରେମରେ ପଡ଼ି ପରସ୍ପରର ହତ୍ୟା କିମ୍ବା ସମ୍ପର୍କରେ ଫାଟ ଆସିବା ପରେ ନୂଆ ଜୀବନସାଥି ଖୋଜୁଛନ୍ତି।

ବିଏଚ୍‌ୟୁର ୩ ପ୍ରାଧ୍ୟାପକ ଏବଂ ୨ ଜଣ ଗବେଷକ ୬ ମାସରେ ଏହି ଗବେଷଣା ଶେଷ କରିଥିଲେ। ବିଶ୍ୱବିଦ୍ୟାଳୟରେ ସୋମବାର ଆୟୋଜିତ ସେମିନାରରେ ଏହାର ସୂଚନା ଦିଆଯାଇଥିଲା। ଏଥିରେ ଇନ୍ଦୋରର 'ମାଆ ଶାରଦା ଜ୍ୟୋତିଷଧାମ ଅନୁସନ୍ଧାନ ପ୍ରତିଷ୍ଠାନ' ନେତୃତ୍ୱ ନେଇଥିଲା। ଭାରତର ୧୫ ରାଜ୍ୟ ସମେତ ନେପାଳ, ସିଙ୍ଗାପୁର, ଦୁବାଇର ଗବେଷକ ମଧ୍ୟ ଏହି ଗବେଷଣାରେ ସାମିଲ ଥିଲେ। ଗବେଷଣାର ସୂଚନା ଦେଇ ପ୍ରାଧ୍ୟାପକ ବିନୟ ପାଣ୍ଡେୟ କହିଥିଲେ ଯେ ଯୁବକ ଏବଂ ଯୁବତୀଙ୍କ କୁଣ୍ଡଳୀରେ ୩୬ରୁ ୩୨ ଗୁଣ ମିଶିବା ପରେ ବି ଗ୍ରହ ମେଳକ ଜରୁରୀ ହୋଇଥାଏ। କିନ୍ତୁ ଲୋକେ ଏବେ ନିଜକୁ ଆଧୁନିକ ଦେଖାଇବା ପାଇଁ ସନାତନ ଧର୍ମର ପରମ୍ପରା ପାଳନ କରୁନାହାନ୍ତି। ଅଧିକାଂଶ ବିବାହ ଫଟୋସୁଟ୍‌ରେ ବ୍ୟସ୍ତ ଥାଆନ୍ତି। ମନ୍ତ୍ରୋଚାରଣର ଆବଶ୍ୟକତା ବୁଝୁ ନାହାନ୍ତି। ଫଳରେ ବିବାହ ଭାଙ୍ଗି ଯାଉଛି ଏବଂ ବରକନ୍ୟା ପରସ୍ପରକୁ ହତ୍ୟା କରୁଛନ୍ତି। ଯାହାର କୁଣ୍ଡଳୀ ଏବଂ ଗ୍ରହ ମେଳକ କରାଯାଇଥାଏ, ତାଙ୍କ ବିବାହ ଶତ ପ୍ରତିଶତ ଠିକ୍ ଚାଲିଥାଏ। ଏହା ବୈଜ୍ଞାନିକ ତଥ୍ୟ। ଜ୍ୟୋତିଷଶାସ୍ତ୍ର ଏକ ପ୍ରକାରର ଗଣିତ ହିଁ।


ପ୍ରାଧ୍ୟାପକଙ୍କ ଅନୁଯାୟୀ, ଏହି ଗବେଷଣାରେ ବିଏଚୟୁ ଓପିଡିକୁ ଆସୁଥିବା ସାରା ଦେଶର ତଥ୍ୟ ଏବଂ ୩ ବର୍ଷ ଭିତରେ ଉତ୍ତର ପ୍ରଦେଶର ୧୨ ଜିଲ୍ଲାରେ ବିବାହ ବିଚ୍ଛେଦ ହୋଇଥିବା ଦମ୍ପତିଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ଦେଶର ଏଭଳି ୨୫୦ ମାମଲାରେ ଦମ୍ପତିଙ୍କ ପରିବାର ବର୍ଗଙ୍କୁ ତିନୋଟି ପ୍ରଶ୍ନ ପଚରା ଯାଇଥିଲା। ଏହି ତଥ୍ୟରୁ ଜଣାପଡ଼ିଥିଲା ଯେ ଯେଉଁ ବର-ବଧୂଙ୍କ କୁଣ୍ଡଳୀ ଠିକ୍ ସେ ମେଳକ କରାଯାଇ ନ ଥିଲା ସେମାନଙ୍କ ବିବାହ ବର୍ଷେରୁ ଦୁଇ ବର୍ଷ ଭିତରେ ଭାଙ୍ଗି ଯାଇଥିଲା। ଅନ୍ୟ ୬୩ ପ୍ରତିଶତ ମାମଲାରେ ସନାତନ ରୀତିନୀତି ଅନୁଯାୟୀ ବିବାହ କରାଯାଇ ନ ଥିଲା। ହୋଟେଲ ବୁକିଂକୁ ଦେଖି ବିବାହ ସମୟ ଧାର୍ଯ୍ୟ କରାଯାଇଥିଲା। ବିବାହ ସମୟରେ ମନ୍ତ୍ରୋଚାରଣ ମଧ୍ୟ ଠିକ୍‌ରେ କରାଯାଇ ନ ଥିଲା। ଦେଶରେ ଛାଡ଼ପତ୍ର ମାମଲା ବଢୁଥିବା ଦେଖି ଏହାର କାରଣ ଜାଣିବା ପାଇଁ ଏପରି ଗବେଷଣା କରାଯାଇଥିଲା।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-110 ♦THURSDAY ♦16 OCTOBER 2025 ♦PAGE-16 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୧୦ ♦ଗୁରୁବାର ♦୧୬ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୬ ♦ଟ.୬.୦୦


## ମହାଭାରତର 'କର୍ଣ୍ଣ' ପଙ୍କଜ ଧୀର୍‌ଙ୍କ ପରଲୋକ



■ **ନୂଆଦିଲ୍ଲୀ, ୧୫ ।୧୦ (ଏଜେନ୍ସି):** ବର୍ଷୀଆନ ଅଭିନେତା ପଙ୍କଜ ଧୀର ୬୮ ବର୍ଷ ବୟସରେ ପରଲୋକଗମନ କରିଛନ୍ତି। ୧୯୮୮ରେ ଦୂରଦର୍ଶନରେ ପ୍ରସାରିତ ବିଆର୍ ଚୋପ୍ରାଙ୍କ ଲୋକପ୍ରିୟ ମେଗା ସିରିଏଲ 'ମହାଭାରତ'ରେ ସେ କର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୋକପ୍ରିୟତା ହାସଲ କରିଥିଲେ ଓ ଘରେଘରେ ପରିଚିତ ହୋଇଥିଲେ। ସେ କର୍କଟ ରୋଗରେ ପୀଡିତ ଥିଲେ ଓ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ। ତାଙ୍କର ଏକ ବଡ଼ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା। ତାଙ୍କ ଦେହାନ୍ତରେ ଭାରତୀୟ ଟେଲିଭିଜନ ଜଗତରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳେ ତାଙ୍କ ନିକଟରେ ପୁଅ ନିତିନ ଓ ପତ୍ନୀ ଅନୀତା ଉପସ୍ଥିତ ଥିଲେ। ସେ ସୋଲଜର, ଆନ୍ଦାଜ, ବାଦଶାହା ଓ ତୁମ୍ କୋ ନା ଭୁଲ ପାଏଙ୍ଗେ ଭଳି ହିନ୍ଦୀ ଚଳଚ୍ଚିତ୍ରରେ ଅଭିନୟ କରି ସଫଳତା ହାସଲ କରିଥିଲେ। ଚନ୍ଦ୍ରକାନ୍ତା, ବଡ଼େ ବହୁ, ଜି ହରର ଶୋ, କାନୁନ୍ 'ସସୁରାଲ ସିମୋର କା' ଭଳି ସିରିୟଲରେ ମଧ୍ୟ ଅଭିନୟ କରିଥିଲେ।

**ପୁଲିସ୍ ଚାକିରି ବେପାର**

# ଟ୍ରେନ୍‌ରେ ଯାଇଥିଲେ ଆଉ ୧୮୬

## ଦଲାଲ୍‌ଙ୍କଠାରୁ ସୂଚନା ମିଳିବା ପରେ ଘାଣ୍ଟୁଛି କ୍ରାଇମ୍‌ବ୍ରାଞ୍ଚ

■ **ଭୁବନେଶ୍ୱର, ୧୫ ।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବା ପରେ ନୂଆନୂଆ ତଥ୍ୟ ସାମ୍ନାକୁ ଆସୁଛି। ପୂର୍ବରୁ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ୍‌ଙ୍କ ସମେତ ମୋଟ୍ ୧୧୭ଜଣ ଧରାପଡ଼ିଥିବା ବେଳେ ଆଉ ୧୮୬ ପରୀକ୍ଷାର୍ଥୀ ଟ୍ରେନ୍ ଯୋଗେ ଆନ୍ଧ୍ରପ୍ରଦେଶ ଯାଇଥିବା ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି। ଟ୍ରେନ୍‌ରେ ଯାଇଥିବା ପରୀକ୍ଷାର୍ଥୀଙ୍କ ତାଲିକା କରିବା ସହ ସେମାନଙ୍କୁ ଧରିବା ପାଇଁ କସରତ ଆରମ୍ଭ ହୋଇଛି। ସେହିପରି ଅନେକ ପୁଲିସ୍ କନେଷ୍ଟବଳ ମଧ୍ୟ ଏସ୍‌ଆଇ ଚାକିରି ଆଶାରେ ଟଙ୍କା ଦେଇଥିବାର ପ୍ରମାଣ କ୍ରାଇମ୍‌ବ୍ରାଞ୍ଚ ପାଖରେ ପହଞ୍ଚିଛି। ଘଟଣାକୁ ୧୬ଦିନ ବିତିଥିଲେ ମଧ୍ୟ ମାଷ୍ଟରମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କୁ ଗିରଫ କରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ ହୋଇଥିବା ବେଳେ ଏକାବେଳେ ୩ଶହ ପଦ ବିକ୍ରି ପାଇଁ ବଡ଼ ଡିଲ୍ ସରିଥିବା ତଥ୍ୟ ମେଧାବୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୩ଟି ବସ୍ ଧରାପଡ଼ିବା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୮୬ ଜଣ ପରୀକ୍ଷାର୍ଥୀ ଆନ୍ଧ୍ରପ୍ରଦେଶ ଯାଇଥିଲେ। ସେଠାରେ ସେମାନଙ୍କୁ ଦୁଇଟି ଗ୍ରୁପ୍ କରି ଭିନ୍ନ ଭିନ୍ନ ସ୍ଥାନକୁ ନିଆଯିବାର ଯୋଜନା ହୋଇଥିଲା। ହେଲେ

**କ୍ରାଇମ୍‌ବ୍ରାଞ୍ଚ ସ୍କାନର୍‌ରେ କନେଷ୍ଟବଳ; ବସ୍ ନ ପାଇ ବର୍ତ୍ତିଗଲେ ୧୩**

୩ଟି ବସ୍‌ରୁ ୧୧୭ ଜଣ ଗିରଫ ହେବା ଖବର ପାଇବା ପରେ ସମସ୍ତେ ଫେରାର୍ ହୋଇଯାଇଛନ୍ତି। କିଛି ପରୀକ୍ଷାର୍ଥୀ ତତ୍କାଳ ଓଡ଼ିଶା ଫେରିବା ପରିବର୍ତ୍ତେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ପଳାଇଥିଲେ। ଆଉ କିଛି ପୃଥକ୍ ଭାବେ ଟ୍ରେନ୍‌ରେ ହିଁ ଓଡ଼ିଶା ଫେରିଛନ୍ତି। ହେଲେ ସେମାନଙ୍କ ଅରିଜିନାଲ୍ ସାର୍ଟିଫିକେଟ୍ ଦଲାଲ୍‌ଙ୍କ ପାଖରେ ରହିଯାଇଛି। ପଚରାଉଚୁରା ବେଳେ ଦଲାଲ୍‌ମାନେ ଏହାକୁ ସ୍ୱୀକାର କରିଛନ୍ତି। ସେମାନଙ୍କ ନିକଟରୁ ସେମାନଙ୍କ ତାଲିକା ପାଇବା ସହ ଟଙ୍କା ନେଣଦେଣ ସମ୍ପର୍କରେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ସେମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଖୋଜୁଥିବା ବେଳେ ଗିରଫଦାରୀ ଭୟ ଥିବାରୁ ଅନେକ ପରୀକ୍ଷାର୍ଥୀ ସେମାନଙ୍କ ଫୋନ୍ ସୁଇଚ୍‌ଅଫ୍ କରି ଫେରାର୍ ହୋଇଯାଇଛନ୍ତି।

ଅପରପକ୍ଷରେ ଏସ୍‌ଆଇ ଚାକିରି କରିବା ପାଇଁ ଅନେକ କନେଷ୍ଟବଳ ଟଙ୍କା ଦେଇଥିବା ମଧ୍ୟ ଜଣାପଡ଼ିଛି। ସପ୍ତମ ବାଟାଲିଅନ୍‌ରେ କାର୍ଯ୍ୟରତ ଯବାନ ଜିତେନ୍ଦ୍ର ନାଥ ଏବଂ ଯାଜପୁର ଟାଉନ୍ ଥାନାରେ କାର୍ଯ୍ୟରତ ବଳରାମ ବାରିକ ବସ୍‌ରେ ଯାଉଥିବାବେଳେ ଧରାପଡ଼ିଛନ୍ତି। ଢେଙ୍କାନାଳସ୍ଥିତ ଓଏସ୍ଓପି ପ୍ରଥମ ବାଟାଲିଅନ୍, ବୌଦ୍ଧସ୍ଥିତ ପଞ୍ଚମ ଆଇଆର୍‌ବିଏନ୍ ଏବଂ ବାଲେଶ୍ୱର ପୁଲିସ୍ ଜିଲ୍ଲାର ପ୍ରାୟ ୧୩ ଜଣ ଯବାନ୍ ବସ୍ ଫେଲ୍ ▸ପୃଷ୍ଠା-୧୧

## ଆଗୁଆ ଜାମିନ ଆବେଦନ କଲେ ୫ ଅଭିଯୁକ୍ତ

■ **ଭୁବନେଶ୍ୱର/କଟକ, ୧୫ ।୧୦ (ସମିସ):** ପୁଲିସ୍ ସବ୍ ଇନ୍ସପେକ୍ଟର ଚାକିରି ବିକ୍ରି ମାମଲାରେ ମୋଟ୍ ୧୧୯ ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ କାର୍ପଟଦାରଙ୍କୁ ଧରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ଘଟଣାକୁ ୧୬ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର୍ ପାଇପାରୁ ନାହିଁ। ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସଫ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ସମେତ ୫ ଅଭିଯୁକ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି। ଶଙ୍କରଙ୍କ ସହିତ ପଞ୍ଚସଫ୍ଟ କମ୍ପାନୀର ଆଉ ଜଣେ ନିର୍ଦ୍ଦେଶକ ତଥା ଶଙ୍କରର ପତ୍ନୀ ଦୀପ୍ତିମୟୀ ସାହୁ, ଦଲାଲ୍ ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ଆଗୁଆ ଜାମିନ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅପରପକ୍ଷରେ ମାଷ୍ଟରମାଇଣ୍ଡ ଶଙ୍କର ଦେଶ ଛାଡ଼ି ପଳାଇ ଯିବାରେ ସକ୍ଷମ ହୋଇଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି। ସେ ପ୍ରଥମେ ଉତ୍ତରପ୍ରଦେଶ ଦେଇ ନେପାଳରେ ▸ପୃଷ୍ଠା-୧୧

**ନୂଆପଡ଼ା ଉପନିର୍ବାଚନ**

# ସ୍ନେହାଙ୍ଗିନୀ ପ୍ରାର୍ଥୀ, ନବୀନ ସାରଥୀ



■ **ଭୁବନେଶ୍ୱର, ୧୫।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପୂର୍ବତନ ମନ୍ତ୍ରୀ, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ଆଜି ନବୀନ ନିବାସରେ ସେ ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ସହ ତାଙ୍କ ପାଇଁ ନିଜେ ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି ଘୋଷଣା କରିଛନ୍ତି।

ବୁଧବାର ଦଳୀୟ କାର୍ଯ୍ୟାଳୟରେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସ୍ନେହାଙ୍ଗିନୀଙ୍କ ନାମ ଘୋଷଣା କରିଛନ୍ତି। ଏହି ଅବସରରେ ନବୀନ ▸ପୃଷ୍ଠା-୧୧

## କିନ୍ନର ଓ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

■ **ଜୟପୁର, ୧୫ ।୧୦ (ସମିସ):** ଜୟପୁର ଗୋପବନ୍ଧୁ ନଗରରେ ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ଶବ ଉଦ୍ଧାର ହୋଇଛି। ମୃତକ ୨ ଜଣ ହେଲେ ମନ୍ଦିରର ପୂଜକ କିନ୍ନର ରାଜୁ ମାଛ ଏବଂ ତାଙ୍କ ବନ୍ଧୁ ପାଇକସାହିର ସମରା ଜାନୀ। ସୂଚନା ଅନୁଯାୟୀ, ଗୋପବନ୍ଧୁ ନଗରରେ ଥିବା କନକ ଦୁର୍ଗା ମନ୍ଦିରର ପୂଜକ ଭାବେ ରାଜୁ ମାଛ ଦୀର୍ଘ ଦିନ ହେବ କାର୍ଯ୍ୟ କରୁଥିଲେ। ଜୟନଗରର ସମରା ଜାନୀ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଗଢି ଉଠିଥିଲା। ମନ୍ଦିର ପରିସରରେ ଏକ ଲାଲ ରଙ୍ଗର ଶାଢି ବେକରେ ବନ୍ଧାଥିବା ଅବସ୍ଥାରେ ୨ ଜଣଙ୍କ ଶବ ଝୁଲୁଥିବା ଆଜି ଦେଖିବାକୁ ମିଳିଥିଲା। ଟାଉନ ପୁଲିସ ପହଞ୍ଚି ଶବକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିଛି। ଏନେଇ ଜୟପୁର ଟାଉନ ପୁଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ▸ପୃଷ୍ଠା-୧୧

## ଜୟ ଢୋଲକିଆ ବିଜେପି ପ୍ରାର୍ଥୀ, ଆଜି କରିବେ ନାମାଙ୍କନ

■ **ଭୁବନେଶ୍ୱର, ୧୫।୧୦ (ସମିସ):** ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ବୁଧବାର ନୂଆପଡା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି। ଦଳୀୟ ପ୍ରାର୍ଥୀ ଘୋଷଣା ହେବା ପରେ ଶ୍ରୀ ଢୋଲକିଆ ଗୁରବାର ନାମାଙ୍କନ ପତ୍ର ଦାଖଲ କରିବେ।

ସୂଚନା ଅନୁଯାୟୀ ଆସନ୍ତାକାଲି ସକାଳ ୧୦.୩୦ ଘଟିକାରେ ନୂଆପଡାସ୍ଥିତ 'ଗୋତମା' ଏୟାରଷ୍ଟ୍ରିପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ଏବଂ ଏଥିରେ ଅନ୍ୟ ଦଳର ଶତାଧିକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଓ ସମର୍ଥକମାନେ ସାମିଲ ହେବେ। ଏହା ପରେ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ଢୋଲକିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି।

**କାହା ଚାପରେ ଗୃହ ବିଭାଗ**

## ୭ଦିନରେ ବଦଳିଗଲା ଏଏସ୍‌ପିଙ୍କ ବଦଳି ନିର୍ଦ୍ଦେଶ

■ **ଭୁବନେଶ୍ୱର, ୧୫ ।୧୦ (ସମିସ):** ରାଜ୍ୟ ଗୃହ ବିଭାଗରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି। ନୂଆ ପଦୋନ୍ନତି ପାଇଥିବା ଡିଏସ୍‌ପିମାନଙ୍କୁ ନିଯୁକ୍ତି ମିଳୁନଥିବାରୁ ପୁଲିସ ମହଲରେ ଅସନ୍ତୋଷ ଲାଗି ରହିଥିବା ବେଳେ ଏବେ ପୁଣି ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି। ମାତ୍ର ୭ ଦିନ ମଧ୍ୟରେ ଜଣେ ଅତିରିକ୍ତ ଏସପିଙ୍କ ବଦଳିକୁ ପରିବର୍ତ୍ତନ କରିଥିବା ବେଳେ ଦୁଇ ଜଣ ଅତିରିକ୍ତ ଏସପିଙ୍କ ବଦଳିକୁ ବାତିଲ କରିଦିଆଯାଇଛି। ସପ୍ତାହ ମଧ୍ୟରେ ବଦଳି ନିର୍ଦ୍ଦେଶନାମାରେ ଏଭଳି ଅସ୍ଥିରତା ବିଭାଗ ମୁଖିଆଙ୍କ ନିଷ୍ପତ୍ତି ନେବାର କ୍ଷମତାକୁ ପଦାରେ ପକାଇଛି। ରାଜ୍ୟ ଗୃହ ବିଭାଗରେ ଚାଲିଛି କ'ଣ? କାହା ଇଙ୍ଗିତରେ ପରିଚାଳିତ ହେଉଛି ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ? ଏଭଳି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ନିଷ୍ପତ୍ତି ନେବାରେ ଅପରିପକ୍ୱତା ନାଁ ରାଜନୈତିକ ଚାପରେ ଏଭଳି କରାଯାଉଛି, ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନ।

ସୂଚନା ଅନୁସାରେ, ଗତ ୮ ତାରିଖ ଦିନ ରାଜ୍ୟ ଗୃହ ବିଭାଗ ୧୯ ଜଣ ଅତିରିକ୍ତ ଏସପିଙ୍କୁ ବିଭିନ୍ନ ଜିଲ୍ଲା ଓ ୟୁନିଟ୍‌କୁ ବଦଳି କରିଥିଲା। ବ୍ରହ୍ମପୁରର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା। ସେହିଭଳି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ସତ୍ୟବିକାଶ ଭୂୟାଁଙ୍କୁ ଡିଆଇବି ଭଦ୍ରକ ଓ ଭଦ୍ରକ ଡିଆଇବିର ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀଙ୍କୁ ରାୟଗଡ଼ା ଜିଲ୍ଲାକୁ ବଦଳି ହୋଇଥିଲା। ହେଲେ ୭ ଦିନ ମଧ୍ୟରେ ସବୁ ଓଲଟପାଲଟ ହୋଇ ଯାଇଥିଲା। ଗତକାଲି ଅର୍ଥାତ୍ ୧୪ ତାରିଖ ଦିନ ଗୃହ ବିଭାଗ ପକ୍ଷରୁ ଆଉ

**ହୋଇପାରୁନି ଡିଏସପି ନିଯୁକ୍ତି**

ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା। ବ୍ରହ୍ମପୁରର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟ ପରିବର୍ତ୍ତେ ଅତିରିକ୍ତ ଏସପି ଗଞ୍ଜାମ ଭାବେ ବଦଳି କରାଯାଇଛି। ଗଞ୍ଜାମର ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟିଙ୍କୁ କମିସନରେଟ ପୁଲିସକୁ ବଦଳି ହୋଇଛି। ସେହିଭଳି ଡିଆଇବି ଭଦ୍ରକର ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀଙ୍କର ରାୟଗଡ଼ା ଜିଲ୍ଲାକୁ ହୋଇଥିବା ବଦଳିକୁ ବାତିଲ କରାଯାଇଛି। ତାଙ୍କ ସ୍ଥାନରେ ଭଦ୍ରକକୁ ▸ପୃଷ୍ଠା-୧୧

# ଏଫ୍‌ସିଆଇ ଉଠାଉନି ବଳକା ଚାଉଳ

## ହିତାଧିକାରୀଙ୍କୁ ଅଧିକ ୫ କେଜି ଚାଉଳ ଦେବେ ସରକାର

■ **ଭୁବନେଶ୍ୱର, ୧୫।୧୦ (ସମିସ):** ରାଜ୍ୟରେ ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଅର୍ଥାତ୍ ମାସିକ ୧୦ କେଜି ଚାଉଳ ଯୋଗାଇ ଦେବାକୁ ସରକାର ଯୋଜନା କରୁଛନ୍ତି। ବୁଧବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ଏହି ଯୋଜନା ପଛରେ କୌଣସି ମହତ୍ ଉଦ୍ଦେଶ୍ୟ ନୁହେଁ, ବରଂ ବାଧ୍ୟବାଧକତା ଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏକାଧିକବାର ଅନୁରୋଧ ସତ୍ତ୍ୱେ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ) ଓଡ଼ିଶାର ବଳକା ଚାଉଳ ଉଠାଉ ନାହିଁ। ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, କୃଷିମନ୍ତ୍ରୀ ଦିଲ୍ଲୀକୁ ବାରମ୍ବାର ଦୌଡ଼ି ଏନେଇ ଦାବି କରି ନୟାନ୍ତ ହେଲେଣି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ଦାବି ପ୍ରତି ତିଳେହେଲେ ଆଗ୍ରହ ଦେଖାଉ ନାହାନ୍ତି। ଫଳରେ ରାଜ୍ୟରେ ମହଜୁଦ୍ ଥିବା ଲକ୍ଷ ଲକ୍ଷ କୁଇଣ୍ଟାଲ ଚାଉଳ ନଷ୍ଟ ହୋଇଯିବାକୁ ବସିଛି। ତେଣୁ ରାଜ୍ୟ ସରକାର ବାଧ୍ୟ ହୋଇ ଏହି ଚାଉଳକୁ ପିଡିଏସ ମାଧ୍ୟମରେ ହୋଇଛି। ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି। ଆଉ ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି। ଏହାକୁ

**ନଷ୍ଟ ହେବା ପୂର୍ବରୁ ଚାଉଳ ବାଣ୍ଟି ଦେବାକୁ ଚାହୁଁଛନ୍ତି ସରକାର**

**ବାରମ୍ବାର ଦିଲ୍ଲୀରେ ଗୁହାରି କରି ନୟାନ୍ତ ହେଲାଣି ଓଡ଼ିଶା**



ହିତାଧିକାରୀଙ୍କୁ ବାଣ୍ଟିବା ନେଇ ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଗତ ମୌସୁମୀ ଅଧିବେଶନରେ ନିଜେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏଫସିଆର ଗୁମର ବିଧାନସଭାରେ ଖୋଲିଥିଲେ। ଶ୍ରୀ ପାତ୍ର କହିଥିଲେ ଯେ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ଉଠାଇବା ନେଇ ଆମେ କେନ୍ଦ୍ରକୁ ଅନୁରୋଧ କରିଛୁ। ରାଜ୍ୟ ସରକାରଙ୍କ ଆବେଦନ କେନ୍ଦ୍ର ନିକଟରେ ବିଚାରଧୀନ ରହିଛି। ଯଦି ଏଥିରେ ବିଳମ୍ବ ହୁଏ, ତାହେଲେ ଆମେ ରାଜ୍ୟର ଚାଉଳ ନଷ୍ଟ ହେବାକୁ ଦେବୁ ନାହିଁ। ବଳକା ଚାଉଳକୁ ଆମେ ଟେଣ୍ଡର ମାଧ୍ୟମରେ ବିକ୍ରି କରିବୁ ବୋଲି ମନ୍ତ୍ରୀ ସୂଚନା ▸ପୃଷ୍ଠା-୧୧


# ପୀତବାସଙ୍କ ହତ୍ୟା ଅଭିଯୁକ୍ତ ଚିହ୍ନଟ !

## ପୁଲିସ ପଞ୍ଝାରେ ସାର୍ପସୁଟର, ମାଷ୍ଟରମାଇଣ୍ଡର ନିକଟତର ପୁଲିସ

**ପଡ଼ୋଶୀ ପଶ୍ଚିମବଙ୍ଗ ସମେତ ବିହାର ଓ ଦିଲ୍ଲୀରେ ଖୋଳତାଡ଼**

**୫ମ ଥର ପାଇଁ ବାଲାଜୀ ଓ ଜଣେ ମଦ ବ୍ୟବସାୟୀଙ୍କୁ ମାରାଥନ୍ ଜେରା**

■ **ବ୍ରହ୍ମପୁର,୧୫ ।୧୦(ସମିସ):** ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡକୁ ବିତିଯାଇଛି ୧୦ଦିନ। ପରିବାର ପକ୍ଷରୁ ସମ୍ପନ୍ନ ହୋଇଛି ଦଶାହ କାର୍ଯ୍ୟ। ହତ୍ୟାକାରୀଙ୍କୁ ଧରିବାରେ ଓ ରହସ୍ୟ ଉନ୍ମୋଚନରେ ବିଳମ୍ବ ଘଟୁଥିବାରୁ ଓକିଲଙ୍କ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି। ଅଭିଯୁକ୍ତଙ୍କ ଗିରଫଦାରୀ ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଉନଥିବା ବେଳେ ଗୁଳିକାଣ୍ଡ ଘଟଣାରେ ବ୍ରହ୍ମପୁର ପୁଲିସକୁ ବଡ଼ ସଫଳତା ମିଳିଥିବା ସୂଚନା ମିଳିଛି। ହତ୍ୟାକାଣ୍ଡରେ ନିୟୋଜିତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ପୁଲିସ ପଞ୍ଝାରେ ସୁପାରିକିଲର ଥିବା ସୂଚନା ମିଳିଛି। ଫଳରେ ପୁଲିସ ମାଷ୍ଟର ମାଇଣ୍ଡର ନିକଟତର ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି। ଗଠିତ ଟିମ୍ ପଡ଼ୋଶୀ ପଶ୍ଚିମବଙ୍ଗ ସମେତ ବିହାର ଓ ଦିଲ୍ଲୀରେ ଖୋଳତାଡ଼ କରୁଛି। ପୀତବାସଙ୍କ ହତ୍ୟାରେ ବିହାରୀ ସାର୍ପସୁଟରଙ୍କୁ ନିୟୋଜିତ କରାଯାଇଥିବା ବେଳେ ସ୍ଥାନୀୟ ଅପରାଧୀଙ୍କ ସହାୟତା ▸ପୃଷ୍ଠା-୧୧



# ତୁଟୁନି ଦୀପାବଳି ତାରିଖ ଦ୍ୱନ୍ଦ୍ୱ

■ **ପୁରୀ, ୧୫।୧୦ (ସମିସ):** ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଛି। ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ, ତିଥିରେ ପାର୍ଥକ୍ୟ ରହୁଛି। ଚଳିତବର୍ଷ ଏକାଧିକ ପର୍ବପର୍ବାଣୀରେ ଦ୍ୱନ୍ଦ୍ୱ ଉପୁଜିଲାଣି। ଏବେ ଦୀପାବଳିର ପାଳି। କେଉଁ ତାରିଖରେ ଦୀପାବଳି ଓ ପୟା ଶ୍ରାଦ୍ଧ କରାଯିବ ତାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଚଳିତ ବର୍ଷ ଦୀପଦାନ, ପୟାଶ୍ରାଦ୍ଧ ଓ କାଉଁରିଆ ଜାଳିବା ବିଧି ଆସନ୍ତା ୨୦ ତାରିଖରେ କରିବା ପାଇଁ ମୁକ୍ତି ମଣ୍ଡପ ପଣ୍ଡିତମାନେ ମତ ରଖିଛନ୍ତି। ଧର୍ମଶାସ୍ତ୍ର ଅନୁସାରେ ଗଣନା କରାଯାଇଥିବା ବେଳେ ୨୧ ତାରିଖ ଦିନ ପୟା ଶ୍ରାଦ୍ଧ କରିବା ଠିକ୍ ନୁହେଁ ବୋଲି ମୁକ୍ତିମଣ୍ଡପ ପଣ୍ଡିତଙ୍କ ମତକୁ ପାଞ୍ଜି ସମୀକ୍ଷକ ଖଣ୍ଡନ କରିଥିବା ବେଳେ ବିବାଦ ଦେଖାଦେଇଛି। ୨୧ ତାରିଖରେ ପୟାଶ୍ରାଦ୍ଧ ଓ କାଉଁରିଆ ଜାଳିବାରେ କୌଣସି ଅସୁବିଧା ନ ଥିବା ନେଇ ଯୁକ୍ତି ଆସିଥିବାବେଳେ

**୨୦ରେ ଦୀପଦାନ ଶ୍ରାଦ୍ଧ ଶାସ୍ତ୍ରସମ୍ମତ: ମୁକ୍ତିମଣ୍ଡପ ପଣ୍ଡିତ ସଭା**

**୨୧ରେ ପାଳନ କରିବା ପାଇଁ ଯୁକ୍ତି ବାଢ଼ିଲେ ପାଞ୍ଜି ସମୀକ୍ଷକ**

ଶ୍ରୀମନ୍ଦିରରେ ୨୧ ତାରିଖରେ ଅମାବାସ୍ୟା ନୀତି ସହ ମହାପ୍ରଭୁଙ୍କର ସାଗର ବିଜେ ନୀତି କରାଯିବ ବୋଲି ଜଣାପଡ଼ିଛି।

ଏହି ବିବାଦକୁ ନେଇ ବୁଧବାର ଭକ୍ତ ସାଲବେଗ ପୀଠରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ ମୁକ୍ତିମଣ୍ଡପ ପଣ୍ଡିତ କହିଥିଲେ, ଆସନ୍ତା ୨୦ ତାରିଖରେ ଦୀପଦାନ ଶ୍ରାଦ୍ଧ କରାଯିବା ଶାସ୍ତ୍ରସମ୍ମତ। କାରଣ ୨୧ ତାରିଖ ପ୍ରଦୋଷକୁ ଏକ ଦଣ୍ଡ (୨୪ ମିନିଟ୍) ଅମାବାସ୍ୟା ତିଥି ନାହିଁ। ତେଣୁ ୨୧ ତାରିଖ ଦିନ ଦୀପଦାନ ଶ୍ରାଦ୍ଧ କରାଯାଇ ପାରିବ ନାହିଁ। ଗତବର୍ଷ ଭଳି ଏଥର ମଧ୍ୟ ବିଭିନ୍ନ ପଞ୍ଜିକାରେ ଦୁଇଦିନ ଦୀପାବଳି, ଦୀପଦାନ ପୟାଶ୍ରାଦ୍ଧ ରହିଛି। ଶ୍ରୀମନ୍ଦିର ସ୍ୱୀକୃତିପ୍ରାପ୍ତ ୫ଟି ପଞ୍ଜିକାରେ ୨୦ ତାରିଖରେ ଶ୍ୟାମାପୂଜା, ଦୀପଦାନ ଓ ପୟାଶ୍ରାଦ୍ଧ ଲେଖାଯାଇଛି ଅର୍ଥ ସେହିଦିନଠାରୁ ରାତି ପର୍ଯ୍ୟନ୍ତ ତା' ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଅମାବାସ୍ୟା ତିଥି ରହୁଥିବାରୁ ଦୀପଦାନ ଓ ପୟାଶ୍ରାଦ୍ଧ କରିବା ନେଇ ମୁକ୍ତିମଣ୍ଡପ ପଣ୍ଡିତ କହିଛନ୍ତି। ତେଣୁ ସରକାର ୨୧ ତାରିଖର ଛୁଟିକୁ ପରିବର୍ତ୍ତନ କରି ୨୦ ତାରିଖ କରିବାକୁ ଦାବି କରିଥିଲେ। ଯେଉଁମାନେ ସ୍ୱୀକୃତିପ୍ରାପ୍ତ ପଞ୍ଜିକାକୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ▸ପୃଷ୍ଠା-୧୧

# ଶ୍ରୀମନ୍ଦିର ଗଲା ୩ ବ୍ରହ୍ମକମଳ

ବଲଙ୍ଗା,୧୫।୧୦(ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ରୁପଦେଇପୁର ଗ୍ରାମର ରମେଶ ପ୍ରସାଦ ମିଶ୍ର (ଅଇଁଠା)ଙ୍କ ଘର ଅଗଣାରେ ତିନିଟି ବ୍ରହ୍ମକମଳ ଏକା ସାଙ୍ଗରେ ଫୁଟିଥିଲା। ଫୁଲ ତିନିଟିକୁ ପୂଜାର୍ଚ୍ଚନା କରି ତୋଳି ପୁରୀ ଶ୍ରୀଜଗନ୍ନାଥଙ୍କୁ ନେଇ ଅର୍ପଣ କରିଛନ୍ତି। ବଡ଼ ବିଚିତ୍ର କଥା ହେଉଛି ଏକା ସାଙ୍ଗରେ ତିନିଟି ଫୁଲ ଫୁଟିଛି ଯାହାକି ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ଠାକୁରଙ୍କୁ ଅର୍ପଣ କରିବା ସହିତ ଏହା ଜଗନ୍ନାଥଙ୍କ ମହିମା ବୋଲି ଗ୍ରାମବାସୀମାନେ କହିଛନ୍ତି। ଏହି ତିନିଟି ଫୁଲ ଫୁଟିବାକୁ ୧୫ ଦିନ ସମୟ ଲାଗିଥିଲା। ଏହି ପୂଜାର୍ଚ୍ଚନା ସମୟରେ ସରପଞ୍ଚ ରୀନା ମିଶ୍ରଙ୍କ ସହିତ ଗ୍ରାମର ମହିଳାମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ।

# ନୟାହାଟରୁ ଚୋରି ବୋଲୋରୋ ଭୁବନେଶ୍ୱରରୁ ଉଦ୍ଧାର

ନୟାହାଟ,୧୫।୧୦(ସମିସ): ନୟାହାଟ ଦୁର୍ଗା ମଣ୍ଡପ ନିକଟରୁ ଚୋରି ଯାଇଥିବା ବୋଲେରୋ ଗାଡ଼ି ବୁଧବାର ରାତିରେ ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳରୁ ଉଦ୍ଧାର କରାଯାଇଥିବା ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗତ ୧୧ ତାରିଖ ରାତି ୩ଟା ସମୟରେ ନୟାହାଟ ଦୁର୍ଗା ମଣ୍ଡପ ପାଖରେ ରମେଶ ବେହେରାଙ୍କ ବୋଲେରୋକୁ ଦୁଇଜଣ ଯୁବକ ନେଇ ଫେରାର୍ ହୋଇଯାଇଥିଲେ। ନୟାହାଟ ଫାଣ୍ଡିର ସିସି କ୍ୟାମେରାରେ ଫଟୋଚିତ୍ର କଏଦ୍ ହୋଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଅନୁସନ୍ଧାନ କରି ବୁଧବାର ଭୁବନେଶ୍ୱର ଡୁମୁଡୁମା ହାଉସିଂ ବୋର୍ଡ କଲୋନୀରେ ଗାଡ଼ି ଥୁଆହୋଇଥିଲା ଏବଂ ନମ୍ବର ପ୍ଲେଟ୍ ବଦଳା ଯାଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଗାଡ଼ିକୁ ଚିହ୍ନଟ କରି ନୟାହାଟ ଫାଣ୍ଡିକୁ ଆଣିଥିଲେ।

# ଚକଡ଼ା ପୋକ ଲାଗି ଶାରଦ ଧାନ ଫସଲ କ୍ଷତିଗ୍ରସ୍ତ

## ମୁଣ୍ଡରେ ହାତଦେଇ ବସିଛନ୍ତି ଚାଷୀ

କଣାସ,୧୫।୧୦(ସମିସ): ପୁରୀ ଜିଲ୍ଲାର ଭାତହାଣ୍ଡି ଭାବେ ପରିଚିତ କଣାସ ବ୍ଲକ୍‌ରେ ବର୍ତ୍ତମାନ ଶାରଦ ଧାନ ଫସଲରେ ଚକଡ଼ା ପୋକ ଲାଗିଯାଇଥିବାରୁ ବ୍ୟାପକ ଅଞ୍ଚଳର ଧାନ ଫସଲ ନଷ୍ଟ ହେବା ସହ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀମାନେ ବିଭିନ୍ନ ବ୍ୟାଙ୍କ, ସମବାୟ ସମିତି, ଗ୍ରାମ୍ୟ ମହାଜନଙ୍କଠାରୁ ଚଢ଼ା ଦରରେ ସୁଧକୁ ଅର୍ଥ ଆଣି ଧାନ ଫସଲ କରିଥିଲେ। ବିଶେଷକରି ରୁଆ ହୋଇଥିବା ଧାନ ବହୁ ପରିମାଣରେ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଚାଷୀମାନେ କୃଷି ଅଧିକାରୀଙ୍କ ନିକଟକୁ ଯାଇ ଧାନରେ ଲାଗିଥିବା ପୋକ ସମ୍ପର୍କରେ ସୂଚନା ଦେବା ସହ ତାଙ୍କ ପରାମର୍ଶ ଅନୁଯାୟୀ ଔଷଧ ଆଣି ବିଲରେ ପକାଇଲେ ମଧ୍ୟ ରୋଗ କମୁନାହିଁ। ଦିନକୁ ଦିନ ରୋଗ ବଢ଼ି ବଢ଼ି ଚାଲିଥିବାରୁ ଚାଷୀମାନେ ବହୁ ଚିନ୍ତାଗ୍ରସ୍ତ ଅବସ୍ଥାରେ ଅଛନ୍ତି।

# ଶିକ୍ଷାବିତ୍ ରବୀନ୍ଦ୍ରନାଥ ଦାସଙ୍କ ସ୍ମୃତି ସମାରୋହ

କୁଣ୍ଢେଇ,୧୫।୧୦(ସମିସ): କାକଟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କାକଟପୁର, ଅସ୍ତରଙ୍ଗ, ଗୋପ ବ୍ଲକ୍‌ର ପୂର୍ବତନ ବ୍ଲକ୍ ଶିକ୍ଷା ଅଧିକାରୀ ଶିକ୍ଷାବିତ୍ ସ୍ୱର୍ଗତ ରବୀନ୍ଦ୍ରନାଥ ଦାସଙ୍କ ତୃତୀୟ ବାର୍ଷିକୀ ସ୍ମୃତି ସମାରୋହ ଯୋଗେଶ୍ୱରପୁର ମହାବୀର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ର ଓ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ସୁଶାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ସ୍ମୃତି ସମାରୋହରେ ପୂର୍ବତନ ବ୍ଲକ୍ ଶିକ୍ଷାଧିକାରୀ ଦିଲ୍ଲୀପ ପରିଡ଼ା, ସମାଜସେବୀ ଜ୍ଞାନ ରଞ୍ଜନ ସାହୁ, ଗୋପ ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷ ପ୍ରକାଶ ପରିଡ଼ା, ପୂର୍ବତନ ବ୍ଲକ୍ ସହ ଶିକ୍ଷାଧିକାରୀ ସାଧୁ ଚରଣ ବିଶ୍ୱାଳ, କସ୍ତୁରୀ ଚରଣ ନାୟକ, ପୂର୍ବତନ ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ପାତ୍ର, କାକଟପୁର ବିଦ୍ୟୁତ୍ ସବ୍ ଡିଭିଜନ ମ୍ୟାନେଜର ସ୍ମୃତି ରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ମୃତି କମିଟିର ସମ୍ପାଦକ ତଥା ପୁତ୍ର ଇଂ ଲକ୍ଷ୍ମୀଧର ରାଉତ, ହୃଦାନନ୍ଦ ସମାଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅନ୍ତ୍ୟୋଦୟ ଗୃହ, ଭତ୍ତା ଓ ରାସନ କାର୍ଡ ବଣ୍ଟନ

ସାକ୍ଷୀଗୋପାଳ,୧୫।୧୦(ସମିସ): ବୁଧବାର ପୂର୍ବାହ୍ଣ ୧୧ଟା ସମୟରେ ସତ୍ୟବାଦୀ ବ୍ଲକ୍ କାର୍ଯ୍ୟାଳୟ ପରିସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟାଦେଶ ପତ୍ର ଓ ଭତ୍ତା ବଣ୍ଟନ କରାଯାଇଛି। ଉକ୍ତ ଶିବିରରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୧୮୦ ଜଣ ହିତାଧିକାରୀଙ୍କୁ ସେମାନଙ୍କର ପକ୍କା ଘର ପାଇଁ କାର୍ଯ୍ୟାଦେଶ ପତ୍ର, ୧୮୬ ଜଣ ବୃଦ୍ଧ, ଦିବ୍ୟାଙ୍ଗ ଓ ବିଧବା ମା'ଙ୍କୁ ଭତ୍ତା ପ୍ରଦାନ ଓ ୨୦୦ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଛି। ବିଡିଓ ଦେବାଶିଷ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଅନ୍ୟତମ ଅତିଥି ଭାବେ ବ୍ଲକ୍ ଅତିରିକ୍ତ ବିଡିଓ ସୁମିତ୍ରା ଜେନା, ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର ଓ ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ ଯୋଗଦେଇଥିଲେ। ସତ୍ୟବାଦୀ ବ୍ଲକ୍ ସଂଯୋଜକ ଦେବାଶିଷ ପତ୍ରି, ସତ୍ୟବାଦୀ ବ୍ଲକ୍ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ମୋନିକା ଦାଶ, ବ୍ଲକ୍ ଯୋଗାଣ ଅଧିକାରୀ ଦିବ୍ୟଜ୍ୟୋତି ଦାଶ ପ୍ରମୁଖ କାର୍ଯ୍ୟକ୍ରମକୁ ସମ୍ପାଦନା କରିଥିଲେ।

# ପତ୍ରପୋଡ଼ା ରୋଗରେ ଖରିଫ୍ ଧାନ କ୍ଷତିହେବା ଆଶଙ୍କା

## କୃଷି ବିଜ୍ଞାନ କେନ୍ଦ୍ର ଓ ଡେଲାଙ୍ଗ କୃଷି ବିଭାଗ ପକ୍ଷରୁ କ୍ଷେତ ପରିଦର୍ଶନ

ଡେଲାଙ୍ଗ,୧୫।୧୦(ସମିସ): ଡେଲାଙ୍ଗ ବ୍ଲକ୍ ଅଧୀନ ମୁନିନ୍ଦା, କଲ୍ୟାଣପୁର, କୋଠବାଡ଼, ଘନିପୁର, ଅରିସଲ, ବେରବୋଇ ଆଦି ବିଭିନ୍ନ ପଞ୍ଚାୟତର ହେକ୍ଟର ହେକ୍ଟର ଖରିଫ ଧାନ କ୍ଷେତ ପତ୍ରପୋଡ଼ା ରୋଗରେ ଆକ୍ରାନ୍ତ ହେଲାଣି। ଏହି ରୋଗରେ ଆକ୍ରାନ୍ତ ଧାନ ଗଛଗୁଡ଼ିକର ପତ୍ର ଜଳିଯାଉଥିବାରୁ ବର୍ଷକର ଭାତହାଣ୍ଡି ହରାଇବା ଆଶଙ୍କା କରି ଚାଷୀକୁଳ ଏବେ ଦୁଶ୍ଚିନ୍ତାରେ ଦିନ ଅତିବାହିତ କରୁଥିବା ଜଣାପଡ଼ିଛି। ଚାଷ କ୍ଷେତରେ ଦିନକୁ ଦିନ ତିବ୍ରତର ଭାବେ ବ୍ୟାପୁଥିବା ଏହି ରୋଗର ତୁରନ୍ତ ନିରାକରଣ କରା ନ ଗଲେ ଚାଷୀ ନିଜର ଜୀବିକା ହରାଇବା ସହିତ ଡେଲାଙ୍ଗ ବ୍ଲକ୍‌ରେ ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେବା ନେଇ ଚାଷୀ ଆଶଙ୍କା ପ୍ରକଟ କରିଛନ୍ତି। ଚଳିତ ଖରିଫ ଋତୁରେ ଡେଲାଙ୍ଗ ବ୍ଲକ୍‌ରେ ୧୦ହଜାର ୬୮୫ ହେକ୍ଟର ଧାନ ଚାଷ କରାଯାଇଥିବା ବ୍ଲକ୍ କୃଷି ବିଭାଗ ପକ୍ଷରୁ ସୂଚନା ମିଳିଥିବାବେଳେ ତନ୍ମଧ୍ୟରୁ ଅର୍ଦ୍ଧାଧିକ ଚାଷ କ୍ଷେତରେ ପତ୍ରପୋଡ଼ା ରୋଗ ଦେଖାଇ ଦେଇଥିବା ଜଣାପଡ଼ିଛି। କେତେକ ଗହୀରରେ ଏହି ରୋଗ ସମ୍ପୂର୍ଣ୍ଣ ବ୍ୟାପିଯାଇଥିବା ବେଳେ ଏନେଇ ନୀଳାଚଳ କୃଷକ ମହାସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଥିଲା। ପରେ ଡେଲାଙ୍ଗ ବ୍ଲକ୍ କୃଷି ବିଭାଗ ତତ୍ପରତା ଦେଖାଇବା ସହିତ ଅଧିକାରୀମାନେ ପ୍ରତିଦିନ ସଂକ୍ରମିତ କ୍ଷେତ ପରିଦର୍ଶନରେ ଯାଉଥିବା ଜଣାପଡ଼ିଛି। ବୁଧବାର ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ସୂର୍ଯ୍ୟ ନାରାୟଣ ମିଶ୍ର, ଚାରା ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ସାକ୍ଷୀଗୋପାଳର କର୍ମଚାରୀ ସ୍ମୃତିମୟୀ ମିଶ୍ର, ବ୍ଲକ୍ କୃଷି ଅଧିକାରିଣୀ ମାନସୀ ମଧୁଭାଷିନୀ ପଶାୟତ, ସହକାରୀ କୃଷି ଅଧିକାରୀ ମନୋଜ ବାରିକ, ବ୍ଲକ୍ ବୈଷୟିକ ପରିଚାଳକ



ଜ୍ଞାନରଞ୍ଜନ ହରିଚନ୍ଦନ ପ୍ରମୁଖ ସଂକ୍ରମିତ କ୍ଷେତ ପରିଦର୍ଶନ କରିବା ସହିତ ବିଭିନ୍ନ ଚାଷୀଙ୍କୁ ଏହାର ନିରାକରଣ ସମ୍ପର୍କରେ ପରାମର୍ଶ ଦେଇଛନ୍ତି। ଏହି ପତ୍ରପୋଡ଼ା ରୋଗ ଗୋଟିଏ ଜୀବାଣୁଜନିତ ହୋଇଥିବାବେଳେ ଏହି ରୋଗ ହେଲେ ପତ୍ରର ଉଭୟ ଧାର ଉପରୁ ତଳ ପଟକୁ ଅଙ୍କାବଙ୍କା ହୋଇ ହଳଦିଆ କିମ୍ବା ନଡ଼ା ରଙ୍ଗର ହୋଇଯାଏ। ଧାନ ପିଲ ମାରିବା ଅବସ୍ଥାରେ ୨ରୁ ୫ ପ୍ରତିଶତ ପତ୍ର ଆକ୍ରାନ୍ତ ହେଉଥିବାବେଳେ ଏହାର ନିରାକରଣ ନିମନ୍ତେ ଯବକ୍ଷାରଜାନ ଜାତୀୟ ସାର ଯଥା- ୟୁରିଆ ପ୍ରୟୋଗ କମ୍ କରି ଜମି ନିମନ୍ତେ ଆବଶ୍ୟକ ପଡୁଥିବା ସାର ୨ରୁ ୩ ଥରରେ ପ୍ରୟୋଗ କରିବା ଆବଶ୍ୟକ। ସେହିପରି ଗର୍ଭ ସଞ୍ଚାରଠାରୁ ମା' ପତ୍ର ଆସିବା ପର୍ଯ୍ୟନ୍ତ ଅଳ୍ପରୁ ମଧ୍ୟମ ଧରଣରେ ଏହି ରୋଗ ବ୍ୟାପୁଥିବାବେଳେ ଯବକ୍ଷାରଜାନ ଜାତୀୟ ସାର ସମ୍ପୂର୍ଣ୍ଣ ବାରଣ କରିବାକୁ କୃଷି ବିଭାଗ ପରାମର୍ଶ ଦେଇଛନ୍ତି। ଏହି ରୋଗର ନିରାକରଣ ନିମନ୍ତେ ୟୁରିଆ ସାରର ବ୍ୟବହାର କମ୍ କରିବା ସହିତ ଏକର ପିଛା ୨୦ କେଜି ପଟାସ ସାର ପ୍ରୟୋଗ କରିବା ଆବଶ୍ୟକ। ସେହିପରି ପ୍ରତି ୧୦ ଦିନ ଅନ୍ତରରେ ୩ରୁ ୪ଥର ଗୋବରକୁ ପାଣିରେ ଭଲ ଭାବେ ଗୋଳାଇ ଏହାକୁ ଜମିରେ ସିଞ୍ଚନ କରିବା ଦ୍ୱାରା ପତ୍ରପୋଡ଼ା ରୋଗ ନିରାକରଣ ହୋଇଥାଏ। ଯେଉଁ ଚାଷୀଙ୍କର ଏହି ଜୈବିକ ପଦ୍ଧତିରେ ଧାନ ଗଛରୁ ସଂକ୍ରମଣ କମିବ ନାହିଁ ସେମାନେ ବ୍ଲକ୍ କୃଷି ବିଭାଗ ସହିତ ଯୋଗାଯୋଗ କରିବା ଦ୍ୱାରା ୫୦ ପ୍ରତିଶତ ରିଆତିରେ ଆବଶ୍ୟକୀୟ ଔଷଧ ଯୋଗାଇ ଦିଆଯିବ ବୋଲି ବ୍ଲକ୍ ସହକାରୀ କୃଷି ଅଧିକାରୀ ଶ୍ରୀ ବାରିକ ସୂଚନା ଦେଇଛନ୍ତି।

# ବରୋଦା ବ୍ୟାଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ପିପିଲି,୧୫।୧୦(ସମିସ): ପିପିଲି ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁରଠାରେ ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଶାଖା ପକ୍ଷରୁ ସଂପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରୋଦା ବ୍ୟାଙ୍କ ଜୋନାଲ ଭିଜିଲାନ୍ସ ଭୁବନେଶ୍ୱର ଜୋନ୍‌ର ମୁଖ୍ୟ ଦୀପିକା କ୍ରିଷ୍ଣନ, ଜୋନାଲ ଭିଜିଲାନ୍ସ ଅଫିସର ସନ୍ତୋଷ ବେହେରା, ମଙ୍ଗଳପୁର ଶାଖା ପରିଚାଳକ ଶକ୍ତି ପ୍ରସନ୍ନ ସେଠୀ, ସ୍ଥାନୀୟ ସରପଞ୍ଚ ଝରଣା ବରାଳଙ୍କ ଉପସ୍ଥିତିରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସତର୍କତା ଓ ସାଇବର ସୁରକ୍ଷା ସଚେତନତା ଉପରେ ଆଲୋଚନା କରାଯାଇଥିଲା। ସାଧାରଣ ଜନତାଙ୍କୁ ଆର୍ଥିକ ଅଭ୍ୟାସ ସମ୍ପର୍କରେ ଅବଗତ କରାଇବା, ଅନ୍‌ଲାଇନ୍ ଠକେଇକୁ ରୋକିବା, ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ସଚ୍ଚୋଟତା ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। ଏଥିସହିତ ମନୀମୁଲ ଆକାଉଣ୍ଟ ସାଇବର ଅପରାଧ ଏବଂ ଠକେଇ ଯେପରିକି ଓଟିପି ସେୟାରିଙ୍ଗ୍ ସମ୍ପର୍କରେ ଫିସିକଲ, ନକଲି ୱେବ୍‌ସାଇଟ୍ ଲିଙ୍କ୍, ଋଣ ପାଇଁ ନକଲି ଆପ୍, ନିଯୁକ୍ତି, ଲଟେରୀ ପୁରସ୍କୃତ ଆଦି ସମ୍ପର୍କରେ ପ୍ରତିରୋଧ ସତର୍କତା ଏବଂ ଦୁର୍ନୀତି ବିରୁଦ୍ଧରେ ସେମାନଙ୍କର ଲଢ଼େଇରେ ଅଂଶଗ୍ରହଣର ଗୁରୁତ୍ୱ ବିଷୟରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ସାଇବର ଠକେଇ ମାମଲାରେ ଅଭିଯୋଗ ଦାଖଲ ପାଇଁ ଜାତୀୟ ସାଇବର ଅପରାଧ ହେଲ୍ପ ଲାଇନ୍ ନମ୍ବର ୧୯୩୦କୁ ଗ୍ରାମବାସୀଙ୍କ ସହିତ ସେୟାର କରାଯାଇଥିଲା।

# ଦୈନିକ ପରିବା ହାଟର ଉନ୍ନତୀକରଣ ନିମନ୍ତେ ମାପଚୁପ

ଚାରିଛକ,୧୫।୧୦(ସମିସ): ଚାରିଛକ ବଜାରରେ ଥିବା ଦୈନିକ ପରିବା ହାଟର ଉନ୍ନତୀକରଣ ନିମନ୍ତେ ବୁଧବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ମାପଚୁପ କରାଯାଇଛି। ସ୍ଥାନୀୟ ଆର୍‌ଆଇ ପାର୍ଥସାରଥି ସେଠୀ, ଅମିନ ବିଶ୍ୱ ରଞ୍ଜନ ପ୍ରଧାନ, ଅକ୍ଷୟ ସାହୁ, ବ୍ଲକ୍ କନିଷ୍ଠ ଯନ୍ତ୍ରୀ ବିଜୟଲକ୍ଷ୍ମୀ ମହାପାତ୍ର, ସୁପରଭାଇଜର ଅନୁସୂୟା ମଲ୍ଲିକ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପ୍ରଶାନ୍ତ ବେହେରା, ବଜାର କମିଟି ସଭାପତି ସନ୍ତୋଷ ପ୍ରଧାନଙ୍କ ଉପସ୍ଥିତିରେ ବୁଧବାର ଦୈନିକ ହାଟ ମପାଯାଇ ସୀମା ଚିହ୍ନଟ କରାଯାଇଛି। ଏଠାରେ ସୂଚନା ଥାଉକି, ଗତ ମାସ ୨୦ ତାରିଖରେ ନିମାପଡ଼ା ତହସିଲ୍‌ଦାର ଡ. ମନୋଜ କୁମାର ପ୍ରଧାନ ପରିଦର୍ଶନରେ ଆସି ଦୈନିକ ହାଟର ଉନ୍ନତୀକରଣ ନିମନ୍ତେ ସ୍ଥାନୀୟ ବିଡିଓ ଏବଂ ଚାରିଛକ ଥାନାକୁ ଚିଠି ମାଧ୍ୟମରେ ଜଣାଇବା ପରେ ଗତମାସ ୨୬ ତାରିଖ ଦିନ ମାପଚୁପ କରାଯିବା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ମାତ୍ର ବର୍ଷା ଯୋଗୁଁ ସେଦିନ ମାପକୁ ସ୍ଥଗିତ ରଖାଯାଇ ବୁଧବାର ମାପଚୁପ କରାଯାଇ ସୀମା ନିର୍ଦ୍ଧାରଣ କରାଯିବା ପରେ ତହସିଲ୍‌ଦାରଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଆର୍‌ଆଇ କହିଛନ୍ତି। ଏହି ମାପ ସମୟରେ ଚାରିଛକ ଥାନା ଏଏସ୍‌ଆଇ ଇନ୍ଦୁଲତା ମିଶ୍ର, ଏଏସ୍‌ଆଇ ସବିତା କୁମାରୀ ଦେବୀଙ୍କ ସମେତ ଦୈନିକ ହାଟର ବ୍ୟବସାୟୀମାନେ ଉପସ୍ଥିତ ଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ବଲଙ୍ଗା,୧୫।୧୦(ସମିସ): ବଲଙ୍ଗା ଥାନା ଅନ୍ତର୍ଗତ ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା ଆସୁଥିବାବେଳେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ଜଣକ ହେଲେ ନୂଆସାହି ଗ୍ରାମର ବିଶ୍ୱନାଥ ମହାପାତ୍ର। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଜଣେ ରୋଷେୟା ହୋଇଥିବାରୁ ଗତ ୧୩ ତାରିଖରେ ନରୁଡ଼ା ଗ୍ରାମରେ ରୋଷେଇ ସାରି ରାତି ୯ଟାରେ ସହଯୋଗୀ ଓମ୍ ପ୍ରକାଶ ସେଠୀଙ୍କ ସହିତ ଘରକୁ ଫେରୁଥିଲେ। ଏହି ସମୟରେ ନୂଆସାହି ଛକରେ ପ୍ରଧାନସାହିର ମା' ଗଜଲକ୍ଷ୍ମୀଙ୍କ ଭସାଣି ଶୋଭାଯାତ୍ରା ଆସୁଥିଲା। ସୂର୍ଯ୍ୟକାନ୍ତ ପ୍ରଧାନ (ଲକି) ତାଙ୍କୁ ଦେଖି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ତାଙ୍କ ଗାଡ଼ିକୁ ଅଟକାଇଥିଲେ। ସେ ପଚାରିବାରୁ ଗାଳିଗୁଲଜ କରିବା ସହ ମୁଣ୍ଡକୁ ଧରିଥିବା ମାରଣାସ୍ତ୍ରରେ ଆଘାତ ଦେଇଥିଲେ। ଘଟଣାସ୍ଥଳରେ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ତୁରନ୍ତ ତାଙ୍କ ସହଯୋଗୀ ଓମ୍‌ପ୍ରକାଶ ଉଦ୍ଧାର କରି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇଥିଲେ। ଏନେଇ ବଲଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ୨୨୫/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ବିପୁଳ ପରିମାଣର ବାଣ ଜବତ, ୨ ଗିରଫ

ବ୍ରହ୍ମଗିରି,୧୫।୧୦(ସମିସ): ଦୀପାବଳି ପାଇଁ ସକ୍ରିୟ ହୋଇ ପଡ଼ିଛନ୍ତି ବେଆଇନ ବାଣ ବ୍ୟବସାୟୀ। ଏହାକୁ ରୋକିବା ପାଇଁ ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ପୁଲିସ ତନାଘନା ଆରମ୍ଭ କରିଛି। କୃଷ୍ଣପ୍ରସାଦ ଥାନା ପୁଲିସ ଉପଖଣ୍ଡ ଅଧିକାରୀ ଭାବଗ୍ରାହୀ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୃଷ୍ଣପ୍ରସାଦ ବଜାରର ଦୁଇଟି ଦୋକାନରୁ କିଛି ବିସ୍ଫୋରକ ପଦାର୍ଥ, ଫୋଟକା ବିକ୍ରି ଉଦ୍ଦେଶ୍ୟରେ ସଞ୍ଚୟ କରି ରଖିଥିବା ବାଣ ସହିତ ଦୁଇ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫଦ୍ୱୟ ହେଲେ କୃଷ୍ଣପ୍ରସାଦ ଇପିଙ୍ଗାର ଅଶେଷ ପାତ୍ର (୪୮) ଓ କୈଳାଶ ଚନ୍ଦ୍ର ପରିଡ଼ା(୫୫)। ସେ ଦୁହିଁଙ୍କଠାରୁ ବିପୁଳ ପରିମାଣର ବାଣ ଜବତ କରାଯାଇଛି। ଉକ୍ତ ଦୁଇ ଜଣଙ୍କୁ ପୁଲିସ ଗିରଫ କରିବା ପରେ ସମଗ୍ର କୃଷ୍ଣପ୍ରସାଦରେ ବାଣ ବ୍ୟବସାୟୀଙ୍କ ମନରେ ଛନକା ପଶିଥିବା ଜଣାଯାଇଛି।

# ହାତୁଡ଼ି ପାହାରରେ ଫାଟିଲା ମୁଣ୍ଡ


ନୟାହାଟ,୧୫।୧୦(ସମିସ): ହାତୁଡ଼ି ପାହାରରେ ଜଣେ ଯୁବକଙ୍କ ମୁଣ୍ଡ ଫାଟି ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ନରସିଂହପୁର ଶାସନ ଗ୍ରାମର ଅମର ପ୍ରସାଦ ମାଳତୀ (୨୨)। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁର ଛକରେ ମାନସ ପ୍ରଧାନଙ୍କ ଗ୍ୟାରେଜରେ ନରସିଂହପୁର ଶାସନ ଗ୍ରାମର ଅମର ପ୍ରସାଦ ମାଳତୀ (୨୨) ଗାଡ଼ି ମରାମତି କରୁଥିଲେ। ଏହି ସମୟରେ କୌଣସି କାରଣରୁ ଖଣିଜିପୁର ପ୍ରଧାନସାହି ଗ୍ରାମର କେଦାର ନାୟକ ତାଙ୍କୁ ଗାଳିଗୁଲଜ କରିବା ସହିତ ସାଙ୍ଗରେ ନେଇଥିବା ଲୁହା ହାତୁଡ଼ିରେ ଅମରଙ୍କ ମୁଣ୍ଡକୁ ତିନି ଥର ଶକ୍ତ ପ୍ରହାର ଦେବା ଫଳରେ ସେଠାରେ ସେ ରକ୍ତାକ୍ତ ଅବସ୍ଥାରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଅମରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଚାରିଛକ ଓ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଜଣକ ଫେରାର୍ ଅଛି।










# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'










ନିମାପଡ଼ା,୧୫।୧୦(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ତୁଳସୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ପ୍ରତିଯୋଗିତା-୨୦୨୫ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରବୀନ୍ଦ୍ର କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ମୁଖ୍ୟବକ୍ତାଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ପ୍ରାଧ୍ୟାପକ ପଞ୍ଚାନନ ସାହୁ, ସ୍ଥାନୀୟ ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦ୍ୱିଜବର ମୁଦୁଲି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ତ୍ରିପାଠୀ, ପ୍ରଧାନଶିକ୍ଷୟିତ୍ରୀ ସବିତା ମହାନ୍ତି, ସମିତିସଭ୍ୟାଙ୍କ ପ୍ରତିନିଧି ପ୍ରକାଶ ସାହୁ, ଅରକ୍ଷୀତ ଭୋଇ ପ୍ରମୁଖ ଯୋଗଦେଇ ଏହା ଦ୍ୱାରା ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣ ପରିପ୍ରକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରତିଯୋଗିତାରେ କ୍ଲଷ୍ଟରର ୧୨ଟି ବିଦ୍ୟାଳୟର ୧୫୦ ଛାତ୍ରଛାତ୍ରୀ ବିଭିନ୍ନ ବିଭାଗରେ ଭାଗ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ତ୍ରିଲୋଚନ କର ସଂଯୋଜନା କରିଥିବାବେଳେ ଶିକ୍ଷକ ବିଷ୍ଣୁ ମୋହନ ପାତ୍ର, ତୋଫାନ ପାତ୍ର, ଶିକ୍ଷୟିତ୍ରୀ ସୁଧାରାଣୀ ସାହୁ, ମମତାମୟୀ ମିଶ୍ର, ନିବେଦିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

**ଚାରିଛକ :** ଚାରିଛକସ୍ଥିତ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନସ୍ୱିନୀ ଲେଙ୍କାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଅଡ଼ଶପୁର ଉଦୟନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ, ମୁଖ୍ୟବକ୍ତାଭାବେ ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମିତ୍ରା ମହାପାତ୍ର, ସମ୍ମାନିତ ଅତିଥିଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ମଧୁସୂଦନ ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋରଞ୍ଜନ ମହାପାତ୍ର, ଭୋଦର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ କର, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଜେନା, ପରିଚାଳନା କମିଟି ସଦସ୍ୟ ଇନ୍ଦ୍ରମଣୀ ସାହୁ, ପ୍ରାକ୍ତନ ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ଡ. କେଦାରନାଥ ସାହୁ, ଶିକ୍ଷକ ନୃସିଂହ ନାରାୟଣ ତ୍ରିପାଠୀ, ଜ୍ୟୋତି ରଞ୍ଜନ କୁଣ୍ଡ, ଚିନ୍ମୟ ମିଶ୍ର, ଅନ୍ନପୂର୍ଣ୍ଣା ସ୍ୱାଇଁ, କୃପାସିନ୍ଧୁ ସ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ୧୬ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇଥିଲେ।

**ପିପିଲି :** ପିପିଲି ବ୍ଲକ୍ ନିର୍ମଳା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସିଆର୍‌ସିସି ଭଗବାନ ସାହୁ, ସ୍କୁଲ ସଭାପତି ସର୍ବେଶ୍ୱର ସାହୁ, ବିଜୟ ସାହୁ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ୮୦ ଜଣ ଛାତ୍ରଛତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ସନ୍ତୋଷ ବେହେରା, ମଳୟ ମହାନ୍ତି, ସୁନିତା ମହାପାତ୍ର, ହରପ୍ରିୟା ତାଡ଼, ବିବେକାନନ୍ଦ ବାରିକ, ଏକାଦଶୀ ବେହେରା, ସୁରେନ୍ଦ୍ର ନାୟକ, ସୁଦର୍ଶନ ବରାଳ ଆଦି ପରିଚାଳନା କରିଥିବାବେଳେ ବିଚାରକ ଭାବରେ ପ୍ରଦୀପ ମାଝୀ, ଅମିତା କର, ପ୍ରାଚୀ ପ୍ରଧାନ, ସୁଶାନ୍ତ ବେହେରା, ପ୍ରସନ୍ନ ବେହେରା ଯୋଗଦେଇଥିଲେ।

**ସାକ୍ଷୀଗୋପାଳ :** ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଖପାଖ ୧୦ଟି ବିଦ୍ୟାଳୟର ୧୪୦ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପାଠପଢ଼ା ବ୍ୟତୀତ ସେମାନଙ୍କ ଭିତରେ ରହିଥିବା ଅନ୍ତର୍ନିହିତ ପ୍ରତିଭାର ସଫଳ ପ୍ରଦର୍ଶନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସଫଳ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସତ୍ୟବାଦୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରଥମ, ମୂଳ ଅଳସା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନଙ୍କ ମଧ୍ୟରେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅମିତା ସେନାପତି, ପରିଚାଳନା କମିଟି ସଭାପତି ଚକ୍ରଧର ମହାରଣା, ସହକାରୀ ଶିକ୍ଷୟିତ୍ରୀ ବୈଜୟନ୍ତୀ ମିଶ୍ର, ବନ୍ଦନା ଦାଶ, ସିଆର୍‌ସିସି ପାର୍ଥସାରଥୀ ଦାଶ, ତପସ୍ୱିନୀ ତ୍ରିପାଠୀ, ଶିକ୍ଷକ ବସନ୍ତ କୁମାର ସ୍ୱାଇଁ ଯୋଗଦେଇଥିଲେ। କ୍ଲଷ୍ଟର ଅନ୍ତର୍ଭୁକ୍ତ ଶିକ୍ଷକଙ୍କ ସହିତ ନୃତ୍ୟ ଗୁରୁ ଚିରସ୍ରୋତା ଖୁଣ୍ଟିଆ ଓ ଅବସରପ୍ରାପ୍ତ ସିଆର୍‌ସିସି ଦିଗମ୍ବର ରଥ ବିଚାରକ ଭାବରେ ଯୋଗଦେଇଥିଲେ।

୧୫/୧୦/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୫୧,୨୬୬/- ସୁନା: ୦୮.୯୦୦ ଗ୍ରାମ୍ ରୁପା: ୦୪.୯୦୦ ଗ୍ରାମ୍



## ଅନ୍‌ଲାଇନ୍ ସାଜିଛି ମାଧ୍ୟମ
# ମହାପ୍ରସାଦ ନାଁ ନେଇ ବେପାର

ପୁରୀ,୧୫।୧୦(ସମିସ)

ମହାପ୍ରଭୁଙ୍କ ପ୍ରତି ବିଶ୍ୱବ୍ୟାପୀ ଭକ୍ତଙ୍କ ଗଭୀର ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ରହିଛି। ବିଭିନ୍ନ ସମୟରେ ଭକ୍ତଙ୍କ ଭାବାବେଗର ଫାଇଦା ଉଠାଇଛନ୍ତି ଅନେକ ବ୍ୟକ୍ତି। ସେମାନେ ମହାପ୍ରଭୁଙ୍କ ନାଁ ଯୋଡ଼ି ବ୍ୟକ୍ତିଗତ ଭାବେ ଲାଭବାନ ହେଉଥିବା ଅନେକ ନଜିର୍ ରହିଛି। ବିଭିନ୍ନ ଅନ୍‌ଲାଇନ୍ ସପିଙ୍ଗ୍ କମ୍ପାନୀ ମହାପ୍ରସାଦ, ଶୁଖିଲି ଭୋଗ, ନୀଳଚକ୍ର ବାନା ଆଦି ବିକ୍ରି କରୁଛନ୍ତି। ଅନ୍‌ଲାଇନ୍‌ରେ ଏଭଳି ଶବ୍ଦ କିମ୍ବା ଫଟୋର ବ୍ୟବହାର ବାରଣ କରାଯାଇଛି। କିନ୍ତୁ ଏଯାଏ ଆଇନ ହୋଇନାହିଁ କି ଶ୍ରୀମନ୍ଦିର ଶବ୍ଦାବଳୀ ପେଟେଣ୍ଟ ହୋଇ ନ ଥିବାରୁ କିଛି ବ୍ୟବସାୟଖୋର୍ ବ୍ୟକ୍ତିବିଶେଷ ଏହାର ଫାଇଦା ଉଠାଇ ମନଇଚ୍ଛା ଭକ୍ତଙ୍କ ଭାବାବେଗକୁ ବ୍ୟବସାୟର ଅସ୍ତ୍ର ସଜାଇଛନ୍ତି। କିଛି ଅନ୍‌ଲାଇନ୍ ସପିଙ୍ଗ୍ କମ୍ପାନୀ ଅମାନିଆ ହେଉଛନ୍ତି। ସେମାନେ ମହାପ୍ରଭୁଙ୍କ ନୀତିକାନ୍ତି ସହ ବିଭିନ୍ନ ଦ୍ରବ୍ୟ ଯେପରିକି ମହାପ୍ରସାଦ, ଶୁଖିଲି ଭୋଗ, ପତିତପାବନ ବାନା ଆଦିକୁ ଅନ୍‌ଲାଇନ୍‌ରେ ବିକ୍ରି କରିବା ଲାଗି ବିଜ୍ଞାପନ ଦେଉଛନ୍ତି। ମହାପ୍ରସାଦ ନାଁରେ ମୁନାଫା କମାଇବାର ମାଧ୍ୟମ ସାଜିଛି ଏବେ ଅନ୍‌ଲାଇନ୍। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜେଲ୍‌ଦଣ୍ଡର ଭୟ ଦେଖାଯାଇଛି। ସେବାୟତମାନେ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ତଥାପି ଅନ୍‌ଲାଇନ୍‌ରେ ମହାପ୍ରସାଦ ନାଁରେ ବ୍ୟବସାୟ କରିବାର ମୋହ ଭଙ୍ଗ ହୋଇନାହିଁ। ପୁଣି ଏକ ସଂସ୍ଥା ସୋସିଆଲ ମିଡିଆରେ ଅନ୍ନପ୍ରସାଦ ଅର୍ଡର ଦେବାକୁ ନିବେଦନ କରିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସ୍ୱିଗି ପରି ଏକ ବ୍ରାଣ୍ଡ ଅନ୍‌ଲାଇନ୍ ଫୁଡ୍ ଡେଲିଭରୀ ସଂସ୍ଥା ନାଁରେ ଏବେ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ଭାଇରାଲ ହେଉଛି। ଏଥିରେ ଅନ୍ନପ୍ରସାଦ ମୂଲ୍ୟ ସୂଚିତ କରାଯାଇଛି। କାର୍ତ୍ତିକ ମାସ ପାଇଁ ବିଶେଷ ରିଆତି ରହିଛି, ଯାହାର ମୂଲ୍ୟ ୪୯ ଟଙ୍କା ବୋଲି କୁହାଯାଇଛି। ଯଦିଓ ମହାପ୍ରସାଦ ନ କହି ଅନ୍ନପ୍ରସାଦ ଲେଖା ରହିଛି କିନ୍ତୁ ଶ୍ରୀମନ୍ଦିର ଅବଢ଼ା ଏବଂ କୁଡୁଆ ଭଳି ଚିତ୍ର ରହିଛି। ଜଗନ୍ନାଥ ମନ୍ଦିର ଅନ୍ନପ୍ରସାଦ ସହିତ ମା' ତାରିଣୀ ଅନ୍ନପ୍ରସାଦ, ପ୍ରସାଦମ୍ ଟେମ୍ପଲ ଅନ୍ନପ୍ରସାଦ ଓ ବାବା ଆଖଣ୍ଡଳମଣି ଅନ୍ନପ୍ରସାଦ ଡେଲିଭରୀ ପାଇଁ ବ୍ୟବସ୍ଥା ରହିଥିବା ଦର୍ଶାଯାଇଛି। ମହାପ୍ରଭୁଙ୍କ ମହାପ୍ରସାଦ ନାଁ ନ ନେଇ ଅନ୍ନପ୍ରସାଦ କହି ଭକ୍ତଙ୍କ ନିକଟରେ ପହଞ୍ଚାଇବା ଅର୍ଥ ଭକ୍ତଙ୍କ ଭାବାବେଗ ସହ ଖେଳିବା। ମାଛ, ମାଂସ ବିକା ଯାଉଥିବା ପ୍ଲାଟ୍‌ଫର୍ମରେ ଅନ୍ନପ୍ରସାଦ ବିକାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ବାରମ୍ବାର ଏଭଳି ଦୃଶ୍ୟ ସାମ୍ନାକୁ ଆସୁଥିବା ସତ୍ତ୍ୱେ ଏହାକୁ ରୋକିବାରେ ସାଇବର ଥାନା କାହିଁକି ଫେଲ୍ ମାରିଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନ୍‌ଲାଇନ୍‌ରେ ଶ୍ରୀମନ୍ଦିର ନାଁ ଯୋଡ଼ି ବିକ୍ରି କରାଯାଉଥିବା ସାମଗ୍ରୀର ଶୁଦ୍ଧତା କିଏ ପରଖୁଛି। ବିଗତ ଦିନରେ ଏମିତି ଅନେକ ଜିନିଷ ମହାପ୍ରଭୁଙ୍କ ନାଁ ଯୋଡ଼ି ବିକ୍ରି କରାଯିବାର ନଜିର ରହିଛି। ସେହିପରି ମହାପ୍ରସାଦ, ଶୁଖିଲି ଭୋଗ ମଧ୍ୟ ଅଧିକ ଦାମ୍‌ରେ ବିକ୍ରି କରାଯାଉଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ଶବ୍ଦାବଳୀର ପେଟେଣ୍ଟ ହେବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା ଏଯାଏ ହୋଇ ନ ଥିବାରୁ ଶ୍ରୀମନ୍ଦିର ଶବ୍ଦାବଳୀର ବ୍ୟବହାର କରୁଥିବା ଅନୁଷ୍ଠାନ ଉପରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରୁ ନାହିଁ। ଏ କାର୍ଯ୍ୟରେ ଶ୍ରୀମନ୍ଦିର ପ୍ରଶାସନ ଯେତେ ହେଳା କରିବ, ଅସାମାଜିକ ବ୍ୟକ୍ତିବିଶେଷ ଏହାର ଫାଇଦା ସେତେଦିନ ଯାଏ ନେଉଥିବେ।

## ମହାପ୍ରଭୁଙ୍କର ହେଲା ବନକଲାଗି

ପୁରୀ,୧୫।୧୦(ସମିସ): ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁଙ୍କ ବନକଲାଗି କରାଯାଇଛି। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଜୟ ବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟା ୨୦ରେ ଦ୍ୱିପ୍ରହର ଧୂପ ସରିଥିଲା। ଏହାପରେ ମଇଲମ ତଡ଼ପଲାଗି ହୋଇ ସନ୍ଧ୍ୟା ୫ଟା ୫୫ରେ ପହୁଡ଼ ଆଳତି ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୬ଟା ୧୦ରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବା ଲାଗି ପ୍ରବେଶ କରିଥିଲେ। ପ୍ରାକୃତିକ ପ୍ରଣାଳିରେ ତିଆରି ପ୍ରସାଧନରେ ଦାରୁବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧନ ପ୍ରସ୍ତୁତ କରିଥିଲେ। ବନକଲାଗି ନୀତି ପରେ ମହାସ୍ନାନ ହୋଇ ଅନ୍ୟାନ୍ୟ ନୀତି ଚାଲିଥିଲା। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ। ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢ଼ାହୁଏ ତା'ର ଗରମ ବାଷ୍ପ ଯୋଗୁଁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁଁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।

## ପୋଷଣ କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ଶ୍ରେଷ୍ଠ
# ଉପଯୁକ୍ତ ପୋଷଣ ଶିଶୁକୁ ସୁସ୍ଥ ଓ ନିରୋଗ ରଖିଥାଏ

ପୁରୀ,୧୫।୧୦(ସମିସ): ଉପଯୁକ୍ତ ପୋଷଣ ଶିଶୁକୁ ସୁସ୍ଥ ଓ ନିରୋଗ ରଖିବା ସହ ତା'ର ମାନସିକ ସୁସ୍ଥତା ପାଇଁ ସହାୟକ ହୋଇଥାଏ। ସେଥିପାଇଁ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବରରୁ ଅକ୍ଟୋବର ମାସ ମଧ୍ୟରେ ପୋଷଣ ମାହ ବା ମାସର ଆୟୋଜନ କରାଯାଇଥାଏ। ଏହାଦ୍ୱାରା ଉପଯୁକ୍ତ ପୋଷଣ ସମ୍ପର୍କରେ ସଚେତନତା ସୃଷ୍ଟି ସହ ଏହାକୁ ଯେପରି ଲୋକାଭିମୁଖୀ କରାଯିବ ସେଥିପ୍ରତି ବ୍ୟବସ୍ଥା କରାଯାଇଥାଏ। ବ୍ଲକ୍‌ସ୍ତରରୁ ଜିଲ୍ଲା ଓ ଜିଲ୍ଲାସ୍ତରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ପୋଷଣର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ। କନ୍‌ଭର୍‌ଜେଣ୍ଟ ଆକ୍ସନ ଓ ଡିଜିଟାଇଜେସନ, ଏର୍ଲି ଚାଇଲ୍ଡହୁଡ୍ କେୟାର ଓ ଏଜୁକେସନ, ଇନ୍‌ଫାନଟ୍ ଓ ୟଙ୍ଗ୍ ଚାଇଲ୍ଡ ଫିଡ୍ ପ୍ରାକ୍ଟିସ୍, ମେନ୍ ଷ୍ଟ୍ରିମିଂ, ଆଡ୍‌ରେସ ଓବେସିଟି ଓ ଭୋକାଲ ଫର୍ ଲୋକାଲ ଏହିଭଳି ୬ଟି ବିନ୍ଦୁକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆଜିର ରାଜ୍ୟସ୍ତରୀୟ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାହ ବା ମାସ ୨୦୨୫ କାର୍ଯ୍ୟକ୍ରମରେ ବିଭିନ୍ନ ପୋଷଣ କାର୍ଯ୍ୟକଳାପରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରୀ ଜିଲ୍ଲାକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ମଧ୍ୟରେ ପୋଷଣର ମୁଖ୍ୟ ଚିହ୍ନଟ ପ୍ରଣାଳୀରେ ମଧ୍ୟ ପୁରୀ ଜିଲ୍ଲା ପ୍ରଥମ ସ୍ଥାନ ହାସଲ କରିଛି। ବୁଧବାର ଭୁବନେଶ୍ୱର ଲୋକସଭା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଓ ନିର୍ଦ୍ଦେଶକ ମନୀଷା ବାନାର୍ଜୀଙ୍କଠାରୁ ଏହି ପୁରସ୍କାରକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଓ ପୋଷଣର ଜିଲ୍ଲା ସଂଯୋଜକ ସସ୍ମିତା କର୍ମକାର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମାଜ କଲ୍ୟାଣ ଅଧିକାରୀ ଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତାକୁ ପାଥେୟ କରି ଆଗକୁ ଆହୁରି ଅଧିକ କାର୍ଯ୍ୟ କରି ଜିଲ୍ଲାର ସୁନାମ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଡକାୟତି ଯୋଜନା ପଣ୍ଡ; ୫ ଗିରଫ

ପୁରୀ,୧୫।୧୦(ସମିସ): ଏକ ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୫ ଜଣଙ୍କୁ ଗିରଫ କରିଛି ସମୁଦ୍ରକୂଳ ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ ଧୋବାଖାଲ ତାରିଣୀ ବସ୍ତିର କାର୍ତ୍ତିକ ରାଉତ, ଚନ୍ଦନପୁର ବଳଭଦ୍ରପୁରର ସୁରେଶ ଦାସ, ସିଦ୍ଧମହାବୀରର ରଞ୍ଜନ ବେହେରା, ପେଣ୍ଠକଟା ହରଚଣ୍ଡୀ ନଗରର ଶିବା ରେଡ୍ଡୀ ଓ ବାଲିନୋଳିଆ ସାହିର ବି. ଶଙ୍କର। ଅଭିଯୋଗ ଅନୁଯାୟୀ, ଏମାନେ ଅର୍ବାନ ହାଟ ନିକଟ ଗୋଶାଳାର ଏକ ପରିତ୍ୟକ୍ତ ଘରେ ବସି ମଙ୍ଗଳବାର ରାତିରେ ଡକାୟତି ଯୋଜନା କରୁଥିଲେ। ସମୁଦ୍ରକୂଳ ଥାନା ପାଟ୍ରୋଲିଂ କର୍ମଚାରୀ ରାତି ପ୍ରାୟ ସାଢ଼େ ୨ଟାରେ ସେଠାରେ ଚଢ଼ଉ କରିଥିଲେ। ପୁଲିସକୁ ଦେଖି ସେମାନେ ଖଣ୍ଡା, ଲୁହାରଡ୍ ଦେଖାଇ ଭୟଭୀତ କରିଥିଲେ। ସାମାନ୍ୟ ଧସ୍ତାଧସ୍ତି ପରେ ପୁଲିସ ୫ ଜଣଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ଗୋଟିଏ ଖଣ୍ଡା, ୨ଟି ଲୁହାରଡ୍, ଗୋଟିଏ ଫାଙ୍କା ବିୟର ବୋତଲ, ଲଙ୍କାଗୁଣ୍ଡ ପ୍ୟାକେଟ, ସିଗାରେଟ ଏବଂ ଦିଆସିଲି ଜବତ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୩୦୧/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ ବୁଧବାର କୋର୍ଟଚାଲାଣ କରାଯାଇଛି।

## ଏସ୍‌ସିଏସ୍‌ରେ ଆଲୋଚନାଚକ୍ର ଉଦ୍‌ଯାପିତ
# ୭୦ରୁ ଊର୍ଦ୍ଧ୍ୱ ଗବେଷକ, ଶିକ୍ଷାବିତ୍ ସାମିଲ୍

ପୁରୀ,୧୫।୧୦(ସମିସ): ସାମନ୍ତ ଚନ୍ଦ୍ର ଶେଖର(ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ 'ଆର୍ଟ, ଆର୍କିଟେକ୍‌ଚର ଆଣ୍ଡ କଲ୍‌ଚର ଅଫ୍ ଓଡ଼ିଶା: ବ୍ରିଂଗିଙ୍ଗ୍ ଟ୍ରାଡିସନ ଆଣ୍ଡ



ଗ୍ଲୋବାଲ ନାରେଟିଭ୍' ଶୀର୍ଷକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦ୍ୱିବେଦୀ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ଟାଟା ଗ୍ରୁପ୍ ଏଲ୍ ଆଣ୍ଡ ଡି ଡିଭିଜନ ମୁଖ୍ୟ ସୁଶ୍ରୀ କ୍ରିପିଆ ଏଙ୍ଗିଆ। ସମ୍ମାନିତ ଅତିଥି ଭାବେ ବକ୍ତବ୍ୟ ରଖିଥିଲେ ଶିଳ୍ପପତି ଗିରିଶ ଚନ୍ଦ୍ର ନାୟକ ଏବଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଡ. ହିମାଂଶୁ କୁମାର ମହାନ୍ତି। ଏହି ଆଲୋଚନାଚକ୍ରରେ ୭୦ରୁ ଊର୍ଦ୍ଧ୍ୱ ଗବେଷକ ଓ ଶିକ୍ଷାବିତ୍ ତାଙ୍କର ଚୟନ ବିଷୟବସ୍ତୁ ପାଠ କରିଥିଲେ। ରାଜ୍ୟ, ଦେଶ ତଥା ଦେଶ ବାହାରର ଅନେକ ଶିକ୍ଷାବିତ୍ ଏହି ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଏଭଳି ଏକ ପର୍ଯ୍ୟବେକ୍ଷଣମୂଳକ ପ୍ରଦର୍ଶନୀ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂଶିତ ହୋଇଛି। ଏହି ଉଦ୍‌ଯାପନୀ ସଭାକୁ ପରିଚାଳନା କରିଥିଲେ ପ୍ରଫେସର ଦୀପଶିଖା ରାଉତରାୟ ଏବଂ ଏହାର ସଂଯୋଜକ ଥିଲେ ପ୍ରଫେସର ରବୀନ୍ଦ୍ର କୁମାର ପ୍ରଧାନ। ଇଂରାଜୀ ସ୍ନାତକୋତ୍ତର ବିଭାଗ ମୁଖ୍ୟ ପ୍ରଫେସର ସସ୍ମିତା ପ୍ରାମାଣିକ ଉଦ୍‌ଯାପନୀ ସମ୍ଭାଷଣ ପାଠ କରିଥିଲେ। ସଭା ସାଙ୍ଗ ହେବାର ଘୋଷଣା ସହ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଫେସର ଶୁଭାଶିଷ ନନ୍ଦ। ଦୁଇଦିନ ଧରି କଲେଜ ପରିସର ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ଉପରେ ଆଧାରିତ ଜ୍ଞାନାତ୍ମକ ଆଲୋଚନା ଓ ପର୍ଯ୍ୟବେକ୍ଷଣମୂଳକ ପ୍ରତିଧ୍ୱନିରେ ମୁଖରିତ ହୋଇଉଠିଥିଲା।

## ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ
# କଠୋର ପରିଶ୍ରମ ଓ ସ୍ୱପ୍ନ ସଫଳତାର ମାର୍ଗ ଦେଖାଏ




ପୁରୀ,୧୫।୧୦(ସମିସ): ମାସିକ ଶିଶୁ ସମ୍ବାଦପତ୍ର ଶିଶୁ ସମାଚାର ପକ୍ଷରୁ ସୁଖଲତା ବାଳିକା ସ୍ମୃତି ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବ୍‌ଦୁଲ କଲାମଙ୍କ ଜୟନ୍ତୀରେ ବିଶ୍ୱ ବିଦ୍ୟାର୍ଥୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ମହନ୍ତ ଶୁଭାନନ୍ଦଜୀ ମହାରାଜ, ଉପଦେଷ୍ଟା ଚକ୍ରଧର ମହାପାତ୍ର, ପ୍ରଧାନଶିକ୍ଷୟିତ୍ରୀ ସୁଚରିତା ପ୍ରତିହାରୀ, ଶିକ୍ଷାବିତ୍ ଅବନିଶ ରଥ, ଶିବସୁନ୍ଦର ମିଶ୍ର, ସଂଘମିତ୍ରା ଦାସ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ କଠୋର ପରିଶ୍ରମ, ନିଷ୍ଠା, ସଂକଳ୍ପ ଓ ସ୍ୱପ୍ନ ବିଦ୍ୟାର୍ଥୀଙ୍କୁ ସଫଳତାର ମାର୍ଗ ଦେଖାଏ, ଯାହା କଲାମଙ୍କ କ୍ଷେତ୍ରରେ ଘଟିଥିଲା। ପ୍ରଥମ ପର୍ବରେ ଆଇନଜୀବୀ ତଥା ପରିଚାଳନା ମଣ୍ଡଳୀ ସଦସ୍ୟ ଶରତ କୁମାର ରାୟଗୁରୁ ଅବ୍‌ଦୁଲ କଲାମଙ୍କ ଉପରେ ଆଧାରିତ ପ୍ରଶ୍ନ ମଞ୍ଚ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ କଲାମଙ୍କ ଜୀବନୀ ପୁସ୍ତକ ବଣ୍ଟନ କରାଯାଇଥିଲା। ପ୍ରାରମ୍ଭରେ ଶିଶୁ ସମାଚାର ସମ୍ପାଦକ ସୁକାନ୍ତ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ପିଲାମାନଙ୍କୁ କଲାମଙ୍କ ବାଣୀ କହିଥିଲେ। ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ବକ୍ତୃତା (କନିଷ୍ଠ)ରେ ସଦ୍ୟାନ୍ତ ଶତପଥୀ, ଦିବ୍ୟାଶା ମିଶ୍ର, ଆଞ୍ଜେଲା ଅପୂର୍ବ ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ, ବରିଷ୍ଠ ବିଭାଗରେ ଅନୁଷ୍କା ମହାନ୍ତି, ଦିବ୍ୟାଂଶୀ ମହାପାତ୍ର, ଅନୁଷ୍କା ରାୟ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ, ଚିତ୍ରାଙ୍କନ କନିଷ୍ଠ ବିଭଗରେ ତ୍ରିସା କାନୁନ୍‌ଗୋ, ମୟଙ୍କ ସେନାପତି, ଅଭିଜିତ୍ ଦାସ ପ୍ରଥମ, ଦ୍ୱିତୀୟ, ତୃତୀୟ, ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ସନ୍ଦୀପ ଜେନା, ସମ୍ଭବ ହୋତା, ସଞ୍ଚିତା ପ୍ରିୟଦର୍ଶିନୀ ଦେବତା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଚିତ୍ରାଙ୍କନରେ ଦୁର୍ଗାମାଧବ କର, ସତ୍ୟ ପାଢ଼ୀ, ଶିବ ମହାରଣା ଓ ବକ୍ତୃତାରେ ଅବନିଶ ରଥ, ରେଣୁକା ମିଶ୍ର, ଶ୍ରୀୟାଶ୍ରୀ ପଣ୍ଡା, ଅନ୍ନପୂର୍ଣ୍ଣା ରଥ ବିଚାରକ ଭାବେ ଯୋଗଦେଇଥିଲେ। ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ଦେଇଥିଲେ।

# ପର୍ଯ୍ୟଟକ ଯାତାୟାତ ଓ ପାର୍କିଂ ବ୍ୟବସ୍ଥା ସୁଗମ ହେବ

ପୁରୀ,୧୫।୧୦(ସମିସ): ଆଗାମୀ ଦିନରେ ପୁରୀକୁ ଅଧିକ ସଂଖ୍ୟକ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନକୁ ଦୃଷ୍ଟିରେ ରଖି ସେମାନଙ୍କ ସୁଗମ ଯାତାୟାତ ନିମନ୍ତେ ବୁଧବାର ଏସ୍‌ପି ଅଫିସରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଭକ୍ତ ଓ ପର୍ଯ୍ୟଟକଙ୍କ ପାଇଁ ବିଭିନ୍ନ ପାର୍କିଂସ୍ଥଳ, ବସ୍‌ଷ୍ଟାଣ୍ଡ ଓ ଅନ୍ୟାନ୍ୟ ପ୍ରବେଶସ୍ଥଳରୁ ସହଜ ଯାତାୟାତ ବ୍ୟବସ୍ଥା କେମିତି କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଅଟୋ ଏବଂ ବସ୍ ସେବା ପାଇଁ ନିର୍ଦ୍ଧାରିତ ଭଡ଼ା ତାଲିକା ପ୍ରସ୍ତୁତ କରାଯିବ। କେହି ଅଧିକ ଭଡ଼ା ନେବେ ନାହିଁ। ପର୍ଯ୍ୟଟକ ଯାତାୟାତ ଯାନବାହନର କାଗଜପତ୍ର ଓ ପରିଚୟ ସୁନିଶ୍ଚିତ କରାଯିବ। ବିଭିନ୍ନ ପ୍ରକାର ଯାନବାହନ ପାଇଁ



ନିର୍ଦ୍ଧାରିତ ପାର୍କିଂସ୍ଥଳ ନିର୍ଦ୍ଧାରଣ, ପର୍ଯ୍ୟଟକ ଓ ଭକ୍ତଙ୍କ ସୁବିଧା ପାଇଁ ପ୍ରମୁଖ ଯାତାୟାତ କେନ୍ଦ୍ରରେ ଲୋଗୋ ଓ ସୂଚନାଫଳକ ସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ପୌରସଂସ୍ଥାର ନିର୍ବାହୀ ଅଧିକାରୀ, ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଆର୍‌ଟିଓ, ଟ୍ରାଫିକ୍ ଆଇଆଇସି ଜୟଦୀପ ମହାନ୍ତି, ଟାଉନ୍ ଆଇଆଇସି ଗୋକୁଳ ରଞ୍ଜନ ଦାସ, ଆର୍‌ଆଇ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କନ୍ୟାଶିଶୁଙ୍କ ସଶକ୍ତୀକରଣ ପାଇଁ ସଚେତନତା ଶିବିର

ପୁରୀ,୧୫।୧୦(ସମିସ): ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଭାରତ ବିକାଶ ପରିଷଦ ପୁରୀ ତରଫରୁ ଅନ୍ତର୍ଜାତୀୟ ଶିଶୁ କନ୍ୟା ସପ୍ତାହରେ କନ୍ୟା ଶିଶୁମାନଙ୍କ ସଶକ୍ତୀକରଣ, ଗୁଣାତ୍ମକ ଶିକ୍ଷା ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପରିଚାଳନା କରି ପରିଷଦର ସଚିବ ସନ୍ତୋଷ କୁମାର ମହାନ୍ତି ଶିଶୁକନ୍ୟାଙ୍କ ସର୍ବାଙ୍ଗୀଣ ଉନ୍ନତି ପାଇଁ ପରିଷଦର ପ୍ରତିବଦ୍ଧତା ବିଷୟରେ ସୂଚନା ଦେଇଥିଲେ। ଏ ବର୍ଷର ବିଷୟବସ୍ତୁ "ମୁଁ ସେହି ଝିଅ, ମୁଁ ପରିବର୍ତ୍ତନର ନେତୃତ୍ୱ ନେବି'କୁ ସମସ୍ତ ଛାତ୍ରୀଙ୍କୁ ଶପଥପାଠ କରାଇଥିଲେ। ମୁଖ୍ୟବକ୍ତା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଶିଶୁକନ୍ୟାଙ୍କ ଅଧିକାର ଏବଂ ଆଇନଗତ ସହାୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପରିଷଦର ଜାତୀୟ ମହିଳା ବାଲ୍ ବିକାଶ ସଦସ୍ୟା ସୁପ୍ରିତି ରଥ ଶିଶୁ କନ୍ୟାର ବଞ୍ଚିବାର ଅଧିକାର, ସମ୍ମୁଖୀନ ହେଉଥିବା ଆହ୍ୱାନର ମୁକାବିଲା ପାଇଁ ପରାମର୍ଶ ଦେଇଥିଲେ।

ଏଥିରେ ବାଲ୍ ବିକାଶ ସଂଯୋଜିକା ଅଧ୍ୟାପିକା ଉର୍ମିଳା ସ୍ୱାଇଁ, ଅର୍ଥ ସଚିବ ହରପ୍ରସାଦ ମହାପାତ୍ର, ଅବସରପ୍ରାପ୍ତ ପ୍ରଶାସକ ପଦ୍ମନାଭ ପଣ୍ଡା, କିଶୋର ପଟ୍ଟନାୟକ, ପତିତପାବନ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ମୀରା ମହାରଣା, ନବକୁମାର ନାୟକ ସହଯୋଗ କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଯୋଗଦେଇଥିଲେ। ସମସ୍ତଙ୍କୁ ନାରୀ ଜାତିର ଆଦର୍ଶ ଅହଲ୍ୟାବାଇ ହୋଲ୍‌କରଙ୍କ ଜୀବନୀ ଉପରେ ଆଧାରିତ ପତ୍ରିକା ବଣ୍ଟନ କରାଯାଇଥିଲା। ଶେଷରେ ପ୍ରଧାନଶିକ୍ଷୟିତ୍ରୀ ମଞ୍ଜୁଲତା ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ସଂଗୋଷ୍ଠୀ ଉଦ୍‌ଘାଟିତ

ପୁରୀ,୧୫।୧୦(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସର୍ବଦର୍ଶନ ବିଭାଗ ଦ୍ୱାରା ଆୟୋଜିତ ହେବାକୁ ଥିବା 'ଭାରତୀୟ ଜ୍ଞାନ ପରମ୍ପରାରେ ଯୋଗବିଜ୍ଞାନ' ଶୀର୍ଷକ ଦୁଇଦିନିଆ ରାଷ୍ଟ୍ରୀୟ ସଂଗୋଷ୍ଠୀ ବୁଧବାର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ କୁମାର ପାତ୍ର ଯୋଗଦେଇ ଯୋଗବିଜ୍ଞାନ ସମ୍ବନ୍ଧୀୟ ବହୁ ବୈଜ୍ଞାନିକ ତତ୍ତ୍ୱ ବ୍ୟାଖ୍ୟାନ କରିଥିଲେ। ଯୋଗ ବିଜ୍ଞାନସମ୍ମତ ଓ ଏକ ବିଶାଳ ଆଧ୍ୟାତ୍ମିକ ଶାସ୍ତ୍ର ବୋଲି ସେ ମତ ରଖିଥିଲେ। ମୁଖ୍ୟବକ୍ତା କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ପ୍ରାକ୍ତନ ଅଧ୍ୟକ୍ଷ ପ୍ର. ସୁରେନ୍ଦ୍ର ମୋହନ ମିଶ୍ର ଯୋଗଶାସ୍ତ୍ରକୁ ସରଳ ଭାବେ ବ୍ୟାଖ୍ୟା କରିଥିଲେ। ସମ୍ମାନିତ ବକ୍ତା ଭାବେ ବିଶ୍ୱଭାରତୀ ଶାନ୍ତିନିକେତନର ସଂସ୍କୃତ ପାଲି ଓ ପ୍ରାକୃତ ବିଭାଗର ଆଚାର୍ଯ୍ୟ ପ୍ର. ନରୋତ୍ତମ ସେନାପତି, ସମ୍ମାନିତ ଅତିଥି ବିଶ୍ୱଭାରତୀ ଶାନ୍ତିନିକେତନର ଶିକ୍ଷାଶାସ୍ତ୍ର ବିଭାଗ ମୁଖ୍ୟ ପ୍ର. ସନତ୍ କୁମାର ରଥ, ସାରସ୍ୱତ ଅତିଥି ଉଚ୍ଚଶିକ୍ଷା ବିଭାଗର ପୂର୍ବତନ ସଚିବ ରମାକାନ୍ତ ନାୟକ, ସ୍ନାତକୋତ୍ତର ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ସାହିତ୍ୟ ବିଭାଗର ଅଧ୍ୟକ୍ଷ ପ୍ର. ବସନ୍ତ କୁମାର ମିଶ୍ର ଯୋଗ ଉପରେ ବକ୍ତବ୍ୟ ରଖିଥିଲେ। ସର୍ବଦର୍ଶନ ବିଭାଗର ଅଧ୍ୟକ୍ଷ ତଥା ଆଲୋଚନାଚକ୍ରର ଉପଦେଷ୍ଟା ଡ. ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ଆଚାର୍ଯ୍ୟା ଡ. ସସ୍ମିତା ବନ୍ଦର ନାୟକ ସଂଗୋଷ୍ଠୀର ନିର୍ଦ୍ଦେଶିକା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସର୍ବଦର୍ଶନ ବିଭାଗର ଆଚାର୍ଯ୍ୟ ଡ. ଅଜୟ କୁମାର ପାଣ୍ଡେ ସଭା ପରିଚାଳନା କରିଥିଲେ। ବ୍ୟାକରଣ ବିଭାଗର ଆଚାର୍ଯ୍ୟ ଡ. ଅଜୟ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବେଦ ବିଭାଗର ଆଚାର୍ଯ୍ୟ ଡ. ଚନ୍ଦନ କୁମାର ମିଶ୍ର ବେଦପାଠ କରିଥିଲେ।

# ଡେଲାଙ୍ଗରେ ନିର୍ମାଣ ହେବ ପ୍ରଥମ ରେଳ ଓଭରବ୍ରିଜ୍
## ବ୍ରିଜ୍ ନିର୍ମାଣ ପରେ ସମ୍ପୂର୍ଣ୍ଣ ବନ୍ଦ ହେବ ଜଗଦଲପୁର ରେଳ ଫାଟକ


ଡେଲାଙ୍ଗ,୧୫।୧୦(ସମିସ)



ଡେଲାଙ୍ଗ ବ୍ଲକ୍ ଅଧୀନ ସୁଜନପୁର ପଞ୍ଚାୟତର ଜଗଦଲପୁର ରେଳ ଫାଟକଠାରେ ନିର୍ମାଣ ହେବ ବ୍ଲକ୍‌ର ପ୍ରଥମ ରେଳ ଫ୍ଲାଏଓଭର। ଏଥିପାଇଁ ପ୍ରାଥମିକ ସର୍ବେକ୍ଷଣ ପ୍ରକ୍ରିୟା ଆରମ୍ଭ ହୋଇଛି। ୨ଜଣିଆ ରେଳ କର୍ମଚାରୀଙ୍କ ସମେତ ଡେଲାଙ୍ଗ ତହସିଲ୍ କର୍ମଚାରୀ, ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ସ୍ଥାନୀୟ ଜନପ୍ରତିନିଧି ପ୍ରମୁଖ ମିଳିତ ଭାବେ ନକ୍ସା ମୁତାବକ ରେଳବାଇ ସରଜମିନ୍ ଯାଞ୍ଚ କରିବା ସହିତ ଓଭରବ୍ରିଜ୍ ନିର୍ମାଣ ପରେ ପୂର୍ବତଟ ରେଳପଥ ଅଧୀନ ମୋଟରୀ ଓ କଣାସ ରୋଡ୍ ମଧ୍ୟରେ ଅବସ୍ଥିତ ଏହି ଫାଟକଟିକୁ ସ୍ଥାୟୀ ଭାବେ ବନ୍ଦ କରିବା ନେଇ ଆଲୋଚନା କରିଥିଲେ।

ସୂଚନା ଥାଉକି, ଦେଶର ବିଭିନ୍ନ ସହରରୁ ଖୋର୍ଦ୍ଧା ରୋଡ୍ ଦେଇ ପୁରୀକୁ ସଂଯୋଗ କରାଯାଇଥିବା ଅପ୍ ଓ ଡାଉନ୍ ଲାଇନ୍‌ରେ ପାଖାପାଖି ୧୨୦ଟି ଟ୍ରେନ୍ ଯାତାୟାତ କରୁଥିବା ଜଣାପଡ଼ିଛି। ଏଥିମଧ୍ୟରୁ ଅଳ୍ପ ସଂଖ୍ୟକ ଟ୍ରେନ୍ ସାପ୍ତାହିକ ଯାତାୟାତ କରୁଥିବାବେଳେ ଶତାଧିକ ଟ୍ରେନ୍ ଦୈନିକ ଯାତାୟାତ କରୁଛି। ହରିପୁର ରେଳ ଫାଟକଠାରୁ ବୀରପୁରୁଷୋତ୍ତମପୁର ରେଳ ଫାଟକ ମଧ୍ୟରେ ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ୧୬ଟି ରେଳ ଫାଟକ ରହିଛି। ଏଥି ମଧ୍ୟରୁ ହରିପୁର, ଜଗଦଲପୁର, କଣାସ ରୋଡ୍, ବେରବୋଇ, ରେଞ୍ଚ ଓ ବୀରପୁରୁଷୋତ୍ତମପୁର ରେଳ ଫାଟକ ଦେଇ ସର୍ବାଧିକ ଲୋକ ଯାତାୟାତ କରନ୍ତି। ଟ୍ରେନ୍ ଯାତାୟାତ ସମୟରେ ବାରମ୍ବାର ଫାଟକ ପଡୁଥିବାରୁ ଆପାତ୍‌କାଳୀନ ସ୍ଥିତିରେ ଯାଉଥିବା ଲୋକଙ୍କ ସହିତ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ି ଅଟକି ରହୁଥିବାରୁ ଲୋକେ ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟାର ଉପଚାର ନିମନ୍ତେ ସର୍ବାଧିକ ଲୋକ ଯାତାୟାତ କରୁଥିବା ରେଳ ଫାଟକଠାରେ ଫ୍ଲାଏଓଭର ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଆସୁଥିଲେ। ତେବେ ଗତ କିଛିମାସ ତଳେ ପିଡିକେ ରାସ୍ତାର ବେରବୋଇ ରେଳ ଫାଟକ ଉପରେ ଫ୍ଲାଏଓଭର ନିର୍ମାଣ ନିମନ୍ତେ ନକ୍ସା ପ୍ରସ୍ତୁତ କରାଯାଉଥିବା ଏବଂ ଓଭରବ୍ରିଜ୍‌ର ପିଲାର ପଡ଼ିବା ସ୍ଥାନ ନିରୂପଣ କରାଯାଉଥିବା ଦେଖିବାକୁ ମିଳିଥିଲା। ସେହିପରି ମଙ୍ଗଳବାର ସ୍ଥାନୀୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ରେଳ କର୍ମଚାରୀ ଓ ରାଜସ୍ୱ ଅଧିକାରୀମାନେ ଖୋର୍ଦ୍ଧା-ପୁରୀ ୯ନଂ ଫାଟକ ନିକଟରେ ମିଳିତ ଭାବେ ଆଲୋଚନା କରିଥିଲେ। ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ସମାପ୍ତ ପରେ ଏହି ଫାଟକଟିକୁ ସମ୍ପୂର୍ଣ୍ଣ ବନ୍ଦ କରାଯିବା ନେଇ ଆଲୋଚନା କରାଯାଇଥିବା ବେଳେ ଏହାର ସହମତି ଓ ଅନୁମୋଦନ ନିମନ୍ତେ ଯାଞ୍ଚର ସମ୍ପୂର୍ଣ୍ଣ ବିବରଣୀ ପୁରୀ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯିବ ବୋଲି ଡେଲାଙ୍ଗ ତହସିଲ୍‌ଦାର ଦେବୀପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଅନ୍ୟପଟେ ଦୀର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ଡେଲାଙ୍ଗର ବିଭିନ୍ନ ରେଳ ଫାଟକ ଉପରେ ଫ୍ଲାଏଓଭର ନିର୍ମାଣ କରାଯିବ ବୋଲି ଅଞ୍ଚଳବାସୀ ଶୁଣି ଆସୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ରେଳ ଓ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ସମ୍ପାଦକୀୟ



ଗଣତନ୍ତ୍ରରେ ଏକ ଦୃଢ଼ ବିରୋଧୀ ଦଳ ଅପରିହାର୍ଯ୍ୟ।
-ନବୀନ ପଟ୍ଟନାୟକ


ସକାଳ
THE SAKALA

## ରାଜନୀତିରେ 'ନବୀନ-ସିଦ୍ଧାନ୍ତ'

ଆଗାମୀ ଦିନରେ ଯେତେବେଳେ ଏକବିଂଶତାବ୍ଦୀର ରାଜନୈତିକ ଇତିହାସ ଲେଖାଯିବ, ଐତିହାସିକ, ଗବେଷକ ଓ ପାଠକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ନିରାଡ଼ମ୍ବର ଜୀବନଯାପନ କରୁଥିବା ସଫେଦ୍ କୁର୍ତ୍ତାପାଇଜାମା ଓ ହାୱାଇ ଚପଲ୍ ପରିହିତ ଜଣେ ବ୍ୟକ୍ତିତ୍ୱ କିଭଳି ପ୍ରଥମ ଅଢ଼େଇ ଦଶନ୍ଧି ଧରି ଜାତୀୟ ରାଜନୀତିକୁ ଆଚ୍ଛନ୍ନ କରି ରଖିଥିଲେ। ତେବେ କ'ଣ ଥିଲା ସେ ଶାସନର ଆଧାର ଓ ପ୍ରକାର? ଏ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ରାଜନୀତିଜ୍ଞ ଓ ଐତିହାସିକମାନଙ୍କୁ ଆହୁରି ଆଶ୍ଚର୍ଯ୍ୟଚକିତ ହେବାକୁ ପଡ଼ିବ ଯେ ସେହି ଶାସନକାଳ କୌଣସି ନିର୍ଦ୍ଦିଷ୍ଟ ବାଦ(ଇଜିମ୍), ଆଦର୍ଶ(ଆଇଡୋଲଜି), ଦର୍ଶନ(ଫିଲୋସଫି), ବ୍ୟବସ୍ଥା(ଫର୍ମ ଅଫ୍ ଗଭର୍ଣ୍ଣମେଣ୍ଟ) ଆଦିରେ ପରିଚାଳିତ ନଥିଲା, ବରଂ ସେ ସବୁର ଊର୍ଦ୍ଧ୍ୱରେ ଅଥଚ ସାରସଂଗ୍ରହରେ ଜନ୍ମ ନେଇଥିବା 'ନବୀନ ଥିଓରି' ବା 'ନବୀନ ସିଦ୍ଧାନ୍ତ' ଥିଲା ସେ ଶାସନର ମୂଳାଧାର।

ରାଜନୀତିରେ 'ନବୀନ ସିଦ୍ଧାନ୍ତ' ଏଭଳି ଏକ ପ୍ରୟୋଗାତ୍ମକ ତତ୍ତ୍ୱ, ଯେଉଁଥିରେ ସମାହିତ ହୋଇରହିଛି କୃଷି ବିକାଶରୁ ଶିଳ୍ପାୟନ, ଦାରିଦ୍ର୍ୟ ଦୂରୀକରଣରୁ ବୁଭୁକ୍ଷା ନିବାରଣ, ଏନ୍ତୁଡ଼ିଶାଳରୁ ଶ୍ମଶାନ, ବିଦ୍ୟାଳୟରୁ କ୍ରୀଡ଼ାଙ୍ଗନ, ଗ୍ରାମ୍ୟ ବିକାଶରୁ ସଂଯୋଗୀକରଣ, ଜନଜାତି କଲ୍ୟାଣରୁ ନଗର ଉନ୍ନୟନ, କେନ୍ଦୁପତ୍ରରୁ ଶ୍ରୀଅନ୍ନ, ଆର୍ଥିକ ବିକାଶରୁ ସାମାଜିକ ଅନ୍ତର୍ଭୁକ୍ତୀକରଣ, କୁଟୀର ଶିଳ୍ପରୁ ଖାଦ୍ୟ ପ୍ରକ୍ରିୟାକରଣ, ଦିବ୍ୟାଙ୍ଗ ଓ ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ କଲ୍ୟାଣ, ଧର୍ମ ସମ୍ପ୍ରଦାୟ ନିର୍ବିଶେଷରେ ଧର୍ମାନୁଷ୍ଠାନର ଉତ୍ତରଣ। ସମାଜର କୌଣସି ବର୍ଗ 'ନବୀନ ସିଦ୍ଧାନ୍ତ'ରୁ ବଞ୍ଚିତ ନୁହନ୍ତି। ବିଶ୍ୱ ରାଜନୀତିରେ ଏଭଳି ପ୍ରଗତିର ପରିଭାଷା ଓ ବିକାଶର ବ୍ୟାକରଣ ବୋଧହୁଏ ବିରଳ।

'ନବୀନ ସିଦ୍ଧାନ୍ତ'ର ଜନକ ନବୀନ ପଟ୍ଟନାୟକ ୨୪ ବର୍ଷର ମୁଖ୍ୟମନ୍ତ୍ରିତ୍ୱ କାଳରେ ଆର୍ଥିକ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ ଓଡ଼ିଶାକୁ ଯେଭଳି ପ୍ରଶମନ ପରିଚାଳନା ଓ ବିକାଶର ମଡେଲ୍ କରି ବିଶ୍ୱ ଦରବାରରେ ଉପସ୍ଥାପନା କରିପାରିଛନ୍ତି ତାହା ତ ଅଭୂତପୂର୍ବ ନିଶ୍ଚୟ; ସର୍ବୋପରି ଶାନ୍ତି, ସହାବସ୍ଥାନ ଓ ସର୍ବଧର୍ମସମନ୍ୱୟର ଯେଉଁ ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ନୋବେଲ୍ ଆଶାୟୀ ଗବେଷକଙ୍କ ପାଇଁ ଉତ୍କୃଷ୍ଟ ବିକଳ୍ପଟିଏ ସୃଷ୍ଟି କରିସାରିଛି। ଗାନ୍ଧୀ ଦର୍ଶନ ଓ ସର୍ବୋଦୟ ଅର୍ଥନୀତିକୁ ସେ ହିଁ ଠିକ୍ ରୂପେ ବୁଝି ପାରିଛନ୍ତି, ଯିଏ ମନ୍ତ୍ରୀ ଓ ସଚିବମାନଙ୍କ କାର୍ଯ୍ୟାଳୟକୁ 'ଲୋକସେବା ଭବନ' ନାମରେ ନାମିତ କରିପାରନ୍ତି ଏବଂ ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦକୁ ଯୋଡ଼ିବାର ପ୍ରସ୍ତାବ ବାରମ୍ବାର ଉପସ୍ଥାପନା କରିପାରନ୍ତି। ଓଡ଼ିଆ ଭାଷା ଓ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ସେଭଳି ଜଣେ ଓଡ଼ିଆପ୍ରାଣ ସେବାସାଧକ ହିଁ ସଂଗ୍ରାମ କରିପାରନ୍ତି, ଯିଏ ଶାସନ ପ୍ରଶାସନକୁ ଓଡ଼ିଆ ଅସ୍ମିତାରେ ଅଭିମନ୍ତ୍ରିତ କରିବାର ସଂକଳ୍ପ ନିଅନ୍ତି। ଏ ସବୁ ବୈଶିଷ୍ଟ୍ୟ ନବୀନ ପଟ୍ଟନାୟକଙ୍କ ରାଜନୈତିକ ବ୍ୟକ୍ତିତ୍ୱ, ଚିନ୍ତନ ଓ ଆଦର୍ଶକୁ ଆହୁରି ଋଦ୍ଧିମନ୍ତ କରିଛି ଏବଂ ଉପସ୍ଥାପିତ ହୋଇଛି ତାଙ୍କ ନିରବତାର ଭାଷାରେ। ବୈଷୟିକ ଜ୍ଞାନକୌଶଳ, ସହଯୋଗିତା, ଶୃଙ୍ଖଳା ବିନା ଆଧୁନିକ ବିକାଶର ପ୍ରତିଯୋଗିତା ଜିତା ଯାଇପାରିବ ନାହିଁ। ତେଣୁ ସେ ଶାସନ-ପ୍ରଶାସନକୁ ୫-ଟି ଆଧାରରେ ବିବର୍ତ୍ତନ କରିଛନ୍ତି ଏବଂ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି, ଯାହା ଏକବିଂଶ ଶତାବ୍ଦୀର ଶାସନ-ପ୍ରଶାସନର ସର୍ବଶ୍ରେଷ୍ଠ ଓ ସର୍ବଗ୍ରାହ୍ୟ ବିକଳ୍ପ ହୋଇସାରିଛି।



ମୁଖ୍ୟମନ୍ତ୍ରୀର ପଦ ଓ ଦାୟିତ୍ୱର ଊର୍ଦ୍ଧ୍ୱରେ ନବୀନ ପଟ୍ଟନାୟକ ଆଧୁନିକ ଓଡ଼ିଶା ରାଜନୀତିର ଏଭଳି ଏକ ସଂଜ୍ଞା ଲେଖିସାରିଛନ୍ତି, ଯାହାର ବ୍ୟୁତ୍ପତ୍ତିରେ ପ୍ରତିଫଳିତ ହୋଇଛି - ସମନ୍ୱୟୀ ସଂଘୀୟ ଭାବନା, ବୈଷମ୍ୟରହିତ ରାଷ୍ଟ୍ରବାଦ, ଆଞ୍ଚଳିକ ସ୍ୱାର୍ଥକୈନ୍ଦ୍ରିକ ସମର୍ଥନ, ସମଦୂରତ୍ୱର ସମୀକରଣ ଓ ସହଯୋଗର ସନ୍ତୁଳନ। ସାମାଜିକ ସୁରକ୍ଷାର ବଳୟ ଭିତରେ ଅର୍ଥନୈତିକ ଉତ୍ଥାନର ଯେଉଁ ନବସୂତ୍ର ସେ ପ୍ରତିଷ୍ଠା କରିଛନ୍ତି, ତାହା ସାମାଜିକ-ଅର୍ଥନୀତିରେ ଏକ ନବଯୁଗ ପ୍ରତିଷ୍ଠା କରିଛି। ସେ କହନ୍ତି ଗଣତନ୍ତ୍ରରେ ଜନତା ହିଁ ନିର୍ଦ୍ଧାରକ, ନିର୍ବାଚନ ଏକ ପ୍ରକ୍ରିୟା ମାତ୍ର। ଶାସକ ଓ ଶାସନ ବ୍ୟବସ୍ଥାରେ କ୍ଷମତା ସଦା ପରିବର୍ତ୍ତନଶୀଳ। ତେଣୁ ଜଣେ ରାଜନେତାର ଆଦର୍ଶ ଜନକୈନ୍ଦ୍ରିକ ହେବା ଆବଶ୍ୟକ। ରାଜନୀତିକୁ ସେ କେବେ ମଧ କ୍ଷମତା ଲିପ୍ସାର ଦୃଷ୍ଟିରେ ଦେଖିନାହାନ୍ତି। ଏଣୁ ତ ସେ ବିରୋଧୀଙ୍କ ପ୍ରତି ବ୍ୟକ୍ତିଗତ ପ୍ରତିକ୍ରିୟାଶୀଳ ନୁହନ୍ତି। ତାଙ୍କ ଉକ୍ତିରେ 'ମୁଁ ବାସ୍ତବରେ କ୍ଷମତା ବିଷୟରେ ଚିନ୍ତା କରେ ନାହିଁ, ବରଂ ରାଜ୍ୟବାସୀଙ୍କ ସେବାକୁ ପ୍ରାଧାନ୍ୟ ଦିଏ।' ...'କ୍ଷମତା ଲିପ୍ସାକୁ ମୁଁ ଭଲ ପାଏ ନାହିଁ।'

ଗଣତନ୍ତ୍ର-ସମାଜବାଦ-ସାମ୍ୟବାଦର ସମ୍ମିଶ୍ରଣରେ ନବୀନ ବାବୁ ଗଣତନ୍ତ୍ରର ଯେଉଁ ଏକ ଭିନ୍ନ ପନ୍ଥା ନିର୍ଦ୍ଧାରଣ କରିଥିଲେ ତାହାର ଆଧାର ଥିଲା 'ଥ୍ରିପି' ସୂତ୍ର - ପ୍ରୋ-ପୋର(ଦରିଦ୍ର କଲ୍ୟାଣ), ପ୍ରୋଗ୍ରେସିଭ୍(ପ୍ରଗତିଶୀଳ), ପିପୁଲ୍ ଓରିଏଣ୍ଟେଡ୍(ଜନକୈନ୍ଦ୍ରିକ)। ଜନତାଙ୍କ ଦ୍ୱାରା ନିର୍ବାଚିତ ସରକାରର ପ୍ରଥମ ଓ ପ୍ରମୁଖ କର୍ତ୍ତବ୍ୟ ଓ ଦାୟିତ୍ୱ ହେଉଛି ଜନକଲ୍ୟାଣ। ଗଣତନ୍ତ୍ରର ଏହି ଗୂଢ଼ସୂତ୍ରକୁ ବୁଝି ସେ ଲୋକସେବା ଭବନରେ ପ୍ରତିଷ୍ଠା କଲେ ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ 'ଟାଲିସ୍ମ୍ୟାନ', ଯାହା ନୀତି ନିର୍ଦ୍ଧାରକଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ସୂଚାଇ ଦିଏ ଯେ ଯୋଜନା କିମ୍ବା ନୀତିନିର୍ଦ୍ଧାରଣ ବେଳେ ପ୍ରଥମେ ଏହି ଭାବନା ଆସିବା ଆବଶ୍ୟକ - 'ତାହା ଦ୍ୱାରା ସମାଜର ସବୁଠାରୁ ଗରିବ ବର୍ଗର ଲୋକଟି କେତେମାତ୍ରାରେ ଉପକୃତ ହେବ।'

ନବୀନ ବାବୁ ଶାସନ କ୍ଷମତାରେ ରୁହନ୍ତୁ କି ବିରୋଧୀ ଦଳରେ, ସବୁବେଳେ ଗୋଟିଏ ଦୃଢ଼ୋକ୍ତି କରନ୍ତି - 'ଓଡ଼ିଶାର ସାଢ଼େ ଚାରିକୋଟି ଅଧିବାସୀ ମୋ ପରିବାରର ସଦସ୍ୟ। ମୁଁ ଓଡ଼ିଶାବାସୀଙ୍କୁ ବିଶ୍ୱାସ କରେ, ମୋ ପ୍ରତି ସେମାନଙ୍କ ଭଲ ପାଇବା ଓ ସ୍ନେହ ମୋତେ ସବୁଦିନ ସେବା ପାଇଁ ପ୍ରେରଣା ଦିଏ। ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା ପାଇଁ ମୁଁ ଉତ୍ସର୍ଗୀକୃତ।'

ଗୋଟିଏ ବାକ୍ୟରେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଆଦର୍ଶ ବା 'ନବୀନ ସିଦ୍ଧାନ୍ତ'କୁ ବର୍ଣ୍ଣନା କରିବାକୁ ହେଲେ ଏତିକି କହିଲେ ଯଥେଷ୍ଟ ହେବ ଯେ ସେ ହିଁ ପ୍ରକୃତ ଶାସକ, ଯିଏ ଜନତାଙ୍କୁ ଶାସିତ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ରୂପେ ବିବେଚନା କରେ। ନବୀନ ପଟ୍ଟନାୟକଙ୍କ ବ୍ୟତୀତ ଏଭଳି ରାଜଯୋଗୀ ଆଜିର ଦିନରେ ତ ବିରଳ, ଆଗାମୀ କିଛି ବର୍ଷ ଭିତରେ ଜନ୍ମ ନେବେ କି ନାହିଁ ସନ୍ଦେହ।

## ଦେଶର ବୌଦ୍ଧିକ ସମ୍ପଦ

ବୈକୁଣ୍ଠନାଥ ମିଶ୍ର

ସଭ୍ୟତାର ଗତି ଯେତେ ପ୍ରଖର, ଆମ ମାନସିକତାର ଗତି ତତୋଧିକ ନିମ୍ନଗାମୀ ହେବାରେ ଲାଗିଛି। ନିଜ ବ୍ୟତୀତ ଅନ୍ୟକଥା ଭାବିବାକୁ ଆଜିର ଯୁବପିଢ଼ି ପାଖରେ ସମୟ ନାହିଁ। ଯୁବବର୍ଗ ଆଜି ସାଜିଛି ଲିଓ ଟଲ୍‌ଷ୍ଟୟଙ୍କ କାହାଣୀର ନାୟକ ପାହୋମ, ଯାହାକୁ କୁହାଯାଇଥିଲା ଯେ ସୂର୍ଯ୍ୟାସ୍ତ ପୂର୍ବରୁ ସେ ଯାତ୍ରା ଆରମ୍ଭ କରିଥିବା ସ୍ଥାନରେ ପହଞ୍ଚିବା ଦ୍ୱାରା ଯେତେ ଜମି ସେ ଅତିକ୍ରମ କରିଥିବ ସେତକ ଜମି ତା'ର ହେବ। କିନ୍ତୁ ଅତ୍ୟଧିକ ଲୋଭର ବଶୀଭୂତ ହୋଇ ଜମି ତ ଦଖଲ କରିପାରିଲା ନାହିଁ, ଅକାଳରେ ତା' ଜୀବନ ସୂର୍ଯ୍ୟ ଅସ୍ତ ହୋଇଗଲା। ଲେଖକଙ୍କ ଗଳ୍ପର ଶେଷକଥା ହେଲା ଅନ୍ତିମକାଳରେ ମଣିଷ ପାଇଁ ମାତ୍ର ଛ'ହାତ ଭୂମି ଦରକାର। ତା'ଠାରୁ ଅଧିକ ନୁହେଁ। ଆଜିର ଯୁବବର୍ଗ ଧନ ପାଇଁ ଯେପରି ଅଣନିଃଶ୍ୱାସୀ ହୋଇ ଧାଉଁଛି ସେଥିରେ ଅନ୍ୟକଥା ଛାଡ଼ନ୍ତୁ ନିଜ ବୃଦ୍ଧ ପିତାମାତାଙ୍କୁ ଧ୍ୟାନ ଦେବାକୁ ତା' ପାଖରେ ସମୟ ନାହିଁ। ଯେଉଁ ବାପା ମା' ଦିନେ ପୁଅଝିଅଙ୍କୁ ମଣିଷ କରିବାକୁ ଗଣ୍ଡେ ଖାଇ ଦଣ୍ଡେ ଜିଇଁ ଦିନରାତି ଏକକରି ଦେଉଥିଲେ ସେମାନେ ଆଜି ଅଲୋଡ଼ା ଅଖୋଜା। ପୁଅ ଆଜି ଉଚ୍ଚପଦସ୍ଥ ଅଧିକାରୀ ହୋଇ ଧନର ପାହାଡ଼ ସୃଷ୍ଟି କରିଥିଲେ ମଧ୍ୟ ବାପାମା' ଆଜି ନିଃସ୍ୱ, କାଙ୍ଗାଳ। କେବଳ ଏତିକି ଆତ୍ମସନ୍ତୋଷ ଯେ ପିଲାମାନଙ୍କୁ ଆଜି ଗଣରେ ଜଣେ କରିପାରିଛନ୍ତି।

୨୦୧୧ ଜନଗଣନା ଓ ବର୍ତ୍ତମାନର ଆକଳନ ଅନୁସାରେ ଭାରତ ଏକ ଯୁବବର୍ଗର ଦେଶ। କିନ୍ତୁ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ପପୁଲେସନଫଣ୍ଡ)ର ସଦ୍ୟ ଆକଳନ ଅନୁଯାୟୀ ୨୦୫୦ ସୁଦ୍ଧା ଭାରତ ଆଉ ଯୁବ କିଶୋରଙ୍କ ଦେଶ ନ ହୋଇ ବୟସ୍କଙ୍କ ଦେଶଭାବେ ବିବେଚିତ ହେବ। ବର୍ତ୍ତମାନ ଭାରତର ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୧୪.୫ କୋଟି ବା ଏକ-ଦଶମାଂଶ। ୨୦୫୦ ମସିହା ସୁଦ୍ଧା ଏହା ୩୦କୋଟି ଛୁଇଁବ। ସମପରିମାଣରେ ୧୫ ରୁ ୫୯ବର୍ଷ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇଥିବ। ସେତେବେଳ ଭାରତ ଆଉ ଯୁବବର୍ଗର ଦେଶ ନହୋଇ ବୟସ୍କଙ୍କ ଦେଶରେ ପରିଣତ ହେବ। 'ଏଜ୍ ୱେଲ ଫାଉଣ୍ଡେସନ'ର ଜାତୀୟ ରିପୋର୍ଟ ଅନୁସାରେ ଦେଶର ବୟସ୍କଙ୍କ ଆୟ ଓ ବ୍ୟୟ ଧାରାରେ ପରିବର୍ତ୍ତନ ଆସିଛି। ପ୍ରାୟ ୬୦ ପ୍ରତିଶତ ବୃଦ୍ଧବୃଦ୍ଧାଙ୍କର ଆୟର ଉତ୍ସ ସେମାନଙ୍କ ପେନ୍‌ସନ। ଶତକଡ଼ା ୩୭ ବୟସ୍କ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। ମାସିକ ପେନସନ ବ୍ୟତୀତ ସେମାନଙ୍କ ଭିତରୁ ୧୯.୫ ପ୍ରତିଶତ ଜମିରୁ ଆୟ, ଘରଭଡ଼ା ଓ ଆର୍ଥିକ ନିବେଶରୁ ସୁଧ ପାଉଛନ୍ତି। ୪୮.୫ ପ୍ରତିଶତ ବୟସ୍କଙ୍କ ପାଖରେ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଛି। କିନ୍ତୁ ସେମାନଙ୍କ ମଧ୍ୟରେ ୭ ୦ପ୍ରତିଶତଙ୍କର ଆଣ୍ଠୁଗଣ୍ଠି ସମସ୍ୟା ଓ ୮୦ ପ୍ରତିଶତଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗ ରହିଛି। ପ୍ରାୟ ୨୫ ପ୍ରତିଶତ ବୟସ୍କ ବିପତ୍ନୀକ କିମ୍ବା ବିଧବା। ୪୯ ପ୍ରତିଶତ ଜୀବନସାଥୀଙ୍କ ସହ ରହୁଛନ୍ତି। ମାତ୍ର ୨୯.୫ ପ୍ରତିଶତ ସେମାନଙ୍କ ସନ୍ତାନ ସହ ଏକତ୍ର ବାସରେ ଅଛନ୍ତି। ମୋଟାମୋଟି ଭାବେ ୭୫ ଭାଗରୁ ଊର୍ଦ୍ଧ୍ୱ ବୟସ୍କ ନିଜ ସନ୍ତାନଙ୍କ ଦ୍ୱାରା ଅବହେଳିତ। ଦୁଃଖ ଓ ପରିତାପର କଥା ଯେ କିଛି ବୟସ୍କଙ୍କର ସବୁଥାଇ ମଧ୍ୟ ସେମାନେ ଜରାଶ୍ରମରେ ରହୁଛନ୍ତି। ଜଣେ ଖ୍ୟାତନାମା ସନ୍ଥ ନିକଟରେ ଯେଉଁ ବକ୍ତବ୍ୟ ରଖିଛନ୍ତି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ତାଙ୍କ କହିବା କଥା ଯେ ଭାରତର ବୃଦ୍ଧାଶ୍ରମରେ ରହୁଥିବା ବ୍ୟକ୍ତିଙ୍କ ମଧ୍ୟରେ କେହି ମୁସଲମାନ ନାହାନ୍ତି। ଏହାର କାରଣ ଦର୍ଶାଇବାକୁ ଯାଇ ସେ କହିଛନ୍ତି ଯେ ମୁସଲମାନ ଶିଶୁମାନେ ତାଙ୍କ ଧର୍ମ ପୁସ୍ତକ ସହ ଓତପ୍ରୋତଃ ଭାବେ ଜଡ଼ିତ। କୌଣସି ଧର୍ମଶାସ୍ତ୍ରରେ ବୃଦ୍ଧ ପିତାମାତାଙ୍କୁ ଅବହେଳା କରବା ଏକ ପାପ ବୋଲି ବିବେଚନା କରାଯାଏ। ବାଲ୍ୟାବସ୍ଥାରୁ ସେମାନେ ଆଧ୍ୟାତ୍ମିକତା ସହ ଜଡ଼ିତ। ଅପରପକ୍ଷେ ହିନ୍ଦୁମାନଙ୍କ ମଧ୍ୟରୁ ପ୍ରାୟ ୯୦ପ୍ରତିଶତ ଗୀତା ଭାଗବତ ଭଳି ନୀତିଶାସ୍ତ୍ର ଅଧ୍ୟୟନ କରନ୍ତି ନାହିଁ। ସୁତରାଂ ସେମାନେ ନୀତି ନୈତିକତାଠାରୁ ଦୂରେଇ ଯାଉଛନ୍ତି। ଦ୍ୱିତୀୟତଃ ମୁସଲମାନ ଦମ୍ପତିଙ୍କର ଏକାଧିକ ସନ୍ତାନ ଥିବାରୁ ଜଣେ ନହେଲେ ଆଉ ଜଣେ ବୃଦ୍ଧ ପିତାମାତାଙ୍କର ଯତ୍ନ ନେଉଛନ୍ତି।

ପିଲାମାନେ ଉଚ୍ଚଶିକ୍ଷିତ ହୋଇ ସହରରେ ଅବସ୍ଥାନ କଲା ପରେ ପିତାମାତାଙ୍କୁ ଦୂରରେ ରଖି ନିଜ ସଂକ୍ଷିପ୍ତ ସଂସାର ମଧ୍ୟରେ ଆବଦ୍ଧ ରହିବାକୁ ପସନ୍ଦ କରନ୍ତି। ସେଥିରେ ପିତାମାତାଙ୍କ ସ୍ଥାନ କାହିଁ ? ଯେଉଁ କେତେ ଜଣ ଅନନ୍ୟୋପାୟ ହୋଇ ପିଲାଙ୍କ ପାଖରେ ରହୁଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶଙ୍କର ଦୁଃଖ ଅବର୍ଣ୍ଣନୀୟ। ନା ସେମାନଙ୍କର କୌଣସି ମତାମତ ଦେବାର ଅଧିକାର ଅଛି କିମ୍ବା ନାତିନାତୁଣୀଙ୍କୁ ସ୍ନେହ କରିବାର ଅବସର। ଫକୀର ମୋହନଙ୍କ ଡାକମୁନ୍‌ସୀ ଗଳ୍ପରେ ସିନା ଗୋଟିଏ ଗୋପାଳର ଅବିଚାର କଥା ଆମେ ପଢ଼ିଥିଲୁ ; ହେଲେ ଆଜିର ସମାଜରେ ଗୋପାଳମାନଙ୍କର ଅଭାବ ନାହିଁ। ସହରୀ ସଭ୍ୟତା ସହ ତାଳ ଦେଇ ଚାଲି ପାରୁନଥିବା ଓ ପ୍ରଦୂଷିତ ବାୟୁମଣ୍ଡଳରେ ଅଣନିଃଶ୍ୱାସୀ ହୋଇଥିବା ବୟସ୍କ ଲୋକଟି ଝୁରି ହୁଏ ଗାଁର ସେ ପ୍ରାକୃତିକ ଶୋଭା ସୁଷମାକୁ, ଯେଉଁଠି ଦିନେ ସେ ଛାଡ଼ି ଆସିଥିଲା ଉନ୍ମୁକ୍ତ ବାତାବରଣ, ସୁଶୀତଳ ତରୁଛାୟା, ସୁବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର ଏବଂ ଗ୍ରାମ୍ୟ ତଟିନୀର ବାଲୁକା ବେଳାଭୂମି କିମ୍ବା ଆମ୍ବ ନଡ଼ିଆ ପଣସ ବୃକ୍ଷ ସମ୍ଭାର। ଆଜି ସେ ସବୁ ତା' ପାଇଁ ସାଜିଛି ସ୍ୱପ୍ନ।


ଇଂରାଜୀରେ ଏକ ପ୍ରବାଦ ଅଛି - 'ଏ ସେଟିଙ୍ଗ ସନ୍ ଇଜ୍ ନେଭର ଓରସିପଡ୍ ଆଣ୍ଡ ଏ ଡାଇଙ୍ଗ ହର୍ସ ଇଜ୍ ଲିଟିଲ୍ ଫେଡ।' ଅର୍ଥାତ ଅସ୍ତଗାମୀ ସୂର୍ଯ୍ୟଙ୍କୁ କେହି ପୂଜା କରନ୍ତି ନାହିଁ କିମ୍ବା ମୁମୂର୍ଷୁ ଘୋଡ଼ାକୁ କେହି ଦାନାଦିଏ ନାହିଁ। ସତରେ କ'ଣ ବୟସ୍କମାନେ ଅଲୋଡ଼ା? ଇଂଲିଶ ଲେଖକ ଜିନ୍ ଉରେଙ୍କ ଗଳ୍ପର ମର୍ମାଂଶ ଏଠାରେ ପ୍ରଣିଧାନଯୋଗ୍ୟ। ରୁମାନିଆ ନିକଟରେ ଥିବା ଗୋଟିଏ କ୍ଷୁଦ୍ର ଦେଶର ରାଜା ଘୋଷଣା କଲେ ଯେ, ବୃଦ୍ଧ ପିତାମାତାଙ୍କୁ ତାଙ୍କ ପିଲାମାନେ ନିଜ ହାତରେ ହତ୍ୟା କରନ୍ତୁ। କାରଣ ସେମାନେ ଅକର୍ମଣ୍ୟ ଓ ପରାଙ୍ଗପୁଷ୍ଟ। ସେମାନେ ଦେଶ ପ୍ରଗତିର ବାଧକ। ସବୁ ଯୁବକମାନେ ରାଜାଦେଶ ଗ୍ରହଣ କଲେ। ହେଲେ ଜଣେ ଯୁବକ ନିଜ ପିତାଙ୍କୁ ହତ୍ୟା କରି ନପାରି ମାଟିତଳେ କୋଠରିରେ ଲୁଚାଇ ରଖିଲା। ପୂର୍ବ ବର୍ଷ ମରୁଡ଼ି ଯୋଗୁଁ ଶସ୍ୟ ହାନି ଘଟିଥିଲା। ଏବର୍ଷ ବର୍ଷାଋତୁ ଆସିଥିଲେ ମଧ୍ୟ କାହାପାଖରେ ବିହନ ଗଣ୍ଡାଏ ବି ନଥିଲା। ପୁଅଟି ଅତି ବିମର୍ଷ ଓ କାତର ଥିବା ଦେଖି ବୃଦ୍ଧ ଏହାର କାରଣ ପଚାରିଲେ। ସବୁ ଶୁଣି ବୃଦ୍ଧ ନିଜ ଘର ସାମନା କଚାରାସ୍ତାକୁ ହଳ କରିବାକୁ କହିଲେ। ଯୁବକଟି ତାହାହିଁ କରିବାରୁ ଅନେକ ଶସ୍ୟ ଗଛ ଉଠିଲା ଏବଂ ଯୁବକ ତାକୁ ନେଇ କ୍ଷେତରେ ରୋପଣ କଲା। କିଛିଦିନ ପରେ ଯୁବକର କ୍ଷେତ ସବୁଜିମାରେ ଭରିଗଲା। ରାଜା ଯୁବକକୁ ଏହାର କାରଣ ପଚାରିଲେ। ଯୁବକ କିଛି ଉତ୍ତର ଦେବା ପୂର୍ବରୁ ପ୍ରଥମେ କହିଲା, 'ଆଜ୍ଞା ମୁଁ ରାଜାଦେଶ ଅବମାନନା କରି ପିତାଙ୍କୁ ହତ୍ୟା କରି ନଥିବାରୁ ମୋତେ ସମୁଚିତ ଦଣ୍ଡ ମିଳୁ। ପିତାଙ୍କ ପରାମର୍ଶ ଅନୁସାରେ କାମ କରିବାରୁ ଆଜି ଏ ଶସ୍ୟ କ୍ଷେତ୍ର ସମ୍ଭବ ହୋଇଛି।' ରାଜା ଯୁବକକୁ ଦଣ୍ଡ ଦେବେ କ'ଣ ବରଂ ଦେଶର ସମସ୍ତ ବୟସ୍କଙ୍କୁ ହତ୍ୟା କରାଯାଇଥିବା ଆତ୍ମଗ୍ଲାନିରେ ଜର୍ଜରିତ ହୋଇ ଯୁବକକୁ ଆଲିଙ୍ଗନ କରି କହିଲେ, 'ମୁଁ ଏକ ସାଂଘାତିକ ଭୁଲ କରିଛି। ମୁଁ ଅନ୍ଧ ହୋଇଯାଇଥିଲି। ତୁମେ ମୋର ଆଖି ଖୋଲି ଦେଇଛ। ଏବେ ମୁଁ ବୁଝୁଛି ବାସ୍ତବରେ ବୃଦ୍ଧମାନେ କେତେ ଆବଶ୍ୟକ ଏବଂ ତାଙ୍କ ଅଭିଜ୍ଞତା ସମ୍ପନ୍ନ ଉପଦେଶ କେତେ ମୂଲ୍ୟବାନ।'

ବୃଦ୍ଧମାନେ କେବେ ବି ଅଦରକାରୀ ନୁହନ୍ତି। ତାଙ୍କ ପ୍ରଜ୍ଞାଯୁକ୍ତ ଅଭିଜ୍ଞତା ସର୍ବାଦୌ ମୂଲ୍ୟବାନ। ସେମାନେ ଗୋଟିଏ ଦେଶର ବୌଦ୍ଧିକ ସମ୍ପଦ। ଏକଥା ସମସ୍ତ ନାଗରିକ ଓ ସର୍ବୋପରି ସରକାର ବୁଝିବା ଅତ୍ୟନ୍ତ ଜରୁରୀ।

ସିଦ୍ଧଳ(ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦

## ଲେଖା ଓ ଲେଖକ

ଅଞ୍ଜନ ଚାନ୍ଦ



ଆଗରୁ ପୂଜା ପତ୍ରିକାଗୁଡ଼ିକ ପୂଜା ବେଳରେ ନହେଲେ ପୂଜା ପରେ ବାହାରୁଥିଲା। ଏବେ ସମ୍ପାଦକମାନେ ଅତ୍ୟଧିକ ସଚେତନ ହୋଇ ଦୁର୍ଗା ପୂଜାର ବହୁପୂର୍ବରୁ ପତ୍ରିକାଗୁଡ଼ିକୁ ଛାପି ଦେଉଛନ୍ତି। ଉନ୍ମୋଚନ ଉତ୍ସବ ପାଳନ କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ବିଜ୍ଞାପିତ କରୁଛନ୍ତି। କିଛିଦିନ ପରେ କହୁଛନ୍ତି ବଜାରରୁ ଆମ ପତ୍ରିକା ଉଭାନ ହୋଇଯାଇଛି। ଅନ୍ୟମାନେ ଭାବୁଛନ୍ତି ଯେଉଁ ପତ୍ରିକା ଯେତେ ଆଗରୁ ବଜାରକୁ ଆସିବ ସେ ପତ୍ରିକା ସେତେ ପରିମାଣରେ ଅଧିକ ବିକ୍ରି ହେବ। ସେଥିପାଇଁ ସମ୍ପାଦକ/ପ୍ରକାଶକମାନେ ଏବେ ପୂଜା ପତ୍ରିକା କାମ ଶୀଘ୍ର ସାରିବାକୁ ଖୁବ ତରତର।

ଏଥର ପୂଜା ଆଗରୁ ମୁଁ ବନ୍ଧୁ ନଟବରଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ଦେଖିଲି ସେ ପୂରା ଦମରେ କାମରେ ଲାଗିଛନ୍ତି। ମୋତେ ଦେଖି କହିଲେ - 'ଭାଇ, ଟିକେ ଦେଖିଲ। ଆଜି ଦୁଇଟି ଲେଖା ଡାକରେ ଆସିଛି।' ମୁଁ ଲଫାପା ଖୋଲି ଦେଖିଲି ଦୁଇଟି ଗପ। ଜଣେ ବହୁ ପରିଚିତ ବରିଷ୍ଠ ଗାଳ୍ପିକ, ଅନ୍ୟ ଜଣେ ଅପରିଚିତ ଯୁବ ଗାଳ୍ପିକ। ଯୁବକଙ୍କ ଗପରେ ନୂତନତ୍ୱ ଓ ପାଠକୀୟତା ରହିଛି। ବରିଷ୍ଠ କେବଳ ଅନେକ ବାକ୍ୟ ସମନ୍ୱୟରେ କିଛି ଅଦ୍ଭୁତ କଥା ଲେଖିଛନ୍ତି, ଯାହା ପଢ଼ିବାକୁ ଭଲ ଲାଗୁନାହିଁ। ଡିଟିପି ଅପରେଟର କହିଲେ- 'ଆଉ ଗୋଟିଏ ଗପ ଯାଇପାରିବ।' ମୁଁ ଯୁବ ଗାଳ୍ପିକଙ୍କ ଗପଟିକୁ ବାଛିଲି। ନଟବର ପଚାରିଲେ - 'ଅନ୍ୟ ଗପଟି କାହାର?' ମୋ ଠାରୁ ବରିଷ୍ଠ ଗାଳ୍ପିକଙ୍କ ନାଁ ଶୁଣି ସେ ଚମକି ପଡ଼ିଲେ। କହିଲେ - 'ହେ ଭଗବାନ, କି ବୁଦ୍ଧି ଯେ ତୁମର! କାହାକୁ ଛାଡ଼ି କାହାକୁ ଦେଉଛ।' ଗପଟିକୁ ନପଢ଼ି ସିଧା ଟାଇପ କରିବା ପାଇଁ ଦେଇଦେଲେ। ଯୁବ ଗାଳ୍ପିକଙ୍କ ଭଲ ଗପ ତାହାର ଉପଯୁକ୍ତ ସ୍ଥାନ ଡଷ୍ଟବିନକୁ ଚାଲିଗଲା।

ନଟବରଙ୍କ ପରି ଅନେକ ସମ୍ପାଦକ ଭାବନ୍ତି ନାହିଁ ଯେ, ସେମାନେ କେବଳ ନିଜ ପତ୍ରିକା ନୁହେଁ, ଓଡ଼ିଆ ସାହିତ୍ୟକୁ ସମ୍ପାଦନା କରୁଛନ୍ତି। ଏଇ ପତ୍ରପତ୍ରିକା ମାଧ୍ୟମରେ ହିଁ ଓଡ଼ିଆ ସାହିତ୍ୟ ନିଜ ପରିଚୟ ସୃଷ୍ଟି କରୁଛି। ଯେକୌଣସି ସାହିତ୍ୟ ତାହାର ରଚନା ବଳରେ ହିଁ ବିଭବଶାଳୀ ହୋଇଥାଏ। ଲେଖକଙ୍କ ନାମ ଯେତେ ବିଖ୍ୟାତ ହୋଇଥିଲେ ବି ଲେଖା ଭଲ ହୋଇ ନଥିଲେ ପାଠକ ତାହାକୁ ନାପସନ୍ଦ କରିଦିଏ। ଅଥଚ ଏବେ ଏଠାରେ ପ୍ରାୟ ପତ୍ରିକାରେ ଲେଖାକୁ ଛାଡ଼ି ଲେଖକଙ୍କୁ ଚୟନ କରିବାର ପ୍ରକ୍ରିୟା ଜାରିରହିଛି। ବରିଷ୍ଠ ଲେଖକ, ବିଶିଷ୍ଟ ଲେଖକ, ପୁରସ୍କୃତ ଲେଖକ, ପଦାଧିକାରୀ ଲେଖକ, ପୁଣି କିଏ ସାହିତ୍ୟ ସଙ୍ଗଠନର ବଡ଼ କର୍ମକର୍ତ୍ତା, ପତ୍ରିକା ସମ୍ପାଦକ, ଅର୍ଥ ସାହାଯ୍ୟ ଅଥବା ବିଜ୍ଞାପନ ଯୋଗାଇ ଦେଉଥିବା ଧନିକ - ଏମାନଙ୍କୁ ପତ୍ରିକାର ପ୍ରମୁଖ ସ୍ଥାନରେ ରଖାଯାଉଛି। ଯେଉଁମାନେ ଲେଖା ବାହାରିଲେ ସୌଜନ୍ୟ କପି ପାଇଁ ଦାବି କରିବେ ନାହିଁ, ବରଂ ନିଜେ ଆଠ ଦଶ କପି କିଣି ଅନ୍ୟମାନଙ୍କୁ ବାଣ୍ଟିବେ, ଡିଟିପି ହୋଇ ଆସିଥିବା ଲେଖା, ଯାହାକୁ ଟାଇପ ନକରି ସିଧାସଳଖ ଛପା ହୋଇ ପାରିବ; ଏମାନଙ୍କ ପ୍ରତି ମଧ୍ୟ ସମ୍ପାଦକମାନଙ୍କ ଦରଦ ରହୁଛି। ଏସବୁ ବାଦ ଯଦି କିଛି ସ୍ଥାନ ବଳିପଡ଼େ ତେବେ ହୁଏତ ଅନ୍ୟ ଲେଖାପ୍ରତି ଦୃଷ୍ଟି ଦିଆଯାଉଛି।

ଦିନେ ଜଣେ ବନ୍ଧୁ ପଚାରିଲେ - 'ମୁଁ ଏତେ ସାହିତ୍ୟସଭା, କବିତା ଆସରକୁ ଯାଉଛି, ସବୁଠାରେ ତ କେବଳ ପ୍ରଶଂସା ଶୁଣିଛି। ଆଲୋଚନା କି ସମାଲୋଚନା କିଛି ବି ନାହିଁ।' ମୁଁ କହିଲି - 'ତା'ର ଗୋଟିଏମାତ୍ର କାରଣ। ଧାଡ଼ିଏ ବି ଲେଖା ନପଢ଼ି ଗୁଡ଼ାଏ ପ୍ରଶଂସା କରିହେବ, କିନ୍ତୁ ଲେଖାଟିକୁ ସମ୍ପୂର୍ଣ୍ଣ ନପଢ଼ି ଧାଡ଼ିଏ ବି ଆଲୋଚନା କରି ହେବନାହିଁ। ସୁତରାଂ ଆଲୋଚନା ଅଥବା ସମାଲୋଚନା ପାଇଁ ନିଷ୍ଠାପର ପାଠକୀୟତା ତଥା ସତ୍‌ସାହସ ଅଭାବରୁ ଏବେ ଆମ ସାହିତ୍ୟରେ ଅତ୍ୟଧିକ ପ୍ରଶଂସା ହିଁ ଦେଖାଯାଉଛି।' ଏ ପ୍ରସଙ୍ଗରେ ଛୋଟ କଥାଟିଏ ଖୁବ ପ୍ରଯୁଜ୍ୟ। ଏକଦା ଜଣେ ରାଜା ଘୋଷଣା କଲେ- 'ଆଜି ଦରବାରରେ ସେ ସ୍ୱରଚିତ କବିତାଟିଏ ପଢ଼ି ଶୁଣାଇବେ। ସମସ୍ତେ ଖୁସିରେ ସମ୍ମତି ଜଣାଇଲେ। ରାଜା କବିତା ପଢ଼ିଲେ। ବାଃ, ବାଃ, କି ଚମତ୍କାର କବିତା, ଦରବାରୀମାନେ ପ୍ରଶଂସା କଲେ। କେବଳ ବିଦୂଷକ କିଛି ନକହି ନିରବରେ ବସିଥା'ନ୍ତି। ରାଜା ପଚାରିଲେ - 'ଆପଣ କିଛି କହୁନାହାନ୍ତି?' ବିଦୂଷକ କହିଲେ - 'ମଣିମା! ମୋତେ କବିତାଟି ଭଲ ଲାଗିଲାନାହିଁ।' ରାଜା ରାଗିଯାଇ ଆଦେଶ ଦେଲେ - 'ଏ ଅରସିକକୁ ସାତଦିନ କାରାଗାରରେ ରଖ।' କିଛିଦିନ ପରେ ରାଜା ପୁଣି ଗୋଟିଏ କବିତା ଲେଖିଲେ ଏବଂ ଦରବାରରେ ପଢ଼ିବେ ବୋଲି ଘୋଷଣା କଲେ। ସେଦିନ ବିଦୂଷକ ବିଳମ୍ବରେ ଦରବାରକୁ ଆସିଲେ। ରାଜା କାରଣ ପଚାରିବାରୁ ସେ କହିଲେ - 'ମଣିମା! ଆପଣଙ୍କ ଘୋଷଣା ଶୁଣିବା ପରେ ମୁଁ ବିପଣୀକୁ ଯାଇଥିଲି। ସାତ ଦିନର ସଉଦା କିଣି ଘରେ ରଖିଦେଇ ଆସିଛି।'

ଏବେ ସେପରି ସତ କହିବାର ସାହସ ରଖୁଥିବା ବିଦୂଷକଙ୍କ ଆତ୍ମା ବିଲୁପ୍ତପ୍ରାୟ; ଅଥଚ ସେହି ରାଜକୀୟ କବିଙ୍କ ଆତ୍ମା ବହୁଧା ବିଭକ୍ତ ହୋଇ ଆମ ଭିତରେ ବାଣ୍ଟିଯାଇଛି। ପ୍ରଶଂସାପ୍ରବଣତା ଓଡ଼ିଆ ସାହିତ୍ୟରେ ଲେଖକ ସଂଖ୍ୟା ଅତ୍ୟଧିକ ବଢ଼ାଇ ଦେଇଛି। ପରିଚୟ ସଙ୍କଟରେ ପଡ଼ିଥିବା କିଛିଲୋକ ପରିଚୟ ସୃଷ୍ଟି କରିବାର ସହଜ ବାଟ ଭାବି ସାହିତ୍ୟ ଭିତରକୁ ଧସେଇ ପଶୁଛନ୍ତି। ଅନେକ ପୁସ୍ତକ ରଚନା ହେଉଛି। ପ୍ରକାଶକମାନେ ଲେଖକଙ୍କ ଅର୍ଥରେ ଲାଭବାନ ହେଉଛନ୍ତି ଏବଂ ଆମ ସାହିତ୍ୟ ଦିନକୁ ଦିନ ମେଦବହୁଳ ରୋଗରେ ଆକ୍ରାନ୍ତ ହେଉଛି।

ସାହିତ୍ୟ ସଂରଚନା ଏକ ନୈସର୍ଗିକ ପ୍ରବୃତ୍ତି। ଏଥିରେ ଲେଖକ କେବଳ ମାଧ୍ୟମ। ଏକ ଅଦୃଶ୍ୟ ଶକ୍ତିର ପ୍ରେରଣାରେ କେଉଁ ଅଜ୍ଞାତ ସ୍ଥାନରୁ ଆସୁଥିବା ଭାବକୁ ସେ ଲେଖନୀ ମାଧ୍ୟମରେ ପ୍ରକାଶ କରନ୍ତି। ଏହି ଭାବନାର ସ୍ରୋତ ମଧ୍ୟ ନିୟତ ନୁହେଁ। ଯେଉଁଦିନ ତାହା ଆସିବା ବନ୍ଦ ହୋଇଯାଏ ଲେଖକ ପୁଣି ସାଧାରଣ ଲୋକ ହୋଇଯା'ନ୍ତି। ନିଜେ ଚେଷ୍ଟା କରି ଲେଖାଟିଏ ଲେଖିଲେ ତାହା ପାଠକଙ୍କ ନିକଟରେ ସମାଦୃତ ହୋଇପାରେ ନାହିଁ। ସୁତରାଂ ସାହିତ୍ୟରେ ଲେଖା ହିଁ ଗୁରୁତ୍ୱପୂର୍ଣ୍ଣ, କଦାଚିତ୍ ଲେଖକ ନୁହନ୍ତି।

ବାଲେଶ୍ୱର, ମୋ: ୬୩୭୦୬୬୧୧୪୭

## ଅଗ୍ରଗାମୀ ଚେତନାର ଦ୍ୟୋତନା: କବି ଅନ୍ନପୂର୍ଣ୍ଣା

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ନାରୀକବି ଅନ୍ନପୂର୍ଣ୍ଣା ନବଚେତନାର ଏକ ତେଜସ୍କ୍ରିୟ କିରଣ। ଉଚ୍ଚଶିକ୍ଷା ଲାଭ ନ କରି ସାଧାରଣ ଗ୍ରାମ୍ୟବଧୂ ଭାବରେ ଜୀବନ ଅତିବାହିତ କରି ମଧ୍ୟ ଜଣେ ନିଜସ୍ୱ ଅନ୍ତର୍ଚେତନାର ଦ୍ୟୁତିରେ ଉଦ୍ଭାସିତ କରି ଦେଇପାରେ ତା'ର ଚତୁର୍ଦ୍ଦିଗକୁ -ଏହାର ଦିବ୍ୟ ଦୃଷ୍ଟାନ୍ତ ଅନ୍ନପୂର୍ଣ୍ଣା। ମହାକାଶ ବକ୍ଷର ଏକ ନୀଳ ନକ୍ଷତ୍ର ସେ। ଧରିତ୍ରୀର ଆହ୍ୱାନରେ ସତେ କି ଅବତରଣ କରିଆସିଥିଲେ ମର୍ତ୍ତ୍ୟମଣ୍ଡଳକୁ। ସେଇ ଶୁଭ ଧରାବତରଣ ନଥିଲା ଆଦୌ ତାତ୍ପର୍ଯ୍ୟବିହୀନ। ଉତ୍କଳ ଭୂମିରେ ମାନବଚେତନାକୁ ଅଭିନ୍ନ ଉପଲବ୍ଧିରେ ଅଭିମନ୍ତ୍ରିତ କରିଦେବା ପାଇଁ ହିଁ ଓହ୍ଲାଇ ଆସିଥିଲେ ସେ ସ୍ୱର୍ଗର ଦେବୀ ଭାବରେ।

ରେନାସାଁ କ'ଣ ତାହା କ'ଣ ଜାଣିଥିଲେ ସେ ପୁସ୍ତକ ଅଧ୍ୟୟନ କରି? ସେ ଯାହା ଜାଣି ନଥିଲେ ତାଙ୍କ ଅନ୍ତରାତ୍ମା ତାହା ଯଥାର୍ଥ ଭାବରେ ଉପଲବ୍ଧି କରିସାରିଥିଲା। ଯେଉଁ ସମୟରେ ନାରୀଜୀବନ ଥିଲା ଗୃହପ୍ରାଚୀର ମଧ୍ୟରେ ସୀମାବଦ୍ଧ, ସେହି ସମୟରେ ଅନ୍ନପୂର୍ଣ୍ଣାଙ୍କ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେବା ଯୋଗୁଁ ସମାଜରେ ସୃଷ୍ଟି ହୋଇଥିଲା ଆଲୋଡ଼ନ। ବିଭିନ୍ନ ସଭା ସମିତିରେ ତାଙ୍କ ଯୋଗଦାନ ଓ ଆଧୁନିକ ଯୁଗର କବି ଲେଖକଙ୍କ ସହିତ ତାଙ୍କର ସାରସ୍ୱତ ସମ୍ପର୍କ ହୋଇଥିଲା ବହୁଚର୍ଚ୍ଚିତ ପ୍ରସଙ୍ଗ। ଅନ୍ନପୂର୍ଣ୍ଣା ଜାଣିଥିଲେ ଯେ ତାଙ୍କର ଏହି ସକ୍ରିୟ ସାହିତ୍ୟିକ କାର୍ଯ୍ୟକ୍ରମ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଦୃଷ୍ଟିରେ ଆଲୋଚନା କରିବେ। ମାତ୍ର ସେଥିପାଇଁ ସେ ଅଟକି ଯିବାର ପ୍ରଶ୍ନ ଉଠୁନଥିଲା। ତାଙ୍କ ପରମପୂଜ୍ୟ ସ୍ୱାମୀଙ୍କ ନଥିଲା ଏ ବିଷୟରେ କୌଣସି ଆପତ୍ତି। ସେ ହୃଦୟଙ୍ଗମ କରିପାରିଥିଲେ ଯେ ଅନ୍ନପୂର୍ଣ୍ଣା ବିଭୁଆଶିଷରୁ ଉତଥିତା ଏକ ଅସାମାନ୍ୟ ସୃଜନ ସଳିତା। ତାଙ୍କୁ ଲିଭାଇ ଦେବାର ଶକ୍ତି କାହାରି ପାଖରେ ନାହିଁ।

ଅନ୍ନପୂର୍ଣ୍ଣାଙ୍କ ଅବିଚଳିତ ଇଚ୍ଛାଶକ୍ତି ତାଙ୍କ କବିତାରେ ମଧ୍ୟ ପ୍ରତିବିମ୍ବିତ ହୋଇଉଠିଛି ସାର୍ଥକ ଭାବରେ। ସ୍ୱରଚିତ 'ଦୃଢ଼ଶକ୍ତି'ଶୀର୍ଷକ କବିତାରେ ସେ ଲେଖିଛନ୍ତି - 'ସତ୍ୟ ସତ୍ୟ ସର୍ବସତ୍ୟ ନାହିଁ କିଛି ଭୟ, ସତ୍ୟର ସାଧନା ସଂଗେ ସକଳ ବିଜୟ/ ସତ୍ୟଜ୍ୟୋତି ବ୍ୟାପୀ ଅଛି କାହିଁ ଅନ୍ଧକାର, ସତ୍ୟପ୍ରେମେ ପୂର୍ଣ୍ଣାକକ୍ଷର ନାହିଁ ମୋ ବିଚାର।' ସତ୍ୟ ସହ ଯେଉଁ ଆତ୍ମାର ସମ୍ପର୍କ ଯେତିକି ଘନିଷ୍ଠ, ସିଏ ସେତିକି ନିର୍ଭୟ। ଅନ୍ନପୂର୍ଣ୍ଣା ସତ୍ୟର ଆରାଧନାରେ ଜୀବନ ସମର୍ପିତ କରିଥିବାରୁ ସେ ଥିଲେ ସର୍ବଦା ଭୟଶୂନ୍ୟ। ଜନ୍ମଭୂମି ଉତ୍କଳ ତାଙ୍କ ପାଇଁ ଥିଲା ପ୍ରେରଣାଦାୟିନୀ ଜନନୀ। 'ଉତ୍କଳ ଭୂମି' ନାମକ କବିତାରେ ସେ ଢାଳି ଦେଇଛନ୍ତି ତାଙ୍କ ହୃଦୟର ପରିପୂର୍ଣ୍ଣ ଶ୍ରଦ୍ଧା ଓ ଭକ୍ତି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଉତ୍ସାହରେ ପ୍ରକାଶିତ ହୋଇଥିଲା ତାଙ୍କ 'ପଦ୍ୟମାଳା' ପ୍ରଥମ ଓ ଦ୍ୱିତୀୟ ଭାଗ। ପରେ ଆଲୋକ ଦେଖିଲା 'ପକ୍ଷୀଘରା'। 'ସହକାର' ପତ୍ରିକାର ସମ୍ପାଦିକା ଭାବରେ ସେ ସେତେବେଳେ କାର୍ଯ୍ୟନିର୍ବାହ କରିବା କ'ଣ କମ ସାହସିକତାର ପରିଚୟ! 'କଳ୍ପକୁଞ୍ଜ', 'ଆଶାହାଟ', 'ମନଶ୍ରୀ', ବିବିଧ କବିତା ତଥା ଗଦ୍ୟସମ୍ଭାରକୁ ନେଇ ତାଙ୍କର ପ୍ରକାଶିତ ହୋଇଛି 'ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ।' ଜୀବନାନୁଭବର ବ୍ୟାପକତା କି ସରଳ, ମଧୁର ଓ କୋମଳ ଭାବରେ ପ୍ରକାଶିତ ହୋଇପାରେ, ତାହା ପ୍ରତିଟି ଅନୁରାଗୀ ପାଠକ ଏଥିରେ ନିଶ୍ଚୟ ଲକ୍ଷ୍ୟ କରିପାରିବେ। 'ନିଜ ହୃଦୟକୁ ଦେଖ, ତା'ପରେ କବିତା ଲେଖ' ବୋଲି ଫିଲିପ ସିଡନୀ ଯାହା କହିଛନ୍ତି, ତାହାର ପ୍ରାଣୋଚ୍ଛଳ ପରିପ୍ରକାଶ ହେଉଛି ଅନ୍ନପୂର୍ଣ୍ଣାଙ୍କ କବିତା ଏବଂ ସାମଗ୍ରିକ ଭାବରେ ତାଙ୍କ ସାହିତ୍ୟର ଆବେଦନ।

କଷ୍ଟ, ଯାତନା ଓ ବେଦନା ସତ୍ତ୍ୱେ ସ୍ୱକୀୟ ସାଧନାରେ ଥିଲେ ସେ ସର୍ବଦା ଅବିଚଳିତ। ସମାଜରେ ବ୍ୟାପ୍ତ ଅଚେତନତା ଦୂର କରିବାରେ ବିରାଜିତା ଏକ ଅଗ୍ନିଶିଖା। ପାଠକ ପ୍ରାଣର ଅହଂକୈନ୍ଦ୍ରିକ ସମସ୍ତ ଆବର୍ଜନାକୁ ଧୋଇ ନେବାରେ ଏକ ନିର୍ମଳ ନିର୍ଝରିଣୀ। ସକଳ ବିରୁଦ୍ଧ ପରିସ୍ଥିତି ସହ ସଂଘର୍ଷ କରି ଆଗକୁ ଅଗ୍ରସର ହୋଇଯିବା ନିମନ୍ତେ ସେ ମେଘାବୃତ୍ତ ଆକାଶ ବକ୍ଷର ଏକ ବିଜୁଳିରେଖା। ଶାନ୍ତି, ଆଶା, ନିରାଶା, ଦୁଃଖ, ମୃତ୍ୟୁ, ଅଶ୍ରୁ, ଗର୍ବ, ବିଚ୍ଛେଦ- ଏପରି ବହୁ ମାନବିକ ଅନୁଭବକୁ ସେ ବ୍ୟକ୍ତ କରିଛନ୍ତି ସହଜ, ସରଳ ଲାଳିତ୍ୟ ସଂଯୋଗ ସହିତ। କବିତାର ସାରଲ୍ୟରେ କିପରି କବି ହୃଦୟର ନମନୀୟତା ପ୍ରସ୍ଫୁଟିତ ହୋଇପାରେ ସୁବାସିତ ପୁଷ୍ପର ମସୃଣତା ନେଇ, ତାହା ଅନୁଭବ କରିବାକୁ ଯିଏ ଆକୁଳ, ତାଙ୍କ ଆତ୍ମାରେ ଏହା ପ୍ରଦାନ କରିପାରିବ ସାନ୍ତ୍ୱନାର ଚନ୍ଦନ ପ୍ରଲେପ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।





# ଭାରତର ରାଜନୀତିରେ 'ନବୀନ' ସିଦ୍ଧାନ୍ତ

■ ରାମଶଙ୍କର

ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ୨୪ ସେପ୍ଟେମ୍ବର ୧୯୬୯ ରେ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ରାଷ୍ଟ୍ରୀୟ ସେବା ଯୋଜନା' ସ୍ଥାପିତ ହୋଇଛିଙ୍ଗ ସାମାଜିକ ସମସ୍ୟା ସମାଧାନ ଦିଗରେ ଜନସାଧାରଣଙ୍କର ଭାଗିଦାରିତା ସୃଷ୍ଟି କରିବା ନିମନ୍ତେ ଆବଶ୍ୟକ 'ନେତୃତ୍ୱକାରୀ ସାମର୍ଥ୍ୟକୁ' ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏକ ବେସରକାରୀ ସଂଗଠନ ଜିଲ୍ଲା ସଦର ମହକୁମାରେ ୫୦ଜଣ ବିଦ୍ୟାର୍ଥୀଙ୍କୁ ନେଇ ୫ଦିନିଆ ଶିବିର ଆୟୋଜନ କରିଥା'ନ୍ତି। ଅନ୍ଧବିଶ୍ୱାସ ମୁକ୍ତ ଓ ବୈଜ୍ଞାନିକ ଚିନ୍ତାଧାରାଯୁକ୍ତ ଜୀବନ ସଫଳତାର ପ୍ରଥମ ପାହାଚ ଏବଂ ସମ୍ବିଧାନର ଧାରା -୫୧(କ) ଅନ୍ତର୍ଗତ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେବା କାର୍ଯ୍ୟ ମୁଁ କରୁଥାଏ। ତେଣୁ ଉକ୍ତ ବେସରକାରୀ ସଂଗଠନ ମୋତେ ନିମନ୍ତ୍ରଣ କରିଥା'ନ୍ତି। ମହାବିଦ୍ୟାଳୟରେ 'ରାଷ୍ଟ୍ରୀୟ ସେବା ଯୋଜନା' ଦାୟିତ୍ୱରେ ଥିବା ଅଧ୍ୟାପକ ବିଦ୍ୟାର୍ଥୀମାନଙ୍କୁ ନେତୃତ୍ୱ ଦେବାକୁ ଆବଶ୍ୟକ ଦୁଇଟି ଯୋଗ୍ୟତା ସମ୍ପର୍କରେ ବୁଝାଉଥା'ନ୍ତି। ପ୍ରଥମ, ଜନତାଙ୍କ ସହ ବ୍ୟକ୍ତିଗତ ପ୍ରତ୍ୟକ୍ଷ ସମ୍ପର୍କ। ଦ୍ୱିତୀୟରେ ଜନସାଧାରଣଙ୍କ ସହ ଭାବର ଆଦାନ ପ୍ରଦାନ ନିମନ୍ତେ ବାକ୍-ପଟୁତା। ସିଧାସଳଖ ସମ୍ପର୍କ ଓ ଭଲ କହିଲା ବାଲା ନହେଲେ ସଫଳ ନେତା ହୋଇ ପାରିବ ନାହିଁ। ଅଧ୍ୟାପକଙ୍କ ପାଠ ପଢ଼ା ସରିବା ପରେ ମୋ ପାଳି ଆସିଲା। ମାତ୍ର ମୁଁ ମୋ ବିଷୟକୁ ନ ଯାଇ ବିଦ୍ୟାର୍ଥୀ ଓ ଅନ୍ୟ ଅଧ୍ୟାପକଙ୍କ ଉପସ୍ଥିତିରେ ମୋର ଗୋଟିଏ ପ୍ରଶ୍ନ ଥିଲା, ଓଡ଼ିଶାରେ ଜନପ୍ରିୟତାର ଶୀର୍ଷରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନସମ୍ପର୍କ ଓ ବାକ୍‌ପଟୁତା। ବିଦ୍ୟାର୍ଥୀମାନଙ୍କ ଅପେକ୍ଷା ଅଧ୍ୟାପକବନ୍ଧୁମାନେ ସ୍ତବ୍ଧ। ବିରୋଧୀ ରାଜନୈତିକ ଦଳ ଓ ରାଜନୈତିକ ସମୀକ୍ଷକ ନବୀନ ବାବୁଙ୍କ ବିରୁଦ୍ଧରେ ଅପପ୍ରଚାର କରୁଥିଲେ ଯେ ତାଙ୍କର ଜନସାଧାରଣଙ୍କ ସହିତ ଆଦୌ ସମ୍ପର୍କ ନାହିଁ ଏବଂ ନବୀନ ବାବୁ ଭାଷଣ କଥା ଛାଡ଼ନ୍ତୁ ଅନ୍ୟ ପକ୍ଷରେ ବହୁତ କମ୍ କଥା କହନ୍ତି। ତେବେ କେଉଁ ଆଧାରରେ ସେ ଓଡ଼ିଶାବାସୀଙ୍କ ହୃଦୟ ଜିଣିଥିଲେ? ଯାହାଙ୍କୁ ଦେଖିବା ପାଇଁ ରାସ୍ତାକଡ଼ରେ ହଜାର ହଜାର ଆବାଳ ବୃଦ୍ଧ ବନିତା ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିଲେ? ଭାରତର ରାଜନୀତିରେ ଏକ ନୂତନ ସିଦ୍ଧାନ୍ତ ସୃଷ୍ଟି କରିଥିଲେ ନବୀନ ବାବୁ। ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କର ସେତୁ ସୃଷ୍ଟି କରିଥିଲେ 'ଜନ କଲ୍ୟାଣ ଯୋଜନା'ର ସୁଫଳ ଜରିଆରେ ଓଡ଼ିଶାବାସୀଙ୍କ ମୁହଁରେ ହସ ଫୁଟାଇ। ମିଥ୍ୟା ପ୍ରତିଶ୍ରୁତି ଓ ଲମ୍ବା ଭାଷଣ ପରିବର୍ତ୍ତେ ତିନୋଟି ଶବ୍ଦ ମାଧ୍ୟମରେ କୋଟିକୋଟି ଓଡ଼ିଶାବାସୀଙ୍କ ହୃଦୟକୁ ଜିତିଥିଲେ - 'ଆପଣମାନେ ଖୁସି ତ' ? ସାଢ଼େ ଚାରିକୋଟି ଓଡ଼ିଶାବାସୀ କେବଳ ନୁହନ୍ତି ଦେଶବାସୀ ଜାଣିଛନ୍ତି ଯେ ଗତ ବିଧାନସଭା ନିର୍ବାଚନରେ ଭାରତର ପ୍ରଧାନମନ୍ତ୍ରୀ, ଗଣ୍ଡା ଗଣ୍ଡା କେନ୍ଦ୍ରମନ୍ତ୍ରୀ, ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ନେଇଛନ୍ତି। ମାତ୍ର ଏକ ବର୍ଷ ମଧ୍ୟରେ ତାହା ପ୍ରମାଣ ହୋଇସାରିଛି। ଭାରତର ରାଜନୈତିକ ଇତିହାସରେ ନବୀନବାବୁ ନୂଆ ସିଦ୍ଧାନ୍ତର ପ୍ରତୀକ ପାଲଟିଛନ୍ତି। ■


**ଅଧ୍ୟକ୍ଷ,**
**ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ, ଖୋର୍ଦ୍ଧା,**
**ମୋ: ୯୩୩୭୬୨୧୪୫୫**


# ଅନନ୍ୟ ନବୀନ

■ ଡ. ବିମ୍ବାଧର ବେହେରା

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଂପ୍ରତି ଓଡିଶା ବିଧାନସଭାର ବିରୋଧୀଦଳ ନେତା ମାନ୍ୟବର ନବୀନ ପଟ୍ଟନାୟକଙ୍କର ଜନ୍ମ ଜୟନ୍ତୀ ଆକ୍ଟୋବର ୧୬ ତାରିଖ। ଏହି ପରିପ୍ରେକ୍ଷୀରେ କୌଣସି ରାଜନୈତିକ ବାଦ ବିସମ୍ବାଦର ଊର୍ଦ୍ଧ୍ୱରେ ତାଙ୍କ ମହାନ ବ୍ୟକ୍ତିତ୍ୱର ଆକଳନ କରାଯାଇପାରେ। ଓଡ଼ିଶାର ମାଟି କଟକରେ ୧୯୪୬ ମସିହା ଅକ୍ଟୋବର ୧୬ ତାରିଖରେ ସେ ଭୂମିଷ୍ଠ ହୋଇଥିଲେ ଓଡ଼ିଶାର ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପରିବାରରେ। ସମୟ ସ୍ରୋତରେ ଦୀର୍ଘ ୨୪ ବର୍ଷ କାଳ କେବଳ ଓଡ଼ିଶାରେ ନୁହଁ ଜାତୀୟ ରାଜନୀତିରେ ନବୀନବାବୁ ଥିଲେ ଜଣେ ନିଆରା ବ୍ୟକ୍ତିତ୍ୱ। ଓଡ଼ିଶାର ସାମାଜିକ, ଅର୍ଥନୈତିକ ବିକାଶ ସହ ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେତେକ ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ ସେ। ଆଜି ମୋର ମନେପଡ଼େ ଜୁଲାଇ ପଚିଶ ୨୦୧୩ ମସିହାର ଏକ ସ୍ମରଣୀୟ ସନ୍ଧ୍ୟା ସ୍ଥାନ ରବୀନ୍ଦ୍ରମଣ୍ଡପ ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ତଥା ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ। ମଞ୍ଚ ଉପରେ ବହୁ ଉଚ୍ଚପଦସ୍ଥ କର୍ମକର୍ତ୍ତା, ମନ୍ତ୍ରୀଙ୍କ ସହ ମୁଖ୍ୟଅତିଥି ଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ ମହୋଦୟ, ତାଙ୍କ ସ୍ୱହସ୍ତରୁ ଉତ୍ତରୀୟ ତଥା ତାମ୍ର ଫଳକ ସହ ବରିଷ୍ଠ ସାରସ୍ୱତ ସାଧକ ଭାବେ ସମ୍ବର୍ଦ୍ଧିତ ହେବା ମୋ ପାଇଁ ଜୀବନର ନିଶ୍ଚିତ ଭାବେ ଏକ ଅଭୁଲା ମୁହୂର୍ତ୍ତ। ସେହି ରୋମାଞ୍ଚିତ ସଞ୍ଚୟ ଆଜିବି ସ୍ମୃତି ପେଟିକାରୁ ଭାସି ଆସେ।

ଦ୍ୱିତୀୟଥର ମାର୍ଚ୍ଚ ୫ ତାରିଖ ୨୦୧୭ ମସିହା ପଞ୍ଚାୟତରାଜ ଦିବସ ପାଳିତ ହେଉଥାଏ ଭୁବନେଶ୍ୱରସ୍ଥ ଆଦିବାସୀ ପଡିଆରେ, ସେଦିନ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଜୟନ୍ତୀ ମଧ୍ୟ ଥାଏ, ସାରାଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକ ତଥା ସାମାଜିକ ସମ୍ପୃକ୍ତି ଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ଥାଏ। ସରକାରଙ୍କ ତରଫରୁ ବସ୍ ଯୋଗେ ସେମାନଙ୍କୁ ନେଇ ଭୁବନେଶ୍ୱରସ୍ଥ ବିଭିନ୍ନ ହୋଟେଲରେ ବିଶ୍ରାମ ସୁଯୋଗ ଦେବା ସହ ସୁନ୍ଦର ଆତିଥେୟତା ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରେ କେନ୍ଦୁଝରରୁ ଆଉ କେତେଜଣଙ୍କ ସହିତ ମୁଁ ମଧ୍ୟ ସେ ସୁଯୋଗ ଲାଭ କରିଥିଲି। ବିରାଟ ସୁସଜ୍ଜିତ ମଞ୍ଚରେ ମୁଖ୍ୟଅତିଥି ଥିଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ, ତାଙ୍କ ଉପସ୍ଥିତିରେ ତତ୍କାଳୀନ ମନ୍ତ୍ରୀ ଅରୁଣ କୁମାର ସାହୁ ଉତ୍ତରୀୟ ସହ ଆମକୁ ସମ୍ବର୍ଦ୍ଧିତ କରିଥିଲେ। ସେଇବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟଙ୍କର ଭାବଗମ୍ଭୀର ସଂକ୍ଷିପ୍ତ ବକ୍ତବ୍ୟ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ପ୍ରତି ତାଙ୍କର ଥିଲା ଶ୍ରଦ୍ଧା ଓ ସମ୍ମାନ, ସେହି ଅପରାହ୍ଣର ମଧୁର ସ୍ମୃତି ଏବେଯାଏ ଜୀବିତ ଅଛି।

ରାଜନୈତିକ ପରିସରରେ ପ୍ରବେଶ କରିବା ପୂର୍ବରୁ ମାନନୀୟ ନବୀନ ପଟ୍ଟନାୟକ ଜଣେ ଲେଖକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ। ଇଂରାଜୀରେ ଅନେକ ଗ୍ରନ୍ଥର ପ୍ରଣେତା ସହ ବିଭିନ୍ନ ରୋଗ ନିରାକରଣ ପାଇଁ ଭାରତରେ ଥିବା ଔଷଧୀୟ ବୃକ୍ଷ ଉପରେ ତାଙ୍କର ସୃଜନୀ ପ୍ରତିଭା ବେଶ ଦୃଷ୍ଟିଆକର୍ଷଣ କରେ, ତାହା ଥିଲା 'ଗାର୍ଡେନ ଅଫ ଲାଇଫ', 'ଆନ ଇଣ୍ଟ୍ରୋଡକ୍ସନ ଟୁ ଦି ହିଲିଙ୍ଗ ପ୍ଲାଣ୍ଟସ ଅଫ ଇଣ୍ଡିଆ', ନିଶ୍ଚିତ ଭାବେ ଆରଣ୍ୟକ ପରିବେଶ ପ୍ରତି ତାଙ୍କ ହୃଦୟରେ ଆବେଗ ଥିଲା, ଯାହା ଏଥିରେ ପ୍ରତିଫଳିତ। ତାଙ୍କର ଭାଷଣଗୁଡ଼ିକ ଖୁବ୍ ସଂକ୍ଷିପ୍ତ ଥିଲେ ମଧ୍ୟ ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର ଅବକାଶ ଥିଲା। ଦୀର୍ଘବର୍ଷ ଧରି ଓଡ଼ିଶାର ଶାସନ ଡୋରିକୁ ନିୟନ୍ତ୍ରିତ କରିଥିବା ଏପରି ମହାଦ୍ରୁମଙ୍କ ବ୍ୟକ୍ତିତ୍ୱର ସାରବତ୍ତା ସଂକ୍ଷିପ୍ତ ପରିସରରେ ଆକଳନ କରିବା ଅନ୍ଧଙ୍କ ହାତୀ ଦେଖା ସହ ସମାନ। ■


**ଜନଜାତି ଗବେଷକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ,**
**ଧରଣୀଧର ସ୍ୱୟଂ ଶାଶିତ ମହାବିଦ୍ୟାଳୟ,**
**କେନ୍ଦୁଝର**





ବିଜୁ ଜନତା ଦଳ

୧୬ ଅକ୍ଟୋବର, ୨୦୨୫

ନବ ଉତ୍କଳର ବିଶ୍ୱକର୍ମା,
ସାଢ଼େ ଚାରିକୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ,
ଆମ ସମସ୍ତଙ୍କ ପ୍ରିୟ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ
ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
**ଶୁଭ ଜନ୍ମଦିନ**
ଅବସରରେ
**ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା**

ଏହି ଶୁଭ ଜନ୍ମଦିନରେ
ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ
ନିକଟରେ ଆପଣଙ୍କର ଦୀର୍ଘ
ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

**ସୁବାସିନୀ ଜେନା**
**ବିଧାୟିକା, ବସ୍ତା ନିର୍ବାଚନ ମଣ୍ଡଳୀ**








ସକାଳ
THE SAKALA
www.sakalaepaper.com

# ଯାହାଙ୍କ ପାଇଁ ଓଡ଼ିଶା ଏବେ ଆଦର୍ଶ ରାଜ୍ୟ

■ ମହମ୍ମଦ ହିଫ୍ଜୁର ରହେମାନ୍



ନବୀନ ପଟ୍ଟନାୟକ । ରାଜନୀତି ତାଙ୍କ ପାଇଁ କ୍ଷମତା ଆହରଣ ନୁହେଁ, ଲୋକଙ୍କ ସେବା ଓ ରାଜ୍ୟର ବିକାଶ ହିଁ ଏକମାତ୍ର ବ୍ରତ । କ୍ଷମତାରେ ଥାଆନ୍ତୁ କି ନ ଥାଆନ୍ତୁ, ନିଷ୍ଠା ଓ ଆନ୍ତରିକତା ସହ ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି । ୧୯୯୭ରେ ପ୍ରଥମ ଥର ପାଇଁ ଆସିକା ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ଠାରୁ ଆଜି ପର୍ଯ୍ୟନ୍ତ ସେ ନିଜର ଜୀବନକୁ ସମ୍ପୂର୍ଣ୍ଣ ଭାବେ ଓଡିଶାବାସୀଙ୍କ ବିକାଶ ପାଇଁ ଉତ୍ସର୍ଗ କରିଦେଇଛନ୍ତି । ନିଜର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ପାଇଁ ଗତ ୨୫ ବର୍ଷରୁ ଅଧିକ ସମୟ ତାଙ୍କର ନିରନ୍ତର ସେବା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ।

କ୍ଷମତାରେ ଥିବା ସମୟରେ ଓଡ଼ିଶାର ଚିତ୍ରକୁ ବଦଳାଇ ଦେଇଥିଲେ ନବୀନ ପଟ୍ଟନାୟକ । ଭୋକର ଭୂଗୋଳରୁ ଓଡିଶା ଆଜି ଶସ୍ୟ ସମୃଦ୍ଧ । ଅଭାବ ଅନଟନ, ଦାରିଦ୍ର୍ୟ, ଅନାହାର, ଅନଗ୍ରସର ଭଳି ଶବ୍ଦ ଯାହା ଓଡିଶାକୁ ସବୁବେଳେ ବିଶ୍ୱ ଦରବାରରେ ନନ୍ଦିତ କରୁଥିଲା, ତାହା ଆଜି ଇତିହାସ ପାଲଟିଯାଇଛି । ବିଶ୍ୱ ଦରବାରରେ ଓଡିଶା ଅନେକ କ୍ଷେତ୍ରରେ ମଡେଲ ରାଜ୍ୟର ମାନ୍ୟତା ପାଇଛି । ବିପର୍ଯ୍ୟୟ ମୁକାବିଲା ହେଉ କି ଓଡିଆଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ସାରା ବିଶ୍ୱ ଓଡିଶା ମଡେଲକୁ ପ୍ରଶଂସା କରୁଛି । ମିସନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ସଶକ୍ତୀକରଣ ଠାରୁ ଆରମ୍ଭ କରି ଅଭେଦ୍ୟ ମାଓ ଗଡକୁ ସ୍ୱାଭିମାନ ଅଞ୍ଚଳରେ ରୂପାନ୍ତରିତ କରିବା, ଚାଷୀଙ୍କ ପାଇଁ କାଳିଆ ଯୋଜନା, ଓଡିଶାକୁ ବିଶ୍ୱସ୍ତରରେ ପୁଞ୍ଜିନିବେଶର ହବ୍ ଭାବେ ଗଢି ତୋଳିବା, ବିଶ୍ୱ ଦରବାରରେ ଓଡିଶାକୁ କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠିତ କରିବା, ଦକ୍ଷତା ବିକାଶ ଜରିଆରେ ଲକ୍ଷ ଲକ୍ଷ ଓଡିଆ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା, ଜାଗା ମିସନ ଜରିଆରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ଭଳି ଲୋକାଭିମୁଖୀ ଯୋଜନା ଥିଲା ନୂଆ ଓଡିଶାର ବିନ୍ଧାଣୀ ରୂପେ ପରିଚିତ ନବୀନଙ୍କ ଅବଦାନ ।

ଅର୍ଥ ଅଭାବରୁ କାହାର ଜୀବନ ଯିବ ନାହିଁ । ଚିକିତ୍ସା ପାଇଁ ଜମିବାଡ଼ି, ଗହଣା ବିକିବାକୁ ପଡ଼ିବ ନାହିଁ । ରାଜ୍ୟବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ପ୍ରଚଳନ କରି ନବୀନ ଅନ୍ୟମାନଙ୍କ ପାଇଁ ରାସ୍ତା ଦେଖାଇଥିଲେ । ଚିକିତ୍ସା କ୍ଷେତ୍ରରେ ଏହା ଆଣିଥିଲା ବୈପ୍ଲବିକ ପରିବର୍ତ୍ତନ । ନୂଆ ସରକାର କ୍ଷମତାକୁ ଆସିଲା ପରେ ମଧ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡରେ ରହିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଛାପ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ହେଉ କି କୋଣାର୍କ ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର ଠାରୁ ଆରମ୍ଭ କରି ତାରାତାରିଣୀ ଓ ସମଲେଶ୍ୱରୀ ପୀଠ । ଏସବୁ ଐତିହ୍ୟ କ୍ଷେତ୍ରର ବିକାଶ ପାଇଁ ତାଙ୍କର ଅବଦାନ ମଧ ଅତୁଳନୀୟ ।

ସେହିଭଳି କୋଭିଡ ମୁକାବିଲାରେ ମଧ ଓଡିଶା ସାରା ଦେଶ ପାଇଁ ସାଜିଥିଲା ମଡେଲ । ଅଦୃଶ୍ୟ ଭୂତାଣୁ ବିରୋଧରେ ଲଢିବାକୁ ଯେତେବେଳେ କେହି ଚିନ୍ତା କରିପାରୁନଥିଲେ ସେତେବେଳେ ନବୀନ ଦେଇଥିଲେ ମୁକାବିଲାର ସୂତ୍ର । ସଂକ୍ରମଣ ଚେନ୍ ରୋକିବା ସହ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଲକ୍ଷ୍ୟ ରଖି ଆରମ୍ଭ କରିଥିଲେ ମୁକାବିଲା । ରାଜ୍ୟରେ ସମସ୍ତଙ୍କୁ ମାଗଣା କୋଭିଡ ଚିକିତ୍ସା ପ୍ରଦାନ କରାଯାଇଲା ।

ନବୀନ ପଟ୍ଟନାୟକଙ୍କ ସଫଳତାରେ ଯୋଡ଼ି ହୋଇ ରହିଛି ଜନହିତକର କାର୍ଯ୍ୟକ୍ରମର ଏଭଳି ଲମ୍ବା ତାଲିକା । ଜଣେ ନମ୍ର ନେତା ଭାବେ ପରିଚିତ ନବୀନଙ୍କ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ଉଦାହାରଣ ହୋଇଛି ।

ନବୀନ ଏବେ କ୍ଷମତାରେ ନାହାନ୍ତି ସତ, କିନ୍ତୁ ରାଜ୍ୟବାସୀଙ୍କ ସେବାରେ ସେ ଏବେ ବି ଉତ୍ସର୍ଗୀକୃତ । ସାଢ଼େ ଚାରି କୋଟି ଓଡ଼ିଆ ଏବେ ବି ତାଙ୍କର ପରିବାର । ଏବେ ବି ସେମାନଙ୍କ ସୁଖଦୁଃଖ ସହିତ ନିଜକୁ ଯୋଡ଼ି ହୋଇ ରଖିଛନ୍ତି । କାହାରି ଟିକିଏ ଅସୁବିଧା ହେଲେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ପାଇଁ ପରାମର୍ଶ ଦେଉଛନ୍ତି । ବିରୋଧୀ ଦଳ ନେତାଙ୍କ ଭୂମିକା କେମିତି ହୁଏ, ତାହା ସେ ତାଙ୍କର ଆଚରଣ ଜରିଆରେ ଉଦାହରଣ ସୃଷ୍ଟି କରିଛନ୍ତି । ରାଜ୍ୟ ବିଧାନସଭାର ୫୦ରୁ ଅଧିକ ବିଧାୟକ ଥିଲେ ମଧ ସେ କେବେହେଲ ନିର୍ବାଚିତ ସରକାରକୁ ଅସ୍ଥିର କରିବାକୁ ପ୍ରୟାସ କି ନାହାନ୍ତି । ଜାତୀୟ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ନବୀନ ଚାହିଁଲେ ରାଜ୍ୟରେ ବିଜେପି ସରକାରକୁ ଦୋହଲାଇ ଦେଇପାରିବେ । କିନ୍ତୁ କ୍ଷମତାଲୋଭୀ ନ ହୋଇ ଲୋକମାନଙ୍କର ମତାମତକୁ ସମ୍ମାନ ଜଣାଇ ବିରୋଧୀ ଦଳର ନେତା ଭାବେ ନିଜର ଗଠନମୂଳକ ଦାୟିତ୍ୱକୁ କିପରି ନିର୍ବାହ କରେ ତାହା ସେ ଦେଖାଇ ଦେଇଛନ୍ତି । ତାଙ୍କର ନିନ୍ଦୁକ ମଧ ଏହା ସ୍ୱୀକାର କରିବାକୁ ବାଧ ହେଉଛନ୍ତି । ■

# ବିରଳ ବ୍ୟକ୍ତିତ୍ୱ

■ ବିଜୟ କୁମାର ମହାନ୍ତି

ନବୀନ ପଟ୍ଟନାୟକଙ୍କୁ ମୁଁ ୨୦୦୨ ମସିହାରେ ନବୀନ ନିବାସରେ ପ୍ରତ୍ୟକ୍ଷ ଭାବରେ ଦେଖିବା ଏବଂ ଆଲୋଚନା କରିବାର ସୁଯୋଗ ପାଇଥିଲି । ସେତେବେଳେ ମୁଁ କୁଚିଣ୍ଡାର ଆମ ଭାତପୁରା ଗ୍ରାମରେ ଥିଲି । ଆମ ଘରେ ଲାଗିଥିବା ଲ୍ୟାଣ୍ଡଫୋନ୍‌ରେ ନବୀନ ନିବାସରୁ ଫୋନ୍ ଆସିଲା ଯେ, ମୁଖ୍ୟମନ୍ତ୍ରୀ ଆପଣଙ୍କ ସହ କଥା ହେବା ପାଇଁ ଚାହାନ୍ତି । ସେ ରେଢ଼ାଖୋଲ ଉପନିର୍ବାଚନରେ ମୋର ସହଯୋଗ ଲୋଡ଼ିବା ସହ ନବୀନ ନିବାସ ଆସି ଆଲୋଚନା କରିବାକୁ ଅନୁରୋଧ କରିଥିଲେ । ମୁଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ଭାବରେ ସେହିବର୍ଷ ନିର୍ବାଚିତ ହୋଇଥିଲି । ରେଢ଼ାଖୋଲରେ ଆମ ସଂଘର ସଂଗଠନ ସୁଦୃଢ଼ ଥିଲା ଏବଂ ମୋର ରାଜନୈତିକ ସମ୍ପର୍କ ମଧ ଭଲ ଥିଲା । ନବୀନ ନିବାସରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟା ଏବଂ ନିର୍ବାଚନରେ ବିଷୟରେ ମୋ ସହିତ ଆଲୋଚନା କରିଥିଲେ ଏବଂ ପରାମର୍ଶ ମଧ ଲୋଡ଼ିଥିଲେ । ସେତେବେଳେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଅତିଶୟ ବର୍ଷା ବିପ୍ଳାତ, ବନ୍ୟା, ଧମା ଅଞ୍ଚଳରେ ବନ୍ୟାଜନିତ ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ ମୁଁ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରି ତା'ର ପ୍ରତିକାର ପାଇଁ କେତେକ ପ୍ରସ୍ତାବ ଦେଇଥିଲି । ସେ ମୋ ମତାମତକୁ ଶୁଣି ନିଜେ ହାତରେ ଲେଖି ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଆଶ୍ୱାସନା ଦେଇଥିଲେ । ଏଥିସହିତ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସହଯୋଗ ମଧ କାମନା କରିଥିଲେ । ମୋର ଏହି ପ୍ରଥମ ପରିଚୟ ଓ ଆଲୋଚନାରେ ନବୀନ ପଟ୍ଟନାୟକଙ୍କ ସରଳତା, ସମସ୍ୟା ଜାଣିବାର ଉତ୍ସୁକତା ଓ ସମାଧାନ ପାଇଁ ପ୍ରଚେଷ୍ଟା ଏବଂ ସର୍ବୋପରି ପ୍ରଥମ ପରିଚୟରୁ ହିଁ ଆତ୍ମୀୟତାର ଏକ ବଡ଼ ଝଲକ ମୁଁ ପାଇଲି । ତାଙ୍କର ପ୍ରଥମ ପରିଚୟରେ ଆଲୋଚନାର ବୈଶିଷ୍ଟ୍ୟ ମୋତେ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ କରିଥିଲା । ୨୦୦୨-୦୩ ମସିହାର କଥା । ସେତେବେଳେର କେନ୍ଦୁପତ୍ର ତୋଳାଳିମାନଙ୍କର ଆର୍ଥିକ ସଙ୍କଟ ଏତେ ଉତ୍କଟ ଥିଲା ଯେ ଚପଲ କିଣିବା ସମସ୍ତଙ୍କ ପାଇଁ ସମ୍ଭବପର ହେଉନଥିଲା । ଠିକ୍ ସମୟରେ ସରକାର ନିଜେ ଚପଲ କିଣି ହଜାର ହଜାର ସଂଖ୍ୟାରେ ତୋଳାଳିଙ୍କୁ ବଣ୍ଟନ କଲେ । ଏହା ଦରଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ପରିଚୟ । ସେହିପରି ୧ପଇସାରେ ଗୋଟିଏ ପତ୍ର ଦର ନିର୍ଦ୍ଧାରଣ ସେତେବେଳେ ଉଚ୍ଚ ସରକାରୀ ସ୍ତରରେ ଏବଂ ଅର୍ଥ ବିଭାଗରେ ଘୋର ବିରୋଧ ହେଲା । ଏହାସତ୍ତ୍ୱେ ନିଷ୍ପତ୍ତିକୁ ଦୃଢ଼ତାର ସହ କାର୍ଯ୍ୟକାରୀ କରିବା ସେତେବେଳର ତାଙ୍କର ଅନ୍ୟ ଏକ ସାହସିକ ପଦକ୍ଷେପ ଥିଲା । ଏହା ଏକ ସ୍ମରଣୀୟ ଘଟଣା । ଆମ ସଂଘ କେନ୍ଦୁପତ୍ର ତୋଳାଳିଙ୍କ କଲ୍ୟାଣ ପାଇଁ ବିଭିନ୍ନ ଦାବି ଓ ଆନ୍ଦୋଳନ କରିଛି । କିନ୍ତୁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଅସହିଷ୍ଣୁ ମନୋଭାବ ନ ରଖି ଯଥାସମ୍ଭବ ଆମର ଅନେକ ଦାବି ପୂରଣ କରିଛନ୍ତି । ଜଙ୍ଗଲ ଅଧିକାର ଆଇନ ପ୍ରଚଳନ ପରେ କେନ୍ଦୁପତ୍ର ସଂସ୍ଥାର ସମସ୍ତ ଲାଭକୁ କେନ୍ଦୁପତ୍ର ଶ୍ରମିକମାନଙ୍କ ମଧରେ ବଣ୍ଟନ ଯୋଜନା ମଧ କାର୍ଯ୍ୟକାରୀ ହେଲା । କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ସମର୍ଥନ ଥିଲା ଅନନ୍ୟ ।

୨୦୧୪ରେ ବୁର୍ଲା ଏନଏସି ଅଧକ୍ଷାଙ୍କ ବିରୋଧରେ କେତେକ କାଉନସିଲ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଏହାଜାଣି ସେ ଅନାସ୍ଥା ପ୍ରସ୍ତାବ ଆଗତକାରୀମାନଙ୍କ ଉପରେ ବିରକ୍ତ ହେଲେ ଏବଂ ଏଥିରୁ ବିଚ୍ୟୁତ ହେବା ପାଇଁ ନିର୍ଦ୍ଦେଶ ଦେଲେ । ସେହିପରି ସମ୍ବଲପୁରରେ ମହିଳା ଜିଲ୍ଲାପାଳଙ୍କୁ ଦୁର୍ବବ୍ୟହାର ଘଟଣାକୁ ମଧ କଡ଼ା ଶବ୍ଦରେ ନିନ୍ଦା କରିଥିଲେ । ୧୯୯୯-୨୦୦୦ ମସିହାରେ ଓଡ଼ିଶାରେ ଭୟାବହ ବାତ୍ୟା ଓ ବନ୍ୟାଗ୍ରସ୍ତ ଓଡ଼ିଶାରେ ଘୋର ଆର୍ଥିକ ଦୁରବସ୍ଥା ସମୟରେ ସେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ଏବଂ ଅର୍ଥନୀତିକୁ ସଜାଡ଼ିବା ଏକ ବିଶେଷ ଘଟଣା । ଖାଦ୍ୟ ନିରାପତ୍ତା ଆଇନ୍ ଲାଗୁ ହୋଇ ନ ଥିବା ବେଳେ ଓଡ଼ିଶାରେ ଦରିଦ୍ର ସୀମାରେଖା ତଳେ ଥିବା ସମସ୍ତ ରାଜ୍ୟବାସୀଙ୍କୁ କିଲୋ ପ୍ରତି ଟ. ୨/- ରେ ଚାଉଳ ଯୋଗାଇବା ସେତେବେଳର ଯୁଗାନ୍ତକାରୀ ଘଟଣା ।

ସେହିପରି ବିଭିନ୍ନ ରାଜ୍ୟ ଯୋଜନା ଯଥା - ବିଜୁ ପକ୍କା ଘର ଯୋଜନା, ଗୋପବନ୍ଧୁ ରାଜ୍ୟ ଯୋଜନା, ମଧୁବାବୁ ପେନସନ ଯୋଜନା, ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ସାମାଜିକ ନ୍ୟାୟ ପ୍ରତିଷ୍ଠା ସକାଶେ ତାଙ୍କର ସାହସିକ ପଦକ୍ଷେପ ଯୋଗୁଁ ଓଡ଼ିଶା ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଥିଲା । ୨୦୧୩ ମସିହାରେ ଏକ ସମାବେଶରେ ମୁଁ ଏସଡିଏର ଅଧକ୍ଷ ଭାବରେ ନବୀନ ପଟ୍ଟନାୟକଙ୍କୁ ମହାନଗର ନିଗମ ଗଠନ ପାଇଁ ଏକ ମାନଚିତ୍ର ଓ ବିବରଣୀ ଦେଇ ସମ୍ବଲପୁରକୁ ମହାନଗର ନିଗମ କରିବାକୁ ଅନୁରୋଧ କରିଥିଲି । ସେହିଦିନ ହିଁ ସେ ସମ୍ବଲପୁରକୁ ମହାନଗର ନିଗମ ଘୋଷଣା କରିଥିଲେ । ଏହା ମୋ ମନରେ ଆଜିପର୍ଯ୍ୟନ୍ତ ସ୍ମରଣୀୟ ହୋଇରହିଛି । ମୁଁ ଜିଲ୍ଲା ସଭାପତି, ରାଜ୍ୟ ହସ୍ତଶିଳ୍ପ ନିଗମର ଅଧକ୍ଷ, ରାଜ୍ୟ ଅର୍ଥ ଆୟୋଗର ସଦସ୍ୟ ଓ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧକ୍ଷ ଭାବରେ ବିଭିନ୍ନ ସମୟରେ ନବୀନ ବାବୁଙ୍କୁ ସାକ୍ଷାତ କରିଛି । ତାଙ୍କଠାରେ ଏକ ସରଳ, ଅମାୟିକ ତଥା ଏକ ବିରଳ ବ୍ୟକ୍ତିତ୍ୱର ଭାବମୂର୍ତ୍ତି ମୁଁ ଦେଖିଛି । ଆହୁରି ଅନେକ ପ୍ରତ୍ୟକ୍ଷ ଘଟଣା ଥିଲେ ମଧ ଅଧିକ ଏଥିରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଏଣୁ କିଛି ସ୍ୱତନ୍ତ୍ର ଘଟଣାର ଅବତାରଣା କରିଛି । ଏଥିରୁ ତାଙ୍କର ବିରଳ ବ୍ୟକ୍ତିତ୍ୱର ପରିଚୟ ଯଥେଷ୍ଟ । ■



ଡି - ୮, ସରସ୍ୱତୀ ଏନକ୍ଲେଭ, ସମ୍ବଲପୁର,
ମୋ: ୯୪୩୭୮୦୬୫୨୭

# ଜନକଲ୍ୟାଣକାରୀ ଯୋଜନାର ଦୀର୍ଘ ଯାତ୍ରା

■ ସୋନାଲି ବେହେରା

ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ସବୁଠୁ ପ୍ରିୟ ନେତା ହେଲେ ନବୀନ ପଟ୍ଟନାୟକ । ଲଗାତାର ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ନବୀନ । ତାଙ୍କର ଦୂରଦୃଷ୍ଟି ଏବଂ ସୁଦକ୍ଷ ନେତୃତ୍ୱ ବଳରେ ଓଡ଼ିଶା ରୂପାନ୍ତରଣ ଆଜି ଶିଖର ଛୁଇଁଛି । ରାଜନୀତିରେ ନବୀନଙ୍କ ପ୍ରବେଶ ଓଡ଼ିଶା ରାଜନୀତିର ଏକ ଯୁଗାନ୍ତକାରୀ ପରିବର୍ତ୍ତନ ।

ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ଉନ୍ନତ ଭିତ୍ତିଭୂମିର ବିକାଶ ଥିଲା ନବୀନ ପଟ୍ଟନାୟକଙ୍କ ମୂଳ ଲକ୍ଷ୍ୟ । ଏହା ଅଧୀନରେ ପ୍ରାୟ ୬୭୯୪ ଗ୍ରାମ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଖର୍ଚ୍ଚ ହେଉଛି । ଏହି ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉନ୍ନତ ଏବଂ ସୁଲଭ ସାଧାରଣ ସେବା ଯୋଗାଇ ଦିଆଯାଉଛି । ଏହି କଲ୍ୟାଣମୂଳକ ଯୋଜନାର ଏକ ସେବା ହେଉଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯାହାର ମୂଳ ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳର ବିକାଶ ସହ ଓଡ଼ିଆ ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର । ଏହି ସେବା ଦ୍ୱାରା ଆର୍ଥିକ ସହାୟତା ମିଳିଛି । ଯାହା ଫଳରେ ବିଭିନ୍ନ ପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ପାଇଁ ଅନୁଦାନ ମିଳିଛି । ସେହିପରି ଭାବରେ ଅନ୍ୟ ଏକ ସେବା 'ମହିଳା ସଶକ୍ତୀକରଣ' । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତୀକରଣ ଏବଂ ସ୍ୱାବଲମ୍ବୀ କରିଛି 'ମିଶନ ଶକ୍ତି' । ଗ୍ରାମଗୁଡ଼ିକରେ ସଡ଼କ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କ ଏକ ସୁଫଳ ଯୋଜନା ହେଉଛି MMSY-CUUDA । ଏହି ଯୋଜନା ମାଓବାଦୀ ପ୍ରଭାବିତ ଓ ଚ୍ୟାଲେଞ୍ଜପୂର୍ଣ୍ଣ ଅଞ୍ଚଳରେ ଲାଗୁ ହୋଇଥିଲା । ବିଭିନ୍ନ ଗ୍ରାମପଞ୍ଚାୟତସ୍ତରରୁ ବ୍ଲକ୍ ଏବଂ ଜିଲ୍ଲା ପର୍ଯ୍ୟନ୍ତ ଏକ ସୁଗମ, ସୁଲଭ ଜନ ପରିବହନ ବ୍ୟବସ୍ଥା ହେଉଛି 'ଲକ୍ଷ୍ମୀ ବସ୍' ସେବା । ମହିଳା, ଛାତ୍ରଛାତ୍ରୀ ଏବଂ ଦିବ୍ୟାଙ୍ଗମାନେ ମାତ୍ର ୫ ଟଙ୍କାରେ ଯାତ୍ରା କରିପାରିବେ । ଓଡ଼ିଶାର ଏକ ସ୍ମାର୍ଟ ତଥା ଅତ୍ୟାଧୁନିକ ସାର୍ବଜନୀନ ପରିବର୍ତ୍ତନ ହେଉଛି 'ମୋ ବସ' (ଯାହାକି ବର୍ତ୍ତମାନ 'ଆମ ବସ୍' ନାମରେ ପରିଚିତ) ନବୀନଙ୍କ ପାଇଁ ସଫଳ ହୋଇପାରିଛି । ଏହି ସେବାରେ ରାଜ୍ୟର ସହରାଞ୍ଚଳର ଯାତାୟାତ ସୁରକ୍ଷା, ସହଜ ଓ ସୁଲଭରେ ପରିବର୍ତ୍ତନ ଆଣିପାରିଛି । ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ପିପିଲି, କୋଣାର୍କ ସହିତ ଅନ୍ୟାନ୍ୟ ପ୍ରମୁଖ ସହର ତଥା ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ମଧ୍ୟ ଏହି ସେବା ଲାଭ କରୁଛି । Mo-E-Ride ଭଳି ଇ-ରିକ୍ସା ସେବାଗୁଡ଼ିକ ଯୋଗୁ ଯାତ୍ରୀମାନେ ଦୂରସ୍ଥାନରୁ ମୁଖ୍ୟ ବସ୍ ଷ୍ଟପ୍ ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରୁଛନ୍ତି । 'ମୋ ସେବା କେନ୍ଦ୍ର' ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଜନସାଧାରଣ ପାଇଁ ମାଗଣା ୱାଇଫାଇ ହଟ୍‌ସ୍ପଟ ବ୍ୟବସ୍ଥା କରାଯାଇଛି । 'କାଳିଆ ଯୋଜନା' ଦ୍ୱାରା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଋଣ ଜାଲରୁ ଚାଷୀମାନଙ୍କୁ ମୁକ୍ତ କରିବା ଓ ଯେଉଁମାନେ ବାର୍ଦ୍ଧକ୍ୟ, ଅକ୍ଷମତା ବା ରୋଗ ହେତୁ ଚାଷ କାମ କରିପାରନ୍ତି ନାହିଁ, ସେମାନଙ୍କ ପରିବାରକୁ ଜୀବିକା ନିର୍ବାହ ପାଇଁ ସହାୟତା ଯୋଗାଇ ଦିଆଯାଏ । 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ହେଉଛି ନବୀନ ସରକାରଙ୍କ ଦ୍ୱାର ଆରମ୍ଭ କରାଯାଇଥିବା ଏକ ବଡ଼ ଧାରଣର ସ୍ୱାସ୍ଥ୍ୟ ଯୋଜନା । 'ଆହାର ଯୋଜନା' ଦ୍ୱାରା ସହରାଞ୍ଚଳରେ ଗରିବମାନଙ୍କୁ ୫ ଟଙ୍କିଆ ମୂଲ୍ୟରେ ଆହାର ମିଳିପାରୁଛି । 'ବିଜୁ ସଶକ୍ତିକରଣ ଯୋଜନା' ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲାପ୍‌ଟପ୍ କିଣିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସହରାଞ୍ଚଳରେ ଥିବା ଗରିବ ଲୋକଙ୍କୁ ଜୀବିକା ପାଇଁ ସହାୟତା ପ୍ରଦାନ କରିବା ଏବଂ ସହରାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ 'ମୁକ୍ତ ଯୋଜନା' କାର୍ଯ୍ୟକାରୀ ହୋଇଛି । 'ବନିଶ୍ରୀ ଯୋଜନା' ଦ୍ୱାରା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶିକ୍ଷା ପାଇଁ ସହାୟତା ହେଉଛି ଛାତ୍ରବୃତ୍ତି । ନବୀନ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଥିଲା '5T ଯୋଜନା' । ସରକାର ସେବା ପ୍ରଦାନରେ 'ଟାଇମ୍' (Time), 'ଟ୍ରାନ୍ସଫର୍ମେସନ୍' (Transformation), 'ଟେକ୍ନୋଲୋଜି' (Technology), 'ଟ୍ରାନ୍ସପରସି' (Trancpercy), 'ଟିମ୍‌ୱାର୍କ' (Teamwork) ମାଧ୍ୟମରେ ପରିବର୍ତ୍ତନ ଆଣିବା ଏହାର ମୂଳ ଲକ୍ଷ ।



ରାଜ୍ୟ ରାଜନୀତିର ଏହି ଗୁରୁତ୍ୱପୂର୍ଣ୍ଣ ସମୟ ନବୀନ ପଟ୍ଟନାୟକଙ୍କ ଗୁରୁତ୍ୱ ସାବ୍ୟସ୍ତ କରିଛି । ବିଭିନ୍ନ କ୍ଷେତ୍ରରେ ତାଙ୍କର ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ଦେଶ ତଥା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ମାତୃଶକ୍ତିର ବିକାଶ ପର୍ଯ୍ୟନ୍ତ ନବୀନଙ୍କ କଲ୍ୟାଣକାରୀ ଯୋଜନା ଓଡ଼ିଶାର ରୂପାନ୍ତରଣ ଦିଗରେ ଏକ ମୂଳଦୁଆ ସ୍ଥାପନ କରିଛି । ଏହି ଯୋଜନାଗୁଡ଼ିକ କେବଳ ରାଜନୈତିକ ପ୍ରତିଶ୍ରୁତି ନୁହେଁ, ମାତ୍ର ଓଡ଼ିଶାର କୋଟି କୋଟି ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନର ଏକ ସ୍ଥାୟୀ ପରିବର୍ତ୍ତନ ଆଣିଛି । ■

ସାମ୍ବାଦିକତା ଓ ଗଣଯୋଗାଯୋଗ,
ଭୁବନେଶ୍ୱର

ଅଦ୍ୱିତୀୟ ନେତା, ଜନନାୟକ
ଶ୍ରୀ ନବୀନ ପଟ୍ଟନାୟକଙ୍କ
ଜନ୍ମଦିନ ଉପଲକ୍ଷେ ଶୁଭେଚ୍ଛା ଓ ଶୁଭକାମନା
ଆମ ପାଇଁ ବଡ଼, ଆମ ନୟାଗଡ଼





# ରାଜନୀତିର ଭିନ୍ନ ସ୍ୱର ନବୀନ

■ ମହେଶ୍ୱର ସାହୁ

ପ୍ରଜାମାନଙ୍କର ଶୃଙ୍ଖଳିତ ଜୀବନଯାପନ ପାଇଁ ଶାସନ ଗାଦିରେ ବସିଥିବା ବ୍ୟକ୍ତିବିଶେଷ ଦ୍ୱାରା ପ୍ରଣୀତ ଅନୁଶାସନ ଧାରାକୁ ରାଜନୀତି କୁହାଯାଇଥାଏ। ପୁରାଣ ବର୍ଣ୍ଣିତ ରାଜା ହେଉ କି ଅବତାରୀ ପୁରୁଷ ଅବା ଇତିହାସର କେଉଁ ସମ୍ରାଟ - ସମସ୍ତେ ନିଜ ନିଜର ସ୍ୱତନ୍ତ୍ର ନୀତିରେ ଶାସନ କରିଆସିଛନ୍ତି। ଏହି ନୀତିରେ କିଏ ପ୍ରଜାନୁରଞ୍ଜକର ଆଖ୍ୟା ପାଇଛି ତ କିଏ ବ୍ୟଭିଚାରୀ ବା ସ୍ୱେଚ୍ଛାଚାରୀ ଶାସକର ଟୀକା ପିନ୍ଧି ଜନମାନସରେ ରେଖାଙ୍କିତ ହୋଇ ରହିଯାଇଛି। ଆଜିର ଗାଣତନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ସମାନ ନୀତି ଅନୁସରଣରେ ଶାସନ ଚାଲିଛି। ଫରକ୍ ଏତିକି ହୋଇଛି ଯେ, ଶାସନ ଗାଦିରେ ବସୁଥିବା ବ୍ୟକ୍ତିବିଶେଷ ବା ଦଳକୁ ସାଧାରଣଜନତା ସେମାନଙ୍କର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରି ଦେଶ ବା ରାଜ୍ୟ ଶାସନର ଅଧିକାର ବା କ୍ଷମତା ଦେଉଛନ୍ତି, ଯାହା ସମୟାନ୍ତରରେ ପରିବର୍ତ୍ତନଶୀଳ।

ରାଜ୍ୟ ବା ପ୍ରଜା ଶାସନର ଧାରା ବା ନୀତିକୁ ରାଜନୀତି କୁହାଯାଉଥିଲେ ହେଁ, ସାଧାରଣ ଭାବେ କପଟତାର ଦାଓପେଞ୍ଚ ହିଁ ରାଜନୀତିର ପ୍ରକୃତ ପରିଭାଷାକୁ ବୁଝାଇଥାଏ। ଶାସନ ଗାଦି ଅକ୍ତିଆର କରିବା ପାଇଁ କଳ-ବଳ-କୌଶଳର ନୀତି ହିଁ ରାଜନୀତିର ଏକ ବିପକ୍ଷ ବା ବିପରୀତ ପରିଚୟ ସୃଷ୍ଟି କରିଛି। ଆଜିର ଗଣତନ୍ତ୍ରରେ ଖୁବ୍ କମ୍ ନେତା ଦେଖାଯା'ନ୍ତି, ଯେଉଁମାନେ କି ଏହି ଭିନ୍ନ ରାଜନୀତିର ସ୍ୱର ଓ ସ୍ୱାକ୍ଷରଠୁ ବହୁ ଦୂରରେ। ସେମାନେ ଶାସନ କ୍ଷମତାରେ ଥା'ନ୍ତୁ କି ନ ଥାଆନ୍ତୁ, ପ୍ରଜାନୁରଞ୍ଜକର ମାଳା ପିନ୍ଧି ଜନତାଙ୍କ ମାନସପଟରେ ସର୍ବଦା ଝଟକୁଥା'ନ୍ତି। ସେମାନେ ନିଜ ଦଳ, ନିଜ ପରିବାର, ନିଜ ସଂପର୍କୀୟ କିମ୍ବା ନିଜ ଅନୁଗତ - କାହାକୁ ବି ଖୁସି କରିବା ବଦଳରେ ଜନକଲ୍ୟାଣର ମନ୍ତ୍ରରେ ଦୀକ୍ଷିତ ହୋଇ ନିନ୍ଦା-ପ୍ରଶଂସାର ଊର୍ଦ୍ଧ୍ୱରେ ରହି ଜୀବନ ବିତାଉଥା'ନ୍ତି। ଏମିତି ଅନେକଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ୨୪ ବର୍ଷର ନିରଂକୁଶ ଶାସନ ଗାଦିରେ ଥିବା ବିଜୁ ଜନତା ଦଳର ସର୍ବମାନ୍ୟ ସଭାପତି ନବୀନ ଏବେ ବିରୋଧୀ ଦଳ ନେତା। ଭୋଟ ରାଜନୀତିରେ ନବୀନ ଆଜି ମୁଖ୍ୟମନ୍ତ୍ରୀ ଆସନରୁ ଅପସରି ଯାଇଛନ୍ତି ସତ; ଓଡ଼ିଶାର କୋଟି କୋଟି ଜନତା ଆଜି ବି ତାଙ୍କୁ ମୁଖିଆ ଭାବେ ଗଣୁଛନ୍ତି।



ଦୁର୍ଭିକ୍ଷ, ଅନାହାର, ନିରକ୍ଷରତା, ବେକାରୀ, ପ୍ରାକୃତିକ ବିପର୍ଯ୍ୟୟର ତାଡ଼ନାରେ ଜର୍ଜରିତ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ପଣ ନେଇ ନବୀନ ଓଡ଼ିଶା ରାଜନୀତିରେ ପ୍ରବେଶ କରିଥିଲେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦେହାନ୍ତ ପରେ ବିଜୁଙ୍କ ପ୍ରତି ଓଡ଼ିଶାବାସୀଙ୍କ ଅକୁଣ୍ଠ ଭଲ ପାଇବାକୁ ଆଧାର କରି ୧୯୯୭ ମସିହା ଡିସେମ୍ବର ୨୬ ତାରିଖରେ ଜନ୍ମ ନେଇଥିବା ବିଜୁ ଜନତା ଦଳର ମଙ୍ଗ ଧରିଥିଲେ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ପୁତ୍ର ନବୀନ। ୨୦୦୦ ମସିହା ମାର୍ଚ୍ଚ ମାସ ୫ ତାରିଖରେ ନବୀନ ଓଡ଼ିଶାର ୧୪ତମ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବା ପୂର୍ବରୁ ୧୯୯୮ ମସିହା ସାଧାରଣ ନିର୍ବାଚନରେ ଓଡ଼ିଶାରୁ ସାଂସଦ ନିର୍ବାଚିତ ହୋଇ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ସରକାରରେ ଖଣି ମନ୍ତ୍ରୀ ଭାବେ କେନ୍ଦ୍ର କ୍ୟାବିନେଟରେ ସ୍ଥାନ ପାଇଥିଲେ। ଏହାପରେ ୨୦୦୦ ମସିହାର ସାଧାରଣ ନିର୍ବାଚନ ଜିତି ନବୀନ ବିଜେଡି-ବିଜେପି ମେଣ୍ଟର ନେତା ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ। ୨୦୦୪ ମସିହା ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଏନ୍‌ଡିଏର ନିର୍ବାଚନ ପରାଜୟ ସତ୍ତ୍ୱେ ଓଡ଼ିଶାରେ ନବୀନଙ୍କ ଦୂରଦର୍ଶୀ ଶାସନ ନୀତି ପାଇଁ ରାଜ୍ୟବାସୀ ପୁଣି ଥରେ ବିଜେଡି-ବିଜେପି ମେଣ୍ଟକୁ ଜିତାଇଲେ ଏବଂ ନବୀନ ପୁଣିଥରେ ମୁଖ୍ୟମନ୍ତ୍ରୀ ହେଲେ। କିନ୍ତୁ ରାଜ୍ୟରେ ଧର୍ମୀୟ ବିଭେଦ କାରଣକୁ ନେଇ ବିଜେପିଠାରୁ ଦୂରେଇ ଯାଇ ୨୦୦୯ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଏକାକୀ ଲଢ଼ିଲା ଏବଂ ଓଡ଼ିଶାବାସୀ ନବୀନଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇଲେ।

ସୁତରାଂ ୨୦୦୦ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ଏଭଳି ଏକ ପରିବେଶ ସୃଷ୍ଟି କରିଛନ୍ତି, ଏବେ ଏବେ ନୂଆକରି ସାବାଳକ ହୋଇ ଭୋଟ ଦେଇଥିବା ଯୁବକଯୁବତୀମାନେ ତାଙ୍କ ଜୀବନକାଳ ଭିତରେ କେବଳ ଗୋଟିଏ ଚେହେରାକୁ ହିଁ ମୁଖ୍ୟମନ୍ତ୍ରୀ ଭାବେ ଦେଖି ଆସିଛନ୍ତି। ଆଜି ଅନ୍ୟ ଜଣେ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ହେଁ, ଏବେବି ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ପଚାରିଲେ କିଛି ଲୋକଙ୍କ ପାଟିରୁ ଅଜାଣତରେ ବା ଅଭ୍ୟାସଗତରେ ନବୀନ ପଟ୍ଟନାୟକ ବୋଲି ବାହାରି ଆସୁଛି। ଏହା କେବଳ ନବୀନଙ୍କ ଦୀର୍ଘବର୍ଷର ଶାସନ ଅବଧି ପାଇଁ ନୁହେଁ; ଚିରାଚରିତ ରାଜନୀତିକ ଦାଓପେଞ୍ଚ ବା କପଟତାରୁ ଦୂରେଇ ନବୀନ ଓଡ଼ିଶା ରାଜନୀତିରେ ଛାଡ଼ିଯାଇଥିବା ଅଲିଭା ଛାପ ଯୋଗୁଁ।

କହିବାକୁ ଗଲେ, ନବୀନ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନୁହେଁ; ତାଙ୍କ ନିର୍ବିବାଦୀୟ ନେତୃତ୍ୱ, ସ୍ୱଳ୍ପଭାଷୀ, ସୁବିଚାର ଓ ଜନକଲ୍ୟାଣକାରୀ ଦୂରଦର୍ଶୀ ଶାସନ ପାଇଁ ଆଜି ଓଡ଼ିଶାର ଘରେ ଘରେ ଜଣେ ପରିଚିତ ଓ ପୂଜନୀୟ ବ୍ୟକ୍ତିତ୍ୱ। ଦଳୀୟ ଭାବନା ନେଇ କୁତ୍ସାରଟନା କରୁଥିବା ଅନ୍ୟଦଳର ଲୋକଟିଏ ନବୀନଙ୍କୁ ସମ୍ମୁଖରେ ଦେଖିଲେ ଲଜ୍ଜାବୋଧ କରେ, ଆଉ ତାଙ୍କୁ ଯଥୋଚିତ ସମ୍ମାନ ଜଣାଇବାକୁ କୁଣ୍ଠାବୋଧ କରେ ନାହିଁ। କେବଳ ଓଡ଼ିଶାର ରାଜନୈତିକ ଦୃଶ୍ୟପଟରେ ନୁହେଁ; କେନ୍ଦ୍ରରେ ମଧ୍ୟ ସର୍ବଦଳୀୟ ଗ୍ରହଣୀୟତା ନବୀନଙ୍କୁ ଜଣେ ସର୍ବମାନ୍ୟ ଲୋକପ୍ରିୟ ରାଜନେତାର ମାନ୍ୟତା ଦେଇଛି।

ଏସବୁ ସତ୍ତ୍ୱେ ବିବାଦୀୟ ପ୍ରସଙ୍ଗରେ ସମଦୂରତା ବଜାୟ ରଖି ନବୀନ ରାଜ୍ୟସ୍ୱାର୍ଥକୁ ସର୍ବାଦୌ ଗୁରୁତ୍ୱ ଦେଇ ଆସିଛନ୍ତି। ତାଙ୍କ ଶାସନକାଳରେ ଅନୁସୃତ ନୀତି ଯୋଜନାକୁ ଆଜି ଅନେକ ରାଜ୍ୟ ଏବଂ କେନ୍ଦ୍ର ସରକାର ଅନୁସରଣ କରୁଛନ୍ତି। ଦୀର୍ଘ ୨୪ ବର୍ଷର ଶାସନ ଭିତରେ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନବୀନ ଏମିତି କିଛି ପ୍ରସଙ୍ଗ ଅଛୁଆଁ ରଖିଯାଇ ନାହାନ୍ତି, ଯାହାକୁ ନେଇ ଏବର ନୂଆ ସରକାର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ସବୁ ପ୍ରକାର ପ୍ରତିକୂଳ ସ୍ଥିତିରୁ ସୁଧୁରି ଓଡ଼ିଶା ବିକାଶ ଦିଗରେ ଆଗେଇ ଯାଉଥିବାବେଳେ ଆଉ କିଛି ନୂଆ ସମ୍ଭାବନାର ସ୍ୱପ୍ନ ଅବା ଭେଲିକିରେ ରାଜ୍ୟବାସୀ ଭାରତୀୟ ଜନତା ପାର୍ଟି- ବିଜେପି ହାତରେ ରାଜ୍ୟ ଶାସନକୁ ଟେକି ଦେଇଛନ୍ତି। ହେଲେ ନୂଆ ସରକାରଙ୍କ ସତର ମାସ ଶାସନର ସ୍ଥିତି ଓ ଗତିରୁ ରାଜ୍ୟବାସୀ ସେଭଳି କିଛି ଆଭାସ କି ଆଶା-ଆଶ୍ୱାସନା ପାଇପାରୁ ନାହାନ୍ତି, ଯାହା ନବୀନଙ୍କଠାରୁ ମିଳିଥିଲା।

ଅଳ୍ପରେ ସନ୍ତୁଷ୍ଟ ଓଡ଼ିଶାବାସୀ ଶାନ୍ତିପ୍ରିୟ। କିନ୍ତୁ ଆଜି ଓଡ଼ିଶାର କୋଣଅନୁକୋଣରେ ଅଶାନ୍ତିର କଳରବ। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ପୁଲିସକୁ ଅପରାଧୀଙ୍କ ଭୟ ନାହିଁ। କାଳରାତ୍ରିର ଭୟଠାରୁ ଦିନର ସାଧାରଣ ଜୀବନଯାତ୍ରା ଅଧିକ ବିପନ୍ନ ହୋଇପଡ଼ିଛି। ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଆଜି ଅବିଶ୍ୱାସର ଅନ୍ଧକାରରେ କବଳିତ।

ଏଭଳି ସ୍ଥିତିରେ ରାଜନୈତିକ ଫାଇଦା ଉଠାଇବା ବଦଳରେ ନବୀନ କିନ୍ତୁ ରାଜ୍ୟବାସୀଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିବା ସହ ରାଜ୍ୟସ୍ୱାର୍ଥ ଓ ଜନସ୍ୱାର୍ଥକୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାରଙ୍କୁ ସଜାଗ କରୁଛନ୍ତି। ରାଜ୍ୟର ଗରିମାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆପରାଧିକ ତତ୍ତ୍ୱମାନଙ୍କ ପ୍ରତି ସତର୍କ ରହିବା ସହ କଠୋର ନୀତି ଆପଣାଇବାକୁ ଶାସନମୁଖ୍ୟଙ୍କୁ ଚେତାଇ ଦେଉଛନ୍ତି।

ଆଜିର ସମୟରେ ରାଜନୈତିକ ବିରାଦରୀ ବା ରାଜନୈତିକ ପୃଷ୍ଠପୋଷକତାରୁ କ୍ଷମତାକେନ୍ଦ୍ରର ଅଂଶୀଦାର ହୋଇପାରିଥିବା ଅନେକ ରାଜନେତା ବିବାଦୀୟ ଓ ବିତର୍କିତ। କ୍ଷମତା ହାସଲ ପରେ ଜନକଲ୍ୟାଣ ପାଇଁ ଚିନ୍ତା କରିବା ବଦଳରେ ସ୍ୱ-ସ୍ୱାଚ୍ଛନ୍ଦ୍ୟକୁ ଗୁରୁତ୍ୱ ଦେଇ ଲୋକପ୍ରିୟତା ହରାଇ ବସୁଛନ୍ତି। ତେଣୁ ଏବର ରାଜନୈତିକ ଚିତ୍ରପଟରେ ନବୀନଙ୍କ ଭଳି ଜଣେ ସର୍ବାଜନାଦୃତ ନେତା ନିଶ୍ଚିତ ଭାବେ ବିରଳ। ଆଜି ତାଙ୍କର ୭୯ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶତାୟୁ କାମନା ସହ ପ୍ରଣିପାତ। ■

# ସାଇକ୍ଲୋନ୍ ହିରୋ

■ ସ୍ୱାଧୀନିକା ସାମଲ

ପ୍ରାକୃତିକ ବିପର୍ଯ୍ୟୟ ଆଗରେ ଯେତେବେଳେ ସବୁ ରାଜ୍ୟ ତାହାର ହାତ ଟେକିଦେଉ ଥିଲା, ସେତେବେଳେ ଏପରି ଜଣେ ମୁଖ୍ୟମନ୍ତ୍ରୀ ଥିଲେ, ଯିଏ କି ଏପରି ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ମାତ୍ ଦେଇଥିଲେ ନିଜର ବୁଦ୍ଧି ବଳରେ। ସେ ହେଉଛନ୍ତି ଆମର ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସମୁଦ୍ର ତଟୀୟ ରାଜ୍ୟ ହୋଇଥିବାରୁ ଓଡ଼ିଶାକୁ ପ୍ରତିବର୍ଷ ବାତ୍ୟାର ସାମ୍ନା କରିବାକୁ ହୁଏ। କିନ୍ତୁ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଓଡ଼ିଶା ବାତ୍ୟାକୁ ମାତ୍ ଦେବାରେ ରୋଲ୍ ମଡେଲ୍ ପାଲଟିଥିଲା ସମସ୍ତ ଦେଶ ପାଇଁ। ଏପରିକି ନବୀନ ପଟ୍ଟନାୟକଙ୍କୁ 'Cyclone Man' ବା 'Cyclone Hero' ଭାବରେ ଆଖ୍ୟା ଦିଆଯାଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶା ବାତ୍ୟା ସମ୍ବେଦନଶୀଳ ରାଜ୍ୟ। ଓଡ଼ିଶାର ଜଣେ ପ୍ରତିଷ୍ଠିତ ନେତା, ଯିଏ କି ନିଜ ରାଜନୈତିକ ଯାତ୍ରାରେ ନିଜର ନାମକୁ ଶୀର୍ଷରେ ରଖିଛନ୍ତି ତାଙ୍କର ଦୃଢ଼ ସଂକଳ୍ପ ଓ ସାମାଜିକ ସେବା ଯୋଗୁଁ। ତାଙ୍କର ସମସ୍ତ ଯୋଜନାରେ ମାନବ ଜୀବନ ଏବଂ ଆର୍ଥିକ ସମ୍ପଦକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ୧୯୯୯ ମସିହା ଅକ୍ଟୋବର ୨୯ ଏକ ଭୟାବହ ଦିନ ଥିଲା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୦,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ରାଜ୍ୟରେ ଯଥେଷ୍ଟ ପ୍ରସ୍ତୁତି ନ ଥିଲା। ସେହି ସମୟରେ ନବୀନ ପଟ୍ଟନାୟକ ଏ ପ୍ରସଙ୍ଗରେ ଅଧିକ ଗୁରୁତ୍ୱ ଦେଇଥିଲେ। ୨୦୦୧ ମସିହାରେ ନବୀନ ପଟ୍ଟନାୟକ OSDMA (Odisha State Disaster Management Authority) ଗଠନ କରିଥିଲେ। ଏହି ସଂସ୍ଥା ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ଜନସଚେତନତା, ଉଦ୍ଧାର କରିବା ଉପରେ ଅଧିକ ଗୁରୁତ୍ୱ ଦେଉଥିଲା। ୨୦୧୩ ମସିହାରେ 'ଫାଇଲିନ' ବାତ୍ୟା ସମୟରେ ନବୀନଙ୍କ ସଠିକ୍ ନେତୃତ୍ୱ ଓ ଶାସନ ବଳରେ ୧୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ମାତ୍ର ୨୧ ଜଣଙ୍କ ମୃତ୍ୟୁ ହୋଇଥିଲା ଯାହାକି ସମଗ୍ର ବିଶ୍ୱରେ ବଡ଼ ରେକର୍ଡ ଥିଲା। ଏଥିପାଇଁ ଜାତିସଂଘ ଓ ବିଶ୍ୱ ବ୍ୟାଙ୍କ ଓଡ଼ିଶାକୁ 'Model in disaster management' ବୋଲି କହିଥିଲେ। ସେହିପରି ୨୦୧୪ ମସିହାରେ 'ହୁଦ୍‌ହୁଦ୍' ବାତ୍ୟା ହୋଇଥିଲା ଓଡ଼ିଶାରେ। ଯାହାର ପ୍ରଭାବ କମ୍ ଥିଲା, ଯାହାକି ନବୀନଙ୍କ ସର୍ବୋତ୍ତମ ନେତୃତ୍ୱର ଜ୍ୱଳନ୍ତ ଉଦାହରଣ ଥିଲା।

୨୦୧୮ ମସିହାରେ 'ତିତ୍‌ଲି' ବାତ୍ୟା ଓଡ଼ିଶାରେ ହେଇଥିଲା ନବୀନ ନିଜ ତତ୍ତ୍ୱାବଧାନରେ ସବୁ ନିରୀକ୍ଷଣ କରିଥିଲେ। ସେହି ସମୟରେ ଗ୍ରାମ ସ୍ତରରେ ଉଦ୍ଧାର ଟିମ୍ ଏବଂ ବ୍ଲକ୍ ସ୍ତର ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିଲା। ଦୀର୍ଘ ୨୦ ବର୍ଷ ପରେ ସବୁଠୁ ବଡ଼ ବାତ୍ୟା ଥିଲା 'ଫନି'। ଏହି ବାତ୍ୟାରେ ୧୨,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା।

UNESCO ଓ UN ପକ୍ଷରୁ ଓଡ଼ିଶାକୁ 'Heroic disaster preparedness' ଭାବେ ସମ୍ମାନିତ ମଧ୍ୟ କରାଯାଇଥିଲା। ଏପରିକି କୋଭିଡ୍‌ର ଭୟାବହ ସମୟରେ ମଧ୍ୟ ବାତ୍ୟା ପରିଚାଳନା ସଠିକ୍ ଭାବେ ହୋଇଥିଲା। ଏହି ସମୟ ତାଙ୍କ ଦୃଢ଼ ପରିଚାଳନା ଏବଂ ଉତ୍ତମ ଶାସନକୁ ଦେଖାଏ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୯୦୦ ରୁ ଅଧିକ ବାତ୍ୟା ଶିବିର ଗଠନ କରିବା ସଙ୍ଗେ ସଙ୍ଗେ ୫୦,୦୦୦ ରୁ ଅଧିକ ବାତ୍ୟା ସ୍ୱେଚ୍ଛାସେବୀଙ୍କୁ ଉଚିତ୍ ପ୍ରଶିକ୍ଷଣ ଦିଆଯାଇଥିଲା। ଏପରିକି ଅନେକ ରାଜ୍ୟ ଏବଂ ଦେଶ ତାଙ୍କର ଏହି ନେତୃତ୍ୱକୁ ଅନୁସରଣ କରିଥିଲେ। ନବୀନ ପଟ୍ଟନାୟକ ନିଜେ 'Zero Casualty policy' ଆରମ୍ଭ କରିଥିଲେ, ଯାହାର ଅର୍ଥ ହେଉଛି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଶୂନ। ନବୀନ ପଟ୍ଟନାୟକ ଓଡ଼ିଶାକୁ ଦୁର୍ଘଟଣା ସହନଶୀଳ ରାଜ୍ୟ ଭାବେ ସମଗ୍ର ଦେଶରେ ପରିଚିତ କରିଥିଲେ। ସେ କେବଳ ରାଜନେତା ନ ଥିଲେ ସେ ଥିଲେ ଆଦର୍ଶ ନେତୃତ୍ୱର ଜ୍ୱଳନ୍ତ ଉଦାହରଣ ସମଗ୍ର ଦେଶ ପାଇଁ। ଏପରିକି ତାଙ୍କୁ 'Best CM' ବୋଲି ମଧ୍ୟ କୁହାଯାଏ। ■

ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର




# ଓଡ଼ିଶା ରାଜନୀତିର ମହାନାୟକ

■ ମିହିର ରାୟ

ଭାରତୀୟ ରାଜନୀତିର ବିଶାଳ ମଞ୍ଚରେ କିଛି ବିରଳ ବ୍ୟକ୍ତିତ୍ୱ ଏମିତି ଥାଆନ୍ତି, ଯେଉଁମାନେ ନିଜର ନମ୍ରତା, ନିଷ୍ଠା ଓ କର୍ମନିର୍ଭର ଦୃଷ୍ଟିକୋଣ ଦ୍ୱାରା ଇତିହାସରେ ଅମର ହୋଇ ରହନ୍ତି। ଏମିତି ଏକ ଅନନ୍ୟ ବ୍ୟକ୍ତିତ୍ୱ ହେଉଛନ୍ତି ନବୀନ ପଟ୍ଟନାୟକ, ଯିଏ ଓଡ଼ିଶାରେ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ ଶାସନ କରି ପାଞ୍ଚଟି ନିରନ୍ତର କାର୍ଯ୍ୟକାଳରେ ବିଜୟୀ ହୋଇ ଏକ ଅସାଧାରଣ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ନମ୍ରତା, କମ୍ କଥାବାର୍ତ୍ତା ଶୈଳୀ, କର୍ମନିଷ୍ଠା ଓ ସଂସ୍କାରବାଦୀ ଚିନ୍ତାଧାରା ତାଙ୍କୁ ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏକ ପ୍ରେରଣାଦାୟୀ ଆଲୋକସ୍ତମ୍ଭରେ ପରିଣତ କରିଛି। ନବୀନଙ୍କ ଶାସନକାଳରେ ଓଡ଼ିଶାର ବିକାଶ, ସାମାଜିକ ସଂସ୍କାର ଓ ରାଷ୍ଟ୍ରୀୟ ରାଜନୀତିରେ ତାଙ୍କର ଅବଦାନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚନା କରିଛି। ତାଙ୍କର ଅସାଧାରଣ ସଫଳତା, ମହାନ ବ୍ୟକ୍ତିତ୍ୱ ଓ ଐତିହାସିକ ମହତ୍ତ୍ୱକୁ ଅବଲୋକନ କଲେ ଏକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆସେ।

ନବୀନ ପଟ୍ଟନାୟକଙ୍କ ଶାସନ ଓଡ଼ିଶାକୁ ଏକ ନୂତନ ଦିଗନ୍ତରେ ପହଞ୍ଚାଇଛି। ତାଙ୍କର ପ୍ରଥମ କାର୍ଯ୍ୟକାଳରୁ ହିଁ ଦୁର୍ନୀତି ବିରୋଧୀ ଅଭିଯାନ ଏକ ନଜିର ସୃଷ୍ଟି କରିଥିଲା। ୨୦୦୦ ରୁ ୨୦୧୨ ମଧ୍ୟରେ ୨୬ ଜଣ ମନ୍ତ୍ରୀଙ୍କୁ ଦୁର୍ନୀତି ଅଭିଯୋଗରେ ବରଖାସ୍ତ କରି ସେ ପାରଦର୍ଶୀ ପ୍ରଶାସନର ଏକ ଆଦର୍ଶ ସ୍ଥାପନ କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ତାଙ୍କର ଦୂରଦୃଷ୍ଟି ଅନନ୍ୟ। ୧୯୯୯ର ସୁପର୍ ସାଇକ୍ଲୋନ୍‌ର ଭୟାବହ ଧ୍ୱଂସ ପରେ ସେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସ୍‌ଡିଏମ୍‌ଏ) ଗଠନ କରିଥିଲେ। ଏହା ଫାଇଲିନ, ହୁଡ଼ହୁଡ଼ ଓ ଫନି ଭଳି ବିପର୍ଯ୍ୟୟରେ ଲକ୍ଷାଧିକ ଜୀବନ ରକ୍ଷା କରିବାରେ ସଫଳ ହୋଇଥିଲା। ଏହି ପ୍ରୟାସ ପାଇଁ ଜାତିସଂଘ ସମେତ ବିଶ୍ୱବ୍ୟାପୀ ସଂସ୍ଥାଗୁଡ଼ିକ ଓଡ଼ିଶାକୁ ପ୍ରଶଂସା କରିଛନ୍ତି।

ଦାରିଦ୍ର୍ୟ ନିରାକରଣରେ ନବୀନଙ୍କର ଯୋଜନାଗୁଡ଼ିକ ଏକ ବିପ୍ଳବ ଆଣିଛି। ନୀତି ଆୟୋଗର ରିପୋର୍ଟ ଅନୁଯାୟୀ, ୨୦୦୫-୦୬ ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାର ବହୁଆୟାମୀ ଦାରିଦ୍ର୍ୟ ୬୩.୮୪% ରୁ ୧୧.୦୭% କୁ ହ୍ରାସ ପାଇଛି, ଯାହାଦ୍ୱାରା ୧୦୨.୭୮ ଲକ୍ଷ ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। 'ମମତା ଯୋଜନା' ଗର୍ଭବତୀ ମହିଳାମାନଙ୍କୁ ସଶକ୍ତ କରିଛି ଓ ରାଜ୍ୟର ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାରକୁ ନିୟନ୍ତ୍ରଣ ସ୍ତରକୁ ଆଣିବାରେ ସକ୍ଷମ ହୋଇଛି। 'କାଳିଆ ଯୋଜନା' କୃଷକମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି, 'ମିଶନ୍ ଶକ୍ତି' ମାଧ୍ୟମରେ ରାଜ୍ୟର ପ୍ରାୟ ସତୁରି ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ଆର୍ଥିକ ସ୍ୱାଧୀନତା ହାସଲ କରିଛନ୍ତି, ଓ 'ଜାଗା ମିଶନ୍' ସହରୀ ଗରିବମାନଙ୍କୁ ଆବାସ ଯୋଗାଇଛି। ମହିଳା ସଶକ୍ତୀକରଣରେ ତାଙ୍କର ଅବଦାନ ଅତୁଳନୀୟ। ପଞ୍ଚାୟତରେ ୫୦% ମହିଳା ସଂରକ୍ଷଣ ଏବଂ ମିଶନ୍ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ ପ୍ରଦାନ କରିବାରେ ସେ ଏକ ନୂତନ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନବୀନଙ୍କର ପଦକ୍ଷେପ ଓଡ଼ିଶାକୁ ଏକ ଆଧୁନିକ ରାଜ୍ୟରେ ପରିଣତ କରିଛି। 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ମାଧ୍ୟମରେ ଲକ୍ଷାଧିକ ଲୋକଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଛି। 'ମୋ ସ୍କୁଲ୍' ଓ '୫ଟି' ଯୋଜନା ମାଧ୍ୟମରେ ସ୍କୁଲ୍‌ଗୁଡ଼ିକରେ ଆଧୁନିକ ଅନ୍ତର୍ଗଠନ ଓ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିଛି। ଉପଜାତି କଲ୍ୟାଣ ଓ ଆଦିବାସୀ ବିକାଶରେ ମଧ୍ୟ ତାଙ୍କର ଯୋଜନାଗୁଡ଼ିକ ଫଳପ୍ରଦ ହୋଇଛି।

ଅର୍ଥନୈତିକ ବିକାଶରେ ନବୀନଙ୍କର ଦୂରଦୃଷ୍ଟି ଓଡ଼ିଶାକୁ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିଛି। ଖଣିଜ ସମ୍ପଦର ସଦୁପଯୋଗ ମାଧ୍ୟମରେ ରାଜ୍ୟର ଋଣ ହ୍ରାସ କରାଯାଇଛି। ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ଏକଦା ଋଣଗ୍ରସ୍ତ ହୋଇ ପଡ଼ିଥିବା ଓଡିଶା, ମୁଣ୍ଡପିଛା ଋଣଭାର କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟ ମାନଙ୍କ ଭିତରେ ସବୁଠାରୁ ନିମ୍ନରେ ରହିଥିଲା। ଏହାଛଡା, ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ନୀତି ଆୟୋଗଙ୍କ ୨୦୨୩ମସିହାର ରିପୋର୍ଟ ଅନୁଯାୟୀ, ଓଡିଶା ଦେଶର ରାଜ୍ୟ ମାନଙ୍କ ଭିତରେ ପ୍ରଥମ ସ୍ଥାନ ହାସଲ କରିଥିଲା। ନବୀନଙ୍କ ନୂତନ ଶିଳ୍ପନୀତି ଯୋଗୁ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ, ଓଡିଶା ବିଶ୍ୱର ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଏହି କାରଣରୁ, ଓଡିଶା ପୁଞ୍ଜି ନିବେଶ କ୍ଷେତ୍ରରେ, ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ଦେଶରେ ଯଥାକ୍ରମେ ତୃତୀୟ, ଦ୍ୱିତୀୟ ଓ ପ୍ରଥମ ସ୍ଥାନ ହାସଲ କରିଥିଲା। ରାଜ୍ୟର ସାମାଜିକ ବ୍ୟୟ ୧୫.୧% କମ୍ପାଉଣ୍ଡ ବାର୍ଷିକ ବୃଦ୍ଧି ହାରରେ ବଢ଼ିଛି, ଯାହା ପୂର୍ବ ଭାରତରେ ଓଡ଼ିଶାକୁ ଶୀର୍ଷସ୍ଥାନରେ ରଖିଛି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାକୁ ଏକ ଆନ୍ତର୍ଜାତୀୟ ହବ୍ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଭାରତୀୟ ହକି ଟିମ୍‌ର ସ୍ପନ୍‌ସରଶିପ୍ ଓ କଳିଙ୍ଗ ଷ୍ଟାଡିୟମ୍‌ର ଆଧୁନିକୀକରଣ, ରାଉରକେଲାରେ ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିଅମ ନିର୍ମାଣ ଓଡ଼ିଶାକୁ କ୍ରୀଡ଼ା ଜଗତରେ ଏକ ନୂତନ ପରିଚୟ ଦେଇଛି।

ନବୀନଙ୍କ ନମ୍ରତା, କର୍ମନିଷ୍ଠା ଓ ସଂସ୍କାରବାଦୀ ଦୃଷ୍ଟିକୋଣ ଭାରତୀୟ ରାଜନୀତିରେ ଏକ ନୂତନ ଆଦର୍ଶ ସ୍ଥାପନ କରିଛି। ନବୀନ ପଟ୍ଟନାୟକ କେବଳ ଜନନେତା ନୁହଁନ୍ତି, ସେ ଓଡ଼ିଶାର ଏକ ଜୀବନ୍ତ କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ସଫଳତା, ନମ୍ରତା ଓ ଜନସେବାର ଅଙ୍ଗୀକାର ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବ। ତାଙ୍କର ଶାସନ ଓଡ଼ିଶାକୁ ଏକ ନୂତନ ପରିଚୟ ଦେଇଛି, ଯାହା ଦେଶ ଓ ବିଦେଶରେ ସମ୍ମାନର ସହ ଉଲ୍ଲେଖ କରାଯାଏ। ନବୀନ ପଟ୍ଟନାୟକଙ୍କ କାହାଣୀ ହେଉଛି ଏକ ସଫଳତାର ଗାଥା, ଯେଉଁଥିରେ ନମ୍ରତା, ନିଷ୍ଠା ଓ ଜନସେବାର ମିଶ୍ରଣ ଓଡ଼ିଶାକୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ପଥ ଦେଖାଇଛି। ରାଜନୀତି କ୍ଷେତ୍ରରେ ନବୀନଙ୍କ ଆବିର୍ଭାବ, ପ୍ରଭାବଶାଳୀ ପ୍ରଦର୍ଶନ, ନିରନ୍ତର ଜନସାଧରଣଙ୍କ ଆଶୀର୍ବାଦ ହାସଲ ଇତ୍ୟାଦି ତାଙ୍କୁ ଓଡିଶା ରାଜନୀତିର ମହାନାୟକ ପରିଚୟ ପ୍ରଦାନ କରିଛି। ■

-ରାଉରକେଲା





# ଶୁଭକାମନା

**ଅମିତ୍ ମଲ୍ଲିକ**

୧
ଏକବିଂଶ ଶତାବ୍ଦୀରେ ନେଲେ ଶାସନ ଭାର
ପ୍ରଗତି ପଥରେ ବଦଳିଗଲା ଛବି ଓଡ଼ିଶାର
ତାଙ୍କରି ଶାସନ ଆଣିଦେଲା ଶାନ୍ତି ଓ ପ୍ରଗତି
ନବୀନ ନିର୍ମାତାଙ୍କୁ ଜନ୍ମଦିନର ଶୁଭେଚ୍ଛା ସବୁରି
୨
ବାତ୍ୟାଠାରୁ ବିପର୍ଯ୍ୟୟ ଯାଏଁ କଲେ ଅଟୀରେ ଦମନ
ଜିତିଲେ ଚାରିକୋଟି ଓଡ଼ିଆଙ୍କ ମନ
ବିପର୍ଯ୍ୟୟ କବଳରୁ କଲେ ଓଡ଼ିଶା ସୁରକ୍ଷା
ସାରାବିଶ୍ୱ ପାଇଁ ଆଣିଦେଲେ 'ନବୀନ' ଶିକ୍ଷା
୩
ଭୋକିଲାଙ୍କ ପେଟ ପ୍ରତି ଦରଦ ତାଙ୍କର
ଗରିବଙ୍କୁ ତୁଷ୍ଟ ପାଇଁ କଲେ ପାଞ୍ଚ ଟଙ୍କାରେ ଆହାର
ବିଜୁ ସ୍ୱାସ୍ଥ୍ୟ କାର୍ଡ ଅମୋଘ ଅସ୍ତ୍ର
ତାଙ୍କ ପାଇଁ ଉଲ୍ଲସିତ ସ୍ୱାବଲମ୍ବୀ ମା'
ଘରେ ଘରେ ପହଞ୍ଚିଛି ବିକାଶର ରାହା,
୪
ହକି ବିକାଶରୁ ରାଜ୍ୟର ବିକାଶ, ଓଡ଼ିଶା ପ୍ରଗତିରେ ତାଙ୍କ ଛବି ପ୍ରକାଶ
କଥାରେ ନୁହେଁ; କାମରେ ଦେଖାଇଲେ 'ଗରିବ ହଟାଅ'
ସାରା ଓଡ଼ିଶାରୁ ହଟିଲେ ଦୁସ୍ଥ ଅସହାୟ
୫
କହନ୍ତି ଅଳପ କଥା, କରନ୍ତି ବେଶୀ କାମ
ଶାନ୍ତ ଓ ସଚ୍ଚୋଟ କହିଲେ ନବୀନ ହିଁ ନାମ
ତାଙ୍କ ପାଇଁ ବଦଳିଛି ଓଡ଼ିଶା ଓ ଓଡ଼ିଆଙ୍କ ଛବି
ଓଡ଼ିଶାର ଆକାଶରେ ନବୀନ ହିଁ ଏକମାତ୍ର ରବି
ଜୀବନ ବଦଳାନ୍ତି, ନିରବରେ ଧୀରେ,
ନବୀନଙ୍କ ପାଇଁ ଶୁଭକାମନା ସବୁରି ହୃଦରେ ।

–ମୁଦ୍ରାକର ଓ ପ୍ରକାଶକ 'ସକାଳ'

# ହକି ଜଗତକୁ ନବୀନଙ୍କ ଅବଦାନ

**ଜ୍ଞାନେଶ୍ୱରୀ ପାତ୍ର**

ଓଡ଼ିଶା ଆଜି ଭାରତର ହକିର ହୃଦୟ କେନ୍ଦ୍ର ଭାବେ ପରିଚିତ । ଏହି ଗୌରବର ପଛରେ ଅଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯିଏ ରାଜ୍ୟରେ ହକିକୁ ଏକ ଉଚ୍ଚ ସୋପାନକୁ ନେଇ ଯାଇଛନ୍ତି । ତାଙ୍କ ଦୃଷ୍ଟିଭଙ୍ଗୀ, ପ୍ରତିଶ୍ରୁତି ଓ ଖେଳାଳିମାନଙ୍କ ପ୍ରତି ସହାନୁଭୂତି ଫଳରେ ଓଡ଼ିଶା ଏବେ ଭାରତର ହକି ମାନଚିତ୍ରରେ ଏକ ଅଗ୍ରଗାମୀ ରାଜ୍ୟ ହୋଇଯାଇଛି । ନବୀନ ପଟ୍ଟନାୟକ ହକିକୁ ନିଜ ଶାସନରେ ଏକ ପ୍ରାଥମିକତା ଭାବରେ ଗ୍ରହଣ କରିଥିଲେ । ତାଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟାଡିୟମ୍ ଏବଂ ରାଉରକେଲାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ନିର୍ମିତ ହୋଇଛି । ଯାହା ବିଶ୍ୱର ସବୁଠୁ ବଡ଼ ହକି ଷ୍ଟାଡିୟମ୍ ମଧ୍ୟରୁ ଗଣ୍ୟ । ଏହି ଦୁଇଟି ଷ୍ଟାଡିୟମ୍ ଓଡ଼ିଶାକୁ ହକିର ମହାନଗରୀ ଭାବେ ପରିଚିତ କରାଇଛି । ୨୦୧୮ ଓ ୨୦୨୩ ମସିହାରେ ଓଡ଼ିଶା ଦୁଇ ଥର 'ହକି ବିଶ୍ୱ କପ୍' ଆୟୋଜନ କରି ବିଶ୍ୱର ମଞ୍ଚରେ ଗୌରବ ସୃଷ୍ଟି କରିଛି । ଏହା ଦ୍ୱାରା ଓଡ଼ିଶା ମାତ୍ର ଭାରତର ନୁହେଁ, ବିଶ୍ୱ ହକି ଜଗତର ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଯାଇଛି । ନବୀନ ପଟ୍ଟନାୟକ ହକିକୁ ଗ୍ରାମାଞ୍ଚଳରୁ ଆଣି ବିଭିନ୍ନ ଜିଲ୍ଲାରେ ହକି ଏକାଡେମୀ, ଖେଳ ପ୍ରଶିକ୍ଷଣ କେନ୍ଦ୍ର ଓ ସୁବିଧା ସୃଷ୍ଟି କରିଛନ୍ତି । ଓଡ଼ିଶା ସରକାର 'ହକି ଇଣ୍ଡିଆ'ର ଅଧିକୃତ ସଂସ୍ଥା ଭାବେ ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ଦେଇଆସୁଛି । ଏହି ସମର୍ଥନ ଫଳରେ ଭାରତୀୟ ହକି ଦଳ ଅଲମ୍ପିକ ଓ ଅନ୍ତର୍ଜାତୀୟ ମଞ୍ଚରେ ଉଲ୍ଲେଖ୍ୟନୀୟ ସଫଳତା ଲାଭ କରିପାରିଛି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଯୁବ ସମାଜ ମଧ୍ୟରେ ହକି ପ୍ରତି ଅପାର ଆଗ୍ରହ ଦେଖାଯାଉଛି । ସେ ମାତ୍ର ଖେଳକୁ ପ୍ରୋତ୍ସାହନ ଦେଇନାହାଁନ୍ତି । ଏହାକୁ ଏକ ସାମାଜିକ ଓ ଆର୍ଥିକ ସୁଦୃଢ଼ତାର ମାଧ୍ୟମ ଭାବେ ପରିଣତ କରିଛନ୍ତି । ନବୀନ ପଟ୍ଟନାୟକଙ୍କ ଦୃଢ଼ ପ୍ରୟାସ, ଦୃଷ୍ଟିଭଙ୍ଗୀ ଓ ଖେଳ ପ୍ରତି ସେମାନଙ୍କ ଭଲ ପାଇବା ଫଳରେ ଓଡ଼ିଶା ଆଜି ହକି ମାନଚିତ୍ରରେ ଏକ ଗୌରବମୟ ସ୍ଥାନ ଅଧିକାର କରିଛି । ଓଡ଼ିଶାର ହକି ଦଳ ଏବଂ ଯୁବ ପିଢ଼ି ତାଙ୍କୁ ନିଜେ ମନୋବଳ ଓ ପ୍ରେରଣାର ଉତ୍ସ ଭାବେ ଦେଖନ୍ତି । ଓଡ଼ିଶାକୁ ଖେଳ ଜଗତରେ ଏକ ଉଦାହରଣ ସୃଷ୍ଟି କରିଦେଇଛନ୍ତି ନବୀନ ପଟ୍ଟନାୟକ । ଯେଉଁଠି ହକି କେବଳ ଏକ ଖେଳ ନୁହେଁ, ଏହା ଏକ ଗୌରବ ଓ ଆତ୍ମସମ୍ମାନର ପ୍ରତୀକ ।

–ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# କୋଟି ହୃଦୟର ମଣି: ନବୀନ

**ଡାକ୍ତର ସାଗର ରଂଜନ ତ୍ରିପାଠୀ**

ଲେଖକ ଜୀବନରୁ ପ୍ରବୀଣ ରାଜନେତା ଭାବେ ବିରଳ ବ୍ୟକ୍ତିତ୍ୱ ନବୀନ ପଟ୍ଟନାୟକଙ୍କ ଅନେକ କୃତି କୀର୍ତ୍ତି ରହିଛି ଏହା ପ୍ରତ୍ୟେକ ଓଡ଼ିଆ ସ୍ୱୀକାର କରିବେ । ଖୁବ ସରଳ, ଅମାୟିକ, ଅଳ୍ପଭାଷୀ, ନମ୍ର ସ୍ୱଭାବ ମଣିଷ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦ ଭାର ଗ୍ରହଣ କରି ଓଡ଼ିଶାରେ ଦୀର୍ଘ ପଚିଶି ବର୍ଷ ଧରି ନିରବଚ୍ଛିନ୍ନ ଶାସନ କରି ଏକ ଇତିହାସ ସୃଷ୍ଟି କରିଛନ୍ତି । ବର୍ତ୍ତମାନ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ନିଜ ଆନୁଷ୍ଠାନିକ ପରିଚୟ ଦେଲେ ସୁଦ୍ଧା ସେ ଏବେ ବି ଚାରିକୋଟି ଓଡ଼ିଆଙ୍କ ହୃଦୟରେ ଉର୍ଜସ୍ୱଳ ସ୍ଥାନ ଅଧିକାର କରୁଛନ୍ତି ଏଥିରେ ଦ୍ୱିମତ ନାହିଁ । ସେ ସବୁ ବେଳେ କହିବା ଅପେକ୍ଷା ସେ ନିଜ କାମ କରିବା ଉପରେ ଗୁରୁତ୍ୱ ଦେବା ତାଙ୍କର ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା । ରାଜନୀତି କ୍ଷେତ୍ରରେ ଆସନ ପଦ ଦଖଲ କରିବା ଏବଂ ପୁଣି ସେହି ପଦ ଆସନରୁ ଅପସରି ଯିବା ସତ୍ତ୍ୱେ ବ୍ୟକ୍ତି ନିଜର ନୈସର୍ଗିକ ବ୍ୟକ୍ତିତ୍ୱ ବଳରେ ଶାସିତଙ୍କ ଠାରୁ ଦୂରେଇ ଯାଇ ନ ଥାଏ ତାହା ନିଜ ବିଦ୍ୱତ୍ତା, ଗୁଣବତ୍ତା ତଥା ମହତ୍ତ୍ୱ ପୂର୍ଣ୍ଣ ଗୁଣ ସମୁଚ୍ଚୟର ପ୍ରଭାବରେ ସେ ନିଜ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖି ଥାଏ । ନବୀନ ପଟ୍ଟନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ସନ୍ତାନ ଯିଏ କ୍ଷମତାରୁ ଦୂରେଇ ଗଲା ପରେ ମଧ ଆଜି ତାଙ୍କ ପରି ବ୍ୟକ୍ତିତ୍ୱ ଯେ ଲୋକଙ୍କ ହୃଦୟରୁ ଅପସରି ଯାଇନାହିଁ ଏ କଥା ମଧ ଆଜି ଆମକୁ ସ୍ୱୀକାର କରିବାକୁ ପଡ଼ିବ ।

ରାଜନୀତିର ପରିପକ୍ୱ ସ୍ୱର ଓଡ଼ିଶାର ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଜି ୭୯ ତମ ଜୟନ୍ତୀରେ ତାଙ୍କର ଜୀବନୀ ସଂପର୍କରେ ଆଲୋଚନା ସହିତ ବିଭିନ୍ନ କାର୍ଯ୍ୟକ୍ରମ ସାରା ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା ବ୍ୟକ୍ତି, ଅନୁଷ୍ଠାନ, ଏବଂ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆୟୋଜନ କରାଯାଉଛି ଅଭିନନ୍ଦନୀୟ । ନବୀନ ପଟ୍ଟନାୟକ ଜଣେ ଉଚ୍ଚକୋଟୀର ଇଂରାଜୀ ଲେଖକ ଭାବେ ନିଜ ନିଷ୍ଠା ଓ ସାଧନା ବଳରେ ଦେଶ ଓ ଦେଶ ବାହାରେ ଅଜସ୍ର ଶ୍ରଦ୍ଧା ଓ ସମ୍ମାନ ଲାଭ କରି ଥିଲେ । ଭାରତୀୟ ଜଡ଼ି ବୁଟି ବୃକ୍ଷ ଲତା ଗୁଡିକର ଔଷଧୀୟ ଗୁଣ ସଂପର୍କରେ ପୁସ୍ତକ The garden of Life ନବୀନ ବାବୁଙ୍କ ଅନେକ ରଚନା ଭିତରୁ ଅନ୍ୟତମ । ଲୋକ ପ୍ରିୟ ଲେଖକ ଭାବରେ ନବୀନ ପଟ୍ଟନାୟକଙ୍କ ପାଇଁ ପ୍ରତିଷ୍ଠା ଓ ପ୍ରସିଦ୍ଧି ସବୁ ବେଳେ ଚର୍ଚ୍ଚା ରହି ଆସିଥିଲା କିନ୍ତୁ ରାଜନେତା ଭାବେ ପ୍ରବେଶ ହୁଏ ୧୯୯୭ ରେ ଯେତେବେଳେ ତାଙ୍କ ପିତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିୟୋଗ ହୁଏ । ୧୭ ଏପ୍ରିଲ ୧୯୯୭ରେ ବିଜୁ ବାବୁଙ୍କ ବିୟୋଗ ପରେ ରାଜନୀତିରେ ତରୁଣ ନବୀନ ପଟ୍ଟନାୟକ ଓଡ଼ିଶା ମାଟି ସହ ପରିଚିତ ହେଲେ । ବିଜୁ ପଟ୍ଟନାୟକ ତାଙ୍କ ଜୀବଦ୍ଦଶାରେ କେବେବି ନିଜ ପୁଅଙ୍କୁ ରାଜନୀତିରେ ଆଣିବା ପାଇଁ ଇଚ୍ଛା ପ୍ରକାଶ କରି ନ ଥିଲେ । ବଡ ବିସ୍ମୟ ବିଷୟ ଯେ ,ଓଡ଼ିଆ ଭାଷା ସଂସ୍କୃତି ଓ ଜୀବନ ଶୈଳୀ ସହିତ ଅଭ୍ୟସ୍ତ ନଥିବା ଜଣେ ମଣିଷ ଯେ ସଫଳ ରାଜନେତା ର ପରିଚୟରେ ଓଡ଼ିଶାର ମୁଖ୍ୱମନ୍ତ୍ରୀ ଭାବେ ଲୋକ ପ୍ରିୟତାର ଶୀର୍ଷକୁ ଛୁଇଁ ପାରିଥିଲେ ଏବଂ ଏହା ମଧ ଅନୁଶୀଳନ ଓ ଗବେଷଣା ବିଷୟ । ନବୀନ ପଟ୍ଟନାୟକଙ୍କ ରାଜନୀତି ର ସମୃଦ୍ଧ ସ୍ୱର ଏବଂ ବିରଳ ବ୍ୟକ୍ତିତ୍ୱ ଅଧିକାରୀ ଭାବରେ ସାରା ଭାରତ ବର୍ଷ ରେ ଜଣେ ଅମାୟିକ ରାଜନେତା ଭାବେ ପ୍ରସିଦ୍ଧି ଅର୍ଜନ କରି ଛନ୍ତି ।

ତାଙ୍କର ବିନମ୍ର ବ୍ୟବହାର ଗୋଟିଏ ଭଲ ଗୁଣ । ଚେହେରାରେ ସ୍ମିତହାସ ଓ ମୁଖମଣ୍ଡଳ କାନ୍ତିର ଆକର୍ଷଣ ନିଆରା । ସାଂପ୍ରତିକ ସମାଜରେ ରାଜନୀତିରେ ନମ୍ରତା ଏବଂ ଉଦାରତା ଭାବର ମଣିଷ ବିରଳ । ସରଳ ସ୍ୱଚ୍ଛ ଶୁଭ୍ର ପରିଧାନ ରେ ସେ ଯେପରି ଆକର୍ଷଣୀୟ,ଖୁବ୍ କମ୍ କଥା କହିବା ମଣିଷ ନବୀନ ପଟ୍ଟନାୟକ ଜଣେ ସ୍ଥିତପ୍ରଜ୍ଞ ଭାବେ ତାଙ୍କ ବ୍ୟକ୍ତିତ୍ୱ ବଳରେ ଅନେକଙ୍କୁ ଆକର୍ଷଣ କରିବାରେ ନିଆରା ମଣିଷ ଲୋକ ପ୍ରିୟ ରାଜନେତା ପରିଚୟ ସୃଷ୍ଟି କରି ପାରିଛନ୍ତି । ଭାରତ ରାଜନୀତିର ଇତିହାସରେ ହୁଏତ ନବୀନ ପଟ୍ଟନାୟକ ହିଁ ଏକମାତ୍ର ବ୍ଯକ୍ତି ରହିଛନ୍ତି ଯିଏ ଖୁବ୍ କମ୍ କଥା କହି ସମସ୍ତଙ୍କ ହୃଦୟ ଜିଣିବା କଳା ଶିଖି ପାରିଛନ୍ତି ।

ଓଡ଼ିଶା ରାଜନୀତିର ଇତିହାସରେ ଅନେକ ନେତାଙ୍କ ଅନେକ କାହାଣୀ ସଂପର୍କରେ ଆମେ ଜାଣିଥାଉ ଓ ପଢିଥାଉ ।ଓଡ଼ିଆଙ୍କ ସ୍ୱାଭିମାନ ପାଇଁ କିଏ ଲଢେଇ କରିଛି, କିଏ ପୁଣି ଆମ ଓଡ଼ିଶାର ଭାଷା ସାହିତ୍ୟ ସଂସ୍କୃତି ସ୍ୱାଭିମାନ ସୁରକ୍ଷା ଓ ଅସ୍ମିତା ପାଇଁ ଲଢେଇ କରି ସଫଳ ହୋଇ ପାରିଛି ।ଓଡ଼ିଶା ରାଜନୀତିର ଇତିହାସ ବଡ଼ ଚମତ୍କାର ଘଟଣାବଳୀର ମୁକସାକ୍ଷୀ । କାଳଖଣ୍ଡର ପ୍ରବାହ ମାନ ଧାରାରେ ଅନେକ ନେତା ନେତୃତ୍ୱ ନେବା ପାଇଁ ଆସିଛନ୍ତି ଏବଂ ଶାସନ ଗାଦି ରୁ ଫେରିଯାଇ ଛନ୍ତି କିନ୍ତୁ ଜଣେ ଉଦାର ରାଜନେତା ଭାବେ ନବୀନ ପଟ୍ଟନାୟକଙ୍କ ଶାସନର କଳା ଓ କୌଶଳ କାହାଣୀ କେବଳ ଭିନ୍ନ ନୁହଁ ବରଂ ଅନେକ ସ୍ୱତନ୍ତ୍ରତାର ସ୍ୱାକ୍ଷର ବହନ କରି ଓଡିଶାବାସୀଙ୍କ ହୃଦୟ ଜିଣିଛି । ଓଡ଼ିଶା ମାଟିର ଜଣେ ଜଣେ ବରପୁତ୍ରଙ୍କ ବିଷୟରେ ଏବଂ ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କର ଅବଦାନ ସଂପର୍କରେ ଆଲୋଚନା କରୁ । ସମୃଦ୍ଧ ଓଡିଶା ଗଢ଼ିବା ପାଇଁ ଏମାନଙ୍କ ଯୋଗଦାନ ମଧ ସ୍ମରଣୀୟ କିନ୍ତୁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଏବଂ ଲୋକଙ୍କ ସହ ବିଶେଷ ଭାବରେ ପରିଚୟ ନ ଥିବା ବ୍ୟକ୍ତି ଆକସ୍ମିକ ରାଜନୀତି ରେ ପ୍ରବେଶ ସହ ରାଜନୈତିକ ଦଳ ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ଭାବେ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ କୀର୍ତ୍ତିମାନ ସ୍ଥାପନ କରି ସକ୍ଷମ ହେଲେ ଏହା କହିବା ବେଳେ ତାଙ୍କ ରାଜନୈତିକ ଇତିହାସ ସମ୍ପର୍କରେ ଅବଗତ କରାଇବା ଉଚିତ୍ ମନେ କରେ ।


ସେ ଯେତେବେଳେ ଆସିକା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ପ୍ରଚାର ପାଇଁ ଆସିଥିଲେ ସାକ୍ଷାତ ହୁଏ ଏହି ଲେଖକର । ମୋ ଗାଁ ପୋଲସରାରେ ନିର୍ବାଚନ ପ୍ରଚାର ସମୟ । ଖୁବ୍ ସରଳ ନମ୍ର ଓ ଶାନ୍ତ ନବୀନ ପଟ୍ଟନାୟକଙ୍କୁ ଦେଖି ଖୁସି ହେବା ସହ ଦୁଇ ପଦ କଥା ହେବା ସୁଯୋଗ ମଧ ମୁଁ ପାଇଥିଲି ତାଙ୍କ ସହ ଥିଲେ ଗଞ୍ଜାମ ମାଟିର ଗର୍ବ ଗୌରବ ଧୁରୀଣ ରାଜନେତା ରାମକୃଷ୍ଣ ପଟ୍ଟନାୟକ ଯିଏ କି ଓଡ଼ିଶାର ବେଶ୍ ଲୋକ ପ୍ରିୟ ପ୍ରଭାବଶାଳୀ ନେତା ଭାବେ ପରିଚିତ ଥିଲେ ଏବଂ ବିଜୁ ଜନତା ଦଳର ପ୍ରତିଷ୍ଠା ପାଇଁ ତାଙ୍କ ଅବଦାନ ସ୍ମରଣୀୟ । ନବୀନ ପଟ୍ଟନାୟକ ଆସିକା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ବିଜୟ ହୋଇ ଆସିକା ସାଂସଦ ଓ କେନ୍ଦ୍ରରେ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ହେଲେ । ଏହାପରେ ୧୯୯୯ ରେ ଚାରି କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ହୋଇ ଦୀର୍ଘବର୍ଷ ଶାସନ କାଳର ଅନୁଭବ ସାଉଁଟି ଆଣିବାରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ନବୀନ ପଟ୍ଟନାୟକ ଅମଳିନ କୀର୍ତ୍ତି ଅର୍ଜନ କରିଛନ୍ତି । ଗୋଟିଏ ପରେ ଗୋଟିଏ ନିର୍ବାଚନ ରେ ଅଧିକରୁ ଅଧିକ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ନେତା ହୋଇ ଗୋଟିଏ ରାଜ୍ୟର ନେତୃତ୍ୱ ନେବାର ଯେଉଁ ବିରଳ କୀର୍ତ୍ତି ମାନ ନବୀନ ପଟ୍ଟନାୟକ ତିଆରି କରି ଜଣେ ସଫଳ ପ୍ରବୀଣ ଏବଂ ପରିପକ୍ୱ ଅନୁଭବୀ ରାଜନେତା ଭାବେ ଗ୍ରହଣୀୟ ହୋଇଥିଲେ ଏହା ମଧ ସ୍ମରଣୀୟ ଯେତିକି ବିସ୍ମୟ ସେତିକି । ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ନବୀନ ପଟ୍ଟନାୟକ । ଓଡ଼ିଶା ଇତିହାସରେ ସେ ସ୍ୱୟଂ ଗୋଟିଏ ରାଜନୀତି ସଂସ୍କୃତିର ଇତିହାସ ଲେଖିବା ପାଇଁ ଯେ ସମର୍ଥ । ଓଡ଼ିଶା ରାଜନୀତି ରେ ରାଜ୍ୟ ତଥା ଦେଶର ରାଜନୈତିକ ବିଚାର ମଂଚ ରେ ସେ ସମସ୍ତ ଙ୍କ ପାଇଁ ଚର୍ଚ୍ଚାରେ ରହିବା କ୍ୱଚିତ ବ୍ୟକ୍ତିର ଭାଗ୍ୟରେ ହିଁ ଦେଖାଯାଏ । ସବୁବେଳେ ସମସ୍ତଙ୍କୁ ଆଚମ୍ବିତ କରି ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୫ ବର୍ଷ ମଧରେ ରାଜ୍ୟ ଶାସନରେ ଅପ୍ରତିଦ୍ୱନ୍ଦ୍ୱୀ ହେଲେ କିପରି ଯଦି ଆଲୋଚନା କରାଯାଏ ଏହା ବିରୋଧୀ ଦଳର ଦୁର୍ବଳ ବିଧି ବ୍ୟବସ୍ଥା ନା ନବୀନ ପଟ୍ଟନାୟକଙ୍କ ଶାସନ ରଣ କୌଶଳ ଏହି କଥା ମଧ ଗବେଷଣା ବିଷୟ ରାଜନୀତିର ପଣ୍ଡିତମାନେ ବାରମ୍ବାର କହି ଆସିଥିଲେ ଯେ ନବୀନ ଖୁବ୍ କମ୍ କଥା କହି ହୃଦୟ ଜିଣିବା ସହିତ ସେ ହିଁ ବାଜିଗର ବୋଲି ବାରମ୍ବାର ପ୍ରମାଣିତ କରି ଆସୁଥିଲେ । ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବେ ବିଶୁଦ୍ଧ ଓଡ଼ିଆ କହିବା ପାଇଁ ଅସମର୍ଥ ଥିଲେ ଏ କଥା ମଧ ଅସ୍ୱୀକାର କରି ହେବ ନାହିଁ ତଥାପି ଶାସନ କଳା ଓ ରଣ କୌଶଳ ରେ ଶ୍ରେଷ୍ଠ ଏବଂ ସିଦ୍ଧ ହସ୍ତ ହେଲେ ।


## ● ନବୀନ ବାବୁଙ୍କ ଶାସନ ସମୟରେ


ଓଡ଼ିଆ ଭାଷାର ବିକାଶ ପ୍ରଚାର ପ୍ରସାର ପାଇଁ ଯେଉଁ ବିରଳ କୃତି ସ୍ଥାପନ କରିଛନ୍ତି ଅନୁଶୀଳନୀୟ । ଐତିହାସିକ ସତ୍ୱବାଦୀ ପୀଠରେ ଓଡ଼ିଆଭାଷା ବିଶ୍ୱବିଦ୍ୟାଳୟ ସ୍ଥାପନ,ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ତାଙ୍କ ଶାସନ ଅବଧିର ଶ୍ରେୟ ନିଶ୍ଚୟ ଯିବ । ବିଶେଷ ଭାବେ ଓଡ଼ିଆ ଭାଷାର ମର୍ଯ୍ୟାଦା ବିଶ୍ୱ ସ୍ତରରେ ସ୍ଥାପନ କରିବା ପାଇଁ ଓଡିଶା ଭୁବନେଶ୍ୱର ଜନତା ମଇଦାନରେ ବିଶ୍ୱ ଭାଷା ସମ୍ମିଳନୀ ପାଞ୍ଚ ଦିନ ସଫଳତା ସହିତ ଆୟୋଜନ ଥିଲା ଗୋଟିଏ ଅବିଶ୍ୱସନୀୟ ଅକଳ୍ପନୀୟ ଆୟୋଜନ । ଏହି ତାଙ୍କ ରାଜନୈତିକ ଇତିହାସ ରେ ଯେତେ ସବୁ କାର୍ଯ୍ୟକ୍ରମ ଥିଲା ସେଥି ମଧ୍ଯରୁ ଗୋଟିଏ ଶ୍ରେଷ୍ଠ କାର୍ଯ୍ୟକ୍ରମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ।


ବିଶ୍ୱ ଭାଷା ସମ୍ମିଳନୀ ସଫଳତା ସହିତ ସଂପନ୍ନ କରିବା ପଛରେ ଭାଷା ଆନ୍ଦୋଳନ ଓଡ଼ିଶାର,ସ୍ୱରକୁ ଗୌଣ କରି ହେବ ନାହିଁ । ବିଶ୍ୱ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବା ସମୟରେ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିବା ମୋର ସୌଭାଗ୍ୟ ପ୍ରାପ୍ତ ହୋଇ ଥିଲା ଏବଂ ଭାଷା ଆନ୍ଦୋଳନ ଓଡିଶା ଆବାହକ ପବିତ୍ର ମହାରଥୀ ଙ୍କ ଦ୍ୱାରା ସଂକଳିତ"ବିଧାନ ସଭାରେ ଭାଷା ଆଇନ" ପୁସ୍ତକ ନବୀନ ନିବାସ ରେ ଲୋକାର୍ପଣ କରି ଥିଲେ ନବୀନ । ଓଡ଼ିଶାରେ ଓଡ଼ିଆ ଭାଷା ରେ ଶାସନ କରିବା ପାଇଁ ଓଡ଼ିଆ ଭାଷାର ସମସ୍ତ ନଥିପତ୍ର ହିଁ କରାଯିବ ଏହି ବିଧେୟକ ପାରିତ କରିବା ସହ ଭାଷା ଆଇନ ଖିଲାପ କଲେ ଦଣ୍ଡ ବ୍ୟବସ୍ଥା ନବୀନ ପଟ୍ଟନାୟକଙ୍କ ଶାସନ ସମୟର ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ ।ଏହି ଭାଷା ଆଇନ୍ ରାଜ୍ୟପାଳଙ୍କ ଦ୍ୱାରା ଅନୁମୋଦନ ଲାଭ କରି ଥିଲା । ଓଡ଼ିଶା ପର୍ଯ୍ୟଟନ ବିକାଶ ଓ ଶ୍ରୀ କ୍ଷେତ୍ର ପରିକ୍ରମା ପ୍ରକଳ୍ପ ସହିତ ବିଭିନ୍ନ ଐତିହାସିକ ଓ ସାଂସ୍କୃତିକ ଆଧାମିକ କ୍ଷେତ୍ର ଗୁଡିକର ବିକାଶରେ ବହୁ ଉନ୍ନୟନ କାର୍ଯ୍ୟ ସଂସ୍କାର ଅଣାଯାଇଥିବା ବିଷୟ ରେ ସେ ଜଣେ ଦକ୍ଷ ପ୍ରଶାସକ ତଥା ମୁଖ୍ୟମନ୍ତ୍ରୀ ପ୍ରମାଣ ଦେଇଥିଲେ ନବୀନ ପଟ୍ଟନାୟକ । ଦୀର୍ଘ ବର୍ଷ ଶାସନ କରିବାରେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଭାବରେ ଖୁବ୍ ଗ୍ରହଣୀୟ ହୁଅନ୍ତି । ଓଡ଼ିଶାବାସୀଙ୍କ ପାଇଁ ଅତି ପ୍ରିୟ ନେତା ନବୀନ ପଟ୍ଟନାୟକ ଗୋଟିଏ ଗୋଟିଏ ଏମିତି କିଛି ସଂସ୍କାର ମୂଳକ ଯୋଜନା ଏବଂ କାର୍ଯ୍ୟ କରି ଭିନ୍ନ ଏକ ସନ୍ଦେଶ ଦେଇଛନ୍ତି ଯାହା ବିରଳ । ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଅନେକ ଥର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟର ନିର୍ଣ୍ଣୟ କରୁଥିବା ମଣିଷଟି ଲୋକଙ୍କ ନିକଟକୁ ପହଞ୍ଚି ଯାଇ ଆପଣ ମାନେ ଖୁସି ତ? ପ୍ରଶ୍ନ ପଚାରିବା ଗୋଟିଏ ଆଲୋଚନା କେନ୍ଦ୍ର ଥିଲା । ସମସ୍ତଙ୍କୁ ଖୁସି ବୋଲି କହି ଯେଉଁ ସ୍ୱତନ୍ତ୍ର କଥା କହିବାରେ ଆନନ୍ଦ ଦେଉି ଥିଲେ ଏହା ମଧ ତାଙ୍କର ଲୋକ ପ୍ରିୟ ନେତା ହେବାର ବଳିଷ୍ଠ ପ୍ରମାଣ ସ୍ୱର ବୋଲି କୁହାଯାଏ । କହିବାକୁ ଗଲେ ଭାଗ୍ୟବାନ ସେହି ଲୋକ ଯେଉଁ ମାନଙ୍କ ଭାଗ୍ୟରେ ତାଙ୍କ ରାଜନୀତି ପଥ ଦୀର୍ଘ ସମୟର ଅନୁଭବ ଦିଏ ଏବଂ ନବୀନ ପଟ୍ଟନାୟକ ହେଉଛନ୍ତି ସେହି ଭାଗ୍ୟବାନ ବ୍ୟକ୍ତି ମଧ୍ଯରୁ କେବଳ ଜଣେ ମାତ୍ର ବ୍ୟକ୍ତି ଚାରି କୋଟି ଓଡ଼ିଆଙ୍କ ଆଶୀର୍ବାଦରୁ ଖୁସିରେ କ୍ଷମତାରେ ରହିବା ସହିତ ଲୋକପ୍ରିୟ ନେତା ଭାବେ ଶୀର୍ଷରେ ଥିଲେ କାରଣ ତାଙ୍କ ପାଇଁ ବିନମ୍ରତା ହିଁ ବଡ଼ ସଂପଦ ଥିଲା । ଏହା ଆଜିର ଯୁଗରେ କୌଣସି ନେତାଙ୍କ ବ୍ୟବହାରରେ ଖୁବ୍ କମ୍ ଦେଖିବାକୁ ମିଳେ । ନବୀନ ପଟ୍ଟନାୟକ ଦୀର୍ଘଜୀବୀ ହୁଅନ୍ତୁ ଏବଂ ତାଙ୍କର ଚଲାପଥରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଦୃଷ୍ଟି ରହିଥାଉ । ନବୀନ ପଟ୍ଟନାୟକଙ୍କ ସୁସ୍ଥ ସୁଦୀର୍ଘ ନିରାମୟ ଜୀବନ ପ୍ରଭୁଙ୍କ ନିକଟରେ କାମନା କରି ପ୍ରାର୍ଥନା ।

ସାହିତ୍ୟିକ ସ୍ତମ୍ଭକାର,ଭାଷା ଆନ୍ଦୋଳନ ଓଡ଼ିଶା
ସଭାପତି, ବ୍ରହ୍ମପୁର,
ନିବାରିଣୀ, ଲୋଚାପଡା ବ୍ରହ୍ମପୁର
୮୮୪୭୮୦୯୫୩୪

## ଅବଶିଷ୍ଟାଂଶ

### ଟ୍ରେନ୍‌ରେ ଯାଇଥିଲେ...

ହୋଇଯିବାରୁ ବସ୍‌ରେ ଯାଇପାରି ନ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି । ଦଲାଲ୍‌ଙ୍କ ସଂସ୍ପର୍ଶରେ କିଛି କନେଷ୍ଟବଳ ନିୟମିତ ଯୋଗାଯୋଗରେ ରହି ପିଲା ଯୋଗାଡ଼ କରିଥିବା ମଧ୍ୟ ଜଣା ପଡ଼ିଛି । ଏହି ସମସ୍ତେ ପରୀକ୍ଷା ଏସ୍‌ଆଇ ପରୀକ୍ଷା ଥିବା ଦର୍ଶାଇ ଛୁଟିରେ ରହିଥିଲେ । ଫଳରେ ପରୀକ୍ଷା ଦେବାକୁ ଛୁଟି ଆବେଦନ କରିଥିବା କନେଷ୍ଟବଳମାନେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ସ୍କାନର୍‌କୁ ଆସିଛନ୍ତି ।

### ଆଗୁଆ ଜାମିନ...

ପହଞ୍ଚିଥିଲା । ସେଠାରୁ ବିମାନ ଯୋଗେ ଦୁବାଇ ପଳାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି । ଅନୁରୂପ ଭାବେ ମୁନା ମହାନ୍ତିର ମଧ୍ୟ ପତ୍ତା ପାଇପାରୁ ନାହିଁ କ୍ରାଇମ୍‌ବ୍ରାଞ୍ଚ । ଏଣୁ ମୁନା ଯେପରି ଦେଶ ଛାଡ଼ି ପଳାଇବାରେ ସକ୍ଷମ ନ ହେବ, ସେଥିପାଇଁ ଉଭୟ ଶଙ୍କର ଓ ମୁନା ନାମରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଛି । ପୂର୍ବରୁ ଶଙ୍କର ଓ ମୁନାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିଥିଲା ତଦନ୍ତକାରୀ ସଂସ୍ଥା । ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରିବା ପରେ ତାଙ୍କୁ ଧରିବାରେ ସଫଳ ହେବ ବୋଲି ତଦନ୍ତକାରୀ ସଂସ୍ଥା ଆଶା ବାନ୍ଧିଛି ।

### ସ୍ନେହାଙ୍ଗିନୀ ପ୍ରାର୍ଥୀ...

କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଅତୀତରେ ବିଜେଡି ସରକାରରେ ଏକାଧିକ ବିଭାଗରେ ମନ୍ତ୍ରୀ ରହିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି । ସେ ସବୁବେଳେ ଗରିବ, ତଳସ୍ତରରେ ଥିବା ଲୋକ ବିଶେଷକରି ମହିଳାଙ୍କ ପାଇଁ ଲଢ଼େଇ କରି ଆସିଛନ୍ତି । ସେଥିପାଇଁ ଆମେ ତାଙ୍କୁ ବିଜେଡିର ପ୍ରାର୍ଥୀ ରୂପେ ଚୟନ କରିଛୁ । ମୁଁ ତାଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି । ଅତୀତରେ ସେ ରାଜ୍ୟବାସୀଙ୍କ ପାଇଁ ବହୁ ଭଲ କାମ କରିଛନ୍ତି । ବିଶେଷକରି ଗରିବ ତଥା ମହିଳାଙ୍କ ପାଇଁ ତାଙ୍କ କାମ ବେଶ୍ ପ୍ରଶଂସନୀୟ । ଆମେ ସମସ୍ତେ ତାଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ ଅଛୁ ବୋଲି ନବୀନ କହିଛନ୍ତି ।

ନିଜ ବକ୍ତବ୍ୟରେ ସ୍ନେହାଙ୍ଗିନୀ କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ମୋ ଉପରେ ଭରସା ଓ ବିଶ୍ୱାସ କରି ମୋତେ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ମୁଁ ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି । ଏହି ଅବସରରେ ମୁଁ ସମସ୍ତ ନୂଆପଡ଼ାବାସୀଙ୍କୁ ପ୍ରଣାମ ଜଣାଉଛି । ନୂଆପଡ଼ାରେ ୪ ବର୍ଷ ଧରି ଦଳର ପର୍ଯ୍ୟବେକ୍ଷକ ଭାବେ କାମ କରିଛି । ନୂଆପଡ଼ାବାସୀଙ୍କ ଆଶୀର୍ବାଦ ମୋ ଉପରେ ରହିବା ସହ ସେମାନେ ମୋତେ ବିପୁଳ ସଂଖ୍ୟାରେ ବିଜୟୀ କରିବେ ବୋଲି ମୋର ବିଶ୍ୱାସ ରହିଛି । ଆଜିଦିନଠାରୁ ନୂଆପଡ଼ାବାସୀଙ୍କ ସୁଖ, ଦୁଃଖ ସମୟରେ ମୁଁ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ରହିବି,ସେବା କରିବି । ନୂଆପଡ଼ାରେ ବିଚାରଧାରା, ନୀତି, ଆଦର୍ଶ ଏବଂ ଧର୍ମର ଲଢ଼େଇ ହେବ । ଏହି ନିର୍ବାଚନରେ ଧର୍ମ ଏବଂ ନ୍ୟାୟ ସଂସ୍ଥାପନ ହେବ । ଯେଉଁମାନେ ନୀତି, ଆଦର୍ଶ ବାହାରେ ରାଜନୀତି କରିବାକୁ ଚାହୁଁଛନ୍ତି, ନୂଆପଡ଼ାବାସୀ ଠିକଣା ସମୟରେ ସେମାନଙ୍କୁ ଜବାବ୍ ଦେବେ ବୋଲି ସ୍ନେହାଙ୍ଗିନୀ କହିଛନ୍ତି । ଏହି ଅବସରରେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତିଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ନେହାଙ୍ଗିନୀ ଅତାବିରା ନିର୍ବାଚନମଣ୍ଡଳୀରୁ ୨ଥର ବିଧାନସଭାକୁ ପ୍ରତିନିଧିତ୍ୱ କରିଛନ୍ତି । ବିଜେଡିର ପଞ୍ଚମ ପାଳି ଶାସନରେ ସେ ଏକାଧିକ ବିଭାଗର ମନ୍ତ୍ରୀପଦ ସମ୍ଭାଳିଥିଲେ । ବର୍ତ୍ତମାନ ସେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ୪ଟି ବିଧାନସଭା ନିର୍ବାଚନ ଲଢ଼ିଥିବାର ଅଭିଜ୍ଞତା ରଖିଥିବା ସ୍ନେହାଙ୍ଗିନୀଙ୍କ ନିକଟରେ ପ୍ରଚୁର ସାଂଗଠନିକ ଦକ୍ଷତା ରହିଛି । ସେହିପରି ସେ ନୂଆପଡ଼ାରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଥିବାରୁ, ଜିଲ୍ଲାବାସୀ ତଥା ସ୍ଥାନୀୟ ବିଜେଡି ନେତାଙ୍କ ସହ ମଧ୍ୟ ସୁସମ୍ପର୍କ ରହିଛି । ସେହିଦୃଷ୍ଟିରୁ ତାଙ୍କ ପ୍ରାର୍ଥିତ୍ୱ ଦଳକୁ ଫାଇଦା ଦେଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି ।

### କିନ୍ନର ଓ ଯୁବକଙ୍କ...

ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ତଦନ୍ତରୁ ୨ ଜଣ ଆତ୍ମହତ୍ୟା କରିଥିବା କୁହାଯାଉଛି । ପୁଲିସ ସାଇଣ୍ଟିଫିକ ଦଳ ଏବଂ ଟାଉନଥାନା ପୁଲିସ ମିଳିତ ଭାବେ ତଦନ୍ତ କରୁଥିବା ଏସଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି । ପ୍ରଥମିକ ତଦନ୍ତ ବେଳେ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତାରୁ ପ୍ରେମ ସମ୍ପର୍କ ଥିବା କୁହାଯାଉଛି । ତେବେ କେଉଁ କାରଣରୁ ସେମାନେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ମୃତ୍ୟୁର ଅନ୍ୟ କାରଣ ନେଇ ମଧ୍ୟ ଅଞ୍ଚଳରେ ଆଲୋଚନା ହେଉଛି ।

### ସପ୍ତାହରେ ଅତିରିକ୍ତ...

ଆସିବାକୁ ଥିବା କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ସତ୍ୟବିକାଶ ଭୂୟାଁଙ୍କର ବଦଳି ମଧ୍ୟ ବାତିଲ କରି ଦିଆଯାଇଛି । ଫଳରେ ଶ୍ରୀ ଦ୍ୱିବେଦୀ ଓ ଶ୍ରୀ ଭୂୟାଁ ପୂର୍ବଭଳି ସେହି ସ୍ଥାନରେ କାର୍ଯ୍ୟ କରିବେ ।

ସେପଟେ ନୂଆକରି ପଦୋନ୍ନତି ପାଇଥିବା ଡିଏସପି ମାନଙ୍କୁ ଗୃହ ବିଭାଗ ଏଯାଏଁ ନିଯୁକ୍ତି ଦେଇ ପାରିନାହିଁ । କିଛି ଅଧିକାରୀଙ୍କର ବଦଳି ହୋଇଥିବା ବେଳେ ସେମାନେ ପୂର୍ବ ପଦବୀରେ କାମ କରୁଥିବା ବେଳେ ୯୯ ଜଣ ଡିଏସପି ନିଯୁକ୍ତି ଅପେକ୍ଷାରେ ରହିଛନ୍ତି । ୫ ମାସ ହେବ ଡିଏସପିଙ୍କୁ ନିଯୁକ୍ତି ନଦେବା ଓ ମାତ୍ର ୭ ଦିନରେ ଅତିରିକ୍ତ ଏସପିଙ୍କ ବଦଳି ବାତିଲ୍ କରିବା ମୁଖିଆଙ୍କ ନିଷ୍ପତ୍ତି ନେବାର ଅପରିଣାମଦର୍ଶୀକୁ ପଦାରେ ପକାଇଛି । ଆଉ ଏ ସବୁ ପଛରେ ରାଜନୈତିକ ଚାପ ରହିଥିବା ସନ୍ଦେହ କରାଯାଉଛି । ଯଦି ରାଜନୈତିକ ଚାପ କଥା ସତ ହୁଏ, ତେବେ ସାଙ୍ଘାତିକ । କାରଣ ରାଜ୍ୟ ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ରହିଥିବା ବେଳେ ତାଙ୍କ ଉପରେ କିଏ ଚାପ ପକାଉଛି, ତାକୁ ନେଇ ପ୍ରଶ୍ନ ଉଠିଛି ।

### ଏଫସିଆଇ ଉଠାଉନି...

ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଏଯାବତ୍ ଏହି ବଳକା ଚାଉଳକୁ ଏଫସିଆଇ ଉଠାଇ ନାହିଁ । ଚାଉଳ ନଷ୍ଟ ହେବାକୁ ବସିଥିବା ବେଳେ ଏହାକୁ କିଣିବା ପାଇଁ ମଧ୍ୟ ସେମିତି କେହି ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ସରକାର ଏହାକୁ ରାଜ୍ୟର ରାସନ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ ପାଇଁ ବିଚାର କରୁଛନ୍ତି । ଆଜି ମନ୍ତ୍ରୀ ଏନେଇ ଗଣମାଧ୍ୟମରେ ସୂଚନା ଦେବା ପରେ ସାଧାରଣରେ ଥିବା ଅନୁମାନ ସତ ହେବାକୁ ବସିଛି । ସୂଚନାଯୋଗ୍ୟ ଯେ ଏଫସିଆଇ ଚାଉଳ ନନେବାରୁ କିଛି ମାସ ତଳେ ରାଜ୍ୟ ସରକାର ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅତିରିକ୍ତ ୩ ମାସ ଚାଉଳ ପ୍ରଦାନ କରିଥିଲେ । ଏବେ ଏହି ଚାଉଳ ବଣ୍ଟନ ଯୋଜନାକୁ ସରକାର ସମ୍ପ୍ରସାରିତ କରିବାକୁ ଚାହୁଁଥିବା ଜଣାପଡ଼ିଛି । କେବଳ ବଳକା ଚାଉଳ ଏଫସିଆଇ ଓଡ଼ିଶାରୁ ନେଇଥିବା ଚାଉଳ ବାବଦକୁ କେନ୍ଦ୍ର ପାଖରେ ଦୀର୍ଘ ଦିନ ଧରି ୮୦୦୦ କୋଟି ବକେୟା ଗଡୁଛି । ବକେୟା ପ୍ରଦାନ କରିବାକୁ କେନ୍ଦ୍ର ସହ ଆଲୋଚନା ଚାଲିଛି । ମାତ୍ର କେନ୍ଦ୍ର ସରକାର ରାଜି ହେଉନାହାନ୍ତି ବୋଲି ମନ୍ତ୍ରୀ ନିଜେ କହିଥିଲେ । ଡବଲ ଇଞ୍ଜିନରେ ଓଡ଼ିଶାର ସ୍ୱାର୍ଥ ଏପରି ଅଣଦେଖା ହେଉଥିବା ବେଳେ ଏହାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଉଛି ।

### ପୀତବାସଙ୍କ ହତ୍ୟା...

ନିଆଯାଇଥିବା ସ୍ପଷ୍ଟ ହୋଇଛି । ହତ୍ୟାକାଣ୍ଡ ଦିନ ଆତତାୟୀଙ୍କ ପକ୍ଷରୁ ସହରରେ ବିଭିନ୍ନ ସ୍ଥାନରେ ପ୍ରାୟ ୧୦ଥର ରେକି କରାଯାଇଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣାପଡିଥିଲା । ଯାହା ଗତ ରବିବାର ରାତିରେ ଏସ୍‌ପିଙ୍କ ସମୀକ୍ଷା ବୈଠକରେ ସ୍ପଷ୍ଟ କରାଯାଇଥିଲା । ୩ଟି ବାଇକ୍‌ରେ ୬ଜଣ ସହରରେ ପୀତବାସଙ୍କ ଘର ଠାରୁ ଚାମ୍ବର ଓ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ପିଛା କରିଥିଲେ । ଏଥିପାଇଁ ୩ଟି ରେକି ଟିମ ହୋଇଥିବା ବେଳେ ବାଇକ୍‌ରେ ଆରୋହୀ ରାଜ୍ୟ ବାହାରର ଏବଂ ବାଇକ ଚାଳକ ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଛି । ଏଥିରେ ଏରେଣ୍ଡ୍ରା ଅଞ୍ଚଳର କିଛି ଅପରାଧୀଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି । ମାଷ୍ଟର ମାଇଣ୍ଡ ଧରାପଡ଼ିବା ପରେ ପୀତବାସଙ୍କ ହତ୍ୟା ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ପୁଲିସ ଆଶା ରଖିଛି ।

ସେପଟେ ହତ୍ୟାକାଣ୍ଡ ଘଟଣାରେ ସ୍ଥାନୀୟ ପୁଲିସର ମଧ୍ୟ ବିଭିନ୍ନ ଦିଗକୁ ନେଇ ତନାଘନା ଜାରି ରହିଛି । ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏକାଧିକ ବ୍ୟକ୍ତିଙ୍କୁ ଉଠାଇ ଆଣୁଛି ପୁଲିସ । ଖାସ୍ କରି ଦିଗପହଣ୍ଡି ଅଞ୍ଚଳରେ ପୁଲିସ ଡେରା ପକାଇଥିବା ଜଣାପଡିଛି । ବ୍ରହ୍ମପୁରରେ ଅନୁରୁପ ଭାବେ ସ୍ୱର୍ଗତ ଆଇନଜୀବୀ ପୀତବାସଙ୍କ ଘନିଷ୍ଠ ସହଯୋଗୀ ବାଲାଜୀ ରେଡୀଙ୍କୁ ୫ମ ଥର ପାଇଁ ଜେରା କରାଯାଇଥିବା ବେଳେ ଅନ୍ୟଜଣେ ମଦ ବ୍ୟବସାୟୀଙ୍କୁ ମଧ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ମାରାଥନ ଜେରା କରୁଛନ୍ତି । ଆସନ୍ତା ୧୭ତାରିଖରେ ସ୍ୱର୍ଗତ ପୀତବାସ ପଣ୍ଡାଙ୍କର ଦ୍ୱାଦଶାହ କାର୍ଯ୍ୟକ୍ରମ ଥିବାବେଳେ ପରିବାର ଓ ଦଳ ପକ୍ଷରୁ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପୀତବାସଙ୍କ ପରିବାର ଓ ଦଳ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲେ ହେଁ ଆସନ୍ତା ୧୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମ୍ଭାବ୍ୟ ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇପାରିନାହିଁ । ଯଦି ପୀତବାସଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦିଅନ୍ତି ତେବେ ତାହା ପୂର୍ବରୁ ଘଟଣା ସମ୍ପର୍କରେ ପୁଲିସ ଖୁଲାସ କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

### ତୁଟୁନି ଦୀପାବଳି...

ଉପସଭାପତି ଉମାବଲ୍ଲଭ ମହାପାତ୍ର, ଯୁଗ୍ମ ସମ୍ପାଦକ ଲୋକନାଥ ମିଶ୍ର, ସଦସ୍ୟ ପଣ୍ଡିତ ଦୁର୍ଗାପ୍ରସାଦ ମିଶ୍ର, ରବି ପ୍ରସାଦ ରଥ, ଜଗନ୍ନାଥ ରଥ, ଜ୍ୟୋତିର୍ବିତ୍ ନୀଳମାଧବ ଦାସ, ଜ୍ୟୋତିର୍ବିତ୍ ଜ୍ୟୋତି ପ୍ରସାଦ ଦାସ ପ୍ରମୁଖ ।

ଅନ୍ୟପକ୍ଷରେ ଏହି ସାମ୍ବାଦିକ ସମ୍ମିଳନୀସ୍ଥଳରେ ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ପହଞ୍ଚି ମୁକ୍ତିମଣ୍ଡପ ପଣ୍ଡିତଙ୍କ ଉକ୍ତିକୁ ଖଣ୍ଡନ କରିଥିଲେ । ସେ କହିଥିଲେ, ୨୦ ତାରିଖରେ ରିକ୍ତା ତିଥି (ଚତୁର୍ଦ୍ଦଶୀ) ହେତୁ ସେହିଦିନ ପୟାଶ୍ରାଦ୍ଧ ଓ ଦୀପଦାନ ନ କରି ୨୧ ତାରିଖରେ କରିବାକୁ ମତ ରଖିଛନ୍ତି । ଯେଉଁ ତିଥିରେ ସୂର୍ଯ୍ୟ ଉଦୟ ହୁଅନ୍ତି ସେଇ ପର୍ବ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳନ ହେବାର ବିଧି ରହିଛି । ସେଥିପାଇଁ ୨୧ ତାରିଖରେ ଶ୍ରୀମନ୍ଦିରରେ ଅମାବାସ୍ୟା ତିଥି ରହିଥିବାରୁ ସେହିଦିନ ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ହେବ । ସେହିଦିନ ମଧ୍ୟ ସରକାରୀ ଛୁଟି ରହିଛି । ୨୦ରେ ଶ୍ୟାମାକାଳୀ ପୂଜାରେ କୌଣସି ଦ୍ୱିରୁକ୍ତି ନାହିଁ । ଓଡ଼ିଶାର ଜନସାଧାରଣ ଅଦିନରେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ମାଧ୍ୟମରେ ପିତୃପୁରୁଷଙ୍କୁ ବିଦାୟ ଦେଲେ ସେମାନେ ଅସୁଖି ହେବାର ଶାସ୍ତ୍ରୀୟ ବିଧାନରେ ୨୧ ତାରିଖରେ ତାହା ପାଳନ କରନ୍ତୁ ବୋଲି ପାଞ୍ଜି ସମୀକ୍ଷକ ଶ୍ରୀ ମିଶ୍ର ଯୁକ୍ତି ରଖିଛନ୍ତି । ତେବେ ଏହାରି ଭିତରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁଳା ମାସର ନୀତି ପ୍ରକାଶ ପାଇଛି । ୨୦ ତାରିଖ ଚତୁର୍ଦ୍ଦଶୀରେ ଦୀପାବଳି ଅମାବାସ୍ୟା, ପ୍ରୟାଶ୍ରାଦ୍ଧ ଓ କାଳୀପୂଜା ଉଲ୍ଲେଖ କରାଯାଇଥିବାବେଳେ ୨୧ରେ ଅମାବାସ୍ୟା ଏବଂ ସାଗରବିଜେ ନୀତି ଥିବା ସ୍ପଷ୍ଟ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ । ପୂର୍ବର ଭୁଲକୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ । ଯାତାୟତ ସମୟରେ ସତର୍କତା ଅବଲମ୍ବ କରନ୍ତୁ । ବ୍ୟବସାୟରେ ସଫଳତା ପାଇବେ ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ । ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ମହିଳାମାନେ ଉଚ୍ଚାଭିଳାଷି ହେବେ । ମାନ ସମ୍ମାନ ବୃଦ୍ଧି ପାଇବ ।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ । ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଅଯଥା କଥାରେ ଯୁକ୍ତି କରନ୍ତୁନି । ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ଚିନ୍ତିତ ରହିପାରନ୍ତି ।

**କର୍କଟ:** ମାନସିକ ଶାନ୍ତି ମିଳିବ । କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ । ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଅତିଥି ସତ୍କାର କରିପାରନ୍ତି ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି । ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ । ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ । ଯୋଜନା ଅନୁସାରେ କାମ କରିବା ଭଲ । ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି । ରାଜନୀତିରେ ସକ୍ରିୟ ରହିପାରନ୍ତି । ମନ ମୁତାବକ କାମ କରନ୍ତୁ ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଲୋକସମ୍ପର୍କ ବଢ଼ିବ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ ।

**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପେଟଜନିତ ସମସ୍ୟା ହେବାର ଆଶଙ୍କା ରହିଛି । ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଟକି ଥିବା ଅର୍ଥ ଫେରିପାଇବେ । ଅତିଥି ସତ୍କାରରେ ଦିନ ବିତିବ । କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଚାକିରିରେ ପଦୋନ୍ନତି ହୋଇପାରେ ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ । ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ । କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ । ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି ।


**ADVERTISEMENT FOR ENGAGEMENT OF GUEST FACULTIES FOR MODEL DEGREE COLLEGE, RAYAGADA (GOVT. COLLEGE)**

**Office of the Principal**
**Model Degree College, Rayagada**
At- Amlabhatta, Po.: Penta, Dist- Rayagada (Odisha) Pin.: 765017
Contact No: 7008779251, E-mail- mdcravagada@gmail.com
Website: www. mdcr.ac.in

A walk-in-Interview will be held for the department of Anthropology teaching post in the College on 18. 10.2025 at 10.00 am. The Candidates with 55% mark in PG or equivalent should appear in this interview. All other details will be available in the College website - **www.mdcr.ac.in and in District Ponal of NIC, Rayagada.**

Sd/- Principal
Model Degree College
Rayagada

GOVERNMENTOFODISHA — O-900
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in

INVITATION FOR BIDS
**NATIONAL COMPETITIVE BIDDING**

**Bid Identification No: RWDSE_MKG_II_ONLINE_09/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1 Name of the Work: : Building Repair works
2 No. of Works : **02Nos**
3 Estimated Cost : **Rs. 2.52 lakhs and Rs. 3.36 Lakhs**
4 Tender Paper Cost : Rs. 2,000/-
5 Class of Contractor :

| Estimated cost up to ₹20.00 lakhs | Estimated cost up to ₹40.00 lakhs | Estimated cost more than ₹20.00 lakhs & within ₹300.00 lakhs |
|---|---|---|
| 'D' | 'C' | 'B' |

6 Period of Completion : 02(Two) Calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding — From | To | Last Date of Seeking tender Clarification | Date of opening of Tender |
|---|---|---|---|---|---|
| **Superintending Engineer, Rural Works Division-II, Malkangiri** | **RWDSE_MKG_II_ ONLINE_09 of 2025-26** | **17.10.2025 at 11.00AM** | **31.10.2025 up to 05.30PM** | **30.10.2025 up to 3.00 P.M.** | **01.11.2025 up to 11.00 A.M** |

- Further details can be seen in the bidding documents, which is available in thee-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

OIPR-25079/11/0032/2526 — Superintending Engineer, Rural Works Divsion-II, Malkangiri

ସ୍ୱଚ୍ଛ ଭାରତ — ଏକ ପାଦ ସ୍ୱଚ୍ଛତା ଅଭିମୁଖେ

**ଜିଲ୍ଲା ପରିଷଦ,ନୟାଗଡ**
**(ଜିଲ୍ଲା ଜଳ ଓ ପରିମଳ ମିଶନ )**
**ସ୍ୱଚ୍ଛତା ବାର୍ତ୍ତା**

ଶୁଭ ଦୀପାବଳି ଓ ଧନ୍ୱନ୍ତରୀ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ଜଳ ଓ ପରିମଳ ମିଶନ, ଜିଲ୍ଲା ପରିଷଦ, ନୟାଗଡ ତରଫରୁ ଜିଲ୍ଲା ବାସୀ ଙ୍କୁ ଶୁଭେଚ୍ଛା ଓ ଶୁଭ କାମନା । ଏହି ଶୁଭ ଅବସରରେ ଆସନ୍ତୁ ଆମେ ସମସ୍ତେ ଆମ ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଶପଥ ନେବା । ଜଳ, ବାୟୁ ଏବଂ ମାଟିକୁ ପ୍ଲାଷ୍ଟିକ ପ୍ରଦୂଷିତ କରିବା ସହିତ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି କ୍ଷତିକାରକ । ତେଣୁ ଆମେ ନିମ୍ନଲିଖିତ ପଦକ୍ଷେପ ଆପଣାଇବା :-

- ଏକକ ବିଶିଷ୍ଟ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା
- ପ୍ଲାଷ୍ଟିକ ବ୍ୟବହାର କମ କରିବା ଏବଂ ପ୍ଲାଷ୍ଟିକର ପୁନଃ ଚକ୍ରଣ ପଦ୍ଧତି ଆପଣାଇବା ।
- ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ନିଜ ପରିବାରକୁ ସଚେତନ କରେଇବା ସହିତ ଅନ୍ୟମାନଙ୍କୁ ସଚେତନ କରାଇବା ।

ଅଧ୍ୟକ୍ଷ,
ଜିଲ୍ଲା ପରିଷଦ, ନୟାଗଡ

ମୁଖ୍ୟ ଉନ୍ନୟନ ଅଧିକାରୀ ତଥା
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୟାଗଡ

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar CF No- 86 on dated 14-10-2025 I, **SUKANTI BEHERA,** W/o Ramesh Kumar Behera permanent resident of Vill- Badasahara, PO- Badasahara, Baliapata, PS- Fategarh, Dist- Nayagarh, State- Odisha, Pin- 752063, declare that I have changed my son's name from **AMIT KUMAR BEHERA** (Old name) to **BEHERA AMITKUMAR RAMESH** (New name), Henceforth, he shall be known as **BEHERA AMITKUMAR RAMESH** for all future purposes.
Sd-(**SUKANTI BEHERA**)

**AFFIDAVIT**
I, Rajanikantha Puhan, aged about 36 years, S/o- Umakanta Puhan, resident of At- Sudarsanpur, Po- Suan, Ps- Basudebpur, Dist- Bhadrak, Odisha, PIN- 756162, declare by this affidavit No. 2091, dtd. 15/10/2025, that now onwards I shall be known as **RAJANIKANTA PUHAN** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar on Dated: 14.10.2025, **I, Niharika Mohanty,** aged about 38 years, W/o.: Rajesh Kumar Das, resident of At: Kunarpur, PO.: Jahangar, P.S./ Dist.: Kendrapara, Odisha, PIN- 754208 declare that I have changed my name from Niharika Das to **Niharika Mohanty**. Henceforth, I will be known as **Niharika Mohanty** for all purposes.
Niharika Mohanty

**AFFIDAVIT**
By virtue of an affidavit sworn before in the court of the Executive magistrate, Rairangpur Sl No - 4191 on dtd.14/10/2025. I, SARAT CHANDRA KISKU(New name) formerly called as SARAT CH KISKU(Old name), S/O - Late Chandu kisku, at- Chhamudia, PO- Jamukeswar, PIN - 757034, PS- Jashipur, DIST-Mayurbhanj declared that I have changed my name from SARAT CH KISKU(Old name) to SARAT CHANDRA KISKU(New name) .Henceforth in all records, deeds and writing in all proceeding,dealing and transaction private as well as public and upon all occasion I shall be known as (new name)for all purpose.
SD/- Sarat Chandra Kisku

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-375E, ତା.10.10.2025ରିଖ
**କାର୍ଯ୍ୟର ନାମ :** ପୁରୀ ରେଳ ଷ୍ଟେସନ ଠାରେ ବର୍ତ୍ତମାନର ଇଂଜିନ୍ ସ୍ଥାୟୀ ଲାଇନ୍-**110 M**ର ସମ୍ପ୍ରସାରଣ ଏବଂ **Rt.1A-300 M, 1B-300 M** ମଧ୍ୟରେ ଗୋଟିଏ ନୂଆ ଆଇଲ୍ୟାଣ୍ଡ ପ୍ଲାଟଫର୍ମର ବ୍ୟବସ୍ଥା ତଥା ପ୍ଲାଟଫର୍ମ ନଂ.**2** ରୁ **8** ନିମନ୍ତେ ପୁରୀ ଷ୍ଟେସନ ୟାର୍ଡ଼ ଠାରେ ବାଲାଷ୍ଟ ବିହୀନ ଟ୍ରାକ୍‌ର ନିର୍ମାଣ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ଏବଂ ବନ୍ଧନ(Bonding) କାର୍ଯ୍ୟ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 345.84** ଲକ୍ଷ, EMD (ଟଙ୍କାରେ) : **3,22,900/-**, କାର୍ଯ୍ୟ ଶେଷ ହେବା ଅବଧି : **09** ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.**04.11.2025** ରିଖ **1500** ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି । ଟେଣ୍ଡରଦାତା ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା ବିଡ଼ରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗଚ୍ଛର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।
ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-III/ ଭୁବନେଶ୍ୱର
PR-134/CI/25-26

**AFFIDAVIT**
I, Apurba Naik, W/o-late Gura Naik, resident Village- Naranakhunta, Po- Naranakhunta, PS-Badasahi, Dist-Mayurbhanj, Pin-757075, Odisha declare by this Affidavit No-296/2025, dt.10.10.2025, that now onwards, I known as APURBA NAIK for all future purposes.
Apurba Naik

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar on Dated: 14.10.2025, **I, Rajesh Kumar Das,** aged about 41 years, S/o.: Sachidananda Das, resident of At: Kunarpur, PO.: Jahangar, P.S./Dist.: Kendrapara, Odisha, PIN-754208 declare that I have changed the name of my son's name Bhabyansh Das to **Bhavyansh Das**. Henceforth, he will be known as **Bhavyansh Das** for all purposes.
Rajesh Kumar Das

**AFFIDAVIT**
I, Bimla Nandi, W/O Late- Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.-Mayurbhanj, Pin.No.-757001, Odisha, declared by this affidavit No- 1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Ujala Mandal**, aged about 24 years, W/o.:Sarajit Mandal, D/o: Jagjeevan Markam, resident of Village: M.P.V-57, PO.: Malabharam, P.S.: Motu, Dist: Malkangiri, Odisha, declare by this Affidavit No.: 1718/25, Dated: 15.10.2025 that I have changed my name from Ujala Markam to **Ujala Mandal**. Henceforth I shall be known as **Ujala Mandal** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Jagadis Sodi**, aged about 31 years, S/o.: Anda Sodi, resident of Village: Orkelguda, PO.: Matapaka, P.S./Dist: Malkangiri, Odisha, declare by this Affidavit No.: 1533/2025, Dated: 14.10.2025 that I have changed my name from Jaga Sodi to **Jagadis Sodi**. Henceforth I shall be known as **Jagadis Sodi** for all future purposes.

**AFFIDAVIT**
By virtue of an affidavit Sl. No. - 6610, dtd.13.10.2025 in the court of the Executive Magistrate, Chandbali, Dist.- Bhadrak, I, Damayanti Rout, have changed my minor daughter's name from Tallisohni Rout to Tejoswoni Rout. Henceforth she will be known as Tejoswoni Rout for all purposes.
Sd/- Damayanti Rout

**AFFIDAVIT**
By virtue of an affidavit before Notary Public, Bhubaneswar, Affidavit No. 357 on dated 15.10.2025. I, Renubala Mishra, D/o- Sitaram Nayak, Resident of Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No- 220/ 3175, Po- Bhubaneswari Colony, Ps- Mancheswar, Bhubaneswar – 751006, Dist- Khordha, Odisha, I have change my name from Renu Mishra to Renubala Mishra. I shall be known as **RENUBALA MISHRA** for all future purposes.

**AFFIDAVIT**
I, Ruby Singh, W/o- Sanjib Singh, Resident of Plot No- 201/9, Road No- 8, Unit-9, Po- Bhoinagar, Ps- Kharvela Nagar, Dist- Khordha, Odisha, PIN- 751022 declares by this affidavit No.962 dated 14.10.2025 that now onwards I shall be known as **RUBI SINGH** for all future purposes.

**AFFIDAVIT**
By virtue of an affidavit No- 4338 sworn before Notary Public Swampatna, Keonjhar on dtd- 15/10/2025. I, **Rosan Kumar Sahu,** S/o Rahas Bihari Sahu, resident of At/Po- Kapundi, Ps- Patna, Dist- Keonjhar, Odisha I am the deponent I have changed my son's name from **Omm Sahu,** S/o Roshan Sahu to **Omm Prakash Sahu,** S/o Rosan kumar Sahu. Both the names are of one and same person. Henceforth my above son shall be known as **Omm Prakash Sahu,** S/o- Rosan Kumar Sahu in all purposes in future.
**Rosan Kumar Sahu**

**AFFIDAVIT**
I, Pitambar Padhy, aged about 48 years, S/o- Adikanda Padhy, resident of Plot No. AA-107, Subhadra Appartment, Patia, Bhubaneswar, Khordha, Odisha, PIN- 751024 declared by this affidavit CF No. 62, dtd- 10/10/2025 that now onwards I shall be known as **PEETAMBAR PADHY** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Shyama Dakua, Father of Kartika Dakua, resident of AT -Plot No -5545/9698, Kanyabeda Kandasar, Nalco Nagar, Dist - Angul, Pin- 759145, declare by this affidavit No - 34246, dated - 15.10.2025, that now onwards I shall be known as **SHYAM DAKUA** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated- 14/10/2025. I, **Pichharu Bag** (applicant name), S/o Ratnakara Bag, permanent resident of AT/PO- Ridgol, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor son's name from **Rusan Bag** (old name) to **Roshan Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Roshan Bag** (new name) for all purposes.
**Pichharu Bag**

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, vide CF No. 57, dated- 15/10/2025. I, **A. Kumar,** S/o A. Ghanashyam, Address: Godarapalli, Po- Durbandha, Ps- Hinjilicut, Dist- Ganjam, PIN-761101, Odisha declare that I have changed my minor son's name from **Ala Kalap** to **Ala Jashank**. Henceforth, he shall be known as **Ala Jashank** (new name) for all future purposes.
**A. Kumar**

**AFFIDAVIT**
I, Phulamani Murmu (Aadhaar No: 7751 7613 7758) D/o- Sridhar Soren, residing at At- Debala, Po- Gadigan, Ps- Khunta, Dist- Mayurbhanj, Odisha, Pin- 757087, have changed my name to **Phulamani Soren** by an Affidavit sworn before the Executive Magistrate, Baripada on 14.10.2025. Henceforth, I shall be known as **PHULAMANI SOREN** for all future purposes.
**PHULAMANI SOREN**

**AFFIDAVIT**
By virtue of an affidavit no-3281 sworn before the Executive Magistrate, Kujang on dtd- 13/10/2025, I **Siba Narayan Das,** S/o- Late Anam Charan Das, resident of At- Dardia, Po- Potanai, Ps- Tritol, Dist- Jagatsinghpur, Pin-754140, Odisha, My Aadhar Card bearing No- 8059 1857 0097. I have changed my name from **Shiba Narayan Das** (old name) to **Siba Narayan Das** (new name). Henceforth both name **Shiba Narayan Das** and **Siba Narayan Das** is one & same person he will be known as **Siba Narayan Das** for all future purposes.
**Siba Narayan Das**

**AFFIDAVIT**
By virtue of an affidavit sworn before The Notary Public, Bhubaneswar dated 09.10.2025, I Bishnu Charan Nayak, S/o- Basudev Nayak permanent resident of At: O.S.E.B colony School Campus Gridco Colony, Bhoi Nagar Bhubaneswar, Dist- Khordha, Odisha – 751022 declare that I have changed my Son's Name from Punya Sankalp Nayak to Purnya Sankalp Nayak, he shall be known as Purnya Sankalp Nayak for all purposes.
SD/- Bishnu Kumar Nayak

## ମନରେଗା ଓ ଖାଦ୍ୟ ସୁରକ୍ଷା ଆଇନ ଜନଶୁଣାଣି

# ୭ ଦିନ ମଧ୍ୟରେ ନଥି ଦାଖଲ ନିର୍ଦ୍ଦେଶ




ଓଡ଼ଗାଁ,୧୫।୧୦(ସମିସ)

ଓଡ଼ଗାଁ ବ୍ଲକସ୍ତରୀୟ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଏବଂ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ସମ୍ପର୍କିତ ଜନଶୁଣାଣି ଶିବିର ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ମୃତ ହିତାଧିକାରୀଙ୍କ ନାମରେ ରାସନ୍ ସାମଗ୍ରୀ ପ୍ରଦାନ କରାଗଲେ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ କ୍ଷତିପୂରଣ ଆଦାୟ କରାଯିବ । ଏଥିସହିତ ବିଭାଗୀୟ ସରକାରୀ ଅଧିକାରୀମାନେ ଜନଶୁଣାଣି ଶିବିରକୁ ଆସିବା ପୂର୍ବରୁ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ଆସନ୍ତୁ ବୋଲି ଡେପୁଟି କଲେକ୍ଟର ନିର୍ଦ୍ଦେଶ ଦେଇଥିଲେ । ମନେରେଗା ଯୋଜନା ଅନ୍ତର୍ଗତ ୨୦୨୫-୨୬ ଆର୍ଥିକ ବର୍ଷ ଅପ୍ରେଲ ପହିଲାରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ୨ୟ ସ୍ତରରେ ୩୮ କୋଟି ୩୪ ଲକ୍ଷ ୨୭ ହଜାର ଟଙ୍କା ପ୍ରସ୍ତାବିତ ଅର୍ଥରୁ ୪କୋଟି ୫୮ ଲକ୍ଷ ୧୧ ହଜାର ଟଙ୍କା ବ୍ୟୟ ହୋଇଛି । ୪୩ ଲକ୍ଷ ଟଙ୍କା ପ୍ରଦାନ ନିମନ୍ତେ ବାକି ରହିଛି । ବ୍ଲକର ୪ ଜଣ ୧ଶହ ଦିନର କାର୍ଯ୍ୟ ଶେଷ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୫ ହଜାର ୭ଶହ ୪୨ ଜବକାର୍ଡ ମଧ୍ୟରୁ ୨୩ ହଜାର ୧୫୧ ଜବକାର୍ଡ ଧାରି କାର୍ଯ୍ୟ କରୁଛନ୍ତି । ୪ ହଜାର ୨ଶହ ୪୮ ପ୍ରକଳ୍ପ ମଧ୍ୟରୁ ୧୧୬୧ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବା ବେଳେ ୨୩୪୨ ପ୍ରକଳ୍ପର କାର୍ଯ୍ୟ ଚାଲୁରହିଛି । ୭୪୫ ପ୍ରକଳ୍ପର କାର୍ଯ୍ୟ ଆଦୌ ଆରମ୍ଭ ହୋଇନଥିବା ଜଣାପଡିଛି । ନୟାଗଡ଼ ଡେପୁଟି କଲେକ୍ଟର ତପସ୍ୱିନୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଓଡ଼ଗାଁ ବିଡ଼ିଓ ଜିତେନ୍ଦ୍ର କୁମାର ନାୟକ, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିଆର ସିଂହ, ଏବଂ ବ୍ଲକ ସାମାଜିକ ସମୀକ୍ଷକ ରାଜେଶ କୁମାର ଜେନା, ଅତିରିକ୍ତ ପୋଗ୍ରାମ ଅଧିକାରୀ ବିଭୁପ୍ରସାଦ ସାଥୁଆ ପ୍ରମୁଖଙ୍କ ଉପସ୍ଥିତିରେ ଅନୁଷ୍ଠିତ ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଭିଲେଜ ରିସୋର୍ସ ପର୍ସନ ମାନେ ଯୋଗଦେଇଥିବା ବେଳେ ଖୁବ୍ ଅଳ୍ପ ସଂଖ୍ୟକ ଜନ ପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ ମାନେ ଅଂଶଗ୍ରହଣ କରିଥିଲେ ।

---

### ● ରୋଟାରୀ କ୍ଲବ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ୩ରୁ ୭ ଯାଏଁ କୃତ୍ରିମ ଅଙ୍ଗ ପ୍ରତିରୋପଣ ବ୍ୟବସ୍ଥା




ନୟାଗଡ଼,୧୫।୧୦(ସମିସ): ନୟାଗଡ଼ ରୋଟାରୀ କ୍ଲବ ପକ୍ଷରୁ ଆସନ୍ତା ୩ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଦିବ୍ୟାଙ୍ଗଙ୍କ ପାଇଁ କୃତ୍ରିମ ଅଙ୍ଗ ପ୍ରତିରୋପଣ ବ୍ୟବସ୍ଥା କରାଯାଉଛି । ଏଥିପାଇଁ ନୟାଗଡ଼ ରୋଟାରୀ କ୍ଲବ ଓ ବ୍ରହ୍ମପୁର ରୋଟାରୀ କ୍ଲବ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ନୟାଗଡ଼ ରୋଟାରୀ କ୍ଲବ ସଭାପତି ବସିରନ୍ ବିବି, ସମ୍ପାଦକ ଅବିନାଶ ସାହୁ, ପ୍ରବୀର ପୃଷ୍ଟି, ବ୍ରହ୍ମପୁର ରୋଟାରୀ କ୍ଲବ ଅଧ୍ୟକ୍ଷ ରଜିତ୍ ପୃଷ୍ଟି, ପ୍ରଦୀପ ପଟ୍ଟନାୟକ, ଜୟନ୍ତ କୁମାର ପାତ୍ର, ସନ୍ତୋଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ସୂଚନା ପ୍ରଦାନ କରିଛନ୍ତି । ୩ରୁ ୭ ତାରିଖ ଯାଏଁ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ କୃତ୍ରିମ ଅଙ୍ଗ ତଥା ଶ୍ରବଣ ଯନ୍ତ୍ର ପାଇବା ପାଇଁ ଆଗ୍ରହୀ ଥିବା ଦିବ୍ୟାଙ୍ଗ ବ୍ୟକ୍ତିମାନେ ଆସନ୍ତା ୨ ତାରିଖ ମଧ୍ୟରେ ପଞ୍ଜୀକରଣ କରିବାକୁ କ୍ଲବ ପକ୍ଷରୁ ଅନୁରୋଧ କରାଯାଇଛି । ଏଥିପାଇଁ ରୋଟାରୀ କ୍ଲବ ପକ୍ଷରୁ ଧିରେନ୍ଦ୍ର ପଟ୍ଟନାୟକଙ୍କ ମୋବାଇଲ ନମ୍ବର ୯୨୩୮୫୬୧୨୩୩ରେ ଯୋଗାଯୋଗ କରି ପଞ୍ଜୀକରଣ କରିବାକୁ ଅନୁରୋଧ କରାଯାଇଛି । ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ସହଯୋଗ କରିବା ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ସହ ସହବନ୍ଧିତ ହୋଇ ରୋଟାରୀ ପକ୍ଷରୁ ଜିଲ୍ଲାରେ ପ୍ରଥମ ଥର ପାଇଁ ଏଭଳି ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି ।

---

### ● ନିର୍ବାହୀ ଅଧିକାରୀଙ୍କ ବିରୁଦ୍ଧରେ କାଉନସିଲରଙ୍କ ମେଳି

## ୧୭ରୁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ଦଶପଲ୍ଲା,୧୫।୧୦(ସମିସ): ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ଜଳାଞ୍ଜଳି ଦେଇ ମେରୀରାୟ ଶାସନ ଜାରି ରଖିଛନ୍ତି ଦଶପଲ୍ଲା ଏନଏସି ନିର୍ବାହୀ ଅଧିକାରୀ । ବିଭିନ୍ନ ୱାର୍ଡରେ ଉନ୍ନୟନ ମୂଳକ କାର୍ଯ୍ୟରେ ଅହେତୁକ ବାଧା ସାଙ୍ଗକୁ ନିର୍ବାଚିତ ପ୍ରତିନିଧିଙ୍କୁ ଅଣଦେଖା ବିରୁଦ୍ଧରେ ମେଳି ବାନ୍ଧିଛନ୍ତି ବହୁ କାଉନସିଲର । ଏହି ମର୍ମରେ ଆସନ୍ତା ୧୭ ତାରିଖରୁ ଦାବି ପୂରଣ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଗଣଧାରଣା ନିମନ୍ତେ ୧୩ ଦଫା ଦାବୀ ପତ୍ର ଉପସ୍ଥାପନ କରାଯାଇଛି । ଜିଲ୍ଲା ପ୍ରଶାସନ ସମେତ କନ୍ଧମାଳ ସାଂସଦ, ଦଶପଲ୍ଲା ବିଧାୟକ ତଥା ବିଭାଗୀୟ ମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ହୋଇଛି । କାଉନସିଲରମାନେ ସାମୁହିକ ଭାବରେ ନିର୍ବାହୀ ଅଧିକାରୀଙ୍କୁ ଭେଟି ଆଲୋଚନାର କିଛି ନିଷ୍କର୍ଷ ନମିଳିବାରେ ଲିଖିତ ଅଭିଯୋଗ ସହିତ ଆସନ୍ତା ଶୁକ୍ରବାର ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ନିମନ୍ତେ ସଜବାଜ ହେଉଥିବା ଜଣାଯାଇଛି । ସଂନ୍ଧ୍ୟାରେ ସ୍ଥାନୀୟ ଇଲେଭେନ୍ ଷ୍ଟାର କ୍ଲବ୍ ସଭାଗୃହରେ ଶୁକଦେବ ମିଶ୍ରଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ବହୁ ସ୍ଥାନୀୟ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ବଣିକ ମହାସଂଘ କର୍ମକର୍ତ୍ତା ଓ ଗଣମାଧ୍ୟମ ପ୍ରତିନିଧିଯୋଗ ଦେଇ ଆନ୍ଦୋଳନ ସପକ୍ଷରେ ସମର୍ଥନ ଜଣାଇଛନ୍ତି ।

## ୩ ଜଣଙ୍କ ଘରୁ କଳାକନା ବୁଲାଇଲେ ଚୋର

ଭାପୁର,୧୫।୧୦(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ଶାଳପଡା ଗ୍ରାମରେ ମଙ୍ଗଳବାର ରାତିରେ ତିନି ଜଣଙ୍କ ଘରେ କଳାକନା ବୁଲାଇଛନ୍ତି ଚୋର । ଚୋରମାନେ ଗଣେଶ୍ୱର ପଣ୍ଡା, ବିରଞ୍ଚି କୁମାର ପଣ୍ଡା ଓ ନାରାୟଣ ତ୍ରିପାଠୀଙ୍କ ଘରୁ ଚୋରି କରିଛନ୍ତି । ଗଣେଶ୍ୱର ପଣ୍ଡା ଓ ବିରଞ୍ଚି କୁମାର ପଣ୍ଡାଙ୍କ ବାରିପଟ କବାଟ ଭାଙ୍ଗି ଚୋରମାନେ ଘରେ ପଶି ସୁନା ଅଲଙ୍କାର, ପିତ୍ତଳ ହଣ୍ଡା, ଦାମୀ ସାମଗ୍ରୀ ଓ କିଛି ନଗଦ ଟଙ୍କା ନେଇ ଯାଇଛନ୍ତି । ନାରାୟଣ ତ୍ରିପାଠୀଙ୍କ ଘରେ ଚୋରମାନେ ପଶିଥିଲା ବେଳେ ଘର ଲୋକ ଉଠି ପଡିବାରୁ ଚୋରମାନେ ପଳାଇଥିଲେ । ଏନେଇ ଭାପୁର ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ଫାଣ୍ଡି ଅଧିକାରୀ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଗାଁରେ ଚୋରାରେ ଏକ ଦେଶୀ ମଦ କାଉଣ୍ଟର ଖୋଲାଯାଇଛି । ସେଠାରେ ଦେଶି, ବିଦେଶୀ ମଦ ସହ ବ୍ରାଉନସୁଗର ବିକ୍ରି ହେଉଛି । ଅବକାରୀ ବିଭାଗ ଓ ପୁଲିସ ବିଭାଗ ଏନେଇ ପଦକ୍ଷେପ ନେବାକୁ ଦାବି ହୋଇଛି ।

## ବ୍ରାଉନସୁଗର ସହିତ ଲୁନା ଜବତ; ଜଣେ ଗିରଫ

ଗଣିଆ,୧୫।୧୦(ସମିସ): ଗଣିଆ ବସଷ୍ଟାଣ୍ଡଠାରେ ବ୍ରାଉନସୁଗର ବିକ୍ରି କରୁଥିବା ବେଳେ ଜଣକୁ ଗିରଫ କରିଛି ଗଣିଆ ପୁଲିସ । ଗିରଫ ଅଭିଯୁକ୍ତଙ୍କ ଠାରୁ ୨.୫୦ ଗ୍ରାମ ବ୍ରାଉନସୁଗର ସହିତ ଗୋଟିଏ ଲୁନା ଜବତ କରାଯାଇଥିବା ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା ପ୍ରକାଶ କରିଛନ୍ତି । ଗଣିଆ ଥାନା ଏସଆଇ ଶ୍ୟାମସୁନ୍ଦର ପ୍ରଧାନ, ଏଏସଆଇ ଶାହା ଆଲାମ ଖାଁ, କନଷ୍ଟେବଲ ପିତାମ୍ବର ପଟେଲ ମଙ୍ଗଳବାର ପାଟ୍ରୋଲିଂ କରୁଥିବା ବେଳେ ଗଣିଆ ଚଉବଙ୍ଗ ଛକଠାରେ ଥିବା ବସ୍‌ଷ୍ଟାଣ୍ଡ ନିକଟରେ ଗୋଟିଏ ଲୁନାରେ ଜଣେ ବ୍ୟକ୍ତି ବ୍ରାଉନସୁଗର ବ୍ରିକ୍ରି କରୁଥିବା ଖବର ପାଇଥିଲେ । ପୁଲିସ ସଙ୍ଗେ ସଙ୍ଗେ ସେଠାରେ ପହଞ୍ଚି ଖଣ୍ଡପଡ଼ା ବ୍ଲକ ରୟତ ଢୋଲମରା ଗ୍ରାମର ଦାସ ସେଠୀଙ୍କୁ ପଚରାଉଚରା କରିବା ସହିତ ତାଙ୍କ ଲୁନାରୁ ୨.୫୦ ଗ୍ରାମ ବ୍ରାଉନସୁଗର ଜବତ କରିଥିଲେ । ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ସେ ବେପାର କରୁଥିବା ଜଣାପଡିଥିଲା । ସନ୍ଧ୍ୟା ସମୟରେ ତହସିଲଦାର ପ୍ରିତିବାଳା ରଣାଙ୍କ ଉପସ୍ଥିତିରେ ଜବତ ବ୍ରାଉନସୁଗାର ଓଜନ କରାଯାଇଥିଲା । ଜବତ ବ୍ରାଉନସୁଗର ଆନୁମାନିକ ମୂଲ୍ୟ ୩୦ ହଜାର ଟଙ୍କା ହେବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କଠାରୁ ଏକ ଲୁନା ମଧ୍ୟ ଜବତ କରାଯାଇଛି । ଗିରଫ ଅଭିଯୁକ୍ତକୁ ବୁଧବାର କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି । ଗଣିଆରେ ଦିନକୁ ଦିନ ଧଳାଜହର କାୟା ବିସ୍ତାର କରି ଚାଲିଥିବା ବେଳେ ଯୁବଗୋଷ୍ଠୀ ଏହି ମାୟାରେ ପଡି ନଷ୍ଟ ହେଉଥିବା ଦେଖିବାକୁ ମିଳିଛି ।

## ନବଜାତ ଶିଶୁପୁତ୍ର ଉଦ୍ଧାର

ନୟାଗଡ଼,୧୫।୧୦(ସମିସ): ନୟାଗଡ଼ ଜିଲ୍ଲା ରଣପୁର ଥାନା ନରସିଂହପୁର ଗାଁର ନିରୁପମା ପେଣ୍ଠେଇଙ୍କ ଘର ପଛ ରାସ୍ତାରେ ଏକ ନବଜାତ ଶିଶୁପୁତ୍ର ଏକ ବୁଦାରେ ପଡିଥିଲା । ସେ ଖବର ପାଇ ସ୍ଥାନୀୟ ଆଶା ମାଧ୍ୟମରେ ନବଜାତ ଶିଶୁ ଉଦ୍ଧାର କରି ରଣପୁର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଶିଶୁଟି ଗୁରୁତର ଥିବାରୁ ଡାକ୍ତର ତାକୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଶିଶୁ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ସ୍ଥାନାନ୍ତରିତ କରାଯାଇଛି । ନବଜାତ ଶିଶୁକୁ କେହି ପକାଇ ଦେଇଥିବା ଅନୁମାନ କରାଯାଉଛି । ଶିଶୁ ସୁରକ୍ଷା ଅଧିକାରୀ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚ ତଦନ୍ତ କରିଛନ୍ତି । ଶିଶୁ ଉଦ୍ଧାର କାର୍ଯ୍ୟକ୍ରମରେ ଚାଇଲ୍ଡ ଲାଇନ ସାମିଲ ଥିବା ଜଣାପଡ଼ିଛି ।

---

### କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

## ବିଳମ୍ବ ହେବାରୁ ପୁରସ୍କାର ନ ନେଇ ଚାଲିଗଲେ ଛାତ୍ରଛାତ୍ରୀ



ଗଣିଆ,୧୫।୧୦(ସମିସ): ଗଣିଆ କ୍ଲଷ୍ଟରର ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ହୋଇଥିଲା । ଏହି କ୍ଲଷ୍ଟରର ୮ଟି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷୟତ୍ରୀ ନିହାର ବାଳା ରାଉତ, ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଶେଷଦେବ ରାଉତ, ଶିକ୍ଷୟିତ୍ରୀ ଶୈଳବାଳା ସାହୁ, ୱାଲିପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ । ସିଆରସିସି ରାଧାକାନ୍ତ ନାୟକ ମଞ୍ଚ ପରିଚାଳନା କରିଥିଲେ । ତେବେ ଦିନ ୯ ଘଟିକାଠାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବା ଫଳରେ ଛାତ୍ରଛାତ୍ରୀ ବ୍ୟସ୍ତ ହୋଇ ଏଣେତେଣେ ବୁଲୁଥିବା ଦେଖିବାକୁ ମିଳିଥିଲା । ଡେରି ହେବାରୁ ଅନେକ ଛାତ୍ରଛାତ୍ରୀ ପୁରସ୍କାର ବଣ୍ଟନ ପୂର୍ବରୁ ଚାଲିଯାଇଥିଲେ ।

## ପୂର୍ବତନ ରାଷ୍ଟ୍ରପତିଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି

ନୟାଗଡ଼,୧୫।୧୦(ସମିସ): ମିଶାଇଲ ମ୍ୟାନ ଭାବରେ ପରିଚିତ ଭାରତରତ୍ନ ଡ. ଏପିଜେ ଅବଦୁଲ୍ କଲାମଙ୍କ ଜୟନ୍ତୀ ଅବସରରେ ନୟାଗଡ଼ ମଣ୍ଡଳ ଶିକ୍ଷା ବିଭାଗ କାର୍ଯ୍ୟାଳୟରେ ଅବସ୍ଥିତ ଡ. କଲାମଙ୍କ ପ୍ରତିମୂର୍ତ୍ତିରେ ଶିକ୍ଷକ ସମାଜ, ସାମାଜିକ ଅନୁଷ୍ଠାନ ଓ ଶିକ୍ଷା ବିଭାଗ ତରଫରୁ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ଏହି କାଯ୍ୟ୍ୟକ୍ରମରେ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ, ବ୍ଲକ ଶିକ୍ଷା ଅଧିକାରୀ ଉମାକାନ୍ତ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଧନେଶ୍ୱର ସେଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ଜିଲ୍ଲା ଲେଖକ ପରିଷଦର ସଂପାଦକ ତଥା ଶିକ୍ଷକ ନେତା ଶେଖ୍ ଅବଦୁଲ୍ ଖାଲିକ୍, ଭକ୍ତ ବଲ୍ଲଭ ବଟକୃଷ୍ଣ ମିଶ୍ର, ମାଣିକେଶ୍ୱର ସ୍ୱାଇଁ, ଉମେଶ ସ୍ୱାଇଁଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ । ବେଳେ ସାମାଜିକ କର୍ମୀ ତଥା ଇନରହ୍ୱିଲ କ୍ଲବର ସଭାନେତ୍ରୀ ସ୍ନିଗ୍ଧାରାଣୀ ପଟ୍ଟନାୟକ ଓ ମାଦ' ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରକୃତିମିତ୍ର ରଞ୍ଜନ ରଶ୍ମୀ ଜେନା ଯୋଗଦେଇ ଡ. କଲାମଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ।

## ବିଶ୍ୱ ଧଳା ବାଡ଼ି ଦିବସ




ନୟାଗଡ଼,୧୫।୧୦(ସମିସ): ଭିନ୍ନକ୍ଷମଙ୍କ କଲ୍ୟାଣ ନିମନ୍ତେ ପ୍ରତିଷ୍ଠିତ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର ଦ୍ୱାରା ବିଶ୍ୱ ଧଳାବାଡ଼ି ଦିବସ ପାଳନ ହୋଇଯାଇଛି । ଏହି ଅବସରର ଡାକ୍ତର ଅଭିଳାଷ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ପ୍ରଭୁଦତ୍ତ ପଣ୍ଡା, ସ୍ୱତନ୍ତ୍ର ଶିକ୍ଷକ ରାମେଶ୍ୱର ପାତ୍ର, ପୟୋସ୍ୱିନୀ ରଥ, ଲୋକଜିତ୍ ପରିଡ଼ା, ଶରତ ଚନ୍ଦ୍ର ସେଠୀ, ସାଗରିକା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ସମ୍ବନ୍ଧରେ ବିଶ୍ୱର ଜନ ସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଧଳା ବାଡ଼ି ଦିବସ ପାଳନ ହୋଇଥାଏ ବୋଲି ଉପସ୍ଥିତ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଶେଷରେ ୧୫ ଜଣ ଦୃଷ୍ଟି ବାଧିତ ବ୍ୟକ୍ତିଙ୍କୁ ଜିଲ୍ଲା ପୁନର୍ବାସ କେନ୍ଦ୍ର ତରଫରୁ ଧଳା ବାଡ଼ି ବଣ୍ଟନ କରାଯାଇଥିଲା । ସେହିଭଳି ଭାବେ ବଂଶୀଧର ମହାବିଦ୍ୟାଳୟ ଅଧ୍ୟକ୍ଷା ରୀନାବାଳା ସାହୁଙ୍କ ଅଧ୍ୟକ୍ଷତାରେ ଆଜି ବିଶ୍ୱ ହାତ ଧୁଆ ଦିବସ, ବିଶ୍ୱ ଧଳା ବାଡ଼ି ଦିବସ ଏବଂ ପୂର୍ବତନ ରାଷ୍ଟ୍ରପତି ତଥା ମିଶାଇଲ ମ୍ୟାନ ଡକ୍ଟର ଅବଦୁଲ କାଲାମଙ୍କ ଜୟନ୍ତୀକୁ ବିଶ୍ୱ ଛାତ୍ର ଦିବସ ଭାବରେ ପାଳିତ ହୋଇଛି । ଏହି ପରିପ୍ରେକ୍ଷୀରେ ଇଂରାଜୀ ଅଧ୍ୟାପକ ପ୍ରଭାସ ରଞ୍ଜନ ତ୍ରିପାଠୀ, ଅର୍ଥନୀତି ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ଇତିହାସ ଅଧ୍ୟାପକ ଦିବାକର ରାଉତ, ମନସ୍ତତ୍ତ୍ୱ ବିଜ୍ଞାନ ଅଧ୍ୟାପକ ଭଗବାନ ଦାସ, ରାଜନୀତି ବିଜ୍ଞାନ ଅଧ୍ୟାପକ ଚିତ୍ତରଞ୍ଜନ ରାଉତ, ଶିକ୍ଷା ବିଭାଗ ଅଧ୍ୟାପିକା ସ୍ୱର୍ଣ୍ଣାକ୍ଷୀ ହୋତା, ଶିକ୍ଷା ବିଭାଗ ଅଧ୍ୟାପକ ସୁରେଶ ମାଣ୍ଡୋଇ ଏବଂ ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ରହି ଏହି ଦିବସ ମହତ୍ତ୍ୱ ବିଷୟରେ କହିବା ସହ ଅବଦୁଲ କାଲାମଙ୍କ ଛାତ୍ରଙ୍କ ଉଦ୍ଦେଶ୍ୟରେ କହିଥିବା ବାଣୀ ଗୁଡିକ ଆଲୋଚନା କରିଥିଲେ ।

### ● ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

## ଫତେଗଡ଼ ଓଏଭି ଛାତ୍ର ରାଜେଶ ମନୋନୀତ



ଭାପୁର,୧୫।୧୦(ସମିସ): ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଓ ସେପ୍‌କୋଟ୍ରାକୋ ପ୍ରତିଯୋଗିତା ଗୁରୁବାରଠାରୁ ନବରଙ୍ଗପୁର ଜିଲ୍ଲା ଉମରକୋଟଠାରେ ୧୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ହେବ । ଏହି ପ୍ରତିଯୋଗିତାରେ ନୟାଗଡ଼ ଜିଲ୍ଲାର ଖେଳାଳିମାନେ ଭାଗ ନେବେ । ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ବର୍ଗରେ ବ୍ୟାଡମିଣ୍ଟନ ଖେଳାଯିବ । ୧୭ ବର୍ଷ କମ ବର୍ଗର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଭାପୁର ବ୍ଲକ ଫତେଗଡ ଆଦର୍ଶ ବିଦ୍ୟାଳୟ ୧୦ମ ଶ୍ରେଣୀରେ ପଢୁଥିବୀ ପଦ୍ମାବତୀ ଗ୍ରାମର ଶିକ୍ଷକ ବିଜୟ କୁମାର ହାତୀଙ୍କ ପୁଅ ରାଜେଶ କୁମାର ହାତୀ ଭାଗ ନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ରାଜେଶ କରବର ହାଇସ୍କୁଲର ଖେଳ ଶିକ୍ଷକ ଦେବାଶିଷ ମିତଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି । ଫତେଗଡ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷା ପଦ୍ମିନୀ ବାରିକ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ରାଜେଶଙ୍କ ସଫଳତା କାମନା କରିଛନ୍ତି । ଜିଲ୍ଲା ତରଫରୁ ବାଳକ ବ୍ୟାଡମିଣ୍ଟନ ଖେଳ ଗାଇଡ୍ ଭାବେ ରଣପୁର ଆଦର୍ଶ ବିଦ୍ୟାଳୟ ଖେଳ ଶିକ୍ଷକ ମନ୍ମଥ ନାଥ ମହାପାତ୍ର ଓ ବାଳିକା ବିଭାଗ ଗାଇଡ ଭାବେ ନୟାଗଡ଼ ନଛିପୁର ହାଇସ୍କୁଲର ଖେଳ ଶିକ୍ଷୟିତ୍ରୀ ବି ଜୟଲକ୍ଷ୍ମୀ ଉମରକୋଟ ଯିବେ । ସେହିପରି ସେପକୋଟ୍ରାକୋ ଖେଳର ଗାଇଡ ଟିଚର ଭାବେ ବାଇଗୁଣିଆ ହାଇସ୍କୁଲର ଖେଳ ଶିକ୍ଷକ ଆଶିଷ କୁମାର ପଟ୍ଟନାୟକ ଟିମ ସହ ଯିବେ ।

---

# ବରିଷ୍ଠ ନାଗରିକ ସମାଜର ପଥପ୍ରଦର୍ଶକ

### ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ସମ୍ବର୍ଦ୍ଧିତ




ନୟାଗଡ଼,୧୫।୧୦(ସମିସ)


ନୟାଗଡ଼ ସିଭିଲ୍ ସୋସାଇଟ୍ ଆନୁକୂଲ୍ୟରେ ଚାଲିଥିବା ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଅବସରରେ ଆଜି ଅନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ସିଭିଲ୍ ସୋସାଇଟ୍ ଅଧ୍ୟକ୍ଷ ଗୋଦାବରୀଶ୍ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଶିବିର ସମେତ ବହୁ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଯୋଗଦେଇ ବରିଷ୍ଠ ନାଗରିକ ସମାଜର ପଥ ପଦର୍ଶକ ବୋଲି ମତ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ରାଜ୍ୟ ସଂଘ ସଭାପତି ପ୍ରସନ୍ନ କୁମାର ଦାଶ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଏହି ଅବସରରେ ଶତାୟୁ ନାଗରିକ ଧୋବା ପ୍ରଧାନଙ୍କୁ ଅତିଥିମାନେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ନୟାଗଡ଼ ଜିଲ୍ଲାରେ ଦ୍ୱିତୀୟ ଅଯୋଧ୍ୟା ତଥା ଫତେଗଡ଼ ଶ୍ରୀରାମ ମନ୍ଦିର ନିର୍ମାଣରେ ମୁଖ୍ୟ ଭୂମିକା ନିର୍ବାହ କରିଥିବା ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହା ସହିତ ଅନେକ ବରିଷ୍ଠ ନାଗରିକଙ୍କୁ ସେବା ଯୋଗାଇ ଦେଉଥିବା ସେବୀକାଙ୍କୁ ସିଭିଲ୍ ସୋସାଇଟ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ସିଭିଲ୍ ସୋସାଇଟ୍ ଆବାହକ ଶ୍ରୀକାନ୍ତ କୁମାର ଖଟେଇ, ସମ୍ପାଦକ ଧନେଶ୍ୱର ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ସହଯୋଗ କରିଥିଲେ ।









# ଉପନିବନ୍ଧକଙ୍କ କାର୍ଯ୍ୟାଳୟ; ଦୁର୍ଗନ୍ଧରେ ଲୋକେ ଅତିଷ୍ଠ

ଖୋର୍ଦ୍ଧା,୧୫।୧୦(ସମିସ)

ଦୁର୍ଗନ୍ଧରେ ଫାଟିପଡୁଛି ଖୋର୍ଦ୍ଧା ଉପନିବନ୍ଧକ କାର୍ଯ୍ୟାଳୟ ପରିସର। ଏଠାରେ ଥିବା ବରଗଛ ମୂଳରେ ଆବର୍ଜନା ଗଦା ହୋଇ ରହି ପାଣି ଜମିବାରୁ ଦୁର୍ଗନ୍ଧ ହେଉଛି। ଏହା ସାଙ୍ଗକୁ ମଶାଙ୍କ ପ୍ରାଦୁର୍ଭାବ ବଢୁଛି। ଗଛମୂଳଠୁ କିଛି ଦୂର ଛାଡ଼ି ଠିଆ ହେଲେ ମଶା କାମୁଡ଼ି ନୟାନ୍ତ କରୁଛନ୍ତି। ଗୋଟିଏ ମିନିଟ୍ ଠିଆ ହେଲେ ୮-୧୦ ମଶା କାମୁଡୁଛନ୍ତି। ଫଳରେ ଏଠାକୁ ବିଭିନ୍ନ କାମରେ ଆସୁଥିବା ଲୋକ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି।

ସୂଚନାଯୋଗ୍ୟ, ସ୍ଥାନୀୟ ଟ୍ରାଫିକ୍ ଛକ ନିକଟରେ ରହିଛି ଉପନିବନ୍ଧକଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟରେ ଖୋର୍ଦ୍ଧା ତହସିଲ୍ ଅଧୀନ ଗ୍ରାମଗୁଡ଼ିକର ଲୋକମାନେ ଜାଗାବାଡ଼ି କ୍ରୟ ବିକ୍ରୟ, ମାଲିକାନାସତ୍ତ୍ୱ ବିବରଣୀ, କିସମ, ମୂଲ୍ୟାଙ୍କନ, ପଞ୍ଜିକୃତ ବିଭାଘର, ଜାଗାବାଡ଼ି କ୍ରୟ ବିକ୍ରୟ ଚୁକ୍ତିନାମା, ଉତ୍ତରାଧିକାରୀସତ୍ତ୍ୱ କ୍ଷମତା ପ୍ରଦାନ ଦଲିଲ ପ୍ରଭୃତି କାର୍ଯ୍ୟ କରିବାକୁ ଆସୁଛନ୍ତି। କାର୍ଯ୍ୟାଳୟ ପରିସରରେ କିଛି ସ୍ଥାନକୁ ଛାଡ଼ିଦେଲେ ଅବଶିଷ୍ଟ ସ୍ଥାନ ସବୁ ଅନାବନା ଗଛଲତା ହୋଇ ରହିଛି। ଏପରିକି କାର୍ଯ୍ୟାଳୟ ପରିସରରେ ଥିବା ବିରାଟକାୟ ବରଗଛ ମୂଳ ଆବର୍ଜନାମୟ ହୋଇରହିଛି। ଫଳରେ ଉକ୍ତ ଗଛ ନିକଟରେ ଠିଆ ହେବା ମାତ୍ରେ ମଶାଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। କେବଳ ମଶା ନୁହେଁ ବରଂ ଗଦା ହୋଇ ରହିଥିବା ଆବର୍ଜନାରେ ବର୍ଷା ପାଣି ପଡ଼ିଥିବା ଯୋଗୁଁ ସେଥିରୁ ପ୍ରବଳ ଦୁର୍ଗନ୍ଧ ବାହାରୁଛି। ପରିଷ୍କାର ପରିଚ୍ଛନ୍ନତା ପ୍ରତି ପୌର ପ୍ରଶାସନ ଗୁରୁତ୍ୱ ଦେଉଥିବା କହୁଥିବାବେଳେ କାର୍ଯ୍ୟାଳୟ ଭିତର ଏହି ବରଗଛ ମୂଳକୁ ଦେଖିଲେ ଏଥିରେ କେତେ ସତ୍ୟତା ରହିଛି ତାହା ସ୍ପଷ୍ଟ ହେଉଛି। ତେବେ ଖୋଲା ଜାଗାରେ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଅଳିଆ ଆବର୍ଜନା ଓ ଅନାବନା ଘାସ ଜଙ୍ଗଲକୁ ସଫା କରିବାକୁ ଗତ ଜିଲ୍ଲାସ୍ତରୀୟ ବୈଠକରେ ଜିଲ୍ଲାପାଳ ପୌର ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏ ନିର୍ଦ୍ଦେଶ କେତେ କାର୍ଯ୍ୟକାରୀ ହୋଇଛି, ତାହା ଉପନିବନ୍ଧକ କାର୍ଯ୍ୟାଳୟ ବରଗଛ ମୂଳରୁ ଜଣାଯାଉଛି। ତେଣୁ ଯଥାଶୀଘ୍ର କାର୍ଯ୍ୟାଳୟ ପରିସରକୁ ପରିଷ୍କାର କରାଯାଉ ବୋଲି ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କ କହିବା ଅନୁସାରେ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନେକ କାର୍ଯ୍ୟାଳୟ ସଫେଇକୁ ଗୁରୁତ୍ୱ ଦିଆଯାଇଛି। ପୌରାଞ୍ଚଳରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି। ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ମଧ୍ୟ ସଫେଇ କରାଯାଉଛି ବୋଲି ସେ କହିଛନ୍ତି। ତଥାପି ଯଦି କୌଣସି ସ୍ଥାନରେ ରହିଥିବା ଅଭିଯୋଗ ଆସୁଛି ତାହା ଉପରେ ତ୍ୱରିତ ପଦକ୍ଷେପ ନେବୁ।



**ଆବର୍ଜନାମୟ ହୋଇଛି ବରଗଛ ମୂଳ; ବଢୁଛି ମଶାଙ୍କ ପ୍ରାଦୁର୍ଭାବ**

## ପୁତୁରା ଆକ୍ରମଣରେ ବଡ଼ ମା' ମୃତ



ନିରାକାରପୁର,୧୫।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ନୂଆଗଡ଼ ପଞ୍ଚାୟତ ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ନିଜ ପୁତୁରା ଆକ୍ରମଣରେ ବଡ଼ ମା'ଙ୍କର ମୃତ୍ୟୁ ଘଟିଥିବାବେଳେ ଜଣେ ସମ୍ପର୍କୀୟ ମହିଳା ମଧ୍ୟ ଗୁରୁତର ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ହେମଲତା ସ୍ୱାଇଁ (୬୨)। ସୂଚନାଯୋଗ୍ୟ କି, ମଙ୍ଗଳବାର ମଧ୍ୟାହ୍ନ ସମୟରେ ବୃନ୍ଦାବନପୁର ଗ୍ରାମ ଜଗବନ୍ଧୁ ସ୍ୱାଇଁଙ୍କ ଘର ନିକଟରେ ତାଙ୍କ ପୁତୁରା ଲିଙ୍ଗରାଜ ସ୍ୱାଇଁ (୨୯) ଗାଳିଗୁଲଜ କରୁଥିବାବେଳେ ଜଗବନ୍ଧୁଙ୍କ ପତ୍ନୀ ତଥା ଲିଙ୍ଗରାଜଙ୍କ ବଡ଼ ମା' ହେମଲତା ସ୍ୱାଇଁ (୬୨) ଘରେ ବୋହୂମାନେ ଅଛନ୍ତି କହି ଗାଳିଗୁଲଜ ନ କରିବାକୁ ବାରଣ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଲିଙ୍ଗରାଜ ଗାଳିଗୁଲଜ କରିବା ସହିତ ଏକ କାଠ ଫାଳିଆରେ ଆକ୍ରମଣ କରିବାରୁ ହେମଲତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ଏହି ସମୟରେ ଲିଙ୍ଗରାଜଙ୍କ ସମେତ ତାଙ୍କ ପରିବାର ଲୋକେ ମଧ୍ୟ ଆକ୍ରମଣରେ ସହଯୋଗ କରିଥିଲେ ବୋଲି ଲିଖିତ ଅଭିଯୋଗରୁ ଜଣାପଡ଼ିଛି। ପରେ ତାଙ୍କୁ ଉଦ୍ଧାର କରିବାକୁ ପ୍ରୟାସ କରୁଥିବା ହେମଲତାଙ୍କ ଦୁଇ ବୋହୂ ଓ ସମ୍ପର୍କୀୟ ମହିଳା ସୁଜାତା ସ୍ୱାଇଁ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏଥିରେ ସୁଜାତାଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗୁରୁତର ଅବସ୍ଥାରେ ହେମଲତାଙ୍କୁ ପରିବାର ଲୋକେ ପ୍ରଥମେ ଚାନ୍ଦପୁର ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଲିସ ଶବକୁ ଜବତ କରି ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପଠାଇ ତଦନ୍ତ କରୁଥିବା ଜଣାପଡ଼ିଛି। ଆକ୍ରମଣକାରୀ ଲିଙ୍ଗରାଜ ସମେତ ତାଙ୍କ ପରିବାର ଲୋକ ଫେରାର୍ ହୋଇଯାଇଛନ୍ତି। ପୁଲିସ ଅଭିଯୋଗକୁ ଭିତ୍ତିକରି ଘଟଣାସ୍ଥଳକୁ ଯାଇ ଅନୁସନ୍ଧାନ ଆରମ୍ଭ କରିଥିବା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କଠାରୁ ଜଣାପଡ଼ିଛି।

## ପରିବହନ ବିଭାଗ ପକ୍ଷରୁ ୧୧,୩୦,୪୨୦ ଜରିମାନା ଆଦାୟ

ଟାଙ୍ଗୀ,୧୫।୧୦(ସମିସ): ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପରିବହନ ବିଭାଗ ଓ ପୁଲିସ ମିଳିତ ପୃଥକ୍ ଚଢ଼ଉରେ ସମୁଦାୟ ୧୨୪ଟି ଚାଲାଣ କଟାଯାଇ ୧୧ ଲକ୍ଷ ୩୦ ହଜାର ୪୨୦ ଟଙ୍କା ଜରିମାନା କରାଯାଇଥିବା ଜଣାପଡ଼ିଛି। ଖୋର୍ଦ୍ଧା ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକଙ୍କ ନିର୍ଦ୍ଦେଶ କ୍ରମେ ଟ୍ରାଫିକ୍ ସବ୍‌ଇନ୍ସପେକ୍ଟର ତୃପ୍ତିରେଖା ଜେନା ଟାଙ୍ଗୀ ପୁଲିସ ସହାୟତାରେ ଚଢ଼ଉ କରି ୪୪ଟି ଚାଲାଣ କରି ୫ ଲକ୍ଷ ୧୬ ହଜାର ୮୨୦ ଟଙ୍କା ଜରିମାନା କରିଥିବା ଜଣାପଡ଼ିଛି। ମଦ୍ୟପାନ କରି ଗାଡ଼ି ଚଳାଉଥିବା ୧୦ ଜଣ, ପ୍ରଦୂଷଣ ଅବଧି ନ ଥିବା ୧୨ଟି ଗାଡ଼ି, ଏପରିକି ଇନ୍ସ୍ୟୁରାନ୍ସ ପ୍ରମାଣପତ୍ର ଅବଧି ନ ଥିବା ୨୧ଟି ଗାଡ଼ି ବିରୋଧରେ ଚାଲାଣ କରାଯାଇଥିବା ଜଣାପଡ଼ିଛି। ପୃଥକ୍ ଆଉ ଏକ ଚଢ଼ଉରେ ୮୦ଟି ଚାଲାଣ କରାଯାଇ ସମୁଦାୟ ୬ ଲକ୍ଷ ୧୩ ହଜାର ୬୦୦ ଟଙ୍କା ଜରିମାନା କରାଯାଇଥିବା ବେଳେ ୪ ଜଣ ନାବାଳକ ବାଇକ୍ ଚଳାଉଥିବା ଧରିପଡ଼ିଥିବା ଜଣାପଡ଼ିଛି। ୫୫ଟି ବିଭିନ୍ନ ଗାଡ଼ି ବିନା ଇନ୍ସ୍ୟୁରାନ୍ସରେ ଯାତାୟାତ କରୁଥିବା ଚଢ଼ଉ ସମୟରେ ଧରାପଡ଼ିଥିବାବେଳେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିବାରୁ ୫ଟି ଗାଡ଼ି ବିରୁଦ୍ଧରେ ଚାଲାଣ ହୋଇଛି।

## ଦୁଇ ମଦ ବେପାରୀ ଗିରଫ

ଜଟଣୀ,୧୫।୧୦(ସମିସ): ଜଟଣୀ ଅବକାରୀ ଥାନା ଅଧୀନ ନିରଞ୍ଜନପୁର ଅଞ୍ଚଳରେ ରାସ୍ତାକଡ଼ରେ ଖୁଲମ୍‌ଖୁଲା ମଦ ବିକୁଥିବା ୨ ବେପାରୀଙ୍କୁ ଗିରଫ କରିଛି ପୁଲିସ। ତାଙ୍କଠାରୁ ୯୫ ଲିଟର ଆସ୍କା ଫର୍ଟି ମଦ ଜବତ ହୋଇଛି। ଗିରଫ ବେପାରୀଦ୍ୱୟ ହେଲେ ନିରଞ୍ଜନପୁର ଗ୍ରାମର ସନାତନ ସୁନ୍ଦରାୟ ଏବଂ ଏୟାରଫିଲ୍ଡ ଥାନା ଅଧୀନ ଜାମୁକୋଳି ଗ୍ରାମର କୈଳାସ ବେହେରା। ଉଭୟେ ପେସାଦାର ମଦ ବେପାରୀ ଓ ଗତ କିଛିଦିନ ହେଲା ନିରଞ୍ଜନପୁର ଅଞ୍ଚଳରେ ମିଶିକରି ମଦ ବେପାର ଚଳାଇଛନ୍ତି।

## ନୂତନ ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବେଗୁନିଆ,୧୫।୧୦(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ ଯୋଗଦେଇଥିବା ପ୍ରଧାନଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ସୂଚନା ଥାଉ କି, ବିଦ୍ୟାଳୟରେ ଦୀର୍ଘ ଦେଢ଼ ବର୍ଷ ଧରି ପ୍ରଧାନଶିକ୍ଷକ ପଦଟି ଖାଲି ପଡ଼ିଥିବାବେଳେ ମଙ୍ଗଳବାର ପୂର୍ବାହ୍ଣରେ ନୂତନ ପ୍ରଧାନଶିକ୍ଷକ କାର୍ଯ୍ୟରେ ଯୋଗଦେଇଥିଲେ। ଏଥିରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ହୀରାମଣି ମଲ୍ଲିକଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଶିକ୍ଷାବିତ୍ ମୀର ରହେମତ ଅଲ୍ଲୀ ଓ ପରିଚାଳନା କମିଟି ସଭାପତି ମନ୍ମଥ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ନୂତନ ଭାବେ ଯୋଗଦେଇଥିବା ପ୍ରଧାନଶିକ୍ଷକ ଦିବାକର ସାହୁଙ୍କୁ ଉତ୍ତରୀୟ ଏବଂ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିଥିଲେ।ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ



ଟାଙ୍ଗୀ/ନିରାକାରାପୁର,୧୫।୧୦(ସମିସ): ଟାଙ୍ଗୀ ବ୍ଲକ୍ ଅଧୀନ ଭୂଷଣ୍ଡପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସ୍ଥାନୀୟ ରିଫୁଜି ଉଚ୍ଚ ବିଦ୍ୟାଳୟଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଟାଙ୍ଗୀ ଭାରପ୍ରାପ୍ତ ଗୋଷ୍ଠୀ ସହକାରୀ ଶିକ୍ଷାଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରା, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଭୀମସେନ ବେହେରା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ରିଫୁଜି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭବାନୀ ମହାରଣା, ଟାଙ୍ଗୀ ପ୍ରାଥମିକ ଶିକ୍ଷକ ସଙ୍ଘ ସଭାପତି ଅମ୍ଳାନ ପ୍ରହରାଜ, ଶିକ୍ଷକ ପ୍ରଶାନ୍ତ ରାୟ, ଦୁଃଶାସନ ସେଠୀ, ସିଆର୍‌ସିସି ସପନ ସର୍ଦ୍ଦାର ଅତିଥିଭାବେ ଯୋଗଦେଇ ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ଣରେ ଉଦ୍‌ଯାପନୀ ଉତ୍ସବରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ଅତିଥିବୃନ୍ଦ ଓ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗାଇଡ୍ ଶିକ୍ଷକଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ପୁରସ୍କୃତ କରିଥିଲେ। ଏଥିରେ କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟର ପ୍ରତିଯୋଗୀମାନେ ସେମାନଙ୍କ ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ପବିତ୍ର ସାହୁ, ଜ୍ୟୋସ୍ନା ଭୋଇ, ସୁନମସୁନା ମାଝୀ, ବିଧୁଭୂଷଣ ଦାଶ, ରଶ୍ମିତା ପଟ୍ଟନାୟକ, କୁନ୍ତଳା କୁମାରୀ ବେହେରା, ନିହାରିକା ସାହୁ, ବନିତା ଦାସ, ମନସ୍ୱିନୀ ମହାପାତ୍ର, ଲତା ଖଟେଇ, ଅର୍ପିତା ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗିତାରେ ଭାଗନେଇ ପ୍ରତୀକ୍ଷା ପ୍ରିୟଦର୍ଶିନୀ, ଅଙ୍କିତା ଜେନା, ସ୍ମୃତିରେଖା ବାରିକ, ସ୍ୱର୍ଣ୍ଣଶ୍ରଦ୍ଧା ପ୍ରଧାନ, ସ୍ମୃତିରେଖା ବେହେରା, ହରପ୍ରିୟା ମହାରଣା, ରାଜ ଦାସ, ସାଇ ସସ୍ମିତା ସ୍ୱାଇଁ, ପ୍ରିୟଦର୍ଶିନୀ ସାମନ୍ତରାୟ, ସୌମ୍ୟ ସମ୍ବିତ୍ ସାହୁ, ସଙ୍ଗୀତା ସାହୁ, ସନ୍ତୋଷୀ ବେହେରା, ସୁନୟନା ବେହେରା, ଅର୍ପିତା ସୁବୁଦ୍ଧି, ଖୁସି ବେହେରା ପ୍ରଥମ ହୋଇଥିବାରୁ ବ୍ଲକ୍‌ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ସିଆର୍‌ସିସି ଶ୍ରୀ ସର୍ଦ୍ଦାର ସୂଚନା ଦେଇଥିଲେ।

## ଅଚ୍ୟୁତପୁର କ୍ଲଷ୍ଟରରେ 'ସୁରଭି' କାର୍ଯ୍ୟକ୍ରମ



ନିରାକାରପୁର,୧୫।୧୦(ସମିସ): ଖୋର୍ଦ୍ଧା ଜିଲ୍ଲା ଅଚ୍ୟୁତପୁର ଉ.ପ୍ରା. ବିଦ୍ୟାଳୟରେ ଅଚ୍ୟୁତପୁର କ୍ଲଷ୍ଟର 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୨ଟି ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବୁଧବାର ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନଶିକ୍ଷୟିତ୍ରୀ ନମିତା ନାୟକ ସଭାପତିତ୍ୱ କରିଥିବାବେଳେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୋନାଲି ମହାପାତ୍ର, ସିଆର୍‌ସିସି ବିଜୟ ମାନସିଂହ, ସମାଜସେବୀ ଟଙ୍କଧର ମହାପାତ୍ର, ଏସ୍‌ଏମ୍‌ସି ଅଜୟ ନାୟକ, ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିପରି ଅପରାହ୍ଣରେ ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ କମାଗୁରୁ ପୂର୍ବତନ ସରପଞ୍ଚ ମନୋରଞ୍ଜନ ଚମ୍ପତି, ସମିତିସଭ୍ୟଙ୍କ ପ୍ରତିନିଧି ସନ୍ତୋଷ କୁମାର ଦାମ୍ବଳ, ସହଯୋଗ ପରିବାରର ଆବାହକ ହିମାଂଶୁ ଭୂଷଣ ଚମ୍ପତିରାୟ, ଶିକ୍ଷକ ସୋମନାଥ ବେହେରା, ସତ୍ୟନାରାୟଣ ବ୍ରହ୍ମା ମହାପାତ୍ର, ଜ୍ଞାନରଞ୍ଜନ ମହାନ୍ତି, ବିରଞ୍ଚି ନାରାୟଣ ନିଶଙ୍କ, ସୁକାନ୍ତ ନାୟକ, ଶିକ୍ଷୟିତ୍ରୀ ସୁନିତାବାଳା ଶ୍ରୀଚନ୍ଦନ, ପ୍ରଭାତୀ ଜେନା, ହର୍ଷମଣୀ ଦେଇ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଚାରକ ଭାବେ ମୀନକେତନ ଦାସ, ବାସନ୍ତୀ ବେହେରା, ସୌଦାମିନୀ ଗୁମାନସିଂ, ସସ୍ମିତା ପ୍ରଧାନ, ଅମିୟ ସିଂହ, ଅଧିକାରୀ ସାହୁ, ଅନୁସୟା ଛୋଟରାୟ, ଆଶାମଣୀ ଦେଇ, ଜୟନ୍ତୀ ମାଟି, ଲକ୍ଷ୍ମୀଧର ସାହୁ, ରତ୍ନାକର ବେହେରା, ପ୍ରଶାନ୍ତ ସାମନ୍ତସିଂହାର, ବେବିନା ପ୍ରଧାନ, ବାବୁଲ ନାୟକ, ମୃତ୍ୟୁଞ୍ଜୟ ଜୟସିଂହ, ସୌଭାଗିନୀ ଦାଶ, ତନ୍ମୟୀ ମହାପାତ୍ର ପ୍ରମୁଖ ମୂଲ୍ୟାୟନ କରିଥିଲେ। ମଞ୍ଚକୁ ଶିକ୍ଷକ ନୀଳାଦ୍ରି ସିଂ ପରିଚାଳନା ଏବଂ ଦୋଳଗୋବିନ୍ଦ ବାରିଶଲ୍ ଧନ୍ୟବାଦ ଦେଇଥିଲେ।

## ଗୋଦାବରୀଶ ମହାବିଦ୍ୟାଳୟରେ ପୋଷଣ ଅଭିଯାନ

ଗମ୍ଭାରୀମୁଣ୍ଡା,୧୫।୧୦(ସମିସ): ମଙ୍ଗଳବାର ଗୋଦାବରୀଶ ମହାବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ପୋଷଣ ଅଭିଯାନ ଅନ୍ତର୍ଗତ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସୁରପ୍ରତାପ ନରେନ୍ଦ୍ର ସିଂହବର୍ମା ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ମଣିଷ ଜୀବନରେ ପୋଷଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଚିକିତ୍ସା ଅଧିକାରୀ ଡା. ରମାକାନ୍ତ ନାୟକ ମୁଖ୍ୟ ଅତିଥିରୂପେ ଯୋଗଦେଇ ମୋଟାପଣ, ପୋଷଣ ଓ ସୁସ୍ଥ ଜୀବନଶୈଳୀ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ବାଣିଜ୍ୟ ବିଭାଗୀୟ ମୁଖ୍ୟ ଜୟନ୍ତ କୁମାର ବିହାରୀ ଜୀବନଶୈଳୀ ବଦଳାଇ ଉତ୍ତମ ପୋଷଣ ମାଧ୍ୟମରେ ଔଷଧ ବିନା କିପରି ସୁସ୍ଥ ଜୀବନଯାପନ କରିହେବ ଛାତ୍ରଛାତ୍ରୀଙ୍କୁ ପିପିଟି ମାଧ୍ୟମରେ ବୁଝାଇଥିଲେ। ଏହି ସଭାରେ ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଆଦିତ୍ୟ ସାରଥୀ ବେଦମତ୍ତା, ଜାତୀୟ ସେବା ଯୋଜନା ଅଧିକାରୀ ଡ. ଲକ୍ଷ୍ମୀପ୍ରିୟା ପଲାଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଅଧିକାରୀ ଡ. ଗୁରୁକିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ମହିଳା ମୃତ

ଖୋର୍ଦ୍ଧା,୧୫।୧୦(ସମିସ): ଛଣିଆରୁ ଗୋଡ଼ା ଆସୁଥିବାବେଳେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବେଗୁନିଆ ଗୋଡ଼ାର ଗୀତାଞ୍ଜଳି ରାଉତରାୟ (୩୭)। ସ୍ୱାମୀ ନିରଞ୍ଜନ ରାଉତରାୟଙ୍କ ଅଭିଯୋଗକ୍ରମେ ସଦର ଥାନା ପୁଲିସ ୩୦୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ଗୀତାଞ୍ଜଳି ବୁଧବାର ଛଣିଆରୁ ଗୋଡ଼ା ଅଭିମୁଖେ ଏକ ସ୍କୁଟିରେ ଆସୁଥିଲେ। ଏହି ସମୟରେ ରାସ୍ତା ମଝିରେ ଏକ ଅଜଣା ଗାଡ଼ି ଧକ୍କା ଦେଇ ପଳାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

## ବିଭୂତି ସାମନ୍ତରାୟଙ୍କ ସ୍ମୃତିଚାରଣ ସଭା





ବାଲୁଗାଁ,୧୫।୧୦(ସମିସ): ବାଲୁଗାଁ ଅଞ୍ଚଳର ଜଣାଶୁଣା ବ୍ୟକ୍ତି ବିଭୂତିଭୂଷଣ ସାମନ୍ତରାୟଙ୍କ ଦ୍ୱାଦଶାହ ସ୍ମୃତିଚାରଣ ସଭା ଜନ୍ମମାଟି ସାନ୍ତରାପୁର ଶ୍ରୀଦଧିବାମନ ଦେବ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ସନ୍ଧ୍ୟାରେ ଶିକ୍ଷାବିତ୍ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସ୍ମୃତି ସଭାରେ ପୂର୍ବତନ ମନ୍ତ୍ରୀ ଡ. ଦେବେନ୍ଦ୍ରନାଥ ମାନସିଂହ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ବିଜେପି ନେତା ଦୁଷ୍ମନ୍ତ ହରିଚନ୍ଦନ, ଶିକ୍ଷାବିତ୍ ସଂଗ୍ରାମ କେଶରୀ ସାହୁ, ଲକ୍ଷ୍ମୀଧର ସୁବୁଦ୍ଧି, ବାଳମୁକୁନ୍ଦ ଦାସ, କୈଳାସ ମହାରଣା, ଦିଲ୍ଲୀପ ପଟ୍ଟନାୟକ, ମୁରଲୀଧର ସାମନ୍ତସିଂହାର, ବଣିକସଂଘ ସଭାପତି ରବିନାରାୟଣ ନାୟକ, ମୋହିନୀ ବଳିୟାରସିଂ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିବାବେଳେ ସ୍ୱର୍ଗତ ସାମନ୍ତରାୟଙ୍କ ସାନ ଭାଇ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।


## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ଦାବିରେ ଧାରଣା




ବେଗୁନିଆ,୧୫।୧୦(ସମିସ): ବେଗୁନିଆ ବ୍ଲକ୍ ପୋଡ଼ାଡିହ ପଞ୍ଚାୟତ ଅନ୍ତର୍ଗତ ଓସ୍ତପୁର ଗ୍ରାମର ଧନେଶ୍ୱର ପ୍ରଧାନଙ୍କ ସମେତ ଗ୍ରାମବାସୀମାନେ ସରକାରୀ ଜମିରୁ ଦୋକାନ ଘର ଜବରଦଖଲ ଉଚ୍ଛେଦ ପାଇଁ ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଲିଖିତ ଅଭିଯୋଗ ଅନୁଯାୟୀ, କୋଟପଲା ଗ୍ରାମର ଦାଶରଥି ବେହେରା ନାମକ ଜଣେ ବ୍ୟକ୍ତି ସରକାରୀ ଜମି ଉପରେ ଦୋକାନ ଘର କରି ବ୍ୟବସାୟ କରୁଛନ୍ତି। ଯାହାକି ଓସ୍ତପୁର ବସ୍ ରହଣୀସ୍ଥଳ ଓ ନଳକୂଅଟି ଅବରୋଧ ହୋଇଥିବାରୁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ଗତ ଜୁନ୍ ୧୨ରେ କୁରାଡ଼ିଲୋ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟ ପାଇବା ପାଇଁ ଧାରଣାରେ ବସି ରହିଥିଲେ। ଏଥିରେ ତହସିଲ୍‌ଦାର ତାପସ ବିଶି ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହ ସରକାରୀ ଜମି ଜବରଦଖଲ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣାରୁ ଉଠିଥିଲେ ବୋଲି ସୂଚନା ମିଳିଛି।

■ ଆଜିଠୁ ରାଜ୍ୟ ପୁଲିସ ବୃତ୍ତିଗତ ପ୍ରତିଯୋଗିତା

# ୩୪ ପୁଲିସ ଜିଲ୍ଲାରୁ ୨୭୩ ପ୍ରତିଯୋଗୀ ଭାଗ ନେବେ

କଟକ, ୧୫ ।୧୦(ସମିସ): ରାଜ୍ୟ କ୍ରାଇମବ୍ରାଞ୍ଚ ଆନୁକୂଲ୍ୟରେ ଗୁରୁବାରଠାରୁ ୧୯ ତାରିଖ ପର୍ଯ୍ୟନ୍ତ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡିଆଠାରେ ୭୦ତମ ପୁଲିସ ବୃତ୍ତିଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ରାଜ୍ୟର ୩୪ଟି ପୁଲିସ ଜିଲ୍ଲା ଏବଂ ପ୍ରତିଷ୍ଠାନରୁ ମୋଟ ୨୭୩ ଜଣ ପୁଲିସ କର୍ମଚାରୀ, ୪୩ଟି ପୁଲିସ କୁକୁର ଏବଂ ୪୩ହ୍ୟାଣ୍ଡଲର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ଏଥିନିମନ୍ତେ ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ବ୍ୟାପକ ଆୟୋଜନ ଓ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ବିଜୁ ପଟ୍ଟନାୟକ ରାଜ୍ୟ ପୁଲିସ ଏକାଡେମୀ, ଭୁବନେଶ୍ୱର ଏବଂ ଓଏସଏପି ଷଷ୍ଠ ବାଟାଲିୟନ, କଟକ ଏବଂ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡିଆଠାରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଶ୍ରେଷ୍ଠ ପ୍ରତିଯୋଗୀମାନେ ଆସନ୍ତା ନଭେମ୍ବର ମହାରାଷ୍ଟ୍ରରେ ସର୍ବଭାରତୀୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ । ପ୍ରତ୍ୟେକ ଦଳରେ ଇନସ୍ପେକ୍ଟର, ସବ୍‌ଇନସ୍ପେକ୍ଟର ଓ କନଷ୍ଟେବଲ ସ୍ତରର କର୍ମଚାରୀ ଅଂଶଗ୍ରହଣ କରିବେ । ଫୋରେନସିକ୍ ବିଜ୍ଞାନ, ପ୍ରଦର୍ଶନୀଗୁଡିକର ଉତ୍ତୋଳନ, ପ୍ୟାକିଂ ଏବଂ ଅଗ୍ରଗତି, ଅପରାଧର ତଦନ୍ତ, ପର୍ଯ୍ୟବେକ୍ଷଣ ପରୀକ୍ଷା, ଆଣ୍ଟି ସାବୋଟେଜ, ଅଙ୍ଗୁଳି ଛାପ, କମ୍ପ୍ୟୁଟର ଜ୍ଞାନକୌଶଳର ଦକ୍ଷତା, ଫଟୋଗ୍ରାଫି, ଭିଡିଓଗ୍ରାଫି, ସାଇବର ଅପରାଧ ଓ ପରୀକ୍ଷଣ, ପୁଲିସ ଆଇନ କାନୁନ, ପୁଲିସ ରୂପଚିତ୍ର, ମେଡିକୋ ଲିଗାଲ, ପୁଲିସ ଶ୍ୱାନ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ହେବ ।

■ ହସ୍‌ପିଟାଲରେ ଲାଗୁହେଉନି ରୋଗୀ ଅଧିକାର ସମ୍ପର୍କିତ ସୁପାରିସ

# ହାଇକୋର୍ଟରେ ଜବାବ ଦାଖଲ ପାଇଁ ସମୟ ନେଲେ ରାଜ୍ୟ ସରକାର

କଟକ, ୧୫ ।୧୦(ସମିସ): ଆଇନ ଅନୁସାରେ ରୋଗୀଙ୍କ ଅଧିକାର ସମ୍ପର୍କରେ ଜାତୀୟ ମାନବାଧିକାର ଆୟୋଗ(ଏନଏଚଆରସି) କରିଥିବା ସୁପାରିସକୁ ରାଜ୍ୟର ବିଭିନ୍ନ ସରକାରୀ ତଥା ଘରୋଇ ହସପିଟାଲରେ କାର୍ଯ୍ୟକାରୀ କରାଯାଉ ନଥିବା ଅଭିଯୋଗରେ ରାଜ୍ୟ ରୋଗୀ ଅଧିକାର ମଞ୍ଚ ତରଫରୁ ରୁଜୁ ଜନସ୍ୱାର୍ଥ ମାମଲାର ଶୁଣାଣି କରିଛନ୍ତି ହାଇକୋର୍ଟ । ଏହି ସମୟରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକ ସମୟ ଲୋଡ଼ାଯାଇଛି । ଆସନ୍ତା ୨୯ ତାରିଖ ସୁଦ୍ଧା ଜବାବ ଦାଖଲ କରିବା ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ।

ଏନଏଚଆରସିଙ୍କ ସୁପାରିସ ଆଧାରରେ ସମସ୍ତ ହସପିଟାଲ ଗୁଡିକରେ ସୂଚନାଧିକାର, ତତ୍କାଳ ଚିକିତ୍ସାଧିକାର, ଗୁଣାତ୍ମକ ସେବା, ବିକଳ୍ପ ଚିକିତ୍ସା ଅଧିକାର, ଉପଯୁକ୍ତ ଔଷଧ ଓ ପରୀକ୍ଷା ନିରୀକ୍ଷା ଚୟନ, ହସପିଟାଲରୁ ଡିସଚାର୍ଜ କିମ୍ବା ମୃତଦେହ ଗ୍ରହଣ ଆଦି ସମ୍ପର୍କିତ ରୋଗୀଙ୍କ ଅଧିକାର କାର୍ଯ୍ୟକାରୀ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ମୁଖ୍ୟ ଶାସନ ସଚିବଙ୍କୁ ଏହି ଚିଠି ପ୍ରଦାନ କରିଥିଲେ । ଏଥିପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିବା ସହ ଗାଇଡଲାଇନ ପ୍ରସ୍ତୁତ ପାଇଁ ଆବେଦନରେ ପ୍ରାର୍ଥନା କରାଯାଇଛି । ରାଜ୍ୟ ସରକାର ଓ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କମଳାକାନ୍ତ ମହାନ୍ତି ମାମଲା ପରିଚାଳନା କରୁଛନ୍ତି ।

■ ଦୁଇ ଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫

# ସ୍ଥାୟୀ ସହରାଞ୍ଚଳ ବିକାଶ ଏବଂ ଶାସନ ଉପରେ ଗୁରୁତ୍ୱ

ଭୁବନେଶ୍ୱର, ୧୫ ।୧୦ (ସମିସ): ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଚଳିତ ଅକ୍ଟୋବର ୨୩ ଓ ୨୪ ତାରିଖରେ ଭୁବନେଶ୍ୱରର ଲୋକ ସେବା ଭବନ ପରିସରରେ ଥିବା କନଭେନସନ ସେଣ୍ଟର ଅଡିଟୋରିୟମରେ ଏକ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ-୨୦୨୫ ଆୟୋଜନ କରାଯାଉଛି । ଏହି ସମ୍ମିଳନୀ "ନିରନ୍ତର ସହରାଞ୍ଚଳ ବିକାଶ ଏବଂ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦିଗରେ ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ଗୁଡ଼ିକୁ ଏକତ୍ର କରି ସହରାଞ୍ଚଳ ଶାସନ, ସେବା ପ୍ରଦାନ ଏବଂ ନିରନ୍ତର ଅଭିବୃଦ୍ଧିର ପ୍ରମୁଖ ଦିଗ ଉପରେ ବିଚାର-ବିମର୍ଶ ହେବ । ଏହି ସମ୍ମିଳନୀକୁ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏନେଇ ମନ୍ତ୍ରୀ ଡା. ମହାପାତ୍ର କହିଛନ୍ତି "ଓଡ଼ିଶାର ସହରଗୁଡ଼ିକ କେବଳ ଅର୍ଥନୈତିକ ଅଭିବୃଦ୍ଧିର ଇଞ୍ଜିନ ନୁହେଁ, ବରଂ ଆମର ସାମୂହିକ ଆକାଂକ୍ଷାର ଦର୍ପଣ ।

# ଜେଲ୍‌ରେ ଆମରଣ ଅନଶନରେ ବସିଲେ ମାଓନେତା ଆଜାଦ୍

ଭୁବନେଶ୍ୱର,୧୫ ।୧୦(ସମିସ):ମାଓ କାର୍ଯ୍ୟକଳାପରେ ଲିପ୍ତ ଅଭିଯୋଗରେ ଆତ୍ମସମର୍ପଣ କରିଥିବା ଦକ୍ଷିଣାଞ୍ଚଳ ଜୋନ୍ ମାଓ କମାଣ୍ଡର ଡି.କେଶବ ରାଓ ଓରଫ ଆଜାଦ ଝାରପଡା ଜେଲରେ ଆମରଣ ଅନଶନରେ ବସିଛନ୍ତି । ତାଙ୍କ ବିରୋଧରେ ୪୭ଟି କେସ ରହିଛି । ଆଜାଦଙ୍କୁ ୧୫ବର୍ଷ ହେବ ବିଚାର ବିଭାଗୀୟ ହାଜତରେ ରଖାଯାଇଛି; ହେଲେ ମାମଲାର ଶୁଣାଣି ଏପର୍ଯ୍ୟନ୍ତ ହେଉ ନାହିଁ । ଏଣୁ ମାମଲାର ଶୀଘ୍ର ଶୁଣାଣି ପାଇଁ ସେ ଅନଶନରେ ବସିଛନ୍ତି । ତାଙ୍କ ବିରୋଧରେ ହୋଇଥିବା ମାମଲା ଗୁଡ଼ିକର ଶୁଣାଣି ନ ହେବାରୁ ଆଜାଦ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟ ରିଟ ପିଟିସନ ଶୁଣାଣି କରି ସୁପ୍ରିମକୋର୍ଟ ଅକ୍ଟୋବର ୨ ସୁଦ୍ଧା ଆଜାଦଙ୍କ କେସର ଶୁଣାଣି ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ସରକାର ଏହାକୁ ଲାଗୁ କରୁ ନ ନାହାନ୍ତି । ଅନ୍ୟପକ୍ଷରେ ଏହି ମାମଲାକୁ ନେଇ ରାଜ୍ୟ ମାନବାଧିକାର କମିସନଙ୍କ ନିକଟରେ ଏକ ମାମଲା ଦାୟର କରାଯାଇଥିଲା । କମିସନ ଏହାର ଶୁଣାଣି କରି ରାଜ୍ୟ ଗୃହ ସଚିବଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି । ଏହି ମାମଲାରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଜଣାଇବାକୁ ନିର୍ଦ୍ଦେଶ ଦିଆଯାଇଛି ।

**ଗୃହ ସଚିବଙ୍କୁ ଓଏଚ୍‌ଆର୍‌ସିଙ୍କ ରିପୋର୍ଟ ତଲବ**

**ପଶ୍ଚିମବଙ୍ଗ ଦୁଷ୍କର୍ମ ପୀଡ଼ିତାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାଳାପ ଭିଡିଓ ଭାଇରାଲ**

# ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀର ଉଲ୍ଲଙ୍ଘନ କରିଛନ୍ତି ସରକାର: ବିଜେଡି



■ ନିଜ ରାଜ୍ୟର ଦୁଷ୍କର୍ମ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର
■ ରାଜ୍ୟ ସରକାରଙ୍କ ଅହେତୁକ ତତ୍ପରତା ପଛରେ ରାଜନୈତିକ ଉଦ୍ଦେଶ୍ୟ

ଭୁବନେଶ୍ୱର,୧୫।୧୦(ସମିସ): ପଶ୍ଚିମବଙ୍ଗର ଦୁର୍ଗାପୁରଠାରେ ଗଣଦୁଷ୍କର୍ମର ଶିକାର ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବାର୍ତ୍ତାଳାପ ଭିଡିଓ ଚିତ୍ର କିଛି ଗଣମାଧ୍ୟମରେ ପ୍ରକାଶିତ ହୋଇଛି । ଏହାକୁ କଟୁ ଶବ୍ଦରେ ନିନ୍ଦା କରିଛି ବିଜୁ ମହିଳା ଜନତା ଦଳ ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ କହିଛନ୍ତି ଯେ ଗତ ୧୫ ମାସର ବିଜେପି ଶାସନରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି । ରାଜ୍ୟରେ ପ୍ରତିଦିନ ଅନେକ ମହିଳା ଏହିପରି ଦୁଷ୍କର୍ମ, ଗଣଦୁଷ୍କର୍ମର ଶିକାର ହେଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ । ପଶ୍ଚିମବଙ୍ଗରେ ଘଟିଥିବା ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ ଓ ନିନ୍ଦନୀୟ; କିନ୍ତୁ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଯେଉଁଭଳି ଭାବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ପୀଡିତାଙ୍କ ସହିତ ବାର୍ତ୍ତାଳାପର ରେକର୍ଡିଂକୁ ଭାଇରାଲ କଲେ ତାହା ଆହୁରି ଅଧିକ ନିନ୍ଦନୀୟ ।

ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ସୁମିତ୍ରା ଜେନା କହିଥିଲେ ଯେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ପୀଡିତାଙ୍କ ପରିଚୟ ଓ ତାଙ୍କ ସହିତ କୌଣସି ବାର୍ତ୍ତାଳାପ ଜନସାଧାରଣଙ୍କ ନିକଟରେ ପ୍ରକାଶିତ ହେବା ଉଚିତ ନୁହେଁ । ତେଣୁ ମୁଖ୍ୟମନ୍ତ୍ରୀ ଏହାକୁ ଗଣମାଧ୍ୟମରେ ବିତରଣ କରିବା ଦ୍ୱାରା ସେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରିଛନ୍ତି । ଦଳର ସାଧାରଣ ସମ୍ପାଦିକା ତଥା ରାଜ୍ୟସଭା ସାଂସଦ ସୁଲତା ଦେଓ କହିଥିଲେ ଯେ ଗତ ୧୫ ମାସରେ ଧାରାବାହିକ ଭାବେ ରାଜ୍ୟରେ ଘଟିଥିବା ଦୁଷ୍କର୍ମ ଓ ଗଣଦୁଷ୍କର୍ମ ଘଟଣା ଗୁଡ଼ିକରେ ମୁଖ୍ୟମନ୍ତ୍ରୀଙ୍କ ତତ୍ପରତା ଦେଖିବାକୁ ମିଳିନାହିଁ । ପଶ୍ଚିମବଙ୍ଗ ଘଟଣାରେ ହଠାତ୍ ତତ୍ପର ହୋଇଉଠିବା କେବଳ ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ । ପଶ୍ଚିମବଙ୍ଗ ଘଟଣାରେ ଉଭୟ ରାଜ୍ୟ ମହିଳା କମିସନ ଓ ଜାତୀୟ ମହିଳା କମିସନ ପୀଡ଼ିତାଙ୍କୁ ଭେଟିଛନ୍ତି । କିନ୍ତୁ ଓଡ଼ିଶାରେ ଘଟିଥିବା କୌଣସି ଘଟଣାରେ ଏମାନଙ୍କୁ ପୀଡ଼ିତାଙ୍କ ନିକଟରେ ଦେଖିବାକୁ ମିଳିନାହିଁ । ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ବିଜେପି ଓ ରାଜ୍ୟ ସରକାର ରାଜନୀତି କରୁଛନ୍ତି । ବିଜେପି ବିଧାୟକ ସନ୍ତୋଷ ଖଟୁଆ ବିଜେଡି ନେତ୍ରୀଙ୍କ ଉଦ୍ଦେଶ୍ୟରେ ଅଶାଳୀନ ଟିପ୍ପଣୀ ଦେଇଥିବା ବେଳେ ଏହି ମାମଲା ରାଜ୍ୟ ମହିଳା କମିସନ ଓ ଜାତୀୟ ମହିଳା କମିସନଙ୍କ ପାଖରେ ଅଭିଯୋଗ କରାଯାଇଥିଲା । କିନ୍ତୁ ଉଭୟ ରାଜ୍ୟ ଓ ଜାତୀୟ ମହିଳା କମିସନ ଏହି ମାମଲାରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିଲେ । ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀଙ୍କ ସମେତ ବିଜେପି ନେତାମାନେ ଯେଉଁଭଳି ଭାବେ ପଶ୍ଚିମବଙ୍ଗ ଯାଇ ପୀଡିତାଙ୍କୁ ଭେଟିବା ପାଇଁ ଉଦ୍ୟମ କଲେ, ତାହା ଦୁଷ୍କର୍ମ ଟୁରିଜମର ଦୃଶ୍ୟ ସଦୃଶ ଅନୁଭବ ହୋଇଥିଲା । ମୁଖ୍ୟମନ୍ତ୍ରୀ ପୀଡ଼ିତାଙ୍କ ସହିତ ବାର୍ତ୍ତାଳାପ ରେକର୍ଡିଂକୁ ଭାଇରାଲ କରିବାକୁ ଆମେ ଦୃଢ଼ ନିନ୍ଦା କରୁଛୁ । ପଶ୍ଚିମବଙ୍ଗର ଆଇନ ଶୃଙ୍ଖଳା ପରିସ୍ଥିତି ଠିକ୍ ନାହିଁ, କିନ୍ତୁ ଓଡ଼ିଶାର ଆଇନ ଶୃଙ୍ଖଳା ସ୍ଥିତି ଆହୁରି ଅଧିକ ଖରାପ ଅଛି ବୋଲି ସେ କହିଥିଲେ ।

# ଓଡ଼ିଶା ଗସ୍ତରେ ହରିଆଣା ବିଧାନସଭାର ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର,୧୫।୧୦(ସମିସ): ହରିଆଣା ବିଧାନସଭାର ଶିକ୍ଷା, ବୈଷୟିକ ଶିକ୍ଷା, ଧନ୍ଦାମୂଳକ ଶିକ୍ଷା, ମେଡିକାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ସବ୍‌ଜେକ୍ଟ କମିଟିର ଅଧ୍ୟକ୍ଷ ରାମ କୁମାର କାଶ୍ୟପଙ୍କ ନେତୃତ୍ୱାଧୀନ ଏକ ୧୧ ଜଣିଆ ବିଧାୟକଦଳ ଓଡ଼ିଶା ଗସ୍ତରେ ଆସିଛନ୍ତି ।

ବୁଧବାର ସେମାନେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀଶଙ୍କର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ସଦସ୍ୟମାନେ ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି-୪ର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଧାନସଭା ଷ୍ଟାଣ୍ଡିଙ୍ଗ୍ କମିଟି-୫ର ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନ, ସଦସ୍ୟ ଗଣେଶ୍ୱର ବେହେରା, ବଦ୍ରିନାରାୟଣ ପାତ୍ର, ରୂପେଶ କୁମାର ପାଣିଗ୍ରାହୀ, ପ୍ରକାଶ ଚନ୍ଦ୍ର ସେଠୀ, ଉମାଚରଣ ମଲ୍ଲିକ, ଡ. ଫକୀର ନାୟକ, ବିଜୟ କୁମାର ଦଳବେହେରା ଓ ସୀମାରାଣୀ ନାୟକଙ୍କ ସହ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ହରିଆଣାର ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସବ୍‌ଜେକ୍ଟ କମିଟିର ସଦସ୍ୟମାନେ ସେଠାକାର ସରକାରଙ୍କ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଗ୍ରହଣ କରାଯାଇଥିବା ବିଭିନ୍ନ ଭଲ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଓଡ଼ିଶାର ସଦସ୍ୟମାନେ ମଧ୍ୟ ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବହୁ ଅଭିନବ ଯୋଜନା ବାବଦରେ ସୂଚନା ଉପସ୍ଥାପନ କରିଥିଲେ । ଉଭୟ ରାଜ୍ୟ ଶିକ୍ଷା କ୍ଷେତ୍ରରେ ଲାଗୁ ହେଉଥିବା ଭଲ ଯୋଜନାସବୁକୁ ଆପଣାଇବା ପାଇଁ ବୈଠକରେ ସହମତି ପ୍ରକାଶ ପାଇଥିଲା । ଏହି ଅବସରରେ ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଏହି କମିଟି ତାଙ୍କର ଏହି ଗସ୍ତ ସମୟରେ ପୁରୀ, କୋଣାର୍କ ସମେତ ଚିଲିକା, ସାତପଡ଼ା ଓ ଓଡ଼ିଶାର ଅନ୍ୟ ଦର୍ଶନୀୟ ସ୍ଥାନ ବୁଲି ଦେଖିବାର କାର୍ଯ୍ୟକ୍ରମ ରହିଛି ।

**ବିଧାନସଭାର ବିଭିନ୍ନ କମିଟିର କାର୍ଯ୍ୟଧାରା ସମ୍ପର୍କରେ ଅବଗତ ହେଲେ**



**ଅମାନିଆ ଇସ୍କନ**

# ପୁଣି ଅଦିନରେ କଲା ରଥଯାତ୍ରା

ପୁରୀ,୧୫।୧୦(ସମିସ): ଶ୍ରୀଜଗନ୍ନାଥ ସଂସ୍କୃତିକୁ ବେଖାତିର୍ କରୁଛି ଇସ୍କନ । ବିଧି ପରମ୍ପରା ଭାଙ୍ଗିବା ଲାଗି ରୀତିମତ ଉଦ୍ୟମ ଚଳାଇଛି । ଅଦିନରେ ରଥଯାତ୍ରା ନେଇ ବାରମ୍ବାର ତାଗିଦ୍ ସତ୍ତ୍ୱେ ସୁଧୁରୁନି ଇସ୍କନ । ପୁଣିଥରେ ଇସ୍କନର ମନମାନୀ ଦେଖିବାକୁ ମିଳିଛି । ଗତ ୭ ତାରିଖରେ ଉତ୍ତରାଖଣ୍ଡ ଋଷିକେଶ ମଧୁବନ ଆଶ୍ରମରେ ଆୟୋଜନ କରିଛି ରଥଯାତ୍ରା । ଅଦିନରେ ରଥଯାତ୍ରା ନ କରିବା ଲାଗି ପୂର୍ବରୁ ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ଇସ୍କନକୁ ଚିଠି କରିଛନ୍ତି । ହେଲେ ନିଜ ଜିଦ୍‌ରେ ଅଟଳ ରହିଛି ଇସ୍କନ । ତା'ର ଏଭଳି ମନମାନୀକୁ ତୀବ୍ର ନିନ୍ଦା କରିଛନ୍ତି ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତ ଓ ସେବାୟତ ।

ଅଦିନରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଥିବା ବିଭିନ୍ନ ସମୟରେ ନଜରକୁ ଆସୁଛି । ଏହା ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଘୋର୍ ଅପମାନ । ଏହାକୁ ନେଇ ଶ୍ରୀଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ପ୍ରତିବାଦ ସୃଷ୍ଟି ହେଉଥିଲେ ହେଁ ଏହାର ସମାଧାନ ହୋଇପାରୁ ନାହିଁ । ତୀବ୍ର ବିରୋଧ ପରେ ଅନେକ ସମୟରେ ଇସ୍କନ ତା' ନିଷ୍ପତ୍ତିରୁ ଓହରୁଥିଲେ ହେଁ ବାରମ୍ବାର ଏଭଳି ଭୁଲ୍ କରିଚାଲିଛି । ଏବେ ଉତ୍ତରାଖଣ୍ଡ ମଧୁବନ ଆଶ୍ରମ ଋଷିକେଶ ପକ୍ଷରୁ ଆୟୋଜିତ ୨୮ତମ ଶ୍ରୀଜଗନ୍ନାଥ ରଥଯାତ୍ରା ସମ୍ପନ୍ନ କରିଛି ଇସ୍କନ । ଚଳିତ ମାସ ୭ ତାରିଖରେ ଏଭଳି ଅଦିନିଆ ରଥଯାତ୍ରା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି । ଗତ ୭ ତାରିଖ ସକାଳେ ମଧୁବନ ଆଶ୍ରମଠାରୁ ବାହାରି ତ୍ରିବେଣୀ ଘାଟ ଚୌକ ଦେଇ ଗୁରୁଦ୍ୱାର ଶ୍ରୀଗୁରୁ ସିଂ ସଭା ରେଲ୍‌ୱେ ରୋଡ୍‌ରେ ଏହି ରଥଯାତ୍ରା ଶେଷ ହୋଇଥିଲା । ଏଥିରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ଚାରିଚକିଆ ଗାଡ଼ିରେ ନିଆଯାଉଥିବା ଦେଖିବାକୁ ମିଳିଥିଲା । ଅନ୍ୟପଟେ ଏହି ପ୍ରସଙ୍ଗରେ ଗତ ମାସ ୬ ତାରିଖରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୀତି ବିରୋଧୀ ସ୍ନାନଯାତ୍ରା ଓ ରଥଯାତ୍ରା ପାଇଁ ୧୦୦ ପୃଷ୍ଠାର ଏକ ପୂର୍ଣ୍ଣାଙ୍ଗ ଉତ୍ତର ଇସ୍କନକୁ ପ୍ରଦାନ କରାଯାଇଥିଲା । ନୀତି ଓ ପରମ୍ପରାକୁ ନ ମାନିଲେ ଆଇନର ଆଶ୍ରୟ ନିଆଯିବ ବୋଲି ଗଜପତିଙ୍କ ଦ୍ୱାରା ଇସ୍କନକୁ ଚିଠି ଲେଖାଯାଇଥିଲା । ମାତ୍ର ଏକମାସ ପରେ ଇସ୍କନ ପୁଣି ମନମାନୀ ଜାରି ରଖି ୭ ତାରିଖରେ ଅଦିନିଆ ରଥଯାତ୍ରା ଆୟୋଜନ କରିଥିଲା । ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରାକୁ ଅପମାନ ହୋଇଥିବାବେଳେ ଏଥର ଇସ୍କନର ଅଦିନିଆ ରଥଯାତ୍ରା ପାଇଁ ଆଇନର ଆଶ୍ରୟ ନେବାକୁ ଶ୍ରୀମନ୍ଦିର ପ୍ରଶାସନକୁ ବିଭିନ୍ନ ମହଲରୁ ଅନୁରୋଧ କରାଯାଇଛି ।

ସୂଚନାଥାଉ କି, ପୂର୍ବରୁ ଅଦିନିଆ ରଥଯାତ୍ରା ଆୟୋଜନ ନେଇ ଇସ୍କନ ସବୁବେଳେ ବିବାଦରେ ରହିଆସିଛି । ଅଦିନିଆ ରଥଯାତ୍ରା ଆୟୋଜନ କରି କୋଟି କୋଟି ଟଙ୍କା ଦାନ ଆକାରରେ ସଂଗ୍ରହ କରୁଥିବା ଅଭିଯୋଗ ହୋଇଆସୁଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତିକୁ ସାରା ବିଶ୍ୱରେ ପ୍ରଚାରପ୍ରସାର କରୁଥିବା ନେଇ ଦାବି କରି ଆସୁଥିବା ଇସ୍କନ ସଂଗଠନ ବାରମ୍ବାର ମହାପ୍ରଭୁଙ୍କ ପରମ୍ପରା ଉଲ୍ଲଙ୍ଘନ କରୁଛି । ଏଭଳି କାର୍ଯ୍ୟ ଆମ ଧର୍ମ, ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ସହ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରୁଛି । ପ୍ରତ୍ୟେକ ଧାର୍ମିକ କାର୍ଯ୍ୟକ୍ରମର ଏକ ସ୍ୱତନ୍ତ୍ର ତିଥି ଓ ତାରିଖ ରହିଛି । ଏହାକୁ ସମସ୍ତେ ମାନିବା ଦରକାର । ରଥଯାତ୍ରା ଆଷାଢ଼ ମାସ ଶୁକ୍ଳ ପକ୍ଷ ଦ୍ୱିତୀୟାରେ ପାଳିତ ହୋଇଥାଏ । ଏହା ସ୍କନ୍ଦ ପୁରାଣରେ ମହାପ୍ରଭୁଙ୍କ ଦ୍ୱାରା ନିର୍ଦ୍ଦେଶିତ ଅଟେ । ଅଦିନରେ ଏବଂ ଅତିଥିରେ ରଥଯାତ୍ରା ଆୟୋଜନ କରାଯାଇ ଶ୍ରୀଜଗନ୍ନାଥ ସଂସ୍କୃତି, ସନାତନ ହିନ୍ଦୁ ସମାଜ, ଭକ୍ତ ଏବଂ ଦେଶର ଘୋର୍ ଅପମାନ ସହ ଧାର୍ମିକ ଭାବନାରେ ଆଘାତ ସୃଷ୍ଟି କରାଯାଉଛି । ତେଣୁ ଏଭଳି ବେଆଇନ ଓ ଧର୍ମ ବିରୋଧୀ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ଭକ୍ତ ଓ ସେବାୟତ ।

**ଭକ୍ତ, ସେବାୟତଙ୍କ ତୀବ୍ର ବିରୋଧ**

■ କାଳହେଲା ଡିଜିଟାଲ କାରବାର...

# ଭିଜିଲାନ୍ସ ଜାଲରେ ମତ୍ସ୍ୟ ଅଧିକାରୀ

ପୋଲସରା,୧୫ ।୧୦(ସମିସ): ଭିଜିଲାନ୍ସ ଜାଲରେ ଫସିଲେ ପୋଲସରା ବ୍ଲକ ସହକାରୀ ମତ୍ସ୍ୟ ଅଧିକାରୀ । ନଗଦ କାରବାରକୁ ଭୟ କରି ୟୁପିଆଇ ଡିଜିଟାଲ୍ ପେମେଣ୍ଟରେ ଲାଞ୍ଚ ନେବାବେଳେ ମାଡ଼ିବସିଲା ଭିଜିଲାନ୍ସ । ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ସୁରେଶ କୁମାର ବେହରାଙ୍କୁ ନିଜ ଅଫିସରୁ ଧରିଛି ଭିଜିଲାନ୍ସ ଟିମ୍ । ମାଛ ଜାଆଁଳା ବିଲ୍ କରିବାକୁ ଜଣେ ହିତାଧିକାରୀଙ୍କ ଠାରୁ ଫୋନ୍ ପେ'ରେ ୮ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ବ୍ଲକ ପରିସର କାର୍ଯ୍ୟାଳୟରେ ଚଢ଼ଉ କରି ଦରିଛି । ପୋଲସରା ସହର ବାପୁଜୀ ନଗର ସ୍ଥିତ ଭଡ଼ାଘର ଏବଂ କାର୍ଯ୍ୟାଳୟରେ ଚଢ଼ଉ କରି କାଗଜପତ୍ର ସହ ଅଧିକ ଖୋଳତାଡ଼ କରୁଛି ଭିଜିଲାନ୍ସ ଟିମ୍ । ପୋଲସରା କାର୍ଯ୍ୟାଳୟରୁ ନଗଦ ୫୦ହଜାର ଟଙ୍କା ଓ ଭଡ଼ାଘରୁ ୧ଲକ୍ଷ ଟଙ୍କା ଜବତ କରିବା ସହ ଅଫିସର ସମସ୍ତ ଟେବୁଲ ଓ ଡ୍ରୟରକୁ ଭାଙ୍ଗି ତଲାସୀ କରିଥିଲେ । ପରେ ସମସ୍ତ ତଥ୍ୟ ସଂଗ୍ରହ କରି ମତ୍ସ୍ୟ ଅଧିକାରୀ ସୁରେଶକୁ କୁମାର ବେହେରାଙ୍କୁ ଭିଜିଲାନ୍ସ ନିଜ ଅକ୍ତିଆରକୁ ଆଣି ବ୍ରହ୍ମପୁର ନେଇ ଅଧିକ ତଦନ୍ତ ଚଳାଇଛି । ସୁରେଶଙ୍କ ପୈତୃକ ଗ୍ରାମ ବରକୁଲରେ ମଧ୍ୟ ଏକ ଟିମ୍ ଚଢ଼ଉ କରୁଥିବା ସୂଚନା ମିଳିଛି । ଭିଜିଲାନ୍ସ ବିଭାଗର ଡ଼ିଏସପି ବୈଦେଇ ବେହେରା, ଆଇଆଇସି ସୌମ୍ୟକାନ୍ତ ପଣ୍ଡା, ଶରତ ପାତ୍ର, ଏଏସ୍‌ଆଇ ସଂଜୀବ ରେଡି, ଦୁର୍ଗାପ୍ରସାଦ ହୋତା ପ୍ରମୁଖ ଚଢ଼ଉରେ ସାମିଲ ଥିଲେ ।



**ନଗଦ ଦେଢ଼ଲକ୍ଷ ଟଙ୍କା ଜବତ**

# ଲାଞ୍ଚ ନେବା ବେଳେ ଧରାପଡ଼ିଲେ ତହସିଲ୍ ଡିଇଓ

ଖୋର୍ଦ୍ଧା/ବେଗୁନିଆ,୧୫।୧୦(ସମିସ): ପୁଣି ଚର୍ଚ୍ଚାରେ ବେଗୁନିଆ ତହସିଲ୍ ଅଫିସ୍ । କିଛିଦିନର ନୀରବତା ପରେ ପୁଣି ତହସିଲ୍ କାର୍ଯ୍ୟାଳୟରେ ପଶିଛି ଭିଜିଲାନ୍ସ ଟିମ୍ । ଘରବାରି ଜମି କିସମ ପରିବର୍ତ୍ତନ ଲାଗି ୮ ହଜାର ଟଙ୍କା ଲାଞ୍ଚ ନେବାବେଳେ ତହସିଲ୍‌ରେ କାର୍ଯ୍ୟରତ ମହିଳା ଡାଟା ଏଣ୍ଟ୍ରି ଅପରେଟର(ଡିଇଓ) ସ୍ମୃତି ଜୟସିଂହ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି । ଅତିରିକ୍ତ ତହସିଲ୍‌ଦାରଙ୍କ ନାଁରେ ଟଙ୍କା ମାଗି ଅଭିଯୋଗକାରୀଙ୍କଠାରୁ ନେଉଥିଲେ ସ୍ମୃତି । ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଛନ୍ତି । ଖୋର୍ଦ୍ଧା ଏବଂ ଭୁବନେଶ୍ୱର ଭିଜିଲାନ୍ସ ବିଭାଗର ଦୁଇଟି ସ୍ୱତନ୍ତ୍ର ଟିମ୍ ଅଫିସ ଏବଂ ବେଗୁନିଆସ୍ଥିତ ସ୍ମୃତିଙ୍କ ଘରେ ମିଳିତ ଭାବେ ଚଢ଼ଉ କରିବା ସହିତ ଅଧିକ ତଦନ୍ତ ଚଳାଇଛନ୍ତି । ଏହି ଚଢ଼ଉରେ ୩ ଜଣ ଡିଏସ୍‌ପି, ୨ଜଣ ଇନ୍ସପେକ୍ଟର ସାମିଲ୍ ହୋଇଛନ୍ତି ।



ସୂଚନା ଅନୁସାରେ, ଗଡ଼ମାଣିତ୍ରୀର ଶିଶିର ମଙ୍ଗରାଜ ଘରବାରି କିସମ ପରିବର୍ତ୍ତନ ପାଇଁ ଆବେଦନ କରିଥିଲେ । ମାତ୍ର ଗତ ଏକ ମାସ ଧରି ତହସିଲ୍ କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କାର୍ଯ୍ୟ ହେଉ ନ ଥିଲା । ଏହି ସମୟରେ କିସମ ପରିବର୍ତ୍ତନ ନିମନ୍ତେ ରିପୋର୍ଟ ପାଇଁ ଆର୍‌ଆଇ ଏବଂ ଅତିରିକ୍ତ ତହସିଲ୍‌ଦାରଙ୍କୁ ଟଙ୍କା ଦେଲେ କାମ ଶୀଘ୍ର ହୋଇଯିବ ବୋଲି ସ୍ମୃତି ଶିଶିରଙ୍କୁ କହିଥିଲେ । ଏଥିଲାଗି ୧୦ହଜାର ଟଙ୍କା ଦେବାକୁ କହିଥିଲେ । ମାତ୍ର ଶିଶିର ଏଥିରେ ଅସମର୍ଥ ପ୍ରକାଶ କରିଥିଲେ । ଶେଷରେ ୮ ହଜାର ଟଙ୍କାରେ କଥା ଛିଡ଼ିଥିଲା । ମାତ୍ର ଉକ୍ତ ୮ ହଜାର ଟଙ୍କା ଦେବାକୁ ଶିଶିର ଅସନ୍ତୋଷ ପ୍ରକାଶ କରି ଗତ ମଙ୍ଗଳବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗକୁ ଭିତ୍ତିକରି ଭିଜିଲାନ୍ସ ବିଭାଗ ସ୍ମୃତିଙ୍କୁ ଧରିବାକୁ ଯୋଜନା କରିଥିଲା । ପୂର୍ବ ଯୋଜନା ମୁତାବକ, ବୁଧବାର ଅପରାହ୍ଣରେ କାର୍ଯ୍ୟାଳୟରେ ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ସ୍ମୃତିଙ୍କଠାରୁ ରଙ୍ଗ ପ୍ରଲେପ ଦିଆ ଟଙ୍କା ଜବତ କରିବା ସହ ତାଙ୍କୁ ଗିରଫ କରିଛି । ପ୍ରାୟ ୧୭ ବର୍ଷ ଧରି ବେଗୁନିଆ ତହସିଲ୍‌ରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ସେ କାର୍ଯ୍ୟରତ ଥିବା ଜଣାପଡ଼ିଛି । ଏହି ତହସିଲ୍ ଅଫିସରେ ପୂର୍ବରୁ ଜଣେ ତହସିଲ୍‌ଦାର, ଦୁଇଜଣ ଅତିରିକ୍ତ ତହସିଲ୍‌ଦାର, ୩ ଜଣ ଆର୍‌ଆଇ ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଥିଲେ । ଭୁବନେଶ୍ୱର ଭିଜିଲାନ୍ସ ଥାନା କେସ୍ ନଂ-୨୩/୨୫ରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଥିବା ଜଣାଯାଇଛି । ଅନ୍ୟପକ୍ଷେ ଘର ଉପରେ ଚଢ଼ଉ ସମୟରେ ଖବର ପାଇ ତାଙ୍କ ପରିବାର ଲୋକ ଟଙ୍କା ସୁନା ଅଳଙ୍କାର ଏକ ବ୍ୟାଗ୍‌ରେ ଭର୍ତ୍ତି କରି ଅନ୍ୟତ୍ର ପଠାଇବାକୁ ଚେଷ୍ଟା କରୁଥିବା ସମୟରେ ଭିଜିଲାନ୍ସ ଟିମ୍ ସେହି ବ୍ୟାଗ୍‌ଟିକୁ ଜବତ କରିଥିବା ଜଣାଯାଇଛି । ଅଧିକ ତଦନ୍ତ ଜାରି ରହିଥିବାରୁ ସ୍ମୃତିଙ୍କ ଆୟ ବହିର୍ଭୁତ ସମ୍ପତ୍ତିର ସବିଶେଷ ତଥ୍ୟ ଭିଜିଲାନ୍ସ ପକ୍ଷରୁ ମିଳିନାହିଁ ।

**ଜୋରଜବରଦସ୍ତ ଦଳରେ ସାମିଲ ଉଦ୍ୟମ**

# କଂଗ୍ରେସରେ ମିଶିବାକୁ ଆସି ଅନନ୍ତ ନାରାୟଣ ନିରାଶ

■ ଗେଟ୍‌ରେ ତାଲା ପକାଇ କଂଗ୍ରେସ ଭବନକୁ ଛାଡ଼ିଲାନି ଦଳ
■ ଦିଲ୍ଲୀରେ ରାହୁଲଙ୍କୁ ଭେଟି ସାମିଲ ହେବେ ବୋଲି ଚ୍ୟାଲେଞ୍ଜ
■ ଅନନ୍ତଙ୍କୁ ଦଳରେ ଗ୍ରହଣ କରାଯିବନି : ଭକ୍ତ

ଭୁବନେଶ୍ୱର,୧୫।୧୦(ସମିସ): କଂଗ୍ରେସରେ ସାମିଲେ ହେବାକୁ ଦଳବଳ ଘେନି ଭୁବନେଶ୍ୱର ଆସିଥିବା ଯାତ୍ରାପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ (ନାଣ୍ଟୁ ବାବୁ) ଶେଷରେ ନିରାଶ ହୋଇ ଫେରିଛନ୍ତି । ତାଙ୍କୁ କିମ୍ବା ତାଙ୍କ ସମର୍ଥକଙ୍କ ଭିତରକୁ କାହାରିକୁ କଂଗ୍ରେସ ଭବନ ଭିତରକୁ ପ୍ରବେଶ କରାଇ ଦିଆଯାଇ ନ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ଆଜି କଂଗ୍ରେସ ଭବନର ସବୁ ଗେଟ୍‌ରେ ତାଲା ପକାଇ ଦିଆଯାଇଛି । ଯେଉଁଥିପାଇଁ ଅନେକ ଉଦ୍ୟମ ସତ୍ତ୍ୱେ ଅନନ୍ତ ନାରାୟଣ ଦଳରେ ସାମିଲ ହୋଇ ନ ପାରି ଫେରିଯାଇଛନ୍ତି ।

ନିରାଶ ହୋଇ ଫେରିବା ପରେ ଅନନ୍ତ ନାରାୟଣ ପିସିସି ସଭାପତିଙ୍କ ଉପରେ ବର୍ଷିଛନ୍ତି । ସେ କହିଛନ୍ତି କଂଗ୍ରେସ କାହାର ପୈତୃକ ସମ୍ପତ୍ତି ନୁହେଁ, ତାଙ୍କୁ ଦଳରେ ସାମିଲ ହେବା ପାଇଁ କେହି ଅଟକାଇ ପାରିବେ ନାହିଁ । ସେ ଦବିଯିବେ ନାହିଁ । ତାଙ୍କ ସମର୍ଥକଙ୍କୁ ଧରି ଦିଲ୍ଲୀ ଯିବେ ଓ ଦିଲ୍ଲୀରେ ରାହୁଲ ଗାନ୍ଧୀଙ୍କୁ ଭେଟି କଂଗ୍ରେସରେ ସାମିଲ ହେବେ ବୋଲି କହିଛନ୍ତି । ତାଙ୍କ ପରିବାର ମୂଳରୁ କଂଗ୍ରେସ । ସେ ଲୋକମାନଙ୍କୁ କଂଗ୍ରେସରେ ସାମିଲ କରାଇବାକୁ ଆଣିଥିଲେ । କେଉଁ କାରଣ ପାଇଁ ତାଙ୍କୁ ଦଳରେ ମିଶାଇ ଦିଆଯାଇ ନାହିଁ ତାକୁ ନେଇ ସେ ପ୍ରଶ୍ନ କରିଛନ୍ତି ।



ଅନ୍ୟପଟେ ଅନନ୍ତନାରାୟଣଙ୍କ ଏହି କାର୍ଯ୍ୟକ୍ରମ ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ମୁହଁ ଖୋଲିଛନ୍ତି । ସେ କହିଛନ୍ତି ଯେ ନାଣ୍ଟୁ ଧଳ ଜଣେ ଆପରାଧିକ ଚରିତ୍ରର ବ୍ୟକ୍ତି । ସେ କଂଗ୍ରେସର ସଦସ୍ୟ ହୋଇପାରିବେ ନାହିଁ । ସଦସ୍ୟତା ମଗା ଯାଏ, ଛଡ଼ାଇକି ନିଆଯାଏ ନାହିଁ । ରାହୁଲ ଗାନ୍ଧୀଙ୍କ ପାଖକୁ ଯଦି ଯାଇପାରିବେ ଯାଆନ୍ତୁ । ମୁଁ କଂଗ୍ରେସ ଅଧ୍ୟକ୍ଷ ଭାବେ କହୁଛି, ତାଙ୍କୁ ଦଳରେ ଗ୍ରହଣ କରାଯିବନି । ସୂଚନା ଥାଉ କି ବୁଧବାର ସକାଳ ୧୦ ଟା ପରେ ପରେ କଂଗ୍ରେସ ଭବନ ନିକଟରେ ଅନନ୍ତ ନାରାୟଣଙ୍କ ସମର୍ଥକମାନେ ଯାଜପୁର ବଟଚଣାରୁ ଆସି ଜମା ହୋଇଥିଲେ । ବଡଚଣାରୁ ହଜାର ହଜାର ସମର୍ଥକ ଆସି ପହଞ୍ଚିବା ପରେ ଅନନ୍ତ ନାରାୟଣ ଏକ ଶୋଭାଯାତ୍ରାରେ କଂଗ୍ରେସ ଭବନ ଅଭିମୁଖେ ଆସିଥିଲେ । ମାତ୍ର ପୂର୍ବରୁ କଂଗ୍ରେସ ଭବନର ସମସ୍ତ ଗେଟ୍ ବନ୍ଦ କରି ଦିଆଯାଇ ଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲା । ଏହା ପରେ ତାଙ୍କ ସମର୍ଥକମାନେ ନାରାବାଜି କରିବା ସହ ଫେରିଯିବାକୁ ବାଧ୍ୟ ହୋଇଥିଲେ ।

ଏହି ଘଟଣା ପରେ ପିସିସି ଗଣମାଧ୍ୟମ ବିଭାଗ ମୁଖ୍ୟ ଅରବିନ୍ଦ ଦାସ ଏକ ସ୍ପଷ୍ଟିକରଣ ରଖିଛନ୍ତି । ସେ କହିଛନ୍ତି ଯେ ଅନନ୍ତ ନାରାୟଣ ଧଳ ଅକ୍ଟୋବର ୧୫ ରେ ହଜାର ହଜାର ଲୋକଙ୍କ ସହିତ ଯୋଗଦେବାକୁ କହିଥିଲେ । ମାତ୍ର ପିସିସି ସଭାପତି ତାଙ୍କୁ ଏକ ଛୋଟ କାର୍ଯ୍ୟକ୍ରମରେ ଅର୍ଥାତ ୫ ଜଣ ବ୍ୟକ୍ତିଙ୍କ ସହିତ ଯୋଗଦେବାକୁ କହିଥିଲେ । ଏହା ବ୍ୟତୀତ ପିସିସି ସଭାପତି ତାଙ୍କ ବିରୋଧରେ ଅନେକ ଗୁରୁତର ଅଭିଯୋଗ ପାଇବା ପରେ, ତାଙ୍କ କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ କୁହାଯାଇଥିଲା । ମାତ୍ର ନୂଆପାଡ଼ାରେ ହେବାକୁ ଥିବା ଉପ-ନିର୍ବାଚନରେ ପିସିସି ସଭାପତି ବ୍ୟସ୍ତ ରହୁଥିବାରୁ ବର୍ତ୍ତମାନ ତାଙ୍କୁ ଯୋଗଦେବାକୁ ଅନୁମତି ଦେବା ସମ୍ଭବ ନୁହେଁ ବୋଲି ତାଙ୍କୁ କୁହାଯାଇଥିଲା । ଏହା ସତ୍ତ୍ୱେ ସେ ଦଳରେ ୧୫ରେ ଯୋଗ ଦେବାକୁ ଜିଦ୍ ଧରିଥିଲେ । ଯେହେତୁ ତାଙ୍କୁ ବହୁ ପୂର୍ବରୁ ସୂଚନା ଦିଆଯାଇଥିଲା, ତେଣୁ ସେ ଏହାକୁ ସ୍ଥଗିତ ରଖିବା ଉଚିତ୍ ଥିଲା । ଏହାସହ ସେ ଦଳକୁ ବଳପୂର୍ବକ ପ୍ରବେଶ କରିବାକୁ ବାଛିଛନ୍ତି । ଏହା ଦେଶର ସର୍ବପୁରାତନ ରାଜନୈତିକ ଦଳର ମନୋବଳ ଏବଂ ନିୟମ ବୋରିଧୀ । ଯଦି ଜଣେ ବ୍ୟକ୍ତି ତାଙ୍କ ନିଯୁକ୍ତି ପୂର୍ବରୁ ଦଳର ନେତୃତ୍ୱକୁ ଅବମାନନା କରିବାକୁ ଜିଦ୍ ଧରିଛନ୍ତି, ତେବେ ସେ ସଂଗଠନର ଜଣେ ଶୃଙ୍ଖଳିତ ସୈନିକ ଭାବରେ କାର୍ଯ୍ୟ କରିବେ ବୋଲି କେହି କିପରି ଆଶା କରିପାରିବେ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୨୫ • ପାଉଣ୍ଡ ୧୦୨.୦୫
- ୟୁରୋ ୧୯.୩୮ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୧୮,୧୫୦ (ନୂଆଦିଲ୍ଲୀ)
- ରୁପା : ୧,୧୮,୧୫୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୬୦୫.୦୦
- ନିଫ୍ଟି ୨୫,୩୨୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ସରକାରୀ ରିପୋର୍ଟରେ ଖୋଲିଲା କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପୋଲ୍

# ୫୦% ପିଏଫ୍ ଆକାଉଣ୍ଟରେ ୨୦ ହଜାରରୁ କମ୍ ବାଲାନ୍ସ




**ବାରମ୍ବାର ଅର୍ଥ ଉଠାଣ ଯୋଗୁଁ କୋଟି କୋଟି କର୍ମଚାରୀଙ୍କ ପିଏଫ୍ ଖାତା ଖାଲି**

**୭୫ ପ୍ରତିଶତ ସଦସ୍ୟଙ୍କ ଖାତାରେ ରହିଛି ୫୦ ହଜାରରୁ ବି କମ୍ ଟଙ୍କା**

**ଅବସରବେଳକୁ ୮୭%ରୁ କମ୍ ସଦସ୍ୟଙ୍କ ଆକାଉଣ୍ଟରେ ୧ ଲକ୍ଷରୁ କମ୍ ବାଲାନ୍ସ**

**ଛୋଟ ଛୋଟ ଆବଶ୍ୟକତା ପାଇଁ ଟଙ୍କା ଉଠାଣ ଅଭ୍ୟାସ ହୋଇଛି ବୁମେରାଂ**

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ଏହାର ସଦସ୍ୟମାନଙ୍କୁ ଅବସରକାଳୀନ ସାମାଜିକ ସୁରକ୍ଷା ପାଇଁ ଯୋଗାଇଦେଇଥାଏ। ସେଥିପାଇଁ ସଦସ୍ୟନଙ୍କୁ ସେମାନଙ୍କର ବେତନରୁ ଇପିଏଫ୍ ଆକାଉଣ୍ଟରୁ ପ୍ରତି ମାସରେ ନିର୍ଦ୍ଦିଷ୍ଟ ପରିମାଣର ଆର୍ଥିକ ଯୋଗଦାନ ଦେବାକୁ ପଡିଥାଏ। ଜରୁରୀ ଅଥବା ଅବସରରେ ପରେ ସଦସ୍ୟମାନେ ସେହି ଅର୍ଥକୁ ଇପିଏଫ୍ ପାଣ୍ଠିରୁ ଉଠାଇ ନେଇଥାନ୍ତି। ଏଥିରେ ପରିତାପର ବିଷୟ ହେଉଛି ଯେ, ଅବସର ବେଳକୁ ଇପିଏଫ୍‌ଓ ସଦସ୍ୟଙ୍କ ଆକାଉଣ୍ଟ ଖାଲି। ବିଶେଷକରି ଛୋଟ ଛୋଟ ଆବଶ୍ୟକତା ପାଇଁ ଆକାଉଣ୍ଟରୁ ବାରମ୍ବାର ଅର୍ଥ ଉଠାଣ ଯୋଗୁ କୋଟି କୋଟି କର୍ମଚାରୀଙ୍କ ପିଏଫ୍ ଖାତା ଅବସର ବେଳକୁ ଖାଲି ହୋଇଯାଇଛି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଏକ ତଥ୍ୟରେ ଏହା କୁହାଯାଇଛି। ପରିସ୍ଥିତି ଏମିତି ହୋଇଛି ଯେ, ୫୦% ଇପିଏଫ୍‌ଓ ସଦସ୍ୟଙ୍କ ଭବିଷ୍ୟନିଧି ପାଣ୍ଠି ଖାତାରେ ୨୦ ହଜାର ଟଙ୍କାରୁ ବି କମ୍ ବାଲାନ୍ସ ରହିଛି। ଅପରପକ୍ଷେ ୭୫% ସଦସ୍ୟଙ୍କ ଖାତାରେ ୫୦ ହଜାର ଟଙ୍କାରୁ କମ୍ ଏବଂ ଅବସରବେଳକୁ ୮୭%ରୁ କମ୍ ସଦସ୍ୟଙ୍କ ଆକାଉଣ୍ଟରେ ୧ ଲକ୍ଷରୁ କମ୍ ବାଲାନ୍ସ ଅର୍ଥ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ଇପିଏଫ୍‌ଓ ସଦସ୍ୟଙ୍କ ପିଏଫ୍ ପାଣ୍ଠିର ଏପରି ପରିସ୍ଥିତି ଦର୍ଶାଉଛି ଯେ ଅଧିକାଂଶ ଲୋକ ସେମାନଙ୍କର ବୃଦ୍ଧାବସ୍ଥା ପାଇଁ ଯଥେଷ୍ଟ ଅର୍ଥ ସଞ୍ଚୟ କରୁନାହାଁନ୍ତି। ଛୋଟ ଛୋଟ ଆବଶ୍ୟକତା ପାଇଁ ବାରମ୍ବାର ଟଙ୍କା ଉଠାଇବାର ଅଭ୍ୟାସ ସେମାନଙ୍କର ଅବସର ପାଣ୍ଠିର ବାଲାନ୍ସକୁ ହ୍ରାସ କରୁଛି। ଏହି ତଥ୍ୟ ଏବେ ଅଣସଂଗଠିତ କ୍ଷେତ୍ରର ଯେ କୌଣସି କର୍ମଜୀବୀଙ୍କୁ ଚିନ୍ତିତ କରିବା ଭଳି ହୋଇଛି। ଆର୍ଥିକ କ୍ଷେତ୍ରର କେତେକ ବିଶେଷଜ୍ଞଙ୍କ ମତରେ ଇପିଏଫ୍‌ଓ ଅର୍ଥ ଉଠାଣ ନିୟମ ସରଳ ହେବା ଏବଂ ଏଥିପାଇଁ ରହିଥିବା ସୀମା ବୃଦ୍ଧି ହେବା ଯୋଗୁ ଅନେକ କର୍ମଚାରୀ ଛୋଟ ଛୋଟ ଆବଶ୍ୟକତା ପୂରଣ ପାଇଁ ବାଲାନ୍ସ ଅର୍ଥ ଉଠାଇ ନେଉଛନ୍ତି। ଫଳରେ ସେମାନଙ୍କର ପିଏଫ୍ ଖାତା ଅବସର ନେବା ବେଳକୁ ଖାଲି ହୋଇଯାଉଛି। ଏକ ରିପୋର୍ଟ ଅନୁଯାୟୀ, ନିଜର ପିଏଫ୍ ଆକାଉଣ୍ଟରୁ ଆଂଶିକ ଅର୍ଥ ଉଠାଣ ପାଇଁ ଗତ ବର୍ଷ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନକୁ ପ୍ରାୟ ୭ କୋଟି କର୍ମଚାରୀ ଆବେଦନ କରିଥିଲେ,ସେଥିରୁ ୬ କୋଟି କର୍ମଚାରୀଙ୍କର ଆବେଦନ ମଞ୍ଜୁର କରାଯାଇଥିଲା।

ଯଦିବା ନିକଟରେ କର୍ମଚାରୀମାନଙ୍କର ସଞ୍ଚୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ଅବସରକାଳୀନ ପାଣ୍ଠିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମଣ୍ଡାଭିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ସମ୍ପୂର୍ଣ୍ଣ ରାଶିର ସମୟ ପୂର୍ବରୁ ଉଠାଣ ପାଇଁ ରଖାଯାଇଥିବା ନିୟମ। ଏଣିକି ପ୍ରତ୍ୟେକ ପିଏଫ୍ ଆକାଉଣ୍ଟରେ ସର୍ବନିମ୍ନ ୨୫% ଅର୍ଥ ବାଲାନ୍ସ ରଖିବା ବାଧ୍ୟତାମୂଳକ ହେବ। ଏହାର ଅର୍ଥ ହେଉଛି ଆପଣ ଆପଣଙ୍କର ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଭାବରେ ଖାଲି କରିପାରିବେନାହିଁ। ଯଦି ଆପଣ ଚାକିରି ଛାଡିବା ପରେ ଆପଣଙ୍କର ସମ୍ପୂର୍ଣ୍ଣ ପିଏଫ୍ ବାଲାନ୍ସ ଉଠାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଏବେ ୨ ମାସ ବଦଳରେ ୧୨ ମାସ ଅପେକ୍ଷା କରିବାକୁ ପଡିବ। ଏହାଛଡା ପେନସନ ପାଣ୍ଠି ଉଠାଣ ପାଇଁ ଅପେକ୍ଷା ଅବଧି ୨ ମାସରୁ ୩୬ ମାସ କିମ୍ବା ୩ ବର୍ଷକୁ ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ନେବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ୭୫% ପେନସନ ଯୋଜନାରେ ସଦସ୍ୟ ସେମାନଙ୍କର ସମସ୍ତ ପାଣ୍ଠି ତୁରନ୍ତ ଉଠାଣ କରିଦେଇଥାନ୍ତି, ଯାହା ଫଳରେ ସେମାନଙ୍କର ବୃଦ୍ଧାବସ୍ଥା ଅସୁରକ୍ଷିତ ହୋଇଯାଏ।

## ଜବତ ସମ୍ପତ୍ତିର ହିସାବ ଦେଉନାହାନ୍ତି ଭାରତୀୟ ବ୍ୟାଙ୍କ: ମାଲ୍ୟା

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):**ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି)ରେ ୧୪ ହଜାର କୋଟିରୁ ଅଧିକ ଟଙ୍କାର ଘୋଟାଲା କରିଥିବା ପଳାତକ ବିଜୟ ମାଲ୍ୟାଏବେ ଭାରତୀୟ ବ୍ୟାଙ୍କଗୁଡିକ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ବିଜୟ ମାଲ୍ୟା ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଆଇନଗତ ଲଢ଼େଇ ଜାରି ରହିଛି। ଠିକ୍ ଏହି ସମୟରେ ମାଲ୍ୟା ସୋସିଆଲ ମିଡିଆରେ ବ୍ୟାଙ୍କଗୁଡ଼ିକ ଉପରେ ରୋପ ଲଗାଇଛନ୍ତି। ଏହି ଘଟଣା ମାଲ୍ୟାଙ୍କ ସମ୍ପତ୍ତିରୁ ବ୍ୟାଙ୍କଗୁଡ଼ିକ ଅର୍ଥ ଅସୁଲ ସହିତ ଜଡିତ। ମାଲ୍ୟାଙ୍କ ଅଭିଯୋଗ ହେଉଛି ଭାରତୀୟ ସରକାରୀ ବ୍ୟାଙ୍କଗୁଡ଼ିକ ତାଙ୍କ ସମ୍ପତ୍ତିରୁ ହୋଇଥିବା ଅସୁଲ ଅର୍ଥ ସମ୍ପର୍କରେ ସମ୍ପୂର୍ଣ୍ଣ ଏବଂ ସଠିକ୍ ହିସାବ ପ୍ରଦାନ କରୁନାହାଁନ୍ତି। ମାଲ୍ୟା କହିଛନ୍ତି ଯେ କେନ୍ଦ୍ର ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ୧୪,୧୦୦ କୋଟି ଟଙ୍କା ଫେରାଇବା ପାଇଁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିବା ପରେ ମଧ ବ୍ୟାଙ୍କଗୁଡ଼ିକ ଜନସାଧାରଣଙ୍କୁ ଆଦାୟର ପ୍ରକୃତ ବିବରଣୀ ପ୍ରକାଶ କରିବାରେ ବିଫଳ ହୋଇଛନ୍ତି। ମାଲ୍ୟା 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି ଯେ ସେମାନଙ୍କୁ ସେମାନଙ୍କର ଅବହେଳା ପାଇଁ ଲଜ୍ଜିତ ହେବା ଉଚିତ। ଯେ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ଆଦାୟର ସମ୍ପୂର୍ଣ୍ଣ ବିବରଣୀ ସାର୍ବଜନୀନ ନ କରନ୍ତି ସେ ପର୍ଯ୍ୟନ୍ତ ସେ ୟୁକେରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ।

## ବଡ଼ ସରକାରୀ ବ୍ୟାଙ୍କ ସହ କ୍ଷୁଦ୍ର ବ୍ୟାଙ୍କର ହେବ ମିଶ୍ରଣ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ଦେଶର ବଡ଼ ରାଷ୍ଟ୍ରାୟତ୍ତ ବା ସରକାରୀ ବ୍ୟାଙ୍କ ସହ ଅନେକ କ୍ଷୁଦ୍ର ବ୍ୟାଙ୍କର ମିଶ୍ୟଣ ଘଟିବ। ସରକାରୀ ସୂତ୍ରରୁ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଛି। କେନ୍ଦ୍ର ସରକାର ଛୋଟ-ଛୋଟ ଅନେକ ସରକାରୀ ବ୍ୟାଙ୍କ ବଦଳରେ କିଛି ବଡ଼ ସରକାରୀ ବ୍ୟାଙ୍କ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଦେଶର ଆର୍ଥିକ କ୍ଷେତ୍ରରେ ସଂସ୍କାର ଦୃଷ୍ଟିରୁ ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ବ୍ୟାଙ୍କ ମିଶ୍ରଣ ଫଳରେ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତିର ଆବଶ୍ୟକତାକୁ ବଡ଼ ବ୍ୟାଙ୍କଗୁଡିକ ପୂରଣ କରିପାରିବେ।

ରିପୋର୍ଟ ଅନୁଯାୟୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ପରି ଛୋଟ ବ୍ୟାଙ୍କର ମିଶ୍ରଣ ପିଏନ୍‌ବି, ବ୍ୟାଙ୍କ୍ ଅଫ୍ ବରୋଦା ଓ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପରି ବଡ଼ ବ୍ୟାଙ୍କ ସହ ହୋଇପାରେ। ସୂତ୍ର ଅନୁସାରେ ଯୋଜନା ଉପରେ ପ୍ରଥମେ ବରିଷ୍ଠ ଅଧିକାରୀ କ୍ୟାବିନେଟ୍ ସ୍ତରରେ ଚର୍ଚ୍ଚା କରିବେ। ଏହାପରେ ଯୋଜନାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବ। ସେଠାରେ ଏହା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯିବ। ଏହାପରେ ଚଳିତ ଆର୍ଥିକବର୍ଷରେ ଏହି ଯୋଜନା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ୨୦୨୬-୨୭ ଆର୍ଥିକବର୍ଷରେ ଏହି ଯୋଜନା ଉପରେ ସମ୍ବନ୍ଧିତ ବ୍ୟାଙ୍କଗୁଡିକଠାରୁ ମତାମତ ନିଆଯାଇପାରେ। ସୂତ୍ର ଅନୁସାରେ ସରକାର ପ୍ରଥମେ ଏ ସମ୍ପର୍କରେ ସହମତି ଆଣିବାକୁ ଚାହୁଁଛନ୍ତି। ଏହାପରେ ଆନୁଷ୍ଠାନିକ ଭାବେ ଏ ସଂକ୍ରାନ୍ତରେ ଘୋଷଣା କରାଯିବ। ସୂଚନାଯୋଗ୍ୟ ଯେ, ସରକାର ୨୦୧୭ ଓ ୨୦୨୦ ମଧ୍ୟରେ ୧୦ କ୍ଷୁଦ୍ର ସରକାରୀ ବ୍ୟାଙ୍କକୁ ଚାରି ବଡ଼ ସରକାରୀ ବ୍ୟାଙ୍କରେ ମିଶ୍ରଣ କରାଇଥିଲେ। ଏହାପରେ ସରକାରୀ ବ୍ୟାଙ୍କ ସଂଖ୍ୟା ୨୭ରୁ ହ୍ରାସ ହୋଇ ୧୨ ହୋଇଥିଲା। ସେତେବେଳେ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ ଓ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ପିଏନ୍‌ବିରେ ବିଲୟ କରାଯାଇଥିଲା। ଏହାଛଡା କାନାରା ବ୍ୟାଙ୍କ ସହ ସିଣ୍ଡିକେଟ୍ ବ୍ୟାଙ୍କର ମିଶ୍ରଣ ହୋଇଥିଲା। ତେବେ ସରକାର ନୀତି ଆୟୋଗଙ୍କ ସୁପାରିଶର ବିପରୀତରେ ଯାଉଥିବା ପରିଲକ୍ଷିତ ହେଉଛି। ନୀତି ଆୟୋଗ ଆଇଓବି ଓ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରି କ୍ଷୁଦ୍ର ବ୍ୟାଙ୍କର ଘରୋଇକରଣ ପାଇଁ ସୁପାରିଶ କରିଥିଲା। ଏହି ଖବରର ପ୍ରଭାବ ଆଜି ସରକାରୀ ବ୍ୟାଙ୍କଗୁଡିକର ସେୟାର ମୂଲ୍ୟରେ ଦେଖିବାକୁ ମିଳିଛି। ଫଳସ୍ୱରୂପ ନିଫ୍ଟି ପିଏସ୍‌ୟୁ ବ୍ୟାଙ୍କ ଇଣ୍ଡେକ୍ସରେ ୧.୬୭ ପ୍ରତିଶତ ବୃଦ୍ଧି ଘଟିଛି। ସବୁଠାରୁ ଅଧିକ ୪.୨୨ ପ୍ରତିଶତ ବୃଦ୍ଧି ଆଇଓବି ବ୍ୟାଙ୍କ ସେୟାର ମୂଲ୍ୟରେ ଦେଖିବାକୁ ମିଳିଥିଲା। ଏହାପଛକୁ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସେୟାରରେ ୧.୬୪ ପ୍ରତିଶତ, କାନାରା ବ୍ୟାଙ୍କ ସେୟାର ମୂଲ୍ୟରେ ୨.୫୫ ପ୍ରତିଶତ ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସେୟାରରେ ୧.୭୮ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି।

## ଭାରତ ବିରୁଦ୍ଧରେ ଡବ୍ଲ୍ୟୁଟିଓରେ ଫେରାଦ ହେଲା ଚୀନ୍

**ବେଜିଂ,୧୫।୧୦(ଏଜେନ୍ସି):** ଭାରତ ବିରୁଦ୍ଧରେ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଫେରାଦ ହୋଇଛି ଚୀନ। ଭାରତ ଇଭି ଓ ବ୍ୟାଟେରୀ ଉତ୍ପାଦାନ କ୍ଷେତ୍ରରେ ଯେଉଁ ସବ୍‌ସିଡି ଦେଉଛି ଏଥିରେ କେବଳ ଘରୋଇ କମ୍ପାନୀଗୁଡ଼ିକୁ ପ୍ରତିଯୋଗିତାମୂଳକ ଫାଇଦା ମିଳୁଛି। ଯାହାଦ୍ୱାରା ଚୀନର ସ୍ୱାର୍ଥ ହାନୀ ହେଉଛି। ତେଣୁ ଭାରତ ତୁରନ୍ତ ଏହାର ତ୍ରୁଟି ସଂଶୋଧନ କରୁ ବୋଲି ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ଆହୁରି ମଧ୍ୟ କହିଛି ଯେ ଚୀନ୍ ଏହାର ଘରୋଇ ଶିଳ୍ପଗୁଡ଼ିକର ବୈଧ ଅଧିକାର ଏବଂ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପଦକ୍ଷେପ ନେବ। ଅନ୍ତର୍ଜାତୀୟ ବାଣିଜ୍ୟରେ ଚୀନ୍‌ର ଜାତୀୟ ସ୍ୱାର୍ଥକୁ ଦୁର୍ବଳ କରିବା ପାଇଁ ଭାରତ 'ଅନୁଚିତ ପ୍ରତିଯୋଗିତାମୂଳକ ସୁବିଧା' ପଦକ୍ଷେପ ନେଉଛି ବୋଲି ଚୀନ ଦାବି କରିଛି।

ବର୍ତ୍ତମାନ ଇଭି ବଜାରକୁ ଦେଖିଲେ ମାର୍କେଟ ଉପରେ ଗବେଷଣା କରୁଥିବା ସଂସ୍ଥା ରୋ ମୋସନ୍ ତଥ୍ୟ ଅନୁଯାୟୀ, ଚୀନ୍ ବିଶ୍ୱର ପ୍ରାୟ ଦୁଇ-ତୃତୀୟାଂଶ ଇଭି ବିକ୍ରି କରୁଛି। ଯାହା ପ୍ରାୟ ୧.୩ ନିୟୁତ ୟୁନିଟ୍ ହେବ। ଭାରତ ସବ୍‌ସିଡି ମାଧ୍ୟମରେ କମ୍ପାନୀଗୁଡ଼ିକୁ ପ୍ରତିଯୋଗିତା ମୂଳକ ଫାଇଦା ଦେଲେ ଅଧିକ କମ୍ପାନୀ ଏ କ୍ଷେତ୍ରରେ ନିବେଶ କରିବେ, ଓ ଉତ୍ପାଦନ ବଢ଼ିବ। ଫଳରେ ଚୀନକୁ ଟକ୍କର ମିଳିବ। ଯେଉଁଥିପାଇଁ ଚୀନର ଚିନ୍ତା ବଢ଼ିଯାଇଛି। ଏପଟେ ଭାରତ ଏକ ନ୍ୟାସନାଲ କ୍ରିଟିକାଲ୍ ମିନେରାଲ୍ ଷ୍ଟକପାଇଲ୍ (ଏନ୍‌ସିଏମ୍‌ଏସ୍) କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ବିରଳ ପୃଥିବୀ ଉପାଦାନର ଉପଲବ୍ଧତା ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ଲକ୍ଷ୍ୟ। ଏହି ବିରଳ ପୃଥିବୀ

**ଇଭି ଓ ବ୍ୟାଟେରୀ ଉତ୍ପାଦନରେ ସବ୍‌ସିଡିକୁ ନେଇ କେଁ**

ଖଣିଜ ପଦାର୍ଥଗୁଡ଼ିକ ଇଭି, ୱିଣ୍ଡ ଟର୍ବାଇନ ଏବଂ ଅନ୍ୟାନ୍ୟ ଗ୍ରୀନ ଏନର୍ଜି ଟେକ୍ନୋଲୋଜୀର ବିକାଶ ପାଇଁ ଅତ୍ୟାବଶ୍ୟକ ପଡ଼ିଥାଏ। ବର୍ତ୍ତମାନ ରେୟାର ଆର୍ଥ ମ୍ୟାଟେରିଆଲ୍ର ବିଶ୍ୱ ଯୋଗାଣର ଚୀନର ଅଧିପତ୍ୟ ୯୦% ରହିଛି। ତେଣୁ ଚୀନ ମନ ଇଚ୍ଛା ଏହା ଉପରେ କଟକଣା ଲଗାଇ ବିଶ୍ୱକୁ ହଇରାଣ କରୁଛି। ଆଉ ଯଦି ଭାରତର ଏହି ପ୍ରୋଗ୍ରାମ ସଫଳ ହେଲା ତେବେ ଚୀନକୁ କଡ଼ା ଟକ୍କର ମିଳିବ। ଏହି ସମ୍ଭାବନାକୁ ଦେଖି ଆମେରିକା ଚୀନ ଠାରୁ ବିମୁଖ ହୋଇ ଭାରତ ଆଡ଼କୁ ମୁହାଁଇଛି। ଏହି ସମୟରେ ଚୀନ ଭାରତ ବିରୁଦ୍ଧରେ ଅଭିଯୋଗ କରି ଅଡୁଆ ସୃଷ୍ଟି କରିବାକୁ ଚେଷ୍ଟା କରୁଛି।

## ଇଣ୍ଡଲ୍‌ଜ ସେଲୁନରେ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ

**ଭୁବନେଶ୍ୱର, ୧୫।୧୦ (ସମିସ):** ଇଣ୍ଡଲ୍‌ଜ ଦି ସେଲୁନରେ ସାର୍କ ଟ୍ୟାଙ୍କ ନିଧିକୃତ ପ୍ରମାଣିତ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ ହୋଇଛି। ଏହି ସ୍କିନ୍ କେୟାର ଏହାର ପାରାବେନ୍-ମୁକ୍ତ ଏବଂ ପରିବେଶ-ସଚେତନ ଫର୍ମୁଲେସନ୍ ପାଇଁ ଜଣାଶୁଣା। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ, ଥ୍ରୀଏକ୍ସ ଟିଇଡି ସ୍ପିକର୍, ସାର୍ଟିଫାଏଡ୍ ଏନଏଲପି ଲାଇଫ୍ କୋଚ୍ ଏବଂ ତନ୍ନାଜ୍ ଇରାନି ଏକାଡେମୀର ପ୍ରତିଷ୍ଠାତା ତନ୍ନାଜ୍ ଇରାନି ଯୋଗ ଦେଇଥିଲେ। ତାଙ୍କ ସହିତ ୟୁଏମଏସଏଲ ଲିମିଟେଡ୍‌ର ଉପାଧ୍ୟକ୍ଷ ପରମିତା ପଣ୍ଡା, ମିଣ୍ଟ୍ରିର ସିଇଓ ଆଶିଷ ଦେଓ୍ୱାନୀ ଏବଂ ଇଣ୍ଡଲ୍ଜ ଦି ସାଲୁନ୍‌ର ପ୍ରତିଷ୍ଠାତା ସୁକୀର୍ତ୍ତୀ ପଟ୍ଟନାୟକ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀମତୀ ପଟ୍ଟନାୟକ ଓଡି ସୋସିଆଲ ନାମ ବଦଳାଇ ଇଣ୍ଡି ଭର୍ସ କରାଗଲା ବୋଲି ଘୋଷଣା କରିଥିଲେ।

## ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ 'ମେରି ପଲିସି ମେରେ ହାଥ' ଅଭିଯାନ

**ଭୁବନେଶ୍ୱର,୧୫।୧୦(ସମିସ):** ଦୁଇ ପ୍ରମୁଖ ଜାତୀୟ ସ୍ତରୀୟ ଅଭିଯାନ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଥିବା ମେରି ପଲିସି ମେରେ ହାଥ ଓ ବିକଶିତ କୃଷି ସଂକଳ୍ପ ଅଭିଯାନ ପାଇଁ ଦେଶର ଅଗ୍ରଣୀ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ସହଯୋଗିତା ସ୍ଥାପନ କରିଛି। ଏହି ଅଭିଯାନଗୁଡ଼ିକର ଲକ୍ଷ୍ୟ ହେଉଛି ଓଡ଼ିଶା, ମଧ୍ୟପ୍ରଦେଶ, ଉତରପ୍ରଦେଶ,ଉତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ଆସାମ, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ପ୍ରମୁଖ ରାଜ୍ୟରେ ଖରିଫ ଋତୁରେ ଭାରତୀୟ କୃଷି ସମୁଦାୟକୁ ସଶକ୍ତ ଓ ସମର୍ଥନ କରିବା। ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ଫସଲ ବୀମା ସଚେତନତାର ପ୍ରସାର କରିବା ଏବଂ ଦେଶବ୍ୟାପୀ ସ୍ଥାୟୀ କୃଷି ଅଭିବୃଦ୍ଧିକୁ ସକ୍ଷମ କରିବାକୁ ଲକ୍ଷ୍ୟ ରଖିଛି।

## ଯାଜପୁରରେ ପିଏନ୍‌ବି ମେଟ୍‌ଲାଇଫ୍‌ର ନୂଆ ଶାଖା

**ଭୁବନେଶ୍ୱର, ୧୫।୧୦(ସମିସ):** ଜୀବନ ବୀମା କମ୍ପାନୀ ପିଏନ୍‌ବି ମେଟ୍‌ଲାଇଫ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ପିଏନ୍‌ବି ମେଟ୍‌ଲାଇଫ୍) ଯାଜପୁରରେ ଏହାର ଏକ ନୂଆ ଶାଖା ଖୋଲିଛି। ଏହି ସମ୍ପ୍ରସାରଣ ସହିତ କମ୍ପାନୀର ସମ୍ପ୍ରତି ଓଡ଼ିଶାରେ ମୋଟ ଶାଖା ସଂଖ୍ୟା ୧୦ରେ ପହଞ୍ଚିଛି। ଏହି ଶାଖା ଉଦ୍‌ଘାଟନ ପଲିସୀ ସେବାଗୁଡିକ ଏବଂ ବିଶ୍ୱସନୀୟ ପରାମର୍ଶ ଗ୍ରାହକ ଯେଉଁଠାରେ ଥିଲେ ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚାଇ ବୀମାକୁ ଅଧିକ ସୁଲଭ୍ୟ କରାଇବା ନିମନ୍ତେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏ ସମ୍ପର୍କରେ ପିଏନ୍‌ବି ମେଟ୍‌ଲାଇଫ୍‌ର ଏମ୍‌ଡି ଓ ସିଇଓ ସମୀର ବନ୍‌ସଲ୍ କହିଛନ୍ତି ଯେ, ବିଶ୍ୱାସ ସର୍ବଦା ପିଏନ୍‌ବି ମେଟ୍‌ଲାଇଫର ଗ୍ରାହକଙ୍କ ସହିତ ସମ୍ପର୍କର ମୂଳଦୁଆ ହୋଇ ରହିଆସିଛି। ସମ୍ପ୍ରତି ସମଗ୍ର ଭାରତରେ ୧୬୨ଟି ଶାଖା ସହିତ ଆମେ କେବଳ ଆମର ପହଞ୍ଚକୁ ପରିବ୍ୟାପ୍ତ କରୁନାହୁଁ, ବରଂ ତାହାସହିତ ଗ୍ରାହକମାନେ ପ୍ରତ୍ୟେକ ସୋପାନରେ ଆମ ଉପରେ ନିର୍ଭର କରିପାରିବେ, ସେହି ଭରସାକୁ ମଧ୍ୟ ସୁଦୃଢ କରୁଛୁ।

## ଓଡ଼ିଶା୩୬୦ଡଟ୍‌କମ୍ ପୋର୍ଟାଲ୍‌ର ଶୁଭାରମ୍ଭ



**ଭୁବନେଶ୍ୱର, ୧୫।୧୦(ସମିସ):** ବାଟୋଇ ସିଷ୍ଟମ୍ସର ଏକ ପ୍ରମୁଖ ଡିଜିଟାଲ ସେବା ଓଡ଼ିଶା୩୬୦ଡଟ୍‌କମ୍ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାର ନୂଆ ଇଣ୍ଟିଗ୍ରେଟେଡ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ନୂଆ ପ୍ଲାଟଫର୍ମରେ ଓଡ଼ିଶାର ବ୍ୟବସାୟ ଡିରେକ୍ଟୋରି, ବଜାର, ନିଯୁକ୍ତି ତାଲିକା, ଭ୍ରମଣ ବିକଳ୍ପ, କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଏବଂ ପବ୍ଲିକେସନକୁ ଏକ ଉପଭୋକ୍ତା-ଅନୁକୂଳ ଡିଜିଟାଲ ବ୍ୟବସ୍ଥାରେ ଏକତ୍ରିତ କରାଯାଇଛି, ଯାହାଦ୍ୱାରା ଉପଭୋକ୍ତାମାନେ ଏ ସମସ୍ତ ସୁବିଧାକୁ ଗୋଟିଏ ସ୍ଥାନରେ ସହଜରେ ପାଇପାରିବେ। ଏ ସମ୍ପର୍କରେ ଓଡ଼ିଶା୩୬୦ ଏବଂ ବାଟୋଇର ସିଇଓ ଡ. ଅଶ୍ୱିନୀ କୁମାର ରଥ କହିଛନ୍ତି ଯେ, ଓଡ଼ିଶା୩୬୦ ଓଡ଼ିଶାର ଲୋକ ଓ ସଂଗଠନମାନଙ୍କ ଜୀବନକୁ ସହଜ କରିବା ପାଇଁ ନିର୍ମିତ। ଚାକିରି ଖୋଜିବାଠାରୁ ଆରମ୍ଭ କରି ବ୍ୟବସାୟ ତାଲିକାଭୁକ୍ତ କରିବା କିମ୍ବା ସପ୍ତାହ ଶେଷରେ ଭ୍ରମଣ ଯୋଜନା କରିବା ପର୍ଯ୍ୟନ୍ତ ଯାଞ୍ଚ କରାଯାଇଥିବା ତାଲିକା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ସୁରକ୍ଷିତ ପେମେଣ୍ଟ ସବୁକିଛି କାମ ଗୋଟିଏ ସ୍ଥାନରେ କରିପାରିବେ। ଏହି ପୋର୍ଟାଲରେ ଗୋଷ୍ଠୀ ପାଇଁ ପ୍ରସ୍ତୁତ କରାଯାଇଥିବା ଅନେକ ମୁଖ୍ୟ ବୈଶିଷ୍ଟ୍ୟ ରହିଛି। ନିଯୁକ୍ତି ଓ ଦକ୍ଷତା ବିଭାଗ, ଓଡ଼ିଶା ବଜାର ପାଇଁ ବିଶେଷ ଭାବେ ତିଆରି କରାଯାଇଥିବା ଚାକିରି ତାଲିକା ଏବଂ ରିଜ୍ୟୁମର ଏକ ସନ୍ଧାନଯୋଗ୍ୟ ଡାଟାବେସ ପ୍ରଦାନ କରେ, ଯାହା ନିଯୁକ୍ତିଦାତା ଓ ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବ। ଏହାର ଓଡ଼ିଶା ଭ୍ରମଣ ବିଭାଗ ସୁରକ୍ଷିତ ପେମେଣ୍ଟ ସହିତ ବିଶ୍ୱସନୀୟ ଟୁର ପ୍ୟାକେଜ, ହୋଟେଲ ବୁକିଂ ଏବଂ ରେଷ୍ଟୋରାଁ ଗାଇଡ ପ୍ରଦାନ କରୁଛି। ଏହା ବ୍ୟତୀତ ଏକ ରାଜ୍ୟବ୍ୟାପୀ ଇଭେଣ୍ଟ ଆୟୋଜକମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ରମ ତାଲିକାଭୁକ୍ତ କରିବାକୁ ଏବଂ ଟିକେଟ ପରିଚାଳନା କରିବା ସୁବିଧା ଯୋଗାଇଦେବ।

## ଧନତେରସ ଏବଂ ଦୀପାବଳି ପୂର୍ବରୁ ବଡ଼ ସଙ୍କଟ !

# ଥମୁନି ରୁପା ଦର; କେଜି ୭ ଲକ୍ଷ ଟପିବ !

**ବର୍ତ୍ତମାନର ଦରଠାରୁ ରୁପା ମୂଲ୍ୟ ୪୦୦% ବୃଦ୍ଧି ପାଇପାରେ**

**ଭାଙ୍ଗିଲା ୪୫ ବର୍ଷର ରେକର୍ଡ**

**ଭାରତରେ ଚାହିଦା ବଢ଼ିବାରୁ ବ୍ରିଟେନରେ ହଇଚଇ**



**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ସାଧାରଣତଃ ଲୋକମାନେ ରୂପାକୁ ସୁନା ଅପେକ୍ଷା କମ୍ ଗୁରୁତ୍ୱ ଦେଇଥାନ୍ତି। ତଥାପି, ଗତ କିଛି ମାସ ମଧ୍ୟରେ ରୁପା ମୂଲ୍ୟରେ ହେଉଥବା ବୃଦ୍ଧି ଏହାକୁ ସୁନା ଦରର ନିକଟତର କରାଇବାକୁ ଯାଉଛି। ରୂପାର ମୂଲ୍ୟ ନିରନ୍ତର ବୃଦ୍ଧି ପାଉଛି, ଯାହା ବର୍ତ୍ତମାନ ସମୟରେ ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ଦେଖିବାକୁ ମିଳୁଛି। ଖୁଚୁରା ବଜାରରେ ରୁପା ମୂଲ୍ୟ କିଷଲା ପିଛା ୨ ଲକ୍ଷ ଟଙ୍କା ଅତିକ୍ରମ କରିବା ପରେ ଏ ନେଇ ଏବେ ବଜାର ବିଶେଷଜ୍ଞମାନେ ବଡ଼ ଚେତାବନୀ ଜାରି କରିଛନ୍ତି। ଲଣ୍ଡନ ବଜାରରେ ଯୋଗାଣରେ ଅଭାବ ଏବଂ ଚାହିଦା ବୃଦ୍ଧି ଯୋଗୁଁ ରୂପା ମୂଲ୍ୟ ପ୍ରତି ଆଉନ୍ସ ୫୨ ଡଲାର ଉପରେ ପହଞ୍ଚିଛି, ଯାହା ୧୯୮୦ ପରଠାରୁ ସର୍ବାଧିକ।

ସୁନା ମୂଲ୍ୟ ଆକାଶଛୁଆଁ ହେଉଛି। ରୂପା ମୂଲ୍ୟ ମଧ୍ୟ ଲୋକଙ୍କ ଚିନ୍ତା ବଢ଼ାଇଛି। ବିଶ୍ୱ ବଜାରରେ ଲିକ୍ୟୁଡିଟି ଜନିତ ଚାପ ଏବଂ ଖୁଚୁରା ଚାହିଦା ବୃଦ୍ଧି ଯୋଗୁଁ ରୁପା ମୂଲ୍ୟ ଆହୁରି ଉପରକୁ ବୃଦ୍ଧି ପାଇବ ବୋଲି ବୁଲିୟନ୍ ବଜାରର ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଗୁଡ୍ ରିଟର୍ଣ୍ଣସ ଅନୁଯାୟୀ, ରୂପା ମୂଲ୍ୟ ଆହୁରି ୧୮% ବୃଦ୍ଧି ପାଇପାରେ। ୨୦୨୫ ଶେଷ ସୁଦ୍ଧା ଏହା ପ୍ରତି କିଲୋଗ୍ରାମ ୨.୧୮ ଲକ୍ଷରେ ଟଙ୍କାରେ ପହଞ୍ଚିପାରେ। 'ରିଚ୍ ଡ୍ୟାଡ୍, ପୁଅର୍ ଡ୍ୟାଡ୍'ର ଲେଖକ ଏବଂ ପ୍ରସିଦ୍ଧ ନିବେଶକ ରବର୍ଟ କିଲୋସାକି ରୂପା ମୂଲ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଦେଇଛନ୍ତି। କିଲୋସାକିଙ୍କ ଧ୍ୟାନ ବର୍ତ୍ତମାନ ସୁନା ଏବଂ ବିଟକଏନ୍ ଠାରୁ ରୂପା ଆଡ଼କୁ ସ୍ଥାନାନ୍ତରିତ ହୋଇଛି। ସେ ରୂପା ମୂଲ୍ୟରେ ଆଗାମୀ ଦିନରେ ଏକ ବଡ଼ ବିସ୍ଫୋରଣ ହେବାର ପୂର୍ବାନୁମାନ କରିଛନ୍ତି। ସେ ଭବିଷ୍ୟବାଣୀ କରିଛନ୍ତି ଯେ ବର୍ତ୍ତମାନଠାରୁ ରୂପା ମୂଲ୍ୟ ୪୦୦% ବୃଦ୍ଧି ପାଇପାରେ। ଯଦି ତାଙ୍କର ଭବିଷ୍ୟବାଣୀ ସଠିକ୍ ହୁଏ, ତେବେ ଭାରତୀୟ ବଜାରରେ ରୂପା ମୂଲ୍ୟ କିଲୋ ପିଛା ୭ ଲକ୍ଷ ଟଙ୍କା ଅତିକ୍ରମ କରିପାରେ। ସେ କହିଥିଲେ ଯେ ରୂପାର ମୂଲ୍ୟ ଦମନ କରାଯାଉଛି ଏବଂ ବଜାରକୁ ହେରଫେର କରାଯାଉଛି। ସେ କହିଛନ୍ତି ଯେ ବଡ଼ ନିବେଶକମାନେ ରୁପା ଗଚ୍ଛିତ କରିଛନ୍ତି, କିନ୍ତୁ ଏବେ ମୂଲ୍ୟ ବିସ୍ଫୋରଣ ହୋଇପାରେ।

ରଏଟର୍ସ ତଥ୍ୟ ଅନୁଯାୟୀ, ରୁପା ନିବେଶ ପାଣ୍ଠି (ଇଟିଏଫ୍)ରେ ନୂତନ କ୍ରୟକୁ ବନ୍ଦ କରିଦିଆଯାଇଛି। ଯୋଗାଣ ଅଭାବ ଯୋଗୁଁ ଅଳଙ୍କାର ବ୍ୟବସାୟୀମାନେ ପାର୍ବଣ ଋତୁର ଉଚ୍ଚ ଚାହିଦା ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ଚାରି ବର୍ଷ ଧରି ବିଶ୍ୱ ବଜାରରେ ରୁପାର ଚାହିଦା ଯୋଗାଣକୁ ଅତିକ୍ରମ କରିସାରିଛି। ଯାହା ଫଳରେ ପୂର୍ବ ପାଞ୍ଚ ବର୍ଷରୁ ଅତିରିକ୍ତ ରୂପା ଭଣ୍ଡାର ସମାପ୍ତ ହୋଇଯାଇଛି। ପରିସ୍ଥିତି ଏପରି ହୋଇଛି ଯେ ୨୦୨୫ରେ ମଧ୍ୟ ଯୋଗାଣ ଚାହିଦା ପୂରଣ ହୋଇପାରିବନାହିଁ। କଥା ହେଉଛି ୭୦% ରୂପା ଅନ୍ୟାନ୍ୟ ଧାତୁର ଖଣିରୁ ଆସିଥାଏ, ଯାହାର ମୂଲ୍ୟ ବୃଦ୍ଧି ପାଇଲେ ମଧ୍ୟ ଉତ୍ପାଦନ ବୃଦ୍ଧି କରାପାରିବନାହିଁ। ବିଶ୍ୱରେ ରୁପା ଉତ୍ପାଦନ ଲଗାତାର ୭ ବର୍ଷ ଧରି ଚାହିଦାଠାରୁ କମ୍ ରହିଛି। ଏହି ଅଭାବ ଜାରି ରହିବ ବୋଲି ଆଶଙ୍କା କରାଯାଉଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଲଣ୍ଡନ ଗ୍ଲୋବାଲ୍ ଟ୍ରେଡ୍ ସେଣ୍ଟରରେ ରୁପାର ଭୌତିକ ଯୋଗାଣରେ ଅଭାବ ଏକ ଆଲୋଡ଼ନ ସୃଷ୍ଟି କରିଛି। ଚଳିତ ବର୍ଷ, ଫ୍ୟୁଚର୍ସ ବଜାରରେ ରୁପା ମୂଲ୍ୟ ୮୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହି ସମୟରେ ଦିଲ୍ଲୀର ବୁଲିଅନ୍ ବଜାରରେ ରୁପା ମୂଲ୍ୟ ୧୦୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି।

## ଭାରତୀୟ କ୍ରିକେଟ ଦଳର ଅଷ୍ଟ୍ରେଲିଆ ଗସ୍ତ



**ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି):** ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଆଜି ପର୍ଥ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳରେ ବହୁ ଚର୍ଚ୍ଚିତ ବରିଷ୍ଠ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଯାଇଛନ୍ତି। ଏମାନଙ୍କ ସହ ଆଉ କିଛି ଖେଳାଳି ଯଥା ଦିନିକିଆ ଅଧିନାୟକ ଶୁବମନ ଗିଲ୍, ଓପନର ଯଶସ୍ୱୀ ଜୟସ୍ୱାଲ, ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ଦୁଇ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ କିଛି ସପୋର୍ଟ ଷ୍ଟାଫ୍ ଯାତ୍ରା କରିଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ବରିଷ୍ଠ ଖେଳାଳି ରୋହିତ ଓ ବିରାଟଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରାଯିବ। ଏମାନଙ୍କ ବ୍ୟତୀତ ସନ୍ଧ୍ୟାରେ ହେଡ୍ କୋଚ୍ ଗୌତମ ଗମ୍ଭୀର, କିଛି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ଯାଇଛନ୍ତି। ଅଷ୍ଟ୍ରେଲିଆର ଗସ୍ତରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ପ୍ରଥମେ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ପର୍ଥରେ ଅକ୍ଟୋବର ୧୯ ତାରିଖ ରବିବାର, ଆଡିଲେଡ୍‌ରେ ଅକ୍ଟୋବର ୨୩ ତାରିଖ ଗୁରୁବାର ଓ ସିଡନୀରେ ଅକ୍ଟୋବର ୨୫ ତାରିଖ ଶନିବାର ଖେଳାଯିବ। ନିକଟରେ ଭାରତ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ୨-୦ରେ ହରାଇ ଟେଷ୍ଟ ସିରିଜ୍ ପୋଛିନେଇଥିଲା। ଏହି ସିରିଜ୍‌ରେ ଟେଷ୍ଟ ସ୍ପେଶାଲିଷ୍ଟଙ୍କୁ ବିଶ୍ରାମ ଦିଆଯାଇଛି। ଦିନିକିଆ ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୨୯ ରୁ ଆରମ୍ଭ ହେବ। ଏଥିରେ ସୂର୍ଯ୍ୟକୁମାର ଭାରତୀୟ ଦଳର ନେତୃତ୍ୱ ନେବେ।

## ଅହମ୍ମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

**ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି):** ଭାରତର ଅହମ୍ମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶତବାର୍ଷିକୀ ସଂସ୍କରଣ ଅନୁଷ୍ଠିତ ହେବ। ରାଜ୍ୟଗୋଷ୍ଠୀର କାର୍ଯ୍ୟନିର୍ବାହୀ ବୋର୍ଡ ସୁପାରିସ୍ କରିଛି। ଏହା ଫଳରେ ଅହମ୍ମଦାବାଦ୍ ଏହି କ୍ରୀଡ଼ା ଆୟୋଜନ କରିବାକୁ ଆଉ ପାଦେ ଆଗେଇଛି। ୨୦୩୦ ସଂସ୍କରଣ ଲାଗି ଅହମ୍ମଦାବାଦ୍ ଓ ନାଇଜେରିଆର ଅବୁଜା ସହର ଆବେଦନ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇଭାଲ୍ୟୁସନ କମିଟି ସମସ୍ତ ପ୍ରକାର ବ୍ୟବସ୍ଥାକୁ ତଦାରଖ କରିବା ପରେ ଅହମ୍ମଦାବାଦ୍‌ରେ ଆୟୋଜନ କରିବାକୁ ସୁପାରିସ୍ କରିଛି। ତେବେ ଚୂଡାନ୍ତ ନିଷ୍ପତ୍ତି କମନୱେଲଥ ସ୍ପୋର୍ଟ୍ସ ଜେନେରାଲ ଆସେମ୍ବ୍ଲି ନେବ। ନଭେମ୍ବର ୨୬ରେ ଗ୍ଲାସ୍‌ଗୋରେ ଆସେମ୍ବ୍ଲିର ବୈଠକରେ ଏହା ସ୍ଥିର ହେବ। ସାଧାରଣତଃ କାର୍ଯ୍ୟନିର୍ବାହୀ ବୋର୍ଡର ସୁପାରିସ୍‌କୁ ଆସେମ୍ବ୍ଲିରେ ମୋହର ମରାଯାଇଥାଏ।

## ବାରବାଟୀ ରଣଜୀ
# ବରୋଦା ବିପକ୍ଷରେ ଓଡ଼ିଶା ୨୦୫/୫

**କଟକ,୧୫।୧୦(ସମିସ):**

ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କ ଲଢୁଆ ଅର୍ଦ୍ଧଶତକ ଓ ଏମାନଙ୍କ ୫ମ ୱିକେଟରେ ଶତକୀୟ ଭାଗୀଦାରି ବଳରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଆରମ୍ଭ ହୋଇଥିବା ବରୋଦା ବିପକ୍ଷ ଏଲିଟ୍ ଗ୍ରୁପ୍-ଏ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟରୁ ରକ୍ଷା ପାଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ୪୯ ରନ୍ ସ୍କୋରରେ ୪ଜଣ ଖେଳାଳିଙ୍କୁ ହରାଇଥିଲା।

### ଶୁଭ୍ରାଂଶୁ, ରାଜେଶଙ୍କ ଲଢୁଆ ଅର୍ଦ୍ଧଶତକ

ଏହି ସମୟରେ ନଂ-୪ ତଥା ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ନଂ-୬ ରାଜେଶ ଧୂପର ଲଢୁଆ ବ୍ୟାଟିଂ କରି ୫ମ ୱିକେଟରେ ୧୫୬ ରନ୍ ଉଠାଇ ଘରୋଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ପ୍ରଥମ ଦିନର ଶେଷ ଓଭର ଅର୍ଥାତ୍ ୯୦ତମ ଓଭରର ୫ମ ବଲ୍‌ରେ ଅଧିନାୟକ ସେନାପତି ୭୯ ରନ୍ କରି ଆଉଟ ହୋଇଥିଲେ। ସେ ୨୦୩ ବଲ୍ ଖେଳି ୭ ଚୌକା ସହ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ। ଅନାବଶ୍ୟକ ଭାବେ ଓଡ଼ିଶା ଶେଷ ଓଭରରେ ଆଉ ଏକ ୱିକେଟ ହରାଇଥିଲାବେଳେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ୫ ୱିକେଟରେ ୨୦୫ ରନ୍ କରିବାକୁ ସମର୍ଥ ହୋଇଛି। ରାଜେଶ ୭୬ ଓ ଆଶୀର୍ବାଦ ସ୍ୱାଇଁ କୌଣସି ରନ୍ ନ କରି ଅପରାଜିତ ଅଛନ୍ତି। ରାଜେଶ ୨୧୨ଟି ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ଓଡ଼ିଶା ଖେଳାଳିଙ୍କ ମଧ୍ୟରୁ ଦୁଇ ଓପନର ସ୍ୱସ୍ତିକ ସାମଲ ଓ ଡେବ୍ୟୁଟାଣ୍ଟ ଗୌରବ ଚୌଧୁରୀ ୨୪ ରନ୍ ଲେଖାଏଁ, ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବରୋଦାର ଦୁଇ ଅଭିଜ୍ଞ ବୋଲର ଅଧିନାୟକ ତଥା ପେସ୍‌ର ଅତୀତ ସେଠ୍ ଓ ସ୍ପିନର ଭାର୍ଗବ ଭଟ୍ଟଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି। ଏହି ମ୍ୟାଚ୍‌ରେ ଓଡ଼ିଶାର ଦୁଇ ଖେଳାଳି ଗୌରବ ଚୌଧୁରୀ ଓ ବାଦଲ ବିଶ୍ୱାଳ ଡେବ୍ୟୁ କରିଛନ୍ତି।




ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପର

### ସମାନ ସ୍କୋରରେ ଆଉଟ ହେଲେ ୪ ବ୍ୟାଟର

ଏହି ମ୍ୟାଚ୍‌ରେ ଘରୋଇ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ବିନା ୱିକେଟରେ ୪୯ ରନ୍ କରିଥିଲା। ଏହି ସ୍କୋରରେ ଡେବ୍ୟୁଟାଣ୍ଟ ଓପନର ଗୌରବ ଚୌଧୁରୀ (୨୪ରନ୍‌ରେ) ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଓଡ଼ିଶା ଏହି ସ୍କୋର ବା ୧୯ତମ ଓଭରର ଚତୁର୍ଥ ବଲ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଏହା ପରେ ଦଳ ଜଣଙ୍କ ପରେ ଜଣେ ୩ଜଣ ଖେଳାଳି ସମାନ ସ୍କୋର ଅର୍ଥାତ୍ ୪୯ ରନ୍‌ରେ ଆଉଟ ହୋଇଥିଲେ। ଏକଦା ଓଡ଼ିଶା ବିନା ୱିକେଟରେ ୪୯ ରନ୍ କରିଥିଲାବେଳେ ୨୧ଟି ବଲ୍‌ରେ ଖେଳି ସମାନ ସ୍କୋର ୪ ୱିକେଟ ହରାଇଥିଲା। ଗୌରବଙ୍କ ପରେ ୧୯.୨ ଓଭରରେ ନଂ-୩ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ଭାର୍ଗବ ଭଟ୍ଟଙ୍କ ଦ୍ୱାରା ଏବଂ ୨୦.୩ ଓଭରରେ ଅନ୍ୟତମ ଓପନର ସ୍ୱସ୍ତିକ ସାମଲ ୨୪ ରନ୍ କରିଥିଲାବେଳେ ଅତୀତ ସେଠଙ୍କ ଦ୍ୱାରା କଟ ବିହାଇଣ୍ଡ ହୋଇଥିଲେ। ଏତିକିରେ ନାଟକ ଶେଷ ହୋଇ ନ ଥିଲା। ୨୨.୨ ଓଭରରେ ନଂ-୫ରେ ବ୍ୟାଟିଂ କରିବାକୁ ଆସିଥିବା ଅଭିଜ୍ଞ ବ୍ୟାଟର ଗୋବିନ୍ଦ ପୋଦ୍ଦାର ୫ଟି ବଲ୍ ଖେଳି ମଧ୍ୟ ଖାତା ଖୋଲି ନ ପାରି ସେଠ୍‌ଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଓଡ଼ିଶାର ଅର୍ଦ୍ଧଶତାବ୍ଦୀ କ୍ରିକେଟ ଇତିହାସରେ ପ୍ରଥମଥର ଓଡ଼ିଶା ସମାନ ସ୍କୋରରେ ୪ଟି ୱିକେଟ ହରାଇବା ଏହା ପ୍ରଥମ ଘଟଣା।

## ଗୌରବ ଓ ବାଦଲଙ୍କ ପଦାର୍ପଣ





**କଟକ, ୧୫।୧୦ (ସମିସ):** ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ୩ ନୂଆମୁହଁଙ୍କୁ ଦଳରେ ସାମିଲ କରିଛି। ବୁଧବାର ଠାରୁ ବାରବାଟୀରେ ଆରମ୍ଭ ହୋଇଥିବା ବରୋଦା ବିପକ୍ଷ ମ୍ୟାଚ୍‌ରେ ଏମାନଙ୍କ ଭିତରୁ ଦୁଇ ନବାଗତ ପଦାର୍ପଣର ସୁଯୋଗ ପାଇଛନ୍ତି। ଜଣେ ହେଲେ ଓପନିଂ ବ୍ୟାଟର ଗୌରବ ଚୌଧୁରୀ ଓ ଅନ୍ୟ ଜଣକ ମିଡିୟମ ପେସ୍ ବୋଲର ବାଦଲ ବିଶ୍ୱାଳ। ବରିଷ୍ଠ ଶିବିରରେ ପୂର୍ବରୁ ଗୌରବଙ୍କ ଅଭିଜ୍ଞତା ଥିବା ବେଳେ ବାଦଲଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନୂଆ।

ବରୋଦା ବିପକ୍ଷରେ ଓଡ଼ିଶା ତରଫରୁ ଓପନିଂ କରୁଥିବା ନୂଆ ମୁହଁ ଗୌରବ ଜଣେ ଦକ୍ଷ ବ୍ୟାଟର ଭାବେ ପରିଚିତ। ନିକଟ ଅତୀତରେ ଶେଷ ହୋଇଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ସେ ହେଉଛନ୍ତି ସର୍ବାଧିକ ରନସଂଗ୍ରହକାରୀ। ଭୁବନେଶ୍ୱର ଟାଇଗର୍ସରୁ ପ୍ରତିନିଧିତ୍ୱ କରୁଥିବା ଗୌରବ ୫ଟି ମ୍ୟାଚରୁ ଗୋଟିଏ ଶତକୀୟ ପାଳି ସହାୟତାରେ ୧୯୯ ରନ ସଂଗ୍ରହ କରିଥିଲେ। ତାଙ୍କ ଆଭରେଜ ୪୯.୭୫ ପ୍ରତିଶତ ରହିଥିଲା। ତେବେ ଏହି ୨୬ବର୍ଷୀୟ ବ୍ୟାଟରଙ୍କୁ ପୂର୍ବରୁ ବରିଷ୍ଠ ଦଳରେ ଦେଖିବାକୁ ମିଳିଛି। ୨୦୨୧ ସିଜନରେ ସେ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ପଦାର୍ପଣ କରି ନିଜ ଦୃଢ଼ ବ୍ୟାଟିଂର ଛାପ ଛାଡ଼ିଥିଲେ। ଲିଷ୍ଟ-ଏ ଫର୍ମାଟରେ ୮ଟି ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକ ବଳରେ ୨୫୬ରନ ଏବଂ ଟି-୨୦ ଫର୍ମାଟରେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଗୋଟିଏ ଅର୍ଦ୍ଧଶତକ ବଳରେ ୨୨୨ରନ କରିଛନ୍ତି। ରାଜ୍ୟ ଦଳର ପେସ୍ ବୋଲିଂ ଆଟାକ୍‌ରେ ରାଜେଶ ମହାନ୍ତି ଓ ସୁନୀଲ ରାଉଳଙ୍କୁ ସହଯୋଗ କରିବା ପାଇଁ ନବାଗତ ବାଦଲଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଛି। ୨୧ବର୍ଷୀୟ ବାଦଲ ଜଣେ ଡାହାଣହାତୀ ମିଡିୟମ ପେସ୍ ବୋଲର। ୨୩ବର୍ଷରୁ କମ୍ ବୟସ ବର୍ଗ କ୍ରିକେଟରେ ଶାଣିତ ବୋଲିଂ କରି ସେ ବରିଷ୍ଠ ଦଳର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ଓପିଟିଏଲରେ ବାଦଲ ଭୁବନେଶ୍ୱର ଟାଇଗର୍ସ ପକ୍ଷରୁ ମାତ୍ର ୩ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏଥିରେ ସେ ୬ଟି ୱିକେଟ ଦଖଲ କରିଥିଲେ।

### ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ
## ପ୍ରି-କ୍ୱାର୍ଟରରେ ବିଶାଖା



**ଗୌହାଟୀ, ୧୫।୧୦ (ଏଜେନ୍ସି):** ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିଙ୍କ ବିଜୟ ଅଭିଯାନ ଜାରି ରହିଛି। ଟପ୍ ସିଡ୍ ତନଭୀ ଶର୍ମାଙ୍କ ସହ ଉନ୍ନତି ହୁଡା ଓ ରକ୍ଷିତା ଶ୍ରୀ ରାମରାଜ ତୃତୀୟ ରାଉଣ୍ଡରେ ବିଜୟୀ ହୋଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିଭଳି ଓଡ଼ିଆ ଖେଳାଳି ବିଶାଖା ଟପ୍ପୋ ମଧ୍ୟ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ଭବ୍ୟ ଛାବ୍ରାଙ୍କୁ ସାଥୀ କରି ଖେଳୁଥିବା ବିଶାଖା ମିକ୍ସଡ ଇଭେଣ୍ଟର ତୃତୀୟ ରାଉଣ୍ଡରେ ୧୫-୧୩, ୧୫-୧୧ ସିଧାସଳଖ ଗେମରେ ଡେନମାର୍କର ଆସ୍କି ରୋମେର ଓ ଯସ୍ମିନ ୱିଲ୍ସ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ବିଶାଖା ଓ ଭବ୍ୟ ଯୋଡ଼ି କ୍ୱାର୍ଟରରେ ମାଲେସିଆର ଯୋଡ଼ିଙ୍କୁ ଭେଟିବେ।

## ଆଇଟିଏଫ୍ ମାଷ୍ଟର୍ସ ଟେନିସ୍ ଟୁର୍ ଉଦ୍‌ଯାପିତ




**ଭୁବନେଶ୍ୱର, ୧୫।୧୦ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ମାଷ୍ଟର୍ସ ଟୁର୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ଭାରତ ସମେତ ସ୍ଲୋଭାକିଆ ଓ ଜର୍ମାନୀର ୧୦୦ରୁ ଊର୍ଦ୍ଧ୍ୱ ଟେନିସ ଖେଳାଳି ପୁରୁଷ ଓ ମହିଳା ସିଙ୍ଗଲ୍ସ ଏବଂ ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଅଂଶଗ୍ରହଣ କରିଥିଲେ। ୩୦ରୁ ୭୦ ବର୍ଷ ମଧ୍ୟରେ ବିଭିନ୍ନ ବୟସ ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶାର ଅଂଶୁ ଭୂୟାଁ ଡବଲ୍ ଟ୍ରଫି ଜିତିଛନ୍ତି। ସେ ୩୦ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଥିଲେ। ଡବଲ୍ସରେ ଚିନ୍ମୟ ପ୍ରଧାନଙ୍କୁ ଅଂଶୁ ସାଥୀ କରି ଖେଳିଥିଲେ। ସେହିଭଳି ଅନ୍ୟ ବୟସବର୍ଗରେ ବିଶ୍ୱଜିତ୍ ଦାସ, ଶିବଶଙ୍କର ପରିଡ଼ା, ଅଜୟ ନିଶାଙ୍କ, ବିନୋଦ ସେଠ୍, ଅଜୟ ସାହୁ, ଦିଲୀପ କୁମାର ମଙ୍ଗରାଜ, ଧୀରଜ ପଣ୍ଡା-ନିଶାଙ୍କ ଯୋଡ଼ି, ଦୟାଲ ଗଙ୍ଗୱାର-ଆଶିଷ ପରମାର ଯୋଡ଼ି, ସ୍ନେହାଶିଷ ବେହେରା-ବିନୋଦ ସେଠ୍ ଯୋଡ଼ି, ଅଜୟ ମହାପାତ୍ର-ଅଜୟ ସାହୁ ଯୋଡ଼ି ବିଜୟୀ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଓଡ଼ିଶା ଟେନିସ ସଂଘ (ଓଟିଏ)ର ଉପସଭାପତି ସତ୍ୟଜିତ୍ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଟିଏର ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

### ରଣଜୀ ଟ୍ରଫି ଋତୁ ଆରମ୍ଭ
## ମହାରାଷ୍ଟ୍ର 'ଶୂନ'ରେ ୩; ୫ ରନ୍‌ରେ ୪ ୱିକେଟ୍

**ଥିରୁଅନନ୍ତପୁରମ, ୧୫।୧୦ (ଏଜେନ୍ସି):** ଭାରତୀୟ ଘରୋଇ କ୍ରିକେଟର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ବି'ର ଏକ ମ୍ୟାଚରେ ଘରୋଇ କେରଳ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମହାରାଷ୍ଟ୍ର ଟପ୍ ଅର୍ଡରର ୫ଜଣ ବ୍ୟାଟର୍‌ଙ୍କ ମଧ୍ୟରୁ ୪ଜଣ ଖାତା ଖୋଲିପାରି ନ ଥିଲେ। ଦଳ ଖାତା ଖୋଲିବା ପୂର୍ବରୁ ୩ ୱିକେଟ୍ ଏବଂ ୫ ରନରେ ୪ର୍ଥ ୱିକେଟ୍ ହରାଇଥିଲା। ଚଳିତ ସିଜନରେ ମୁମ୍ବାଇ ଛାଡ଼ି ମହାରାଷ୍ଟ୍ର ପାଇଁ ଖେଳୁଥିବା ପୃଥ୍ୱୀ ଶ' ଇନିଂସର ୪ର୍ଥ ବଲରେ, ୫ମ ବଲରେ ସିଦ୍ଧେଶ ବୀର ଏବଂ ଦ୍ୱିତୀୟ ଓଭରର ପ୍ରଥମ ବଲରେ ଅର୍ଶୀନ କୁଲକର୍ଣ୍ଣୀ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ତୃତୀୟ ଓଭରର ୨ୟ ବଲରେ ଅଧିନାୟକ ଅଙ୍କିତ ବାୱନେ ମଧ୍ୟ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଥିଲେ। ତେବେ ଦୁଇ ଅଭିଜ୍ଞ ଖେଳାଳି ଋତୁରାଜ ଗାଏକ୍ୱାଡ (୯୧ ରନ) ଓ ଜଲାଜ ସକ୍ସେନା (୪୯ ରନ) ଉପଯୋଗୀ ପାଳି ଖେଳିବାରୁ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ମହାରାଷ୍ଟ୍ର ୭ ୱିକେଟ୍‌ରେ ୧୭୯ ରନ ସଂଗ୍ରହ କରିଛି।

### ■ ମହିଳା ବିଶ୍ୱକପ୍ କ୍ରିକେଟ
## ଇଂଲଣ୍ଡକୁ ବର୍ଷା ବଞ୍ଚାଇଦେଲା

**କଲମ୍ବୋ, ୧୫।୧୦ (ଏଜେନ୍ସି):** ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ବୁଧବାର ଏଠାରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି। ଦୁଇ ଦଇଥର ବର୍ଷା ବାଧାପ୍ରାପ୍ତ ଏହି ୩୧ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୯ ୱିକେଟ୍‌ରେ ୧୩୩ ରନ୍ କରିଥିଲା। ଡିଏଲ୍ ପଦ୍ଧତିରେ ପାକିସ୍ତାନ ସମ୍ମୁଖରେ ୩୧ ଓଭରରେ ମାତ୍ର ୧୧୩ ରନର ଲକ୍ଷ୍ୟ ପୁନଃଧାର୍ଯ୍ୟ ହୋଇଥିଲା। ଜବାବରେ ପାକିସ୍ତାନ ୬.୪ ଓଭରରେ କୌଣସି ୱିକେଟ୍ ନ ହରାଇ ୩୪ ରନ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ପୁଣିଥରେ ବର୍ଷା ହେବାରୁ ମ୍ୟାଚ୍ ଆଉ ସମ୍ଭବପର ହୋଇପାରି ନ ଥିଲା। ପାକିସ୍ତାନକୁ ଏହି ସମୟରେ ୧୪୬ ବଲରେ ୭୯ ରନ ଆବଶ୍ୟକ ହେଉଥିଲା। ଫଳରେ ଭଲ ସ୍ଥିତିରେ ଥାଇ ମଧ୍ୟ ପାକିସ୍ତାନ ବିଜୟ ପଏଣ୍ଟ ହାସଲ କରିପାରି ନ ଥିଲା। ମ୍ୟାଚ୍ ବାତିଲ ହେବାରୁ ଦୁଇ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ଗୁରୁବାର ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଓଡ଼ିଶା କ୍ୱାର୍ଟର ଫାଇନାଲ ନିକଟତର

**କଟକ,୧୫।୧୦(ସମିସ):** ଚଳିତ ବିନୁ ମଙ୍କଡ ଟ୍ରଫିରେ କ୍ରମାଗତ ୩ଟି ମ୍ୟାଚ୍ ଜିତି ଓଡ଼ିଶା କ୍ୱାର୍ଟର ଫାଇନାଲ ଦୌଡରେ ରହିଛି। ବୁଧବାର ହରିୟାଣାର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ୩୫ରନରେ ଗୋଆକୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାତ୍ର ୯୬ ରନରେ ଅଲଆଉଟ ହୋଇଥିଲା। ରୁଦ୍ର ପ୍ରସାଦ ମଲ୍ଲିକ ୩୫ ରନର ଲଢୁଆ ପାଳି ଖେଳିଥିଲେ। ତେବେ ୫୦ ଓଭରରେ ମାତ୍ର ୯୭ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଗୋଆ ୬୧ ରନରେ ସୀମିତ ରହିଥିଲା। ପିୟୂଷ ମନ୍ତ୍ରୀ ୯ ରନ ବ୍ୟୟ କରି ୬ଟି ୱିକେଟ ଦଖଲ କରି ମ୍ୟାଚ୍ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଏଥିସହ ଓଡ଼ିଶା ୪ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ୧୨ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହିଛି।

## ସୁଲତାନ ଜୋହର କପ୍‌ରେ ଭାରତର ପ୍ରଥମ ପରାଜୟ

**ଜୋହର ବହରୁ, ୧୫।୧୦ (ଏଜେନ୍ସି):** ମାଲେସିଆରେ ଚାଲିଥିବା ସୁଲତାନ ଅଫ୍ ଜୋହର କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ପରାଜୟବରଣ କରିଛି। ବୁଧବାର ଭାରତ ଏହାର ୪ର୍ଥ ମ୍ୟାଚରେ ୪-୨ ଗୋଲ୍‌ରେ ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଥିଲା। ଭାରତ ଏଥିସହ ୪ର୍ଥ ମ୍ୟାଚରୁ ୨ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୪ର୍ଥ ମ୍ୟାଚରୁ ୩ ବିଜୟ ଏବଂ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ପକ୍କା କରିଛି।

## ପ୍ରଥମ ଟେଷ୍ଟରେ ପାକିସ୍ତାନର ଜିତ୍

**ଲାହୋର,୧୫।୧୦(ଏଜେନ୍ସି):** ବାମହାତୀ ସ୍ପିନର ନୋମାନ ଅଲିଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ପାକିସ୍ତାନ ୯୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ଘରୋଇ ଦଳ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ରାୱଲପିଣ୍ଡିରେ ଅକ୍ଟୋବର ୨୦ରୁ ଆରମ୍ଭ ହେବ। ଏହି ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ନୋମାନଙ୍କୁ ଶ୍ରେଷ୍ଠ ଖେଳାଳି ହୋଇଥିଲା। ୨୭୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ବୁଧବାର ଦ୍ୱିତୀୟ ଇନିଂସରେ ୧୮୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଡିୱାଲ୍ଡ ବ୍ରେଭିସ୍ (୫୪) ଓ ରିୟାନ ରିକେଲଟନ (୪୫)ଙ୍କୁ ବାଦ୍ ଦେଲେ ଅନ୍ୟ କେହି ଖେଳି ପାରି ନ ଥିଲେ। ପାକିସ୍ତାନର ନୋମାନ ଓ ସାହିନ୍ ଆଫ୍ରିଦୀ ୪ଟି ଲେଖାଏଁ ୱିକେଟ୍ ନେଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ପ୍ରଥମ ଇନିଂସରେ ପାକିସ୍ତାନ ୩୭୮ ଓ ଦକ୍ଷିଣ ଆଫ୍ରିକା ୨୬୯ ରନ୍ କରିଥିଲା। ୧୦୯ ରନ୍‌ରେ ଆଗୁଆ ଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୧୬୭ରେ ସୀମିତ ଥିଲା।

# ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍: ଚୀନକୁ ଦ୍ୱିମୁକୁଟ

**ଭୁବନେଶ୍ୱର,୧୫।୧୦(ସମିସ):**





ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଟେବଲ ଟେନିସ (ଟିଟି) ଖେଳୁଥିବା ଦେଶ ଚୀନ୍ ୨୮ତମ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭାରତୀୟ ଟିଟି ମହାସଂଘ, ଓଡ଼ିଶା ଟିଟି ସଂଘ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୮ରୁ ୧୫ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିଆ ମହାଦେଶର ୨୧ଟି ଦେଶ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଭୟ ବିଭାଗରେ ଚୀନ୍ ଚାମ୍ପିଅନ ହୋଇ ଏସୀୟ ଟିଟିରେ ଆଧିପତ୍ୟ ବିସ୍ତାର କରିଥିଲାବେଳେ ମହିଳା ବିଭାଗରେ ଟପ୍ ସିଡ୍ ଜାପାନ ଓ ପୁରୁଷ ବିଭାଗରେ ହଂକଂ ରନର୍ସ ଅପ୍ ହୋଇଛନ୍ତି। ମହିଳା ବିଭାରେ ସିଙ୍ଗାପୁର ଓ ଉତ୍ତର କୋରିଆ, ପୁରୁଷ ବିଭାଗରେ ଜାପାନ ଓ ଚାଇନିଜ୍ ତାଇପେଇ ସେମିଫାଇନାଲରେ ପରାଜିତ ହେବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଆୟୋଜକ ଭାରତ ଗତ ଦୁଇଟି ସଂସ୍କରଣରେ ମେଡାଲ ଜିତିବାରେ ସମର୍ଥ ହୋଇଥିଲାବେଳେ ଏଠାରେ କ୍ୱାର୍ଟର ଫାଇନାଲରୁ ଉଭୟ ଦଳ ବିଦାୟ ନେଇଛନ୍ତି। ପୁରୁଷ ଦଳ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ରହି ସନ୍ତୁଷ୍ଟ ହୋଇଛନ୍ତି।

ବୁଧବାର ଚୀନ୍ ଓ ଜାପାନ ମଧ୍ୟରେ ମହିଳା ବିଭାଗ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଜାପାନ ଟପ୍ ସିଡ୍ ଥିଲାବେଳେ ଚୀନ୍ ଲଢ଼େଇ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଚୀନ୍ ପ୍ରଥମ ୩ଟି ମୁକାବିଲାରେ ଖେଳ ଶେଷ କରିଦେଇଥିଲା। ଫଳରେ ଚୀନ୍ ୩-୦ରେ ଏହି ମ୍ୟାଚ୍‌କୁ ଜିତି ଏସିଆ ଚାମ୍ପିଅନ ହୋଇଥିଲା। ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ସେମିଫାଇନାଲରେ ଜାପାନ ୩-୦ରେ ସିଙ୍ଗାପୁରକୁ ଓ ଚୀନ୍ ୩-୦ରେ ଉତ୍ତରକୋରିଆକୁ ଏକତରଫା ଭାବେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ପୁରୁଷ ବିଭାଗ ଫାଇନାଲ ଏକତରଫା ହୋଇଥିଲା। ଏଥିରେ ଚୀନ୍ ୩-୦ ସେଟ୍‌ରେ ହଂକଂକୁ ପରାସ୍ତ କରି ଚୀନ୍ ଚାମ୍ପିଅନ ହୋଇଥିଲା। ପୂର୍ବରୁ ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଚୀନ୍ ୩-୨ରେ ଜାପାନକୁ ଓ ହଂକଂ ମଧ୍ୟ ୩-୨ରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

**ଭାରତକୁ ବିଶ୍ୱକପ୍ ଯୋଗ୍ୟତା:** ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ୬ଟି ସ୍ଥାନ ଅଧିକାର କରିଥିବା ଦଳ ବିଶ୍ୱ ଟିଟି ଟିମ୍ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଏଠାରେ ଭାରତୀୟ ପୁରୁଷ ଦଳ ଷଷ୍ଠ ସ୍ଥାନ ଅଧିକାର କରିଥିବାରୁ ଲଣ୍ଡନରେ ୨୦୨୬ରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହାଛଡ଼ା ଆୟୋଜକ ଦେଶକୁ ଏହି ଟୁର୍ଣ୍ଣାମେଣ୍ଟରୁ କିଛି ଫାଇଦା ମିଳିନାହିଁ।

ଖେଳ ଶେଷରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS